# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ ୨୪/୨୦୨୨ (୧୪ ପୃଷ୍ଠା) | Bhubaneswar, Tuesday, May 24/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୧୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ନୂଆ ଜାତୀୟ ରେକର୍ଡ କଲେ ଜ୍ୟୋତି**
ଆନ୍ଧ୍ର ପ୍ରଦେଶର ଜ୍ୟୋତି ୟାରାଜୀ ମହିଳା ୧୦୦ମିଟର ହର୍ଡଲ୍ସରେ ନୂଆ ଜାତୀୟ ରେକର୍ଡ କରିଛନ୍ତି।

୧୪

୧୦

**କ୍ୟାରିୟର୍ ପାଇଁ ବଡ଼ ଉପଲବ୍ଧି**
ଚଳିତବର୍ଷ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଜ୍ୟୁରି ଆସନ ଅଳଙ୍କୃତ କରିବା କ୍ୟାରିୟର୍ ପାଇଁ ବଡ଼ ଉପଲବ୍ଧି ବୋଲି ବଲିଉଡ୍ ନାୟିକା ଦୀପିକା ପାଦୁକୋନ କହିଛନ୍ତି।



# ଶିବାଜୀ ପଟ୍ଟନାୟକଙ୍କ ପରଲୋକ

## ଭୁବନେଶ୍ୱର ଏମ୍ସକୁ ମରଶରୀର ଦାନ କରାଯିବ

ଭୁବନେଶ୍ୱର,୨୩ା୫(ବ୍ୟୁରୋ)

ବିଶିଷ୍ଟ ବାମପନ୍ଥୀ ନେତା ଶିବାଜୀ ପଟ୍ଟନାୟକଙ୍କର ସୋମବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। ରବିବାର ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୨ଟା ୧୦ରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ମଙ୍ଗଳବାର ଜୟଦେବ ବିହାରସ୍ଥିତ ସିପିଆଇ(ଏମ୍) ରାଜ୍ୟ କାର୍ଯ୍ୟାଳୟଠାରେ ତାଙ୍କ ମରଶରୀରକୁ ଶେଷଦର୍ଶନ ପାଇଁ ରଖାଯିବ ଓ ସେଠାରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ତାଙ୍କର ଶେଷ ଇଚ୍ଛାକୁ ସମ୍ମାନ


ଶିବାଜୀ ପଟ୍ଟନାୟକ

ଜଣାଇ ମଧ୍ୟାହ୍ନ ୧୨ଟାରୁ ୧ଟା ମଧ୍ୟରେ ତାଙ୍କ ମରଶରୀରକୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ଦାନ କରାଯିବ ବୋଲି ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ କହିଛନ୍ତି।

ଶିବାଜୀ ଭୁବନେଶ୍ୱର ଲୋକ ସଭା ଆସନରୁ ୧୯୭୭, ୧୯୮୯ ଏବଂ ୧୯୯୧ରେ ୩ଥର ନିର୍ବାଚିତ ହୋଇଥିଲେ। ଓଡ଼ିଶାରେ ସିପିଆଇ(ଏମ୍)ର ପ୍ରତିଷ୍ଠାତା ଭାବେ ଶିବାଜୀ ପଟ୍ଟନାୟକ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ୭୦ ବର୍ଷ ଧରି ସେ ବାମପନ୍ଥୀ ଆନ୍ଦୋଳନରେ ସାମିଲ ଥିଲେ। ୧୯୩୦ ଅଗଷ୍ଟ ୧୩ରେ ସେ ଜନ୍ମଗ୍ରହଣ କରିଥିଲେ। ସେ ୧୯୭୨ରୁ ୧୯୯୦ ପର୍ଯ୍ୟନ୍ତ ସିପିଆଇଏମ୍‌ର ରାଜ୍ୟ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ଜରୁରିକାଳୀନ ପରିସ୍ଥିତି ସମୟରେ ସେ ☞ପୃଷ୍ଠା–୪

# ଶରତ ପଟ୍ଟନାୟକ ପିସିସି ସଭାପତି

- ରାଜ୍ୟ ରାଜନୈତିକ ବ୍ୟାପାର ଦାୟିତ୍ୱରେ ୭ ଜଣଙ୍କୁ ରଖିବାକୁ ନିରଞ୍ଜନଙ୍କ ଚିଠି
- ସମସ୍ତଙ୍କୁ ନେଇ ସାଙ୍ଗରେ ଚାଲିବେ କହିଲେ ଶରତ
- ବିଧାୟକଙ୍କ ଜିଦ୍‌କୁ ଶୁଣିଲେନି ରାହୁଲ

ଭୁବନେଶ୍ୱର,୨୩ା୫(ବ୍ୟୁରୋ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭାବେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଶରତ ପଟ୍ଟନାୟକଙ୍କୁ ଦାୟିତ୍ୱ ଦେଇଛି। ଏହିକ୍ରମରେ ଦୀର୍ଘଦିନ ହେଲା ନୂଆ ସଭାପତି ଚୟନକୁ ନେଇ ଚାଲିଥିବା ଆଲୋଚନାର ଅନ୍ତ ଘଟିଛି। ଏ ନେଇ ସୋମବାର ଏଆଇସିସି ପକ୍ଷରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପଟେ ପିସିସି ସଭାପତି ଦାୟିତ୍ୱରେ ଥିବା ନିରଞ୍ଜନ ପଟ୍ଟନାୟକଙ୍କ ଇସ୍ତଫାପତ୍ରକୁ ଏଆଇସିସିର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଗ୍ରହଣ କରିଛନ୍ତି। ଅନ୍ୟପଟେ ପିସିସି ସଭାପତିଙ୍କ ବ୍ୟତୀତ ଆଉ କୌଣସି ଦାୟିତ୍ୱ ବଣ୍ଟାଯିବା ନେଇ ଏଆଇସିସି କିଛି ଘୋଷଣା କରିନାହିଁ। ତେବେ ବିଧାୟକମାନେ ସେମାନଙ୍କ ମଧ୍ୟରୁ କାହାରିକୁ ଜଣଙ୍କୁ ସଭାପତି ଦାୟିତ୍ୱ ଦେବା ଲାଗି ଯେଉଁ ଆଲୋଚନା ଚାଲିଥିଲା ତାହା ଫେଲ୍ ମାରିଛି।

ତେବେ ପିସିସି ସଭାପତି ଦୌଡ଼ରେ ଶରତ ଥିବା ଅନେକ ଦିନ ଧରି ଆଲୋଚନା ଚାଲିଥିବା ବେଳେ ବିଧାୟକମାନେ କିନ୍ତୁ ସେମାନଙ୍କ ମଧ୍ୟରୁ ଯାହାକୁ ହେଲେ ଜଣଙ୍କୁ ସଭାପତି କରିବା ପାଇଁ ଦାବି କରିଥିଲେ। ଏହିଭଳି ଆଲୋଚନା ମଧ୍ୟରେ ଗତ ୯ ତାରିଖରେ ରାହୁଲ ☞ପୃଷ୍ଠା–୪


ଶରତ ପଟ୍ଟନାୟକ




# ଏଥର ଭକ୍ତଙ୍କ ଗହଣରେ ରଥଯାତ୍ରା

**ପ୍ରଥମ ସମନ୍ୱୟ ବୈଠକ**

- ୧୫ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ସମ୍ଭାବନା
- ୨୫ରେ ନୀତି ସବ୍ କମିଟି, ଛତିଶା ନିଯୋଗ ବୈଠକ

ପୁରୀ ଅଫିସ,୨୩ା୫

ଚଳିତ ବର୍ଷ ଭକ୍ତଙ୍କ ଗହଣରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ହେବ। ଭକ୍ତ–ଭଗବାନଙ୍କ ମିଳନ ଘଟିବ। ଗତ ଦୁଇବର୍ଷ ଧରି କରୋନା କଟକଣା ଯୋଗୁ ବିନା ଭକ୍ତରେ ରଥଯାତ୍ରା ହୋଇ ଥିଲା। ମାତ୍ର ଗତ ୪ମାସ ହେବ କୋଭିଡ୍ ସଂକ୍ରମଣର ମାତ୍ରା ନିମ୍ନତମ ସ୍ଥିତିରେ ରହିଛି। ଏଭଳି ସ୍ଥିତି ରହିଲେ, ଚଳିତ ବର୍ଷ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କୁ ସାମିଲ କରାଯିବ। ସେହିପରି ୨୦୧୯ ତୁଳନାରେ ୧୫ରୁ ୨୦ ପ୍ରତିଶତ ଅଧିକ ଅର୍ଥାତ ୧୨ରୁ ୧୫ ଲକ୍ଷ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ତଦନୁଯାୟୀ ଜିଲା ପ୍ରଶାସନ ପ୍ରସ୍ତୁତି କରୁଛି ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକରେ ପୁରୀ ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ଜିଲାପାଳ କହିଛନ୍ତି, ରଥକାଠ ଯୋଗାଣ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥକନା ଓ ଦଉଡ଼ି, ନୀତି ସମ୍ପାଦନା, ରଥଟଣା, ପାନୀୟଜଳ ଓ ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ, ପରିବହନ ବ୍ୟବସ୍ଥା, ରାସ୍ତାଘାଟ ଉନ୍ନତୀକରଣ ଓ ମରାମତି, ପାର୍କିଂ ସ୍ଥଳ, ଅତ୍ୟାବଶ୍ୟକ ସାମଗ୍ରୀ ☞ପୃଷ୍ଠା–୪



# ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ଗଜପତି

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

ପୁରୀ ଅଫିସ,୨୩ା୫

ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସୋମବାର ସନ୍ଧ୍ୟାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ ଏବଂ ପରିଚାଳନା କମିଟିସଦସ୍ୟ ଭେଟିଛନ୍ତି। ଏହି ପ୍ରଶାସନିକ ଅଧିକାରୀଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟିରେ ସଦସ୍ୟମାନେ ଗୋବର୍ଦ୍ଧନ ମଠରେ ପହଞ୍ଚି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଛନ୍ତି। ପ୍ରକଳ୍ପ କାର୍ଯ୍ୟକୁ ନେଇ ରବିବାର ଶଙ୍କରାଚାର୍ଯ୍ୟ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଥିଲେ। ନିର୍ମାଣ ଆଗରୁ ପ୍ରଶାସନ ତାଙ୍କ ସହ ଆଲୋଚନା କରିନାହିଁ ବୋଲି ଜଗଦ୍‌ଗୁରୁ କହିଥିଲେ। ତେଣୁ ସୋମବାର ତାଙ୍କୁ ଗଜପତି ମହାରାଜା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭେଟି ପ୍ରକଳ୍ପ ସମ୍ପର୍କରେ ଏକ ଭିଡିଓ ଦେଖାଇ ବିସ୍ତୃତ ସୂଚନା ଦେଇଛନ୍ତି। ପରିକ୍ରମା ପ୍ରକଳ୍ପ ଅଧୀନରେ ଓ ଚାରି ଦ୍ୱାରରେ କ'ଣ ସବୁ ନିର୍ମାଣ କାର୍ଯ୍ୟ ହେଉଛି ସେ ସମ୍ପର୍କରେ ଓବିସିସି ଅଧିକାରୀମାନେ ଶଙ୍କରାଚାର୍ଯ୍ୟଙ୍କୁ ଅବଗତ କରାଇଥିଲେ। ସେହିପରି ଏ ନେଇ ହାଇକୋର୍ଟରେ ମାମଲା ପହଞ୍ଚିଥିବା ମଧ୍ୟ କୁହାଯାଇଥିଲା। ସେହିଭଳି ନିର୍ମାଣ ପୂର୍ବରୁ ଶ୍ରୀମନ୍ଦିର ଓ ପାରିପାର୍ଶ୍ୱିକ ଅବସ୍ଥା କ'ଣ ଥିଲା ଏବଂ ଏବେ କ'ଣ ରହିଛି ସେନେଇ ମଧ୍ୟ ଶଙ୍କରାଚାର୍ଯ୍ୟଙ୍କୁ ସୂଚନା ଦିଆଯାଇଥିଲା। ଶଙ୍କରାଚାର୍ଯ୍ୟ ପ୍ରତିଉତ୍ତରରେ କହିଥିଲେ, ପ୍ରକଳ୍ପକୁ ବିରୋଧ କରୁଥିବା ବ୍ୟକ୍ତିମାନେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପ୍ରଶ୍ନ କରୁଛନ୍ତି। ଏଣୁ ସମସ୍ତଙ୍କୁ ଏକାଠି ଡାକି ଆଲୋଚନା କରି ସହଯୋଗରେ କାର୍ଯ୍ୟ କରାଯିବା ଉଚିତ୍। ସେହିଭଳି ଶ୍ରୀମନ୍ଦିର ଓ ଏହାର ସଂସ୍କୃତି–ଐତିହ୍ୟର ସୁରକ୍ଷାକୁ ସରକାର ପ୍ରାଥମିକତା ଦେବା ଦରକାର। ଯାହା ବିକାଶ କାର୍ଯ୍ୟ ହେଉଛି ତାହା ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିକୋଣରୁ ଠିକ ହୋଇଥିବା ଆବଶ୍ୟକ ବୋଲି ଶଙ୍କରାଚାର୍ଯ୍ୟ ମତ ଦେଇଛନ୍ତି।

## କାର୍ଯ୍ୟ ଶୀଘ୍ର ସାରିବାକୁ ରିଟ୍ ପିଟିଶନ୍

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ଶ୍ରୀମନ୍ଦିରର କେତେଜଣ ସେବାୟତ ସୋମବାର ହାଇକୋର୍ଟରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ଏବଂ ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରି ଏକ ରିଟ୍ ପିଟିଶନ୍ ଦାଏର କରିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ରାଜ୍ୟ ସରକାର ଏବଂ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେବା ଲାଗି ଏହି ରିଟ୍ ପିଟିଶନରେ ପ୍ରାର୍ଥନା କରାଯାଇଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଓ ଆମିକସ୍ କ୍ୟୁରି ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ନନ୍ଦନକାନନ: ଦଫା ୩୦୭

# ଜେଲକୁ ଫେରିଲେ ବିଧାୟକ ପ୍ରଶାନ୍ତ ଜଗଦେବ

**ଲୋକଙ୍କ ଉପରେ ଗାଡ଼ି ମଡ଼ାଇଦେବା ମାମଲା**

**ଖୋର୍ଦ୍ଧା ଅଫିସ,୨୩ା୫:** ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକଙ୍କୁ ଗାଡ଼ି ମଡ଼ାଇଦେବା ଘଟଣାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଜେଲ ଯାଇ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅନ୍ତରୀଣ ଜାମିନରେ ଆସିଥିଲେ। ଗତ ୨୦ ତାରିଖରେ ବିଧାୟକ ଜଗଦେବଙ୍କ ନିୟମିତ ଜାମିନକୁ ହାଇକୋର୍ଟ ଖାରଜ କରିବା ସହ ବାଣପୁର ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଅପରାହ୍ନ ୨ଟାରେ ବିଧାୟକ ଜଗଦେବ ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ହାଜର ହେବା ପରେ ପୁଣି ବାଣପୁର ଜେଲକୁ ଫେରିଛନ୍ତି। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଲାଗି କୋର୍ଟ ☞ପୃଷ୍ଠା–୪

# ମାତୃଭାଷା ପ୍ରତି ଆନ୍ତରିକତା କମୁଛି

## ଭାଷା ପ୍ରତିଷ୍ଠାନ ଗଠନର ୧୬ ବର୍ଷ ପରେ ବି ସରକାରୀ ସ୍ତରରେ ଓଡ଼ିଆ ବ୍ୟବହାର ହେଉନାହିଁ

**କାର୍ଯ୍ୟନିର୍ବାହୀ କମିଟିରୁ ଗଣଶିକ୍ଷା ମନ୍ତ୍ରୀ ହଟିଲେ, ସଂସ୍କୃତି ମନ୍ତ୍ରୀ ହେଲେ ଅଧ୍ୟକ୍ଷ**

ଭୁବନେଶ୍ୱର,୨୩ା୫(ବ୍ୟୁରୋ)

ମାତୃଭୂମି ମାତୃଭାଷାର ମମତା ଯା' ହୃଦେ ଜନମି ନାହିଁ, ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଲିଖିତ କବିତାର ଏହି ପଂକ୍ତି ଓଡ଼ିଆ ଭାଷା ପ୍ରତି ମୁହଁ ମୋଡୁଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ସତର୍କବାଣୀ। ମାତ୍ର ବିଡ଼ମ୍ବନା ଯେ ବର୍ତ୍ତମାନ ପିଢ଼ିର ଯୁବଗୋଷ୍ଠୀଙ୍କ ମଧ୍ୟରେ ଓଡ଼ିଆ ଭାଷାକୁ ନେଇ ଆଗ୍ରହ ଦେଖାଯାଉ ନାହିଁ। ସରକାରୀ କିମ୍ବା ଘରୋଇ ସ୍ତରରେ ମଧ୍ୟ ଭାଷା ପ୍ରୀତି ଦେଖିବାକୁ ମିଳୁନାହିଁ। ଏପରି କି ଏବର ପିଲାମାନଙ୍କଠାରେ ଓଡ଼ିଆ ଭାଷା ଜ୍ଞାନର ଘୋର ଅଭାବ ଦେଖାଦେଲାଣି। ଅଧିକାଂଶ ମାତାପିତା ନିଜ ପିଲାଙ୍କୁ ଘରୋଇ ସ୍କୁଲରେ ପାଠ ପଢ଼ାଇବାକୁ ପସନ୍ଦ କରୁଛନ୍ତି। ଫଳରେ ଇଂଲିଶ ପ୍ରତି ପିଲାମାନଙ୍କୁ ଅଧିକ ଆକର୍ଷିତ କରାଯାଉଛି। ମାତାପିତା କିମ୍ବା ଅଭିଭାବକମାନଙ୍କର ଏଭଳି ଆଭିମୁଖ୍ୟ ଓଡ଼ିଆ ଭାଷା ପ୍ରତି ପ୍ରତିକୂଳ ମାନସିକତା ସୃଷ୍ଟି କରିଛି। ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ଭାଷାକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ଘରୋଇ ସ୍କୁଲରେ ନବମ ଶ୍ରେଣୀରୁ ଇଚ୍ଛାଧୀନ କରାଯାଇଛି। କିନ୍ତୁ ଘରୋଇ ସ୍କୁଲର ଅଧିକାଂଶ ପିଲା ଓଡ଼ିଆ ବଦଳରେ ହିନ୍ଦୀ କିମ୍ବା ସଂସ୍କୃତକୁ ଇଚ୍ଛାଧୀନ ବିଷୟ ଭାବେ ବାଛୁଛନ୍ତି। ମାତାପିତାଙ୍କ ଆଡୁ ଓଡ଼ିଆ ବିଷୟକୁ ନେଇ ସେତେଟା ରୁଚି ରହୁ ନ ଥିବାରୁ ପିଲାମାନେ ମଧ୍ୟ ମାତୃଭାଷା ପ୍ରତି ବିମୁଖ ହେଉଛନ୍ତି। ଏଥିଯୋଗୁ ଆଗାମୀ ଦିନରେ ମାତୃଭାଷା ଏକ ମହାସଙ୍କଟର ସମ୍ମୁଖୀନ ହୋଇପାରେ ବୋଲି ଭାଷାବିତ୍‌ମାନେ ମତ ଦେଲେଣି।

ଓଡ଼ିଶାରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ କମୁଥିବା ଦେଖି ରାଜ୍ୟ ସରକାର ଏହାର ପ୍ରଚାର, ପ୍ରସାର ଓ ବିକାଶ ପାଇଁ ୨୦୦୬ ଏପ୍ରିଲ ପହିଲାରେ 'ଓଡ଼ିଆ ଭାଷା ପ୍ରତିଷ୍ଠାନ' ନାମରେ ଏକ ସ୍ୱତନ୍ତ୍ର ଅନୁଷ୍ଠାନ ଖୋଲିଥିଲେ। ଭାଷାକୁ ଚଳଚଞ୍ଚଳ କରିବା ପାଇଁ ପ୍ରତିଷ୍ଠାନରେ ସାଧାରଣ ପରିଷଦ ଓ ଏକ୍‌ଜିକ୍ୟୁଟିଭ କମିଟି ଗଠନ କରାଯାଇଛି। ପରିଷଦରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ ଥିବାବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଉପାଧ୍ୟକ୍ଷ ଅଛନ୍ତି। ସେହିପରି ଏକ୍‌ଜିକ୍ୟୁଟିଭ କମିଟିରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଅଧ୍ୟକ୍ଷ ଥିବାବେଳେ ମୁଖ୍ୟ ଶାସନ ସଚିବ ଉପାଧ୍ୟକ୍ଷ ରହିଛନ୍ତି। ନିୟମିତ ଭାବେ ଏହି ଦୁଇ ପ୍ରଶାସନିକ ସଂସ୍ଥାର ବୈଠକ ଡାକି ଭାଷାର ଅଗ୍ରଗତି ଓ ପ୍ରସାର ଦିଗରେ ସମୀକ୍ଷା କରି ପଦକ୍ଷେପ ନେବା ବ୍ୟବସ୍ଥା ରହିଛି। ବର୍ଷକୁ ଥରେ ଅଥବା ଆବଶ୍ୟକ ପଡ଼ିଲେ ଏକାଧିକ ଥର ବୈଠକ ବସିପାରିବ। ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟାଳୟ ଓ କର୍ମଚାରୀ ଦିଆଯାଇଛି। ବଜେଟରେ ପ୍ରଶାସନିକ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ବର୍ଷକୁ ପ୍ରାୟ ଦେଢ଼ କୋଟି ଟଙ୍କାର ବ୍ୟୟବରାଦ କରାଯାଉଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଭାଷା ପ୍ରତିଷ୍ଠାନ ଗଠନ ହେବାର ୧୬ ବର୍ଷ ବିତିଯିବା ପରେ ମଧ୍ୟ ସରକାରୀ ସ୍ତରରେ ଓଡ଼ିଆ ☞ପୃଷ୍ଠା–୪




**ବିମାନ ଯାତ୍ରୀଙ୍କଠାରୁ ୧.୫୩ କୋଟିର ବିଦେଶୀ ମୁଦ୍ରା ଜବତ**

କୋଲକାତା ବିମାନବନ୍ଦରରେ ଜଣେ ଯାତ୍ରୀଙ୍କଠାରୁ ୧.୫୩ କୋଟି ଟଙ୍କା ମୂଲ୍ୟର ବିଦେଶୀ ମୁଦ୍ରା ଜବତ ହୋଇଛି। ଗୋଇନ୍ଦା ସୂଚନା ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀମାନେ ଶନିବାର ରାତିରେ ଯାଞ୍ଚ କରିଥିଲେ। ଯାତ୍ରୀ ଜଣକ ଘରୋଇ ବିମାନରେ ଗୋରଖପୁରରୁ କୋଲକାତା ଯାଇଥିଲେ। ଯାଞ୍ଚ ବେଳେ ତାଙ୍କ ନିକଟରୁ ୧୯୯୮ଟି ବିଦେଶୀ ମୁଦ୍ରା ମିଳିଥିଲା, ଯେଉଁଥିରେ ୧,୬୫,୦୦୦ ଡଲାର ଏବଂ ୩୦,୪୬୦ ୟୁରୋ ରହିଥିଲା। ଏତେ ପରିମାଣର ବିଦେଶୀ ମୁଦ୍ରା ସେ କେଉଁଠୁ ଆଣିଲେ ଜଣାପଡି ନାହିଁ। ବିଦେଶ ବିନିମୟ ପରିଚାଳନା ଆଇନରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ବିନାଇ ସକ୍ସେନା ଦିଲ୍ଲୀ ଉପରାଜ୍ୟପାଳ



**ନୂଆଦିଲ୍ଲୀ, ୨୩ା୫:** ଦିଲ୍ଲୀର ଉପରାଜ୍ୟପାଳ ଭାବେ ବିନାଇ କୁମାର ସକ୍ସେନାଙ୍କୁ ସୋମବାର ନିଯୁକ୍ତ କରାଯାଇଛି। ସେ ଖଦି ଏବଂ ଭିଲେଜ ଇଣ୍ଡଷ୍ଟ୍ରିଜ୍ କମିଶନ୍‌ର ଅଧ୍ୟକ୍ଷ ଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦିଲ୍ଲୀ ଉପରାଜ୍ୟପାଳ ଭାବେ ବିନାଇଙ୍କୁ ନିଯୁକ୍ତ କରିଥିବା ନେଇ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ଏକ ବିବୃତି ଜାରି ହୋଇଛି। ବ୍ୟକ୍ତିଗତ କାରଣ ଦର୍ଶାଇ ଦିଲ୍ଲୀ ପୂର୍ବତନ ଉପରାଜ୍ୟପାଳ ଅନିଲ ବୈଜଲ ଗତ ୧୮ ତାରିଖରେ ଇସ୍ତଫା ଦେଇଥିଲେ।

### ଉଇଗରଙ୍କୁ ନିର୍ଯାତନା: ଚାଇନାରେ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ

**ବେଜିଂ, ୨୩ା୫:** ଚାଇନାର ଜିନ୍‌ଜିଆଙ୍ଗ ପ୍ରଦେଶରେ ଉଇଗର ମୁସଲମାନଙ୍କ ମାନବାଧିକାର ଉଲ୍ଲଂଘନ ଜାରିଥିବାବେଳେ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ମିଶେଲ ବାଚେଲେଟ୍ ସୋମବାର ବେଜିଂ ଗସ୍ତରେ ବାହାରିଛନ୍ତି। ୨୦୦୫ ପରଠାରୁ କୌଣସି ଜାତିସଂଘ ଉଚ୍ଚାୟୁକ୍ତଙ୍କ ଏହା ପ୍ରଥମ ଚାଇନା ଗସ୍ତ। ମିଶେଲଙ୍କୁ ସେଠାରେ ସ୍ୱାଧୀନ ଭାବେ ଯାଞ୍ଚ ଅନୁମତି ମିଳୁଛି କି ନା ଏବଂ ସଂଖ୍ୟାଲଘୁ ଉପରେ ନିର୍ଯାତନା ବାବଦରେ ସେ ଚାଇନା ବିରୋଧରେ ପ୍ରମାଣ ହାସଲ କରିପାରୁଛନ୍ତି କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଲକ୍ଷ ଲକ୍ଷ ସଂଖ୍ୟାରେ ଉଇଗୁର, କାଜାଖ ଏବଂ ଅନ୍ୟ ସଂଖ୍ୟାଲଘୁଙ୍କୁ ଚାଇନା ବନ୍ଦୀ କରି ରଖିବା ସହ ସେମାନଙ୍କ ଉପରେ କ୍ରୂର ବ୍ୟବହାର କରୁଛି। ଏପରି କି ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗ କାଟି ବିକ୍ରି କରୁଥିବା ନେଇ ମଧ ଏକାଧିକ ରିପୋର୍ଟ ପ୍ରକାଶ ପାଇଛି। ତେବେ ଚାଇନା ଏହାକୁ ବାରମ୍ବାର ଖଣ୍ଡନ କରିଆସିବା ସହ ଅଣରାଜନୈତିକ ପ୍ରତିନିଧି ସେଠାକୁ ଯାଇ ଯାଞ୍ଚ କରିପାରିବେ ବୋଲି କହିଛି। ଜିନ୍‌ଜିଆଙ୍ଗ ଓ କାଶ୍‌ଗର ପୂର୍ବରୁ ମିଶେଲ ଦକ୍ଷିଣ ଚାଇନା ସହର ଗୁଆଙ୍ଗଜୌରୁ ତାଙ୍କ ୬ ଦିନିଆ ଗସ୍ତ କାର୍ଯ୍ୟକ୍ରମ ଆରମ୍ଭ କରିବେ।



### କାଗଜ କଳ କାଠ ଡିପୋରେ ଭୟାବହ ଅଗ୍ନିକାଣ୍ଡ

ଚନ୍ଦ୍ରପୁର ,୨୩ା୫ (ପି.ଟି.): ମହାରାଷ୍ଟ୍ରର ଚନ୍ଦ୍ରପୁର ଅଞ୍ଚଳରେ ଥିବା ବିଲ୍ଟ ଗ୍ରାଫିକ୍ ପେପର ମିଲ୍‌ର କାଠ ଡିପୋରେ ରବିବାର ଭୟାବହ ଅଗ୍ନିକାଣ୍ଡ ହୋଇଛି। ଏହା ନିକଟରେ ଥିବା ବଲ୍ଲାରପୁର-ଆଲ୍ଲାପାଲି ରାଜପଥ ରାତି ସାରା ବନ୍ଦ ରହିବାରୁ ପ୍ରବଳ ଟ୍ରାଫିକ ଜାମ୍ ହୋଇଥିଲା। ଡିପୋରେ ୪୦ ହଜାର ଟନ୍ କାଠ ଗଚ୍ଛିତ ଥିଲା। ଏକସଙ୍ଗେ ୮ଟି ସ୍ଥାନରେ ବହୁ ଉଚ୍ଚ ପର୍ଯ୍ୟନ୍ତ ନିଆଁ ଉଠୁଥିବା ଅନେକ ଦୂର ଯାଏ ଦେଖାଯାଇଥିଲା। ବିଭିନ୍ନ ସହରରୁ ଅଗ୍ନିଶମ କର୍ମଚାରୀ ଓ ଦଳକଳ ପହଞ୍ଚିଥିଲେ ହେଁ ନିଆଁ ଏତେ ଜୋର୍ ଥିଲା ଯେ ସେଠାରେ ପହଞ୍ଚିବା କଷ୍ଟକର ହୋଇଥିଲା। ସେଠାରୁ ୧୦୦ ମିଟର ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ଏବଂ ଅନ୍ୟ ଏକ କମ୍ପାନୀର ବାଉଁଶ ଡିପୋକୁ ନିଆଁ ବ୍ୟାପିଯାଇଥିଲା। ତେବେ ପେଟ୍ରୋଲ ପମ୍ପରେ ତେଲ ନ ଥିବାରୁ ଏହା ୧୦ ଦିନ ହେଲା ବନ୍ଦ ରହିଥିଲା। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇଥିବାର ଖବର ମିଳି ନାହିଁ।

### ୫ ଆତଙ୍କବାଦୀ ଗିରଫ

**ଶ୍ରୀନଗର,୨୩ା୫:** ଜମ୍ମୁ-କଶ୍ମୀର ପୋଲିସ ଲଶ୍କର-ଇ-ତୋଇବାର ୫ ହାଇବ୍ରିଡ୍ (ଯେଉଁମାନେ ଆତଙ୍କବାଦୀଙ୍କ ନାମସୂଚୀରେ ନ ଥାଇ ମଧ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ରୁହନ୍ତି) ଆତଙ୍କବାଦୀଙ୍କୁ ଗିରଫ କରିଛି। ଏଥିରୁ ତିନି ଜଣ ଆତଙ୍କବାଦୀଙ୍କ ସମ୍ପୃକ୍ତି ବାରମୁଲା ଜିଲା ସରପଞ୍ଚଙ୍କ ହତ୍ୟାକାଣ୍ଡରେ ଥିବା ପୋଲିସ କହିଛି। ସ୍ୱତନ୍ତ୍ର ଅପରେଶନ୍ ଦ୍ୱାରା ସୋମବାର ବାରମୁଲାରୁ ୩ ଏବଂ ଶ୍ରୀନଗରରୁ ୨ ଜଣ ଆତଙ୍କବାଦୀଙ୍କୁ ପୋଲିସ କାବୁ କରିଥିଲା। ସେମାନଙ୍କଠାରୁ ୧୫ଟି ପିସ୍ତଲ, ୩୦ଟି ମାଗାଜିନ୍ ଏବଂ ୩୦୦ ରାଉଣ୍ଡ ଗୁଳି ସାଙ୍ଗକୁ ସାଇଲେନ୍ସର ପୋଲିସ ଜବତ କରିଛି। ସ୍ଥାନୀୟ ପୋଲିସ ପାଇଁ ଏହା ଏକ ବଡ଼ ସଫଳତା ବୋଲି ଜମ୍ମୁ-କଶ୍ମୀର ପୋଲିସ ଆଇଜି କହିଛନ୍ତି।

# ଜିନ୍‌ପିଙ୍ଗ୍‌ଙ୍କ 'ମିଶନ ତାଇୱାନ୍' ପ୍ରଘଟ

**ବେଜିଂ,୨୩ା୫**

ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିଜ ସୈନ୍ୟଙ୍କୁ ୟୁକ୍ରେନ୍ ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି 'ସ୍ୱତନ୍ତ୍ର ସାମରିକ ଅଭିଯାନ'କୁ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ବିରୋଧ କରିଆସିଥିବାବେଳେ ରୁଷିଆକୁ ଚାଇନା ସମର୍ଥନ ଜାରି ରଖିଛି। ଏହା ପଛରେ ଚାଇନାର ଅଭିସନ୍ଧି ହେଉଛି ବେଜିଂ ତାଇୱାନ୍‌କୁ ଦଖଲ ଉଦ୍ୟମ କଲେ ରୁଷିଆର ସମର୍ଥନ ହାସଲ କରିବା। ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ୩ ମାସ ପୂରିଥିବାବେଳେ ଚାଇନାର ସମ୍ଭାବ୍ୟ ତାଇୱାନ୍ ଆକ୍ରମଣକୁ ନେଇ ଏକ ଅଡିଓ କ୍ଲିପ୍ ପ୍ରଘଟ ହୋଇଛି। ଚାଇନାର ଯୁଦ୍ଧ ଯୋଜନା ସମ୍ପର୍କରେ ରୋଡ୍‌ମ୍ୟାପ୍‌କୁ କିପରି କାର୍ଯ୍ୟକାରୀ କରାଯିବ, ସେନେଇ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି) ଏବଂ ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ) ମଧ୍ୟରେ ହୋଇଥିବା ଆଲୋଚନାର ଏହି କ୍ଲିପ୍ ସାମ୍ନାକୁ ଆସିବା ପରେ ହଇଚଇ ସୃଷ୍ଟି ହୋଇଛି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଭିତିରି ସାମରିକ ଅଭିଯାନକୁ ଧରାପକାଇବା ପାଇଁ ସିପିସିର ବରିଷ୍ଠ ଅଧିକାରୀମାନେ ଏହାକୁ ପ୍ରଘଟ କରିଥିବା କୁହାଯାଉଛି। ଚାଇନା ଜନ୍ମିତ ମାନବାଧିକାର କର୍ମୀ ଜେନିଫର ଜେଙ୍ଗ୍ ଟୁଇଟ୍ କରିଥିବା ଏକ ଅଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସିପିସି-ପିଏଲ୍ଏର ଏକ ଉଚ୍ଚସ୍ତରୀୟ ବୈଠକରେ ଗୁଆଙ୍ଗ୍‌ଡୋଙ୍ଗ୍‌ର ପାର୍ଟି ସେକ୍ରେଟାରି, ଡେପୁଟି ସେକ୍ରେଟାରି, ଗଭର୍ନର ଓ ଭାଇସ୍ ଗଭର୍ନର ସାମିଲ ଥିଲେ। ମେଜର ଜେନେରାଲ ଝୋଉ ହେ, ଗୁଆଙ୍ଗ୍‌ଡୋଙ୍ଗ୍ ମିଲିଟାରି ରିଜିୟନ୍ କମାଣ୍ଡର, ଗୁଆଙ୍ଗ୍‌ଡୋଙ୍ଗ୍ ପ୍ରୋଭିନ୍ସିଆଲ କମିଟିର ଷ୍ଟାଣ୍ଡିଂ କମିଟି ସଦସ୍ୟ ୱାଙ୍ଗ୍ ଶୋଉଜିନ୍‌ଙ୍କ ସମେତ ପିଏଲ୍ଏର ଅନ୍ୟ କେତେଜଣ ବରିଷ୍ଠ ଅଧିକାରୀ ମଧ ବୈଠକରେ ଉପସ୍ଥିତ ଥିଲେ। ତାଇୱାନ୍ ସେନାକୁ ଧ୍ୱଂସ କରିବା ଓ ଯୁଦ୍ଧ ପାଇଁ ପଛଘୁଞ୍ଚା ନ ଦେବା, ଚାଇନାର ଜାତୀୟ ସାର୍ବଭୌମତ୍ୱ ତଥା କ୍ଷେତ୍ରୀୟ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ରଣନୈତିକ ନିଷ୍ପତ୍ତିକୁ କିପରି କାର୍ଯ୍ୟକାରୀ କରାଯିବ ସେନେଇ ଉକ୍ତ ଗୁପ୍ତ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଯୁଦ୍ଧ ପାଇଁ କେଉଁ କମ୍ପାନୀଗୁଡ଼ିକ ଅଧିକରୁ ଅଧିକ ଡ୍ରୋନ୍, ବୋଟ୍ ଓ ଅନ୍ୟ ଯୁଦ୍ଧ ଉପକରଣ ନିର୍ମାଣ କରିପାରିବେ, ତାହାର ମଧ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ଇଷ୍ଟର୍ନ ଓ ସଦର୍ନ ୱାର୍‌ଜୋନ୍ ପକ୍ଷରୁ ଗୁଆଙ୍ଗ୍‌ଡୋଙ୍ଗ୍‌କୁ ମୋଟ ୨୦ଟି ବର୍ଗର ଓ ୨୩୯ ଉପକରଣ ପ୍ରସ୍ତୁତ କରିବାକୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ୧.୪୦ ଲକ୍ଷ ପିଏଲ୍ଏ ସୈନ୍ୟ, ୯୫୩ ଯୁଦ୍ଧଜାହାଜ, ୧,୬୫୩ ଡ୍ରୋନ୍, ୨୦ ବିମାନବନ୍ଦର, ୬ ମରାମତି ଓ ଜାହାଜ ନିର୍ମାଣ ୟାର୍ଡ, ୧୪ ଏମର୍ଜେନ୍ସି ଟ୍ରାନ୍ସଫର ସେଣ୍ଟର ଆଦି ଏଥିରେ ଅନ୍ତର୍ଭୁକ୍ତ। ୫୭ ମିନିଟ୍‌ର ଏହି କ୍ଲିପ୍‌କୁ ୟୁଟ୍ୟୁବ୍ ଚ୍ୟାନେଲ ଏଲ୍‌ୟୁଡିଇ ମିଡିଆ ପକ୍ଷରୁ ପୋଷ୍ଟ କରାଯିବା ପରେ ବେଜିଂର ଅଡୁଆ ବଢ଼ିଛି। ତାଇୱାନ୍ ଦଖଲ ପାଇଁ ଜିନ୍‌ପିଙ୍ଗ୍‌ଙ୍କ ସାମରିକ ଯୋଜନାକୁ ଧରାପକାଇବା ପାଇଁ ସିପିସିର ବରିଷ୍ଠ ଅଧିକାରୀମାନେ ଏହାକୁ ପ୍ରଘଟ କରିଥିବା ଉକ୍ତ ୟୁଟ୍ୟୁବ୍ ଚ୍ୟାନେଲ କହିଛି।


ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍

- ୧.୪୦ ଲକ୍ଷ ସୈନ୍ୟ, ୯୫୩ ଯୁଦ୍ଧଜାହାଜ ପାଇଁ ପ୍ରସ୍ତୁତି
- ଅଡିଓ କ୍ଲିପ୍‌ରେ ଧରାପକାଇଲେ ସିପିସି ଅଧିକାରୀ

## ଆମେରିକା-ଚାଇନା ମୁହାଁମୁହିଁ

**ଟୋକିଓ/ବେଜିଂ,୨୩ା୫**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ତାଇୱାନ୍ ଦଖଲର ମହତ୍ତ୍ୱାକାଂକ୍ଷା ଓ ଯୋଜନାକୁ ତାଙ୍କ ସରକାରରେ ଥିବା କେତେଜଣ ବରିଷ୍ଠ ଅଧିକାରୀ ଧରାପକାଇ ଦେଇଛନ୍ତି। ତାଇୱାନ୍ ଦଖଲର ରୋଡ୍‌ମ୍ୟାପ୍ ସମ୍ପର୍କିତ ଆଲୋଚନାକୁ ନେଇ ୫୭ ମିନିଟ୍‌ର ଏକ ଅଡିଓ କ୍ଲିପ୍ ପ୍ରଘଟ ହେବା ପରେ ଆମେରିକା ଓ ଚାଇନା ମଧ୍ୟରେ ପୁଣି ବାକ୍‌ଯୁଦ୍ଧ ତେଜିଛି। ଚାଇନାର କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ ଓ ସାମରିକ ଶକ୍ତି ଯୋଗୁ ଉତ୍ତେଜନା ବଢ଼ୁଥିବାବେଳେ ଟୋକିଓରେ ସୋମବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବେଜିଂକୁ କଡ଼ା ଚେତାବନୀ ଦେଇଛନ୍ତି। ଚାଇନା ତାଇୱାନ୍‌କୁ ଦଖଲ ଉଦ୍ୟମ କଲେ ସ୍ୱୟଂଶାସିତ ଦ୍ୱୀପ ରାଷ୍ଟ୍ରକୁ ସୁରକ୍ଷା ଦେବା ପାଇଁ ଆମେରିକା ବଳ ପ୍ରୟୋଗ କରିବ ବୋଲି ସେ କହିଛନ୍ତି। କ୍ୱାଡ୍ ସମ୍ମିଳନୀରେ ଯୋଗଦେବା ପାଇଁ ଜାପାନ ରାଜଧାନୀ ଟୋକିଓ ଗସ୍ତରେ ଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଚାଇନାକୁ କଡ଼ା ଚେତାବନୀ ଦେଇଛନ୍ତି। ଚାଇନା ତାଇୱାନ୍ ଗଣତନ୍ତ୍ର ଉପରେ ଆକ୍ରମଣ କଲେ ଆମେରିକା ହସ୍ତକ୍ଷେପ କରିବ। ୱାନ୍ ଚାଇନା ପଲିସିକୁ ନେଇ ଆମେ ସହମତ। ଏଥିରେ ଆମେ ସ୍ୱାକ୍ଷର କରିଛୁ। କିନ୍ତୁ ଚାଇନା ବଳ ପ୍ରୟୋଗ କରି କୌଣସି ପଦକ୍ଷେପ ନେଲେ ଆମେ ଚୁପ୍ ରହିବୁ ନାହିଁ ବୋଲି ବାଇଡେନ୍ କହିଛନ୍ତି। ୟୁକ୍ରେନ୍‌ରେ ରୁଷିଆର ବର୍ବରତା ପାଇଁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଦୀର୍ଘ ସମୟ ଧରି ବହୁମୂଲ୍ୟ ଦେବାକୁ ପଡ଼ିବ। ସମ୍ପ୍ରତି କେବଳ ୟୁକ୍ରେନ୍ ନୁହେଁ, ବରଂ ତାଇୱାନ୍ ମଧ ଏକ ବଡ଼ ପ୍ରସଙ୍ଗ। ରୁଷିଆ ଉପରେ ପାଶ୍ଚାତ୍ୟର ଚାପକୁ ବେଜିଂ ଦେଖିସାରିଛି। ଚାଇନା ବଳପୂର୍ବକ ତାଇୱାନ୍ ଦଖଲ ପୂର୍ବରୁ ଏହି ସନ୍ଦେଶକୁ ଭଲଭାବେ ବୁଝିବା ଦରକାର ବୋଲି ବାଇଡେନ୍ କହିଛନ୍ତି। ଏହାକୁ ଚାଇନା ବିରୋଧରେ ଆମେରିକା ପକ୍ଷରୁ ସବୁଠୁ କଠୋର ଚେତାବନୀ ବୋଲି କୁହାଯାଉଛି। ଅନ୍ୟପକ୍ଷେ ବାଇଡେନ୍‌ଙ୍କ ଏହି ମନ୍ତବ୍ୟକୁ ନେଇ ବେଜିଂ ଆପତ୍ତି ଉଠାଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି କହିଛନ୍ତି, ଚାଇନାର ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଏକତା ପ୍ରସଙ୍ଗରେ ସାଲିସ କରାଯିବ ନାହିଁ। କୌଣସି ରାଷ୍ଟ୍ର ଆମ ଦୃଢ଼ ସାମର୍ଥ୍ୟକୁ ନ୍ୟୂନ ମନେକରିବା ଭୁଲ୍ କରନ୍ତୁ ନାହିଁ। ବାଇଡେନ୍‌ଙ୍କ ପୂର୍ବ ଏସିଆ ଗସ୍ତ, କ୍ୱାଡ୍ରିଲେଟରାଲ ସିକ୍ୟୁରିଟି ଡାଇଲଗ୍ (କ୍ୱାଡ୍) ସମିଟ୍ ଏବଂ ଆମେରିକାର ଇଣ୍ଡୋ-ପାସିଫିକ୍ ରଣନୀତିକୁ ଏହା ପୂର୍ବରୁ ଚାଇନା କଡ଼ା ସମାଲୋଚନା କରିସାରିଛି।



> ତାଇୱାନ୍ ପାଇଁ ଚାଇନା ବିରୋଧରେ ବଳ ପ୍ରୟୋଗ କରିବୁ: ଜୋ ବାଇଡେନ୍

## ଆଇପିଇଏଫ୍‌ରେ ଭାରତ ସମେତ ୧୨ ରାଷ୍ଟ୍ର



ଟୋକିଓରେ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା ଓ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

> **ଆଇପିଇଏଫ୍ ହେଉଛି ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ବିଶ୍ୱ ଆର୍ଥିକ ଅଭିବୃଦ୍ଧିର ଇଞ୍ଜିନରେ ପରିଣତ କରିବା ପାଇଁ ଏକ ସାମଗ୍ରିକ ପ୍ରୟାସ।**
> **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

**ଟୋକିଓ,୨୩ା୫**

ଚାଇନାର ଦାଦାଗିରିକୁ ଦୃଷ୍ଟିରେ ରଖି ଆମେରିକା ଅଣପାରମ୍ପରିକ ବାଣିଜ୍ୟ ଚୁକ୍ତିନାମା ଆରମ୍ଭ କରିଛି। ଇଣ୍ଡୋ-ପାସିଫିକ୍ ଇକୋନୋମିକ୍ ଫ୍ରେମ୍‌ୱାର୍କ (ଆଇପିଇଏଫ୍)ରେ ଭାରତ ସମେତ ୧୨ଟି ରାଷ୍ଟ୍ରକୁ ସାମିଲ କରାଯାଇଛି। ଆଇପିଇଏଫ୍ ଏକ ପାରମ୍ପରିକ ବାଣିଜ୍ୟ ଡିଲ୍ ନୁହେଁ, ବରଂ ଅର୍ଥନୈତିକ ବ୍ୟବସ୍ଥାର ଏକ ନୂଆ ନମୁନା। ଏହି ଡିଲ୍ ଏକବିଂଶ ଶତାବ୍ଦୀରେ ବାଣିଜ୍ୟ, କାରିଗରି ଏବଂ ଯୋଗାଣ ଶୃଙ୍ଖଳ ପାଇଁ ସର୍ତ୍ତ ଓ ନିୟମ ଧାର୍ଯ୍ୟ କରିବ ବୋଲି ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଜେକ୍ ସୁଲିଭିଆନ୍ ସୂଚନା ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ସହଯୋଗୀ ରାଷ୍ଟ୍ରର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏହି ଫୋରମ୍ ଗଠନ କରାଯାଇଛି। ଆଇପିଇଏଫ୍‌ର ଅନ୍ୟ ସଦସ୍ୟ ରାଷ୍ଟ୍ର ହେଲେ ଅଷ୍ଟ୍ରେଲିଆ, ବ୍ରୁନେଇ, ଇଣ୍ଡୋନେସିଆ, ଜାପାନ, ଦକ୍ଷିଣ କୋରିଆ, ମାଲେସିଆ, ନ୍ୟୁଜିଲାଣ୍ଡ, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲାଣ୍ଡ ଓ ଭିଏତ୍‌ନାମ। ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪୦% ଅବଦାନ ହେଉଛି ଏହି ୧୨ ସହଯୋଗୀ ରାଷ୍ଟ୍ରର। ଏହି ଅବସରରେ ଶକ୍ତି, ଯୋଗାଣ ଶୃଙ୍ଖଳ ଓ ଡିଜିଟାଲ ଟ୍ରେଡ୍ କ୍ଷେତ୍ରରେ ସମଭାବାପନ୍ନ ରାଷ୍ଟ୍ରଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ବାଇଡେନ୍ କହିଛନ୍ତି। ଉଦ୍‌ଘାଟନୀ ସମାରୋହରେ ମୋଦି କହିଥିଲେ, ଆଇପିଇଏଫ୍ ହେଉଛି ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ବିଶ୍ୱ ଆର୍ଥିକ ଅଭିବୃଦ୍ଧିର ଇଞ୍ଜିନରେ ପରିଣତ କରିବା ପାଇଁ ଏକ ସାମଗ୍ରିକ ଆଗ୍ରହକୁ ନେଇ ଘୋଷଣାନାମା। ସହଯୋଗୀ ରାଷ୍ଟ୍ରଗୁଡ଼ିକ ସମ୍ମୁଖୀନ ହେଉଥିବା ଆର୍ଥିକ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଗଠନମୂଳକ ପନ୍ଥା ବାହାର କରିବା ଆବଶ୍ୟକ। ସମସ୍ତ ଇଣ୍ଡୋ-ପାସିଫିକ୍ ଦେଶକୁ ନେଇ ଭାରତ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ।

## ନିରପେକ୍ଷ ରହିବା ସମ୍ଭବ ନୁହେଁ

**ଡାଭୋସ୍, ୨୩ା୫**

ଅନ୍ତର୍ଜାତୀୟ ଆଇନ କଥା ଉଠିଲେ କୌଣସି ପ୍ରସଙ୍ଗରେ ନିରପେକ୍ଷ ରହିବା ସମ୍ଭବ ନୁହେଁ ବୋଲି ଡବ୍ଲ୍ୟୁଇଏଫ୍ ବାର୍ଷିକ ସମ୍ମିଳନୀରେ କହିଛନ୍ତି ସୁଇଜରଲାଣ୍ଡ ରାଷ୍ଟ୍ରପତି ଇଗ୍‌ନାଜିଓ କେସିସ୍। ଏହା ବଦଳରେ ଆମକୁ କ୍ରୂରତା ଆଗରେ ଗଣତନ୍ତ୍ର ଅଧିକ ଶକ୍ତିଶାଳୀ ହେବା ଜରୁରୀ। ଆଇନ ଉଲ୍ଲଂଘନକାରୀଙ୍କୁ ସହ୍ୟ କରିବା ପରିବର୍ତ୍ତେ ଅନ୍ତର୍ଜାତୀୟ ଆଇନ ଆହୁରି କଠୋର ହେବା ଉଚିତ। ଗଣତନ୍ତ୍ର ଉପରେ ବିପଦ ସୃଷ୍ଟି ହେଲେ ବଡ଼ସ୍ତରରେ ଚିନ୍ତା କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏହି ଅବସରରେ ଇଗ୍‌ନାଜିଓ ୟୁକ୍ରେନ୍-ରୁଷିଆ ପ୍ରସଙ୍ଗରେ ମଧ୍ୟସ୍ଥତା କରିବା ଏବଂ ସମାଧାନର ରାସ୍ତା ବାହାର କରିବା ନିମନ୍ତେ ମଞ୍ଚ ପ୍ରସ୍ତୁତ ପାଇଁ ରାଜି ଥିବା କହିଥିଲେ। ଏଥିସହ ଏକ ସ୍ୱାଧୀନ ଗଣତନ୍ତ୍ର ରାଷ୍ଟ୍ର ଉପରେ ଆକ୍ରମଣ ଏବଂ ଏହାର ସହରଗୁଡ଼ିକୁ ଶ୍ମଶାନରେ ପରିଣତ କରିବାକୁ ସେ ନିନ୍ଦା କରିଥିଲେ।




> ରୁଷିଆ-ୟୁକ୍ରେନ୍ ପ୍ରସଙ୍ଗରେ ମଧ୍ୟସ୍ଥତା ପ୍ରସ୍ତାବ ଦେଲେ ସୁଇଜରଲାଣ୍ଡ ରାଷ୍ଟ୍ରପତି

## ରୋପ୍‌ୱେରେ ୪୦ ମିନିଟ ଅଟକିଲେ ୨୮ ଭକ୍ତ

**ଭୋପାଳ,୨୩ା୫**

ମଧ୍ୟପ୍ରଦେଶର ସତ୍‌ନା ଜିଲାରେ ସୋମବାର ପ୍ରବଳ ବର୍ଷା ପବନ ଯୋଗୁ ରୋପ୍‌ୱେ ଅଚଳ ହୋଇଯାଇଥିଲା। ଫଳରେ ମୈହର ପାହାଡ଼ ଉପରେ ଥିବା ମା' ସାରଦା ଦେବୀ ମନ୍ଦିରକୁ ଯାଉଥିବା ୨୮ ଜଣ ଭକ୍ତ ୭ଟି ରୋପ୍‌ୱେ ଟ୍ରଲିରେ ୪୦ ମିନିଟରୁ ଊର୍ଦ୍ଧ୍ୱ ସମୟ ଅଧା ବାଟରେ ଝୁଲି ରହିଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇଛି। ଝଡ଼ତୋଫାନ ହେବ ବୋଲି ପାଣିପାଗ ବିଭାଗ କହିବା ସହ ରୋପ୍‌ୱେ ବନ୍ଦ ରଖିବାକୁ ସତର୍କ କରାଯାଇଥିଲା। ଏହା ସତ୍ତ୍ୱେ ରୋପ୍‌ୱେ ପରିଚାଳନା ସଂସ୍ଥା ସେବା ବନ୍ଦ କରି ନ ଥିଲେ।

## ନିଷ୍ଠୁର ଶକ୍ତି ବିଶ୍ୱକୁ ଶାସନ ନ କରୁ

**ଡାଭୋସ୍, ୨୩ା୫**

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ୩ ମାସ ପୂରିଥିବାବେଳେ ଏହି ପୂର୍ବ ୟୁରୋପୀୟ ରାଷ୍ଟ୍ରର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୋମବାର ବିଶ୍ୱ ଅର୍ଥନୈତିକ ଫୋରମ୍ ମଞ୍ଚରେ ଭର୍ଚୁଆଲ ଉଦ୍‌ବୋଧନ ଦେଇଛନ୍ତି। ଜେଲେନ୍‌ସ୍କି କହିଛନ୍ତି, ଏବେ ରୁଷିଆ ଉପରେ ଲାଗିଥିବା କଟକଣା ଯଥେଷ୍ଟ ନୁହେଁ। ସର୍ବାଧିକ କଟକଣା ଲଗାଇ ରୁଷିଆ ଅର୍ଥନୀତିକୁ ଦୁର୍ବଳ କରାଯିବାର ଆବଶ୍ୟକତା ରହିଛି। ରୁଷିଆରୁ ତୈଳ ଆମଦାନୀ ଉପରେ ସମ୍ପୂର୍ଣ୍ଣ ବ୍ୟାନ୍, ବୈଶ୍ୱିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରୁ ଏହାର ସମସ୍ତ ବ୍ୟାଙ୍କକୁ ହଟାଯିବା ସହ ଏହି ଦେଶ ସହ ସବୁ ପ୍ରକାର ବ୍ୟବସାୟ ବନ୍ଦ କରାଯିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ତାଙ୍କ ଦେଶକୁ ରୁଷିଆ ଆକ୍ରମଣରୁ ବଞ୍ଚାଇବାକୁ ସେ ଅଧିକରୁ ଅଧିକ ଯୁଦ୍ଧାସ୍ତ୍ର ମାଗିଛନ୍ତି। ନିଷ୍ଠୁର ଶକ୍ତି ବିଶ୍ୱକୁ ଶାସନ କରିବାକୁ ଦିଆଯାଇପାରିବ ନାହିଁ। ଏଥିପାଇଁ ଏକ ଚୁକ୍ତି ସୁନିଶ୍ଚିତ ହେବା ଜରୁରୀ ବୋଲି ଜେଲେନ୍‌ସ୍କି କହିଛନ୍ତି। ଆମକୁ ଏହି ଯୁଦ୍ଧ ଜିତିବାକୁ ପଡ଼ିବ ଏବଂ ଏଥିପାଇଁ ଆମକୁ ସହାୟତା ଲୋଡ଼ା ବୋଲି ସେ ପ୍ରକାଶ କରିଛନ୍ତି।


ଭୋଲୋଡିମିର ଜେଲେନ୍‌ସ୍କି

## ବୋଟ୍ ବୁଡ଼ି ୧୪ ମୃତ

**ୟାଙ୍ଗୋନ୍, ୨୩ା୫**

ମ୍ୟାନ୍‌ମାର ସମୁଦ୍ରରେ ବୋଟ୍ ବୁଡି ୧୪ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି। ଦୁର୍ଘଟଣାରେ ୧୨ ମହିଳା ଏବଂ ୨ ବାଳକଙ୍କ ମୃତ୍ୟୁ ହୋଇଛି। ମୃତକମାନେ ରୋହିଙ୍ଗ୍ୟା ମୁସଲମାନ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ବୋଟ୍ ଯୋଗେ ମ୍ୟାନ୍‌ମାରର ଏହି ଶରଣାର୍ଥୀମାନେ ୱେଷ୍ଟର୍ନ ମ୍ୟାନ୍‌ମାରରୁ ମାଲେସିଆ ଅଭିମୁଖେ ଯାତ୍ରା କରୁଥିବା କୁହାଯାଉଛି। ଅନ୍ୟପଟେ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି ବୋଟ୍ ମାଲିକଙ୍କ ସମେତ ଅନ୍ୟ ୩୫ ଯାତ୍ରୀ। ୨୦୧୭ ପରଠାରୁ ବହୁମାତ୍ରାରେ ରୋହିଙ୍ଗ୍ୟା ମୁସଲମାନ ମ୍ୟାନ୍‌ମାର ଛାଡ଼ି ଅନ୍ୟ ଦେଶରେ ଯାଇ ରହୁଛନ୍ତି।

## ଆଜି ଆସିପାରେ ଜ୍ଞାନବାପି ରାୟ

**ବାରାଣସୀ,୨୩ା୫(ଆଇଏଏନ୍ଏସ୍)**

ବାରାଣସୀ ଜିଲା ଜଜ୍ ଜ୍ଞାନବାପି ମସ୍‌ଜିଦ ବିବାଦ ମାମଲାର ଶୁଣାଣି ସୋମବାର ଶେଷ କରିବା ସହ ରାୟ ସଂରକ୍ଷିତ ରଖିଛନ୍ତି। ମଙ୍ଗଳବାର ରାୟ ପ୍ରକାଶ ପାଇବା ଆଶା କରାଯାଉଛି। ଉକ୍ତ ମସ୍‌ଜିଦ ପରିସରରେ ଶ୍ରୀଙ୍ଗାର ଗୌରୀଙ୍କ ଦୈନନ୍ଦିନ ପୂଜାର୍ଚ୍ଚନା ଲାଗି ହିନ୍ଦୁ ପକ୍ଷ ଅଦାଲତଙ୍କ ଅନୁମତି ଲୋଡ଼ିଥିଲେ। ଏଥିସହିତ ମସ୍‌ଜିଦ ୱାଜୁଖାନାରୁ ମିଳିଥିବା ଶିବଲିଙ୍ଗର ପୂଜା କରାଯିବା ସହ ସେଠାରୁ ଭଗ୍ନାବଶେଷ ହଟାଯିବା ପାଇଁ ମଧ ସେମାନେ କୋର୍ଟଙ୍କୁ ନିବେଦନ କରିଥିଲେ। ଅନ୍ୟପକ୍ଷରେ ମୁସଲମାନ ପକ୍ଷ ୱାଜୁଖାନା ଅଞ୍ଚଳ ସିଲ୍‌କୁ ବିରୋଧ କରିବା ସହ ପୂଜାର୍ଚ୍ଚନା ସ୍ଥାନ ଆଇନ, ୧୯୯୧ ଆଧାରରେ ଜ୍ଞାନବାପି ସର୍ଭେର ପୁନର୍ବିଚାର କରିବା ଲାଗି ଅଦାଲତଙ୍କୁ ଅନୁରୋଧ କରିଥିଲେ।

ବାରାଣସୀ ଜିଲା ଜଜ୍ ଡ. ଏ.କେ. ବିଶ୍ୱେଶଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବହିଷ୍କୃତ କମିଶନର ଅଜୟ ମିଶ୍ରା ଦାଖଲ କରିଥିବା ସର୍ଭେ ରିପୋର୍ଟର ନକଲକୁ ଗ୍ରହଣ କରିଛନ୍ତି। ଗତ ୨୦ ତାରିଖରେ ସୁପ୍ରିମକୋର୍ଟ ଜ୍ଞାନବାପି ମସ୍‌ଜିଦ ବିବାଦ ମାମଲାକୁ ବାରାଣସୀ ଜିଲା ଜଜ୍ କୋର୍ଟକୁ ସ୍ଥାନାନ୍ତର କରିଥିଲେ। ମାମଲାର ଜଟିଳତା ଓ ସମ୍ବେଦନଶୀଳତା ଦୃଷ୍ଟିରୁ ଏହାକୁ ଉତ୍ତରପ୍ରଦେଶ ନ୍ୟାୟିକ ସେବାର ଜଣେ ବରିଷ୍ଠ ତଥା ଅଭିଜ୍ଞତାସମ୍ପନ୍ନ ବିଚାରପତି ଏହାର ଶୁଣାଣି କରିବେ ବୋଲି ସିଜେଆଇ ଜଷ୍ଟିସ ଏନ୍.ଭି. ରମନାଙ୍କ ଖଣ୍ଡପୀଠ କହିଥିଲେ।

ଶିବଲିଙ୍ଗ ମିଳିଥିବା ସ୍ଥାନକୁ କୋର୍ଟଙ୍କ ନିର୍ଦ୍ଦେଶରେ ସିଲ୍ କରାଯାଇଥିବା ବେଳେ ଅନ୍ୟତ୍ର ଓ୍ୱଜୁ କରିବା ଲାଗି ବ୍ୟବସ୍ଥା ହୋଇଛି। ଏହା ସତ୍ତ୍ୱେ ୱାଜୁଖାନାରେ ମେ' ୧୬ରୁ ୧୯ ମଧ୍ୟରେ ଓ୍ୱଜୁ କରିଥିବା ଲୋକଙ୍କ ବିରୋଧରେ ଆଇପିସିର ଧାରା ୧୫୩ଏ(୨) ଏବଂ ୫୦୫(୩)ରେ ଏତଲା ଦାଏର ପାଇଁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହିନ୍ଦୁ ପକ୍ଷ ଆବେଦନ କରିଛନ୍ତି।

## ବିବାଦରେ କର୍ନାଟକର ଆଉ ଏକ ମସ୍‌ଜିଦ

**ଦକ୍ଷିଣ କନ୍ନଡ,୨୩ା୫(ଆଇଏଏନ୍ଏସ୍)**

କର୍ନାଟକର ଶ୍ରୀରଙ୍ଗାପାଟନା ଜାମିଆ ମସ୍‌ଜିଦ ବିବାଦ ପରେ ଏବେ ଉକ୍ତ ରାଜ୍ୟର ଦକ୍ଷିଣ କନ୍ନଡ ଜିଲାରେ ଥିବା ମାଲାଲି ମସ୍‌ଜିଦକୁ ନେଇ ବିବାଦ ମୁଣ୍ଡ ଟେକିଛି। ମାଲାଲିର ଆସାୟିଦ୍ ଅବଦୁଲ୍ଲାହିଲ ମଦାନି ମସ୍‌ଜିଦର ନବୀକରଣ କାର୍ଯ୍ୟ ଲାଗି ଖନନ ବେଳେ ମନ୍ଦିର ଢାଞ୍ଚା ମିଳିବା ପରେ ବିବାଦ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗକୁ ଆଗକୁ ନେବା ଲାଗି ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ କର୍ମୀମାନେ ନିଷ୍ପତ୍ତି ନେଇଛନ୍ତି। କାମ ବନ୍ଦ ଲାଗି କୋର୍ଟ ନିର୍ଦ୍ଦେଶ ଦେବା ପରେ ଏହି ପ୍ରସଙ୍ଗ ନ ଉଠାଇବାକୁ ପୂର୍ବରୁ ହିନ୍ଦୁ ପକ୍ଷ ନିଷ୍ପତ୍ତି ନେଇଥିଲା। ତେବେ ସତ ପଦାକୁ ଆଣିବା ଲାଗି ଭିଏଚ୍‌ପି ଏବଂ ବଜରଙ୍ଗ ଦଳ କର୍ମୀ ଚାହୁଁଛନ୍ତି। କର୍ନାଟକ ଉପକୂଳ ଅଞ୍ଚଳରେ ସାଧାରଣତଃ ଲୋକେ ସେମାନଙ୍କ ପୂର୍ବଜଙ୍କ ଇତିହାସ ଜାଣିବା ଲାଗି ପୂଜକଙ୍କ ଦ୍ୱାରସ୍ଥ ହୋଇଥାନ୍ତି। ଏହା ଏକ ବିଶ୍ୱସ୍ତ ପ୍ରଥା ଭାବେ ରହିଆସିଛି। ଏହାକୁ ତମ୍ବୁଲା ପ୍ରଶ୍ନ କୁହାଯାଏ। ମାଲାଲି ମସ୍‌ଜିଦ ଏକଦା ମନ୍ଦିର ଥିଲା ବୋଲି ଯଦି ପୂଜକ କହିବେ, ତେବେ ହିନ୍ଦୁ କର୍ମୀମାନେ ଆଇନର ଆଶ୍ରୟ ନେବେ ଓ ମସ୍‌ଜିଦରେ ସେମାନଙ୍କ ଅଧିକାର ଦାବି ଲାଗି ଅନ୍ୟ ପନ୍ଥା ଆପଣାଇବେ। ମସ୍‌ଜିଦର ଇତିହାସ ସମ୍ପର୍କରେ ନିଶ୍ଚିତ ହେବା ଲାଗି ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ହିନ୍ଦୁ କର୍ମୀ ଅଷ୍ଟମଙ୍ଗଳ ପ୍ରଶ୍ନ କରିପାରନ୍ତି। ଏହା ଅଧିକ ପାରମ୍ପରିକ ହିନ୍ଦୁ ଜ୍ୟୋତିଷଶାସ୍ତ୍ର ପଦ୍ଧତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୨,୭୮,୪୨,୬୬୮ | ୬୩,୦୦,୯୪୨ | ୪୯,୮୧,୦୫,୪୦୯ |
| ଭାରତ | ୪,୩୧,୩୮,୩୯୩ | ୫,୨୪,୪୫୯ | ୪,୨୫,୯୯,୧୦୨ |
| ଓଡ଼ିଶା | ୧୨,୮୮,୩୭୯ | ୯୧୨୬(+୫୩) | ୧୨,୭୯,୧୧୮ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଏମ୍ସରେ କର୍କଟ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଡେ' କେୟାର

**ଭୁବନେଶ୍ୱର, ୨୩।୫(ବ୍ୟୁରୋ)**

ଭୁବନେଶ୍ୱର ଏମ୍ସରେ ସ୍ୱତନ୍ତ୍ର ମେଡିକାଲ୍ ଅନ୍କୋଲୋଜି ୟୁନିଟ୍ ସୋମବାର ଖୋଲିଛି। ଏଥିରେ ମେଡିକାଲ ଅନ୍କୋଲୋଜି/ହେମାଟୋଲୋଜି ବିଭାଗର ମେଡିକାଲ ଅନ୍କୋଲୋଜି ଡିଭିଜନ ପକ୍ଷରୁ ଏକ ଉତ୍ସର୍ଗୀକୃତ ଡେ' କେୟାର୍ ଏବଂ ଓପିଡି ସେବା ଆରମ୍ଭ ହୋଇଛି। ଏମ୍ସର ନିର୍ଦ୍ଦେଶକ ଡା. ମୁକେଶ ତ୍ରିପାଠୀ ହସ୍ପିଟାଲର ଜି ବ୍ଲକ୍‌ରେ ଥିବା ଏହି ୟୁନିଟ୍‌କୁ ଉଦ୍‌ଘାଟନ କରି କହିଛନ୍ତି, ଏହା କର୍କଟ ରୋଗୀଙ୍କୁ କେମୋଥେରାପି ଚିକିତ୍ସା କ୍ଷେତ୍ରରେ ଏମ୍ସର ପ୍ରତିବଦ୍ଧତାକୁ ଦୋହରାଇବା ସହିତ ଏଠାରେ ଅଧିକ ଉତ୍ସାହ ଏବଂ ଉତ୍ସର୍ଗୀକୃତ ସେବା ମିଳିବ। ଏମ୍ସ ମେଡିକାଲ୍ ଅନ୍କୋଲୋଜି ବିଭାଗର ଏହି ବ୍ୟବସ୍ଥା ନିଶ୍ଚିତ ଭାବରେ କେମୋଥେରାପି ଆବଶ୍ୟକ କରୁଥିବା କର୍କଟ ରୋଗୀଙ୍କୁ ସାହାଯ୍ୟ କରିବ ବୋଲି ଡା. ତ୍ରିପାଠୀ କହିଛନ୍ତି। କଟକ ଆଚାର୍ଯ୍ୟ ହରିହର କର୍କଟ ସେବା କେନ୍ଦ୍ର ପରେ ସରକାରୀ ସ୍ତରରେ ଏମ୍ସରେ ଏହି ଦ୍ୱିତୀୟ ଉତ୍ସର୍ଗୀକୃତ ମେଡିକାଲ ଅନ୍କୋଲୋଜି ୟୁନିଟ୍ ସ୍ଥାପନ ହୋଇଛି। ଏମ୍ସରେ ପୂର୍ବରୁ ଅନ୍କୋଲୋଜି ବିଭାଗ ହେମାଟୋଲୋଜି ବିଭାଗ ସହିତ ଏକକାଳୀନ ଓପିଡି ଓ ଡେ' କେୟାର ସେବା ପ୍ରଦାନ କରୁଥିଲା। ତେବେ ଅନ୍କୋଲୋଜି ବିଭାଗରେ ବହୁ ସଂଖ୍ୟକ ରୋଗୀ ପରାମର୍ଶ ଲୋଡ଼ୁଥିବାରୁ ଏନେଇ ସ୍ୱତନ୍ତ୍ର ସ୍ଥାନର ଆବଶ୍ୟକତା ଥିଲା। ବର୍ତ୍ତମାନ ପାଇଁ ଏହି ବିଭାଗରୁ ସେବା ନେବାକୁ ଆସୁଥିବା କର୍କଟ ରୋଗୀମାନେ ସିଧାସଳଖ ଜି ବ୍ଲକ୍‌ରେ ପଞ୍ଜୀକରଣ କରିପାରିବେ। ଫଳରେ ଆଉ ଲମ୍ବା ସମୟ ପାଇଁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ମେଡିକାଲ୍ ଅନ୍କୋଲୋଜି ସେବା ପ୍ରତି ମଙ୍ଗଳବାର ଏବଂ ଗୁରୁବାର ପ୍ରଦାନ କରାଯିବ। ଡେ' କେୟାର୍ ସେବା ସପ୍ତାହର ସବୁଦିନ ଚାଲିବ ବୋଲି ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଉକ୍ତ ୟୁନିଟ୍‌ର ଶୁଭାରମ୍ଭ ଅବସରରେ ଏମ୍ସର ମେଡିକାଲ ଅଧୀକ୍ଷକ ଡ. ସଚ୍ଚିଦାନନ୍ଦ ମହାନ୍ତି ଏହି ସେବାରେ ସାମିଲ ହୋଇଥିବା ଚିକିତ୍ସକ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ମେଡିକାଲ ଅନ୍କୋଲୋଜି/ହେମାଟୋଲୋଜି ବିଭାଗ ମୁଖ୍ୟ ଡା. ପ୍ରବୋଧ ଦାସ, ଜେଏମ୍ଏସ୍ ଡା. ଜେ. ଏସ୍. ପିଲାଇ, ଆସୋସିଏଟ୍ ପ୍ରଫେସର ଡା. ସୌରଭ କୁମାର ମିଶ୍ର ଏବଂ ବିଭାଗର ସହକାରୀ ପ୍ରଫେସର ଡା. ଇଲାଭାରାସି ଭାନିଡାସାନେ ମଧ୍ୟ ଉପସ୍ଥିତ ଥିଲେ। ଡା. ଇଲାଭାରାସୀ ଓ ଡା. ସୌରଭ ନୂତନ ଭାବେ ଏହି ବିଭାଗରେ ଅଧ୍ୟାପିକା/ଅଧ୍ୟାପକ ଭାବେ ଯୋଗଦେଇ ଏମ୍ସ ଭୁବନେଶ୍ୱରରେ ମେଡିକାଲ ଅନ୍କୋଲୋଜି ସେବା ଆରମ୍ଭ କରିଛନ୍ତି। ଭବିଷ୍ୟତରେ ମେଡିକାଲ ଅନ୍କୋଲୋଜିରେ ଡିଏମ୍ ପାଠ୍ୟକ୍ରମ ଆରମ୍ଭ କରିବାକୁ ଯୋଜନା ରହିଥିବା ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି।




**ଅଲଗା ହେଲା ମେଡିକାଲ୍ ଅନ୍କୋଲୋଜି ୟୁନିଟ୍**

- ସବୁଦିନ ମିଳିବ ଡେ' କେୟାର, ମଙ୍ଗଳବାର ଓ ଗୁରୁବାର ଓପିଡି ସେବା
- ଆରମ୍ଭ ହେବ ମେଡିକାଲ ଅନ୍କୋଲୋଜିରେ ଡିଏମ୍ ପାଠ୍ୟକ୍ରମ

## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀ ଗୋରା ବେହେରାଙ୍କ ପରଲୋକ



**ଖଣ୍ଡପଡ଼ା, ୨୩।୫(ସ୍ୱ.ପ୍ର.):** ଭାରତର ସ୍ୱାଧୀନତା ସଂଗ୍ରାମରେ ବିଶେଷ ଅବଦାନ ପାଇଁ କ୍ରାନ୍ତି ଦିବସରେ ୪ର୍ଥ ଥର ପାଇଁ ସମ୍ମାନିତ ହୋଇଥିବା ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଞ୍ଚାୟତ ଛାମୁପାଟଣା ଗାଁର ସହଦେବ ବେହେରାଙ୍କ ସୋମବାର କଟକର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୯ବର୍ଷ ବୟସ ହୋଇଥିଲା। ୧୯୨୩ରେ ଜନ୍ମ ଗ୍ରହଣ କରିଥିବା ଏହି ସ୍ୱାଧୀନତା ସଂଗ୍ରାମୀ ସହଦେବ ଗୋରା ବେହେରା ନାମରେ ପରିଚିତ। ୧୯୩୮ରେ ସେ ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏଥିପାଇଁ ତାଙ୍କୁ ବହୁ ନିର୍ଯାତନା ସହିବାକୁ ପଡ଼ିଥିଲା। ୧୯୪୨ରେ ଗାନ୍ଧିଜୀଙ୍କ ଭାରତଛାଡ଼ ଆନ୍ଦୋଳନ ଡାକରାରେ ସେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ କଟକ ସ୍ୱରାଜ ଆଶ୍ରମରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ କରିଥିଲେ। ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ସ୍ଥାନୀୟ ମହିମା ଆଶ୍ରମ ନିକଟ ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ଏକମାତ୍ର ପୁତ୍ର ବିଜୟ ବେହେରା ମୁଖାଗ୍ନି ଦେଇଥିଲେ।

### ଭାରତ ସମେତ ୧୬ ଦେଶକୁ ବିମାନ ବନ୍ଦ କଲା ସାଉଦି ଆରବ

**ରିୟାଧ, ୨୩।୫:** ସାଉଦି ଆରବରେ ପୁଣିଥରେ କୋଭିଡ୍-୧୯ର ଦ୍ରୁତ ସଂକ୍ରମଣ ଆରମ୍ଭ ହୋଇଯାଇଛି। କିଛି ସପ୍ତାହ ହେଲା ଦୈନିକ ସଂକ୍ରମଣ ବଢ଼ୁଥିବାରୁ ସାଉଦି ସରକାର ଭାରତ ସମେତ ୧୬ ଦେଶକୁ ବିମାନ ସେବା ବନ୍ଦ ରଖିବା ଲାଗି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନ୍ୟ ଯେଉଁ ଦେଶକୁ ଟ୍ରାଭେଲ ବ୍ୟାନ୍ ହୋଇଛି ସେଗୁଡ଼ିକ ହେଲା ଲେବାନନ୍, ସିରିଆ, ତୁର୍କୀ, ଇରାନ, ଆଫଗାନିସ୍ତାନ, ୟେମେନ, ସୋମାଲିଆ, ଇଥିଓପିଆ, ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ, ଲିବ୍ୟା, ଇଣ୍ଡୋନେସିଆ, ଭିଏତ୍‌ନାମ, ଆର୍ମେନିଆ, ବେଲାରୁଷ ଏବଂ ଭେନେଜୁଏଲା। ତେବେ ସେଠାରେ ମଙ୍କିପକ୍ସ ସଂକ୍ରମଣ ହୋଇ ନ ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଜଗନ୍ନାଥଙ୍କ ଭଜନ ଗାଇଲେ ହ୍ୟୁମାନ ସାଗର




ହ୍ୟୁମାନ ସାଗରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**'ସୁଯୋଗ ମିଳିଲା, ଜୀବନର ଶେଷ ପର୍ଯ୍ୟନ୍ତ ଗାଉଥିବି'**

**ନିଶ୍ଚିନ୍ତକୋଇଲି, ୨୩।୫(ସ୍ୱ.ପ୍ର):** ବିବାଦ ପରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ରବିବାର ରାତିରେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁରସ୍ଥିତ ବ୍ରହ୍ମକ୍ଷେତ୍ର ପୀଠରେ ଚାଲିଥିବା ମାହାଙ୍ଗା ମହୋତ୍ସବରେ ପ୍ରଥମ ଜଗନ୍ନାଥ ଭଜନ ଗାଇଛନ୍ତି। ଏହି ଅବସରରେ ସେ 'ଦଣ୍ଡବତ ହେଲି ତୋରି ପାଦରେ' ଭଜନ ଗାଇ ଦର୍ଶକ ଓ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପରେ ମାହାଙ୍ଗା ମହୋତ୍ସବ କମିଟି ପକ୍ଷରୁ ତାଙ୍କୁ ଜଗନ୍ନାଥଙ୍କ ଫଟୋ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ହ୍ୟୁମାନଙ୍କୁ ଜଗନ୍ନାଥଙ୍କ ଭଜନ ଗାଇବାକୁ କହିବାରୁ ଧମକପୂର୍ଣ୍ଣ ଫୋନ୍ କଲ୍ ଆସୁଛି ବୋଲି ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ ଶୁକ୍ରବାର ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ.୧୪୯/୨୨) ରୁଜୁ ହୋଇଥିଲା। ଏଥିସହ ଉକ୍ତ ଫୋନ କଲ୍‌ର ରେକର୍ଡିଂ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ହ୍ୟୁମାନ ବିବାଦଘେରକୁ ଚାଲିଆସିଥିଲେ। ଏବେ ମହାପ୍ରଭୁଙ୍କ ଗୀତ ଗାଇବା ସମ୍ପର୍କରେ ହ୍ୟୁମାନ କୁହନ୍ତି, ପୂର୍ବରୁ ଜଗନ୍ନାଥଙ୍କ ଭଜନ ଗାଇବା ପାଇଁ ସୁଯୋଗ ପାଇ ନ ଥିଲି। ଏବେ ସେ ସୁଯୋଗ ମିଳିଛି। ଜୀବନର ଶେଷପର୍ଯ୍ୟନ୍ତ ଜଗନ୍ନାଥଙ୍କ ଭଜନ ଗାଇବି।

# ପଲିଟେକ୍‌ନିକ ଶିକ୍ଷାନୁଷ୍ଠାନରେ ଦିଆଯିବ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପାଠ୍ୟକ୍ରମ ତାଲିମ




ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷର ଅବସରରେ ଏସ୍‌ସିଟିଇଭିଟି ଉପାଧ୍ୟକ୍ଷ ରେଘୁ ଜି ଏବଂ ଜେଏସ୍ଏଲ୍ ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ।

**ଏସ୍‌ସିଟିଇଭିଟି, ଜେଏସ୍ଏଲ୍ ମଧ୍ୟରେ ଏମ୍ଓୟୁ**

**ଭୁବନେଶ୍ୱର, ୨୩।୫(ବ୍ୟୁରୋ)**

ଆସନ୍ତା ଜୁନ୍‌ରୁ ଓଡ଼ିଶାର ସମସ୍ତ ପଲିଟେକ୍‌ନିକ ଶିକ୍ଷାନୁଷ୍ଠାନରେ ଷ୍ଟେନଲେସ୍ ଷ୍ଟିଲ୍ ପାଠ୍ୟକ୍ରମ ତାଲିମ ପ୍ରଦାନ କରାଯିବ। ଏନେଇ ସୋମବାର ରାଜ୍ୟ ବୈଷୟିକ ଶିକ୍ଷା ଏବଂ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦ(ଏସ୍‌ସିଟିଇଭିଟି) ଏବଂ ଜିନ୍ଦଲ ଷ୍ଟେନ୍ ଲେସ୍ (ଜେଏସ୍ଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଷ୍ଟେନ୍‌ଲେସ୍ ଷ୍ଟିଲ୍ ଓ ଏହାର ବିଭିନ୍ନ ପ୍ରୟୋଗ କ୍ଷେତ୍ରରେ ବୈଷୟିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ। ଏସ୍‌ସିଟିଇଭିଟି ଉପାଧ୍ୟକ୍ଷ ରେଘୁ ଜି ଏବଂ ଜେଏସଏଲ୍ ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ କରିଥିବା ଉକ୍ତ ଚୁକ୍ତି ସ୍ୱାକ୍ଷର ଅନୁସାରେ, ତାଲିମ୍‌ରେ 'ବାଧ୍ୟତାମୂଳକ' ଏବଂ 'ଚୟନମୂଳକ' ଭଳି ଦୁଇଟି ମଡ୍ୟୁଲ୍ ରହିବ। ପ୍ରତ୍ୟେକ ବ୍ୟାଚ୍ ମେଟାଲର୍ଜି ଏବଂ ମେକାନିକାଲ ଇଞ୍ଜିନିୟରିଂ ପଞ୍ଚମ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ପାଇଁ ଜୁନ୍‌ରୁ ଷ୍ଟେନଲେସ୍ ଷ୍ଟିଲ୍ ଉପରେ ଏକ ଅତିରିକ୍ତ ବାଧ୍ୟତାମୂଳକ ମଡ୍ୟୁଲ ଆରମ୍ଭ ହେବ। ଏଥିରେ କେବଳ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉପରେ ୧୦ଟି ଶିକ୍ଷାଦାନ ଅଧିବେଶନ ଅନ୍ତର୍ଭୁକ୍ତ ରହିବ। ପ୍ରଶିକ୍ଷାର୍ଥୀଙ୍କ ପାଇଁ ଶିଳ୍ପ ପରିଦର୍ଶନର ବ୍ୟବସ୍ଥା ସହ ପ୍ରଶିକ୍ଷକଙ୍କ ଲାଗି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିବ ଜିନ୍ଦଲ ଷ୍ଟେନ୍‌ଲେସ୍।

ସରକାରୀ ପଲିଟେକ୍‌ନିକ ଯାଜପୁର ଓ କେନ୍ଦ୍ରାପଡ଼ା ଏବଂ ବୋଷ୍ କଟକର ଷଷ୍ଠ ସେମିଷ୍ଟର ମେଟାଲର୍ଜି ଏବଂ ମେକାନିକାଲ ଇଞ୍ଜିନିୟରିଂ ପ୍ରଶିକ୍ଷାର୍ଥୀଙ୍କ ପାଇଁ ଚୟନମୂଳକ ମଡ୍ୟୁଲରେ ୪୦ ଅଧିବେଶନ ସହିତ ୩ କ୍ରେଡିଟ ପାଠ୍ୟକ୍ରମ ରହିବ। ପ୍ରଶିକ୍ଷାର୍ଥୀମାନେ ସେମାନଙ୍କ ପଞ୍ଚମ ସେମିଷ୍ଟର ପରେ ଚୟନମୂଳକ ପାଠ୍ୟକ୍ରମ ପାଇଁ ନାମ ଲେଖାଇପାରିବେ। ମନୋନୀତ ପ୍ରଶିକ୍ଷାର୍ଥୀମାନେ ଜିନ୍ଦଲ ଷ୍ଟେନଲେସ ଯାଜପୁର ପ୍ଲାଣ୍ଟରେ ୨୦ ଘଣ୍ଟା ଅବଧିର ଶିଳ୍ପ ତାଲିମ ନେବେ। ପାଠ୍ୟକ୍ରମ ସରିବା ପରେ ସମସ୍ତ ପ୍ରଶିକ୍ଷାର୍ଥୀ ଜିନ୍ଦଲ ଷ୍ଟେନଲେସ୍ ଏବଂ ସହଯୋଗୀ ଅନୁଷ୍ଠାନରୁ ମିଳିତ ଭାବେ ପ୍ରମାଣପତ୍ର ପାଇବେ। ପ୍ରଶିକ୍ଷାର୍ଥୀଙ୍କ କାର୍ଯ୍ୟଦକ୍ଷତା ଉପରେ ଆଧାର କରି କମ୍ପାନୀ ପ୍ରି-ପ୍ଲେସ୍‌ମେଣ୍ଟ ଅଫର ପ୍ରଦାନ କରିବ।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି, ଜିନ୍ଦଲ ଷ୍ଟେନଲେସ୍‌ର ଏହି ସହଯୋଗ ବୈଷୟିକ ଶିକ୍ଷାକ୍ଷେତ୍ର ପାଇଁ ଏକ ମାନଦଣ୍ଡ ହେବ ଏବଂ ଏହା ପଲିଟେକ୍‌ନିକରେ ଶିଳ୍ପ ଆଭିମୁଖୀକରଣକୁ ବ୍ୟାପକ କରିବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ଏସ୍‌ଡିଟିଇର ଅତିରିକ୍ତ ସଚିବ ତପନ ଶତପଥୀ, ଜିନ୍ଦଲ ଷ୍ଟେନଲେସର ନିର୍ଦ୍ଦେଶକ ବିଜୟ ଶର୍ମା, ଜେଏସ୍ଏଲ୍ ରେସିଡେଣ୍ଟ ଡାଇରେକ୍ଟର ଏସ୍. ଏସ୍. ଉପାଧ୍ୟାୟ ଏବଂ ଜେଏସ୍ଏଲ୍ ବିକ୍ରୟ ଏବଂ ବଣ୍ଟନ ମହାପ୍ରବନ୍ଧକ ରଜିତ ରାଣା ପ୍ରମୁଖ ଉପସ୍ଥିତ ଥିଲେ।

**ଗେଲ୍ (ଇଣ୍ଡିଆ) ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
GAIL
Azadi Ka Amrit Mahotsav

**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି (ଏନ୍ଆଇଟି)**

**ଟେଣ୍ଡର ନଂ. ଜିଏଆଇଏଲ୍/ବିବିଏସ୍ଆର୍/୨୦୨୨-୨୩/ଅଫିସ୍ ସ୍ପେସ୍**

ଗେଲ୍ (ଇଣ୍ଡିଆ) ଲିମିଟେଡ୍, ଯାହାର ଭୁବନେଶ୍ୱରଠାରେ ନିଜର ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁସନ୍ ନେଟ୍‌ୱର୍କ ପ୍ରକଳ୍ପ ଏବଂ ଜୋନାଲ ମାର୍କେଟିଂ କାର୍ଯ୍ୟାଳୟ ରହିଛି, ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା-ଘରୋଇ-ପ୍ରତିଯୋଗିତାମୂଳକ-ବିଡିଂ ଭିତ୍ତିରେ ଦୁଇ ବିଡ୍ ପ୍ରଣାଳୀ ଅଧୀନରେ ଯୋଗ୍ୟ ବିଡରମାନଙ୍କଠାରୁ ବିଡ୍ ଆହ୍ୱାନ କରୁଛି:

ବର୍ଣ୍ଣନା:- ନିମ୍ନଲିଖିତ ପାଇଁ ଲିଜ୍ ଭଡ଼ା: ଭୁବନେଶ୍ୱରର ବିଏମ୍‌ସି କ୍ଷେତ୍ରାଧିକାର ମଧ୍ୟରେ ସମସ୍ତ ସାଜ-ସରଞ୍ଜାମ ସହିତ ବ୍ୟବସାୟିକ କାର୍ଯ୍ୟାଳୟ ଜାଗା, ଗୋଟିଏ ମହଲାରେ ପାଖାପାଖି ୭୦୦୦ ବର୍ଗ ଫୁଟ କାର୍ପେଟ୍ ଏରିଆ କିମ୍ବା ୦୨ଟି କାର୍ଯ୍ୟାଳୟ ପାଇଁ ସମାନ କୋଠାର ସଂଲଗ୍ନ ମହଲାରେ ୩୫୦୦ ବର୍ଗ ଫୁଟର କାର୍ପେଟ ଏରିଆ (୩୫୦୦ ବର୍ଗଫୁଟ ସିଜିଡି ପାଇଁ ଏବଂ ୩୫୦୦ ବର୍ଗ ଫୁଟ ଭୁବନେଶ୍ୱର ଜୋନାଲ ପାଇଁ), କାର୍ଯ୍ୟର ପରିସରରେ ଦର୍ଶାଯାଇଥିବା ଅନୁଯାୟୀ।

ଅଫର୍ କରାଯାଇଥିବା କାର୍ଯ୍ୟାଳୟ ପରିସର ଓମଫେଡ୍ ଛକ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ସହର, ଖୋର୍ଦ୍ଧା, ଓଡ଼ିଶାରୁ ୫-୬ କିମି ପରିଧି ମଧ୍ୟରେ ଅବସ୍ଥିତ ହୋଇଥିବା ଉଚିତ, କାରଣ ଗେଲ୍‌ର ଏଲ୍‌ସିଏନ୍‌ଜି ପ୍ଲାଣ୍ଟ ଓ ଅନ୍ୟାନ୍ୟ ସମ୍ପର୍କିତ ସିଏନ୍‌ଜି ଓ ଡିପିଏନ୍‌ଜି ଯୋଗାଣ ସେଟ୍-ଅପ୍‌ଗୁଡ଼ିକ ସେହି ଅଞ୍ଚଳରେ ଅବସ୍ଥିତ।

ଲକ୍-ଇନ୍ ଅବଧି:- ପ୍ରଦାନ ତାରିଖଠାରୁ ତିନି (୦୩) ବର୍ଷ ଏବଂ ପାରସ୍ପରିକ ରାଜିନାମାରେ ପରବର୍ତ୍ତୀ ଏକ (୦୧) ବର୍ଷ ପାଇଁ ପରିବର୍ଦ୍ଧନଯୋଗ୍ୟ।

ଗେଲ୍ ୱେବ୍‌ସାଇଟ୍‌ରେ ଏନ୍ଆଇଟି ଏବଂ ଟେଣ୍ଡର ଦସ୍ତାବିଜ ଉପଲବ୍ଧତା:- ତା୨୪।୦୫।୨୦୨୨ରିଖରୁ ତା୧୩।୦୬।୨୦୨୨ରିଖ (୧୪.୦୦ ଘଟିକା ଆଇଏସ୍‌ଟି)

ପ୍ରାକ୍-ବିଡ୍ ବୈଠକର ତାରିଖ:- ପ୍ରକାଶନ ତାରିଖରୁ ୦୮ମ ଦିବସ ଅର୍ଥାତ୍ ତା୩୧।୦୫।୨୦୨୨ରିଖ ୧୧.୦୦ ଘଟିକାରେ, ସ୍ଥାନ: ୬୧୦-୬୧୨ ଉତ୍କଳ ସିଗ୍‌ନେଚର, ୬ଷ୍ଠ ମହଲା, ଏନ୍ଏଚ୍-୫, ପାହାଳ, ଭୁବନେଶ୍ୱର, ଓଡ଼ିଶା-୭୫୧୦୩୨

ବିଡ୍ ଦାଖଲର ଧାର୍ଯ୍ୟ ତାରିଖ ଓ ସମୟ:- ତା୧୩।୦୬।୨୦୨୨ରିଖ (୧୪.୦୦ ଘଟିକା ଆଇଏସ୍‌ଟି), ଜଉମୁଦଦିଆ ଲଫାପାରେ ଦୁଇଟି ପୃଥକ୍ ବିଡ୍ ଟେକ୍ନିକାଲ୍ ଓ ଫାଇନାନ୍ସିଆଲ ବିଡ୍ ୬୧୦-୬୧୨ ଉତ୍କଳ ସିଗ୍‌ନେଚର, ୬ଷ୍ଠ ମହଲା, ଏନ୍ଏଚ୍-୫, ପାହାଳ, ଭୁବନେଶ୍ୱର, ଓଡ଼ିଶା-୭୫୧୦୩୨ଠାରେ ଦାଖଲ କରାଯିବ।

ସବିଶେଷ ଟେଣ୍ଡର ଦସ୍ତାବିଜ ଏନ୍ଆଇଟି ପ୍ରକାଶନ ତାରିଖଠାରୁ ଗେଲ୍-ଟେଣ୍ଡର ୱେବ୍‌ସାଇଟ୍ [https://www.gailtenders.in] ଏବଂ ସରକାରୀ-ଟେଣ୍ଡର ୱେବ୍‌ସାଇଟ୍ [https://eprocure.gov.in]ରେ ଉପଲବ୍ଧ ହେବ।

ଟେଣ୍ଡର ସମ୍ପର୍କିତ କୌଣସି ପ୍ରଶ୍ନ ପାଇଁ, ବିଡରମାନେ ଗେଲ୍ (ଇଣ୍ଡିଆ) ଲିମିଟେଡ୍, ୬୧୦-୬୧୨ ଉତ୍କଳ ସିଗ୍‌ନେଚର, ୬ଷ୍ଠ ମହଲା, ଏନ୍ଏଚ୍-୫, ପାହାଳ, ଭୁବନେଶ୍ୱର, ଓଡ଼ିଶା-୭୫୧୦୩୨ରେ ନିମ୍ନଲିଖିତ କାର୍ଯ୍ୟନିର୍ବାହୀଙ୍କ ସହିତ ଯୋଗାଯୋଗ କରିପାରନ୍ତି (ସମସ୍ତ କାର୍ଯ୍ୟଦିବସରେ ସକାଳ ୯.୧୫ ରୁ ଅପରାହ୍ନ ୫.୪୫ ଘଟିକା ମଧ୍ୟରେ)

(I) ଚିଫ୍ ମ୍ୟାନେଜର (ଏଚ୍ଆର୍); ଫୋନ୍: (୦)୬୭୪-୨୩୧୩୯୭୪, ଇମେଲ୍: bishnu.panda@gail.co.in
ସିନିୟର ମ୍ୟାନେଜର (ସି ଆଣ୍ଡ ପି); ଫୋନ୍: (୦)୬୭୪-୨୩୧୩୯୭୮, ଇମେଲ୍: saleeb@gail.co.in

(II) ଉପରୋକ୍ତ ଟେଣ୍ଡର ସମ୍ପର୍କରେ କୌଣସି ସଂଶୋଧନ ସ୍ପଷ୍ଟୀକରଣ, ଯୋଗପତ୍ର, ଶୁଦ୍ଧିପତ୍ର, ସମୟ-ବୃଦ୍ଧି ଇତ୍ୟାଦି କେବଳ https://www.gailtenders.inରେ ସ୍ଥାନିତ କରାଯିବ ଏବଂ ପ୍ରେସ୍/ଖବରକାଗଜରେ କୌଣସି ପୃଥକ୍ ଅଧିସୂଚନା ଜାରି କରାଯିବ ନାହିଁ। ସଦ୍ୟତମ ସୂଚନା ସହିତ ନିଜକୁ ସୂଚିତ ରଖିବା ପାଇଁ ନିୟମିତ ଭାବେ ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ବିଡରମାନଙ୍କୁ ଅନୁରୋଧ କରାଯାଉଛି।

ପଞ୍ଜୀକୃତ କାର୍ଯ୍ୟାଳୟ: ଗେଲ୍ ଭବନ, ୧୬, ଭିକାଜୀ କାମା ପ୍ଲେସ୍, ଦିଲ୍ଲୀ-୬୬ | ସିଆଇଏନ୍: L40200DL1984GOI018976
www.gailonline.com #EnergizingPossibilities Follow us on

# ସରକାରୀ ପାର୍କିଂରେ ଥିବା ୬ କାର୍ ପୋଡ଼ିଲେ ଦୁର୍ବୃତ୍ତ



ଦୁର୍ବୃତ୍ତମାନେ ଲଗାଇଥିବା ନିଆଁରେ କାର୍‌ଗୁଡ଼ିକ ଜଳିଯାଉଛି।

**ପାରଳାଖେମୁଣ୍ଡି, ୨୩।୫(ଡି.ଏନ୍.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡି ଟାଉନ ହଲ୍ ପାର୍କିଂରେ ଥିବା ୬ଟି କାର୍‌କୁ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପୋଡ଼ିଦେଇଛନ୍ତି। ପ୍ରଥମ ଥର ପାଇଁ ଏଭଳି ଘଟଣା ପାରଳାଖେମୁଣ୍ଡି ସହରରେ ଦେଖିବାକୁ ମିଳିଛି।

ରାତି ପ୍ରାୟ ସାଢ଼େ ୧ଟାରେ ଟାଉନ ହଲ୍ ପରିସରରେ ଥିବା ସରକାରୀ ପାର୍କିଂରେ ବେସରକାରୀ ଗାଡ଼ିରେ ହଠାତ୍ ନିଆଁ ଲାଗିଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁ ଲିଭାଇବା ସହ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଦୀର୍ଘ ବର୍ଷ ଧରି ପୌରପାଳିକାର ପାର୍କିଂ ସେଡ୍‌ରେ ଘରୋଇ କାର୍ ରହୁଥିଲେ ମଧ୍ୟ ପୌରପାଳିକାର ଗାଡ଼ି ବାହାରେ ରଖାଯାଉଲେ ମଧ୍ୟ ଏଥିପ୍ରତି କାହାର ନଜର ପଡୁ ନ ଥିଲା। ବେଆଇନ ପାର୍କିଂକୁ ପୌରପାଳିକା ନିର୍ବାହୀ ଅଧିକାରୀ ଓ ଗାଡ଼ି ମାଲିକ ସ୍ୱୀକାର କରୁଥିବା ବେଳେ ଘଟଣା ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ନିର୍ବାହୀ ଅଧିକାରୀ ଜ୍ଞାନରଞ୍ଜନ ମାଝି କହିଛନ୍ତି। ପୋଲିସର ଢିଲା ପାଟ୍ରୋଲିଂ ଯୋଗୁ ଦୁର୍ବୃତ୍ତମାନେ ଏଭଳି କାଣ୍ଡ କରିଥିବା ଚର୍ଚ୍ଚା ହେଉଛି। ସାଧାରଣ ବଚସାରୁ ଡ୍ରାଇଭରଙ୍କ ମଧ୍ୟରେ ଗଣ୍ଡଗୋଳ ପରେ ରାଗ ଶୁଝାଇବା ପାଇଁ ଗାଡ଼ିରେ ନିଆଁ ଲଗାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ତେବେ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ରାମକୃଷ୍ଣ ପତି କହିଛନ୍ତି।

# ଜୁନ୍‌ରେ ନିଯୁକ୍ତି ପାଇବେ ୭ ହଜାର ଶିକ୍ଷକ

**ଭୁବନେଶ୍ୱର, ୨୩।୫(ବ୍ୟୁରୋ)**

- ୨୬୮ ରାଜନୀତି ବିଜ୍ଞାନ ଓ ଇଂଲିଶ ଅଧ୍ୟାପକଙ୍କୁ ମିଳିବ ନିଯୁକ୍ତି
- ୨ ବର୍ଷ ଭିତରେ ପୂର୍ତ୍ତ, ଜଳସମ୍ପଦ ବିଭାଗ ଦ୍ୱାରା ନିର୍ମିତ ପ୍ରକଳ୍ପର ହେଲା ସମୀକ୍ଷା
- ୨ ବର୍ଷରେ ଅକାମୀ ହେଉଛି ସୌର ଜଳପ୍ରକଳ୍ପ, ଏଥିଲାଗି ପ୍ରୋତ୍ସାହନ ଦିଅନି

ଶିକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ୭ ହଜାର ଶିକ୍ଷକଙ୍କ ଆବଶ୍ୟକ ଥିଲା। ଆସନ୍ତା ଜୁନ୍‌ରେ ସେମାନଙ୍କୁ ନିଯୁକ୍ତି ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ବିଧାୟକ ଭୂପିନ୍ଦର ସିଂ କହିଛନ୍ତି। ଭୂପିନ୍ଦରଙ୍କ ଅଧ୍ୟକ୍ଷତାରେ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ବିଭାଗର ସମୀକ୍ଷା ବୈଠକ ବିଧାନସଭାରେ ଅନୁଷ୍ଠିତ ହୋଇଛି। ବୈଠକରେ ହୋଇଥିବା ଆଲୋଚନା ମୁତାବକ, ୨୪ଟି ମାଧ୍ୟମିକ ବିଦ୍ୟାଳୟକୁ ସ୍ୱୀକୃତି ପ୍ରଦାନ କରାଯାଇଥିବା ବେଳେ ୬୩୯ ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି। ଜୁନ୍‌ରେ ୨୬୮ ଜଣ ରାଜନୀତି ବିଜ୍ଞାନ ଓ ଇଂଲିଶ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସେହିପରି ବିଧାୟକ ପ୍ରତାପ ଦେବଙ୍କ ଅଧ୍ୟକ୍ଷତାରେ ବିଧାନସଭା ଆକଳନ କମିଟିର ୩ୟ ବୈଠକ ସୋମବାର ପୂର୍ବାହ୍ନରେ ବିଧାନସଭାର ୫୪ ନଂ. ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବିଗତ ୨ ବର୍ଷ ମଧ୍ୟରେ ପୂର୍ତ୍ତ ଓ ଜଳସମ୍ପଦ ବିଭାଗ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇଛି। ଏହା ସହିତ ଆଗାମୀ ଦିନରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପଗୁଡ଼ିକର ଅନୁଧ୍ୟାନ କରାଯାଇଥିବା ପ୍ରତାପ ଦେବ କହିଛନ୍ତି।

ପର୍ଯ୍ୟାପ୍ତ ପରିମାଣର ଜଳ ସଂରକ୍ଷଣ କରାଯାଇପାରୁ ନାହିଁ। ଫଳରେ ଜଳର ଉପଯୁକ୍ତ ବ୍ୟବହାର ମଧ୍ୟ ହୋଇପାରୁନାହିଁ। ତେଣୁ ଆଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ଜଳସଂରକ୍ଷଣ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଜଳସଂରକ୍ଷଣ ଓ ସେତୁ ନିର୍ମାଣ ସମ୍ପର୍କିତ ବିଭିନ୍ନ ନିୟମରେ ସମୟାନୁଯାୟୀ ପରିବର୍ତ୍ତନ ଆସିବା ଦରକାର ବୋଲି ପ୍ରତାପ କହିଛନ୍ତି। ସେହିପରି ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣାଧୀନ ବିଭିନ୍ନ ରାସ୍ତା, ସେତୁ, ବିଜୁ ଏକ୍ସପ୍ରେସ୍ ୱେ ଏବଂ ରାଜ୍ୟ ରାଜପଥ ସମ୍ପ୍ରସାରଣ, ବିଭିନ୍ନ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ, ମେଗା ଲିଫ୍ଟ ପଏଣ୍ଟ ଉପରେ ବିସ୍ତୀର୍ଣ୍ଣ ଆଲୋଚନା ହୋଇଛି। ଗ୍ରୀଷ୍ମ ଦିନରେ ଚାଷ କାର୍ଯ୍ୟ ପାଇଁ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୦୦ଟି ସେତୁ ସହ ବ୍ୟାରେଜ ନିର୍ମାଣର ପ୍ରସ୍ତାବ ଆଗତ ହୋଇଛି। ଏହାର କାର୍ଯ୍ୟ କେତେଦୂର ଅଗ୍ରସର ହେଲାଣି, ସେ ବିଷୟରେ ଅଧ୍ୟକ୍ଷ ପ୍ରତାପ ଦେବ ତଥ୍ୟ ସଂଗ୍ରହ କରିଛନ୍ତି। ଅନେକ ସ୍ଥାନରେ ସୌରଜଳ ପ୍ରକଳ୍ପଗୁଡ଼ିକ ୧ରୁ ୨ ବର୍ଷ ମଧ୍ୟରେ ଅକାମୀ ହୋଇଯାଉଥିବାର ଦୃଶ୍ୟ ସାମ୍ନାକୁ ଆସୁଛି। ତେଣୁ ଏହି ପ୍ରକଳ୍ପଗୁଡ଼ିକୁ ଅଧିକ ପ୍ରୋତ୍ସାହିତ ନ କରିବାକୁ ସଦସ୍ୟମାନେ ମତ ଦେଇଛନ୍ତି। ରାଜ୍ୟର ଆକାମୀ ମେଗା ଲିଫ୍ଟ ପଏଣ୍ଟଗୁଡ଼ିକୁ ତୁରନ୍ତ ମରାମତି କରିବା ପାଇଁ କମିଟି ନିର୍ଦ୍ଦେଶ ଦେଇଛି। ସେହିପରି ବରିଷ୍ଠ ବିଧାୟିକା ଉଷା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହିଳା ଓ ଶିଶୁ ବିକାଶ ବିଭାଗ ଗୃହକମିଟି ବୈଠକରେ ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି।



ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକରେ ଉପସ୍ଥିତ ସଦସ୍ୟବୃନ୍ଦ।



**ଆଜିର ମନ୍ତବ୍ୟ**

"ଏଥର ମହାମାରୀରେ କ'ଣ ଭୁଲ୍ ଥିଲା ଆମେ ଜାଣିଗଲେ। ତେଣୁ ଆଗାମୀ ଦିନରେ ମହାମାରୀ ଆସିଲେ ବିଶ୍ୱ ଭଲ ପ୍ରସ୍ତୁତ ହୋଇପାରିବ। ଏଥିପାଇଁ 'ବୈଶ୍ୱିକ ମହାମାରୀ ଚୁକ୍ତି' ନିମନ୍ତେ ଦେଶଗୁଡ଼ିକ ସହମତ ହେବେ।

– ଅଦାର ପୁନାୱାଲା, ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଊଣା ଲୋକର ଦୁଇଗୁଣ ସରେ
କୃପଣ ଲୋକର ମାଇପ ମରେ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇପାରି ନ ଥାନ୍ତି। କିନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ଓ ଚଳିବାରେ ଅନେକ କାଟଛାଣ୍ଟ କରିଥାନ୍ତି। ଏପରିସ୍ଥଳେ କୃପଣ ବ୍ୟକ୍ତିର ପତ୍ନୀ ଭୋକଉପାସରେ ପଡି ରହିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉଚ୍ଚ ଚାଳି ଦାଣ୍ଡେ ବସ
ନୀଚ ଚାଳି ଘରେ ପଶ।**

ଉଚ୍ଚ ଚାଳ ଯାହାର ସେ ଧନୀ ଘର ବୋଲି ଆଗକାଳରେ ଲୋକମାନଙ୍କର ଏକ ପ୍ରକାର ବିଶ୍ୱାସ ରହିଥିଲା। ଏଣୁ ଲୋକେ ନ ଭାବି ନ ଚିନ୍ତି ସେ ଘରକୁ ଝିଅ ଦେଉଥିଲେ। କିନ୍ତୁ ନୁଆଁଣିଆ ଘରେ ଝିଅ ଦେବାକୁ ହେଲେ ତା'ର ଟିକିନିଖି ବିଚାର କରିବାକୁ ପଡୁଥିଲା ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


# classifieds

**Everyday 0674-2580101, 2549302**




### SALE

ଭୁବନେଶ୍ୱରର ଛତାବରରେ Rs.-299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-512

ଭୁବନେଶ୍ୱର ଟଙ୍କପାଣି ବାଇପାସ୍‌ରୁ 200mtr ଭିତରେ ଘରବାଡ଼ି ପାଚେରୀ ପ୍ଲଟ୍ ବିକ୍ରିହେବ। 9827119799. D-73804

CV Raman College ପାଖରେ ଘରବାରି boundarywall 8,000sqft. plot ବିକ୍ରିହେବ। Contact: 8260064453. D-70277

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

ପୁରୀ କୋଣାର୍କ ମେରାଇନ୍ ରୋଡକୁ ଲାଗି commercial ଘରବାରି plot ମିଳୁଛି। 9692213354. D-73905

ଭୁବନେଶ୍ୱର କଳ୍ପନାଠାରୁ **10 କି.ମି.** ଦୂରରେ ଗୁଡ଼ିଆ ପୋଖରୀ ଛକ **(near KEC College)** ଠାରୁ **4 କି.ମି.** ବିନାୟକପୁର ଦେଉଳି ମୌଜାରେ ଘରବାଡ଼ି ପ୍ଲଟ୍ **30X50= 1500sqft.** ପ୍ଲଟ୍ ଓ **40ft.** ମେନ୍ ରୋଡ୍ ସହିତ ବ୍ରାଞ୍ଚ ରୋଡ୍ **30ft., ସବ୍‌ବ୍ରାଞ୍ଚ ରୋଡ୍ 25ft.** ତା' ସହିତ ଇଲେକ୍ଟ୍ରି ଆଣ୍ଡ ରୋଡ୍ ଡେଭେଲପମେଣ୍ଟ ସହ ପ୍ରତି **sqft. Rs. 599**ରେ ମିଳୁଛି। ଯୋଗାଯୋଗ ମୋବାଇଲ ନମ୍ବର– **9938999317, 9938015353. SUVAM CONSTRUCTION.** D-475

Bhubaneswar-Puri bypass gharabari plot 1200sqft. @4,80,000/-. 9853415415, 9777160796, 8144044975. D-71991

ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି. ରେ ଘଙ୍ଘପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। **8658219495.** D-487

### GENERAL

### SALE

**2, Passenger LIFT sales and service. Contact: 9692527969.** D-468




3000sqft. space near Rajmahal Square available suitable for Office/Showroom/ Restaurant/ Godown. 9437557600, 0674-2553064. D-71035

**Sambalpur main road 1stFloor, 1300 to 1500sqft. for Banks, Corporate Office, Coaching. Mob: 8817500281, 8895617700.** D-71638




Mesmerizing, energetic body, mind qualitative relaxing massage experienced therapists. 9668374480. D-73609

**Relax, Refresh your body, mind at Saikrupa Spa with best therapies. 8984068077.** D-488

Newly open full body massage ladies and gents. 8327740003, 8093860513. D-73902

Newly open full body massage ladies and gents. 7750077371. D-71900

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73801

Full body massage in homely atmosphere all therapy. Mob.- 8114881641. D-73403

Refreshing your mind and body with the best therapy, 7873794731. D-317

### LOST

I MD Ebrahim, S/o- Mohammad Israel of Marahatta Sahi, Choudwar, Cuttack declare that my original sale deed registration dated on 15.04.1997 has misplaced on dated 22.04.22. Property details:- Mouza- Choudwar, Khata- 534/418 & 534/ 419, Plot No.- 262/ 2210 & 1196/ 2211, SRO- Tangi Choudwar, Cuttack. While going to Xerox nereby OTM Bazar, Choudwar, Cuttack. If anybody found the same please contact in my above address or feel free to call me at 8249512909. D-537

### AFFIDAVIT

By virtue of an affidavit Sworn in the Court of Executive Magistrate Bhadrak, I Chinmayee Rout, W/o- Prasanta Rout changed my name from Chinmayee Rout to Chhandamani Rout. Henceforth I will be known as Chhandamani Rout for all purpose.
Sign: Chinmayee Rout alias Chhandamani Rout. D-545

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ପ୍ରଥମ ପୃଷ୍ଠାରୁ...

## ଏଥର ଭକ୍ତଙ୍କ...

ଯୋଗାଣ, ଟେଲିଫୋନ୍ ସେବା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ପ୍ରଦର୍ଶନୀ, ସ୍ୱେଚ୍ଛାସେବୀ କାର୍ଯ୍ୟ, ଅସୁରକ୍ଷିତ କୋଠା ଚିହ୍ନଟ ସହ ଅନ୍ୟାନ୍ୟ ସେବା ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ସମ୍ପର୍କରେ ବିଭାଗୀୟ ମୁଖ୍ୟମାନଙ୍କଠାରୁ ଆକ୍ସନ ଟେକେନ୍ ରିପୋର୍ଟ ମଗାଯାଇଥିଲା। ରଥଯାତ୍ରା ପାଇଁ କିଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ସେ ସମ୍ପର୍କରେ ବିଭାଗୀୟ ମୁଖ୍ୟମାନେ ବୈଠକରେ ଜଣାଇଥିଲେ। ଚଳିତବର୍ଷ କୋଭିଡ୍ ସ୍ଥିତି ବର୍ତ୍ତମାନ ଭଳି ରହିଲେ ଭକ୍ତଙ୍କୁ ନେଇ ରଥଯାତ୍ରା କରାଯିବ ବୋଲି ସ୍ଥିର ହୋଇଛି। ୧୨ରୁ ୧୫ ଲକ୍ଷ ଶ୍ରଦ୍ଧାଳୁ ପୁରୀ ଆସିବା ସମ୍ଭାବନା ରହୁଛି। ୨୦୧୫ ନବକଳେବରର ସମୟରେ ଯେଉଁଭଳି ଗହଳି ଦେଖିବାକୁ ମିଳିଥିଲା ତାହାର ପୁନରାବୃତ୍ତି ହେବ। ଏଥିପାଇଁ ନବକଳେବର ସମୟର ପ୍ରସ୍ତୁତିକୁ ଜିଲା ପ୍ରଶାସନ ଦୋହରାଇବ ବୋଲି ଜିଲାପାଳ କହିଛନ୍ତି।

ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଆଗାମୀ ୨୫ ତାରିଖରେ ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକ ହେବ। ଘୋଷଯାତ୍ରା ଲାଗି ମୋଟ ୧୫୪୨ ମିଟର ରଥକନା ଦରକାର। କଳା, ସବୁଜ ଓ ହଳଦିଆ କନା ମହଜୁଦ ରହିଛି। କେବଳ ୮ଶହ ମିଟର ନାଲିକନା ପାଇଁ ଗୁଜରାଟର ଏକ ଫାର୍ମକୁ ଅର୍ଡର ଦିଆଯାଇଛି। ଆସନ୍ତା ୨୫ ତାରିଖ ପୂର୍ବରୁ ଏହା ପହଞ୍ଚିଯିବ। ସେହିଭଳି ୪୨ ଚକରୁ ୨୧ଟି ନିର୍ମାଣ ସରିଛି। ରଥ ନିର୍ମାଣ ଲାଗି ୮୬୫ ଖଣ୍ଡ କାଠ ଦରକାର ଥିବାବେଳେ ପୂର୍ବ ବର୍ଷରୁ ୮୦ ଖଣ୍ଡ ବଳକା ଥିଲା। ଏବର୍ଷ ୭୮୫ ଖଣ୍ଡ କାଠ ଦରକାର। ସ'ମିଲ୍ ପାଇଁ ୪୨୨ ଖଣ୍ଡ ଓ ରଥଖଳା ଲାଗି ୩୬୩ ଖଣ୍ଡ କାଠ ଦରକାର। ୭୮୫ ଜାଗାରେ ୮୦୬ ଖଣ୍ଡ କାଠ ପାଇସାରିଛୁ। ଧଉରା କାଠ ୧୦ ଖଣ୍ଡ ଆସିପାରିନାହିଁ ମହୀ, ଶିମିଳି ଶହେ କାଠ ଆସିବା କଥା। ଏଥିରୁ ୨୬ ଖଣ୍ଡ ଆସିଛି। ଅବଶିଷ୍ଟ ୭୪ ଖଣ୍ଡ ଆସିବା ବାକି ଅଛି। ସେହିପରି କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ କହିଛନ୍ତି, ଚଳିତବର୍ଷ ରଥଯାତ୍ରା ପୋଲିସ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ। ଗତ ଦୁଇମାସ ହେଲା ଏନେଇ ପୋଲିସ ପ୍ରସ୍ତୁତି ଚଳାଇଛି। ସହରର ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯିବ। ବଛା ବଛା ଅଫିସରମାନଙ୍କୁ ଘୋଷଯାତ୍ରା ଦାୟିତ୍ୱରେ ରଖାଯିବ। ୫୦ରୁ ଅଧିକ ଅତିରିକ୍ତ ଏସ୍‌ପି, ୨ଶହରୁ ଅଧିକ ଡିଏସ୍‌ପିଙ୍କ ସମେତ ପର୍ଯ୍ୟାପ୍ତ ପୋଲିସ ଫୋର୍ସ ମୁତୟନ କରାଯିବ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଦଳାଇ କହିଛନ୍ତି, ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା ହୋଇଛି। ସମସ୍ତ ଅଂଶୀଦାରଙ୍କ ପ୍ରସ୍ତାବକୁ ଗ୍ରହଣ କରାଯାଇଛି। ସୁଚାରୁ ରୂପେ ରଥଯାତ୍ରା ସମ୍ପାଦନ ଦିଗରେ ଏହି ପ୍ରସ୍ତାବ ଉପରେ ବିଚାର କରାଯିବ। ସ୍ୱାସ୍ଥ୍ୟ, ପରିମଳ, ବିଦ୍ୟୁତ୍ ଓ ପୋଲିସ ସେବା ଉପରେ ପ୍ରାଥମିକ ଗୁରୁତ୍ୱ ଦିଆଯିବ। ଜିଲାପାଳଙ୍କ ସହ ବୈଠକ କରି ଡାକ୍ତର ଅଭାବ ଓ ପରିମଳ ଭଳି ପ୍ରମୁଖ ସମସ୍ୟା ଉପରେ ସ୍ୱତନ୍ତ୍ର ଆଲୋଚନା କରାଯିବ। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, ଆଲୋକୀକରଣ ଓ ପରିମଳ ନେଇ ପୌରସଂସ୍ଥା ତୃଣମୂଳସ୍ତରରୁ କାର୍ଯ୍ୟ କରିବା ଦରକାର। ସିଡିଏମ୍‌ଓ ସୁଜାତା ମିଶ୍ର କହିଛନ୍ତି, ସହରରେ ୧୪ଟି ପ୍ରାଥମିକ ଚିକିତ୍ସା ଶିବିର କରାଯିବ। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଗୋଟିଏ ଲେଖାଏ ପ୍ରାଥମିକ ଚିକିତ୍ସା ଶିବିର କରିବେ। ସ୍ୱତନ୍ତ୍ର ଆମ୍ବୁଲାନ୍ସ କରିଡର କରାଯିବ। ୨୯ଟି ଆମ୍ବୁଲାନ୍ସ ନିୟୋଜିତ ହେବ। ବଡ଼ଦାଣ୍ଡରେ ଘରୋଇ ଆମ୍ବୁଲାନ୍ସକୁ ଦାୟିତ୍ୱ ଦିଆଯିବ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୦ଟି ଶଯ୍ୟା ବଢ଼ାଯିବ। ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ମଧ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ। ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ୪ଟି ଆଇସିୟୁ ବେଡ୍ ପ୍ରସ୍ତୁତ ରଖାଯିବ। ୪୦ ଜଣ ଫାର୍ମାସିଷ୍ଟ, ୩୫ ମେଲ୍ ୱାର୍କର, ୩୫ ଆଟେଣ୍ଡାଣ୍ଟ, ୫ ଖାଦ୍ୟ ସୁରକ୍ଷା ଅଧିକାରୀ ଓ ୪୦ ନର୍ସିଂ ଷ୍ଟାଫ୍‌ଙ୍କୁ ଅତିରିକ୍ତ ନିଯୁକ୍ତି ଦିଆଯିବ। ୨ଶହ ଡାକ୍ତର ନିଯୁକ୍ତି ନେଇ ଯୋଜନା ହେଉଛି। ପୁରୀ ସହରକୁ ସଂଯୋଗ କରୁଥିବା ୪ ମୁଖ୍ୟରାସ୍ତା ଓ ୩୧ଟି ଲେନ୍ ରାସ୍ତାକୁ ମରାମତି କରାଯିବ। ୨୧ଟି ପାର୍କିଂସ୍ଥଳରେ ବ୍ୟାରିକେଡିଂ କରାଯିବ ବୋଲି ପୂର୍ତ୍ତ ବିଭାଗ କହିଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାଶ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଦେବୋତ୍ତର କମିଶନର, ଏସ୍‌ପି କନୱର ବିଶାଳ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ପୁରୀ ଏମ୍‌ପିଙ୍କ ପ୍ରତିନିଧି ଗୌରହରି ପ୍ରଧାନଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ସେବାୟତ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## କାର୍ଯ୍ୟ ଶୀଘ୍ର ସାରିବାକୁ...

ରିପୋର୍ଟ ମୁତାବକ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଯଥାଶୀଘ୍ର ଶେଷ କରାଯାଉ ବୋଲି ଆବେଦନକାରୀମାନେ ନିବେଦନ କରିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସେବାୟତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଉଦ୍ଦିଷ୍ଟ, ଏଣୁ ବିକାଶ କାର୍ଯ୍ୟକୁ ରୋକା ନ ଯାଉ। କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଓ ରାଜନୈତିକ ଦଳ ଏହି ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି, ଯାହା ଜନସ୍ୱାର୍ଥ ବିରୋଧୀ। ସେବାୟତମାନଙ୍କ ସ୍ୱାର୍ଥ ମଧ ଉପେକ୍ଷିତ ହେଉଛି। ଏଣୁ ହାଇକୋର୍ଟ ଶୀଘ୍ର ଏଥିରେ ହସ୍ତକ୍ଷେପ କରି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରନ୍ତୁ। ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ, ରାଜ୍ୟ ସରକାରଙ୍କୁ ସମସ୍ତ ସହଯୋଗ ଓ ସମର୍ଥନ ଏଏସ୍‌ଆଇ ଯୋଗାଇଦେଉ ବୋଲି ସେବାୟତମାନେ ନିବେଦନ କରିଛନ୍ତି।

ସଂପୃକ୍ତ ଆବେଦନକାରୀ ସେବାୟତମାନେ ହେଲେ ରଘୁନାଥ ଗୋଚ୍ଛିକାର, ବିନାୟକ ଦାସ ମହାପାତ୍ର, ହରେକୃଷ୍ଣ ଖୁଣ୍ଟିଆ ଓ ବଟକୃଷ୍ଣ ମୁଦ୍ରା। ଆସନ୍ତା ଜୁନ୍ ୨୨ରେ ହାଇକୋର୍ଟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିରୋଧରେ ଦାଏର ଜନସ୍ୱାର୍ଥ ମାମଲାର ଶୁଣାଣି କରିବେ। ପୂର୍ବ ଶୁଣାଣିରେ ଏଏସ୍‌ଆଇ ସତ୍ୟପାଠ କରି ପକ୍ଷ ରଖିସାରିଥିବାବେଳେ ପରବର୍ତ୍ତୀ ଶୁଣାଣିରେ ରାଜ୍ୟ ସରକାର ନିଜ ପକ୍ଷ ରଖିବେ। ଅନ୍ୟପକ୍ଷରେ ଗତ ଗୁରୁବାର ଜନସ୍ୱାର୍ଥ ମାମଲାର ଆବେଦନକାରୀ ଦିଲୀପ ବରାଳ ଅନ୍ତରୀଣ ଆବେଦନ କରି ପ୍ରକଳ୍ପ କାର୍ଯ୍ୟ ଉପରେ ରହିତାଦେଶ ଦାବି କରିଥିଲେ। ରାଜ୍ୟ ସରକାର ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି, ଯାହାଦ୍ୱାରା ଐତିହ୍ୟ କୀର୍ତ୍ତିରାଜି ପ୍ରଭାବିତ ହେଉଛି। ଏଣୁ ମାମଲାର ଶୁଣାଣି ନ ହେବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହୁ ବୋଲି ନିବେଦନ କରାଯାଇଥିଲା।

## ଶରତ ପଟ୍ଟନାୟକ...

ଗାନ୍ଧୀ ଓଡ଼ିଶାର ସବୁ ବିଧାୟକ ଏବଂ ଅନ୍ୟ ବରିଷ୍ଠ ନେତାଙ୍କୁ ଡାକି କାହାକୁ ସଭାପତି କଲେ ଭଲ ହେବ ବୋଲି ପଚାରି ବୁଝିଥିଲେ। ଶେଷରେ ଆଲୋଚନା କରିବାର ୧୩ ଦିନ ପରେ କଂଗ୍ରେସ ସଭାପତି ଭାବେ ଶରତଙ୍କୁ ଦାୟିତ୍ୱ ଦିଆଗଲା। ହେଲେ ସଭାପତି ହେବା ଲାଗି ବହୁ ନେତା ଏଥର ଆଶାୟୀ ଥିଲେ। ଶରତ ପ୍ରଥମ ଥର ପିସିସି ସଭାପତି ହେଉନାହାନ୍ତି। ପୂର୍ବରୁ ୨୦୦୧ରୁ ୨୦୦୪ ପର୍ଯ୍ୟନ୍ତ ତାଙ୍କୁ ଦଳ ସଭାପତି କରିଥିଲା। ପୂର୍ବରୁ ସେ ଏଆଇସିସି ସମ୍ପାଦକ ଭାବେ କାର୍ଯ୍ୟ କରିସାରିଥିବା ବେଳେ ଯୁବ କଂଗ୍ରେସ ସଭାପତି ମଧ ରହିଥିଲେ। ସେ ଦୁଇ ଥର ବଲାଙ୍ଗୀର ଲୋକ ସଭା ଆସନରୁ ନିର୍ବାଚିତ ହୋଇଛନ୍ତି। ୧୯୯୧ ଏବଂ ୧୯୯୬ ନିର୍ବାଚନରେ ସେ ବଲାଙ୍ଗୀର ଏମ୍‌ପି ହୋଇଥିଲେ। ୨୦୧୯ ନିର୍ବାଚନରେ ସମ୍ବଲପୁର ଲୋକ ସଭା ଆସନରୁ ନିର୍ବାଚନ ଲଢ଼ି ସେ ପରାଜିତ ହୋଇଥିଲେ। ସଭାପତି ଭାବେ ନିଯୁକ୍ତ ହେବା ପରେ ଶରତ କହିଛନ୍ତି, ପିସିସି ସଭାପତି ଭାବେ ନିଯୁକ୍ତ କରିଥିବାରୁ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ଧନ୍ୟବାଦ ଜଣାଉଛି। କଂଗ୍ରେସ କର୍ମୀ ଏବଂ ରାଜ୍ୟବାସୀଙ୍କ ଆଶୀର୍ବାଦ ପାଇଁ ତାଙ୍କୁ କଂଗ୍ରେସରେ ବଡ଼ ଦାୟିତ୍ୱ ମିଳିଛି। ସମସ୍ତଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ିବୁ। ସମସ୍ତଙ୍କୁ ନେଇ ନିର୍ବାଚନ ଲଢ଼ିବୁ। ସଙ୍ଗଠନ ମଜଭୁତ କରାଯିବ। ୨୦୨୪ ନିର୍ବାଚନ ଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବା ସହ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଶରତ କହିଛନ୍ତି।

ତେବେ ନିରଞ୍ଜନ ନୂଆ ସଭାପତି ଚୟନର କିଛି ସମୟ ପରେ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଗଲା ୨ ବର୍ଷ ହେଲା ନିର୍ବାଚନ ପରଠାରୁ ସେ ପିସିସି ସଭାପତି ପଦରୁ ଇସ୍ତଫା ଦେଇଥିଲେ। ଦେହ ଅସୁସ୍ଥ ଥିବାରୁ ସେ ସୋନିଆ ଗାନ୍ଧୀଙ୍କୁ ତାଙ୍କ ବ୍ୟକ୍ତିଗତ ସମସ୍ୟା ଶୁଣାଇଥିଲେ। ତାଙ୍କ କଥାକୁ ଏଆଇସିସି ଗ୍ରହଣ କରିଛି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, କେନ୍ଦ୍ର ସରକାର ଗୋଟିଏ ପଟେ ପେଟ୍ରୋଲ, ଡିଜେଲ ଦର ହ୍ରାସ କରିଥିବା ବେଳେ ଆଇରନ ଓ ଏକ୍ସପୋର୍ଟ ଉପରେ ୬୦ ପ୍ରତିଶତ କର ବଢ଼ାଇ ଦେଇଛନ୍ତି। ଏ କଥାକୁ କଂଗ୍ରେସ କର୍ମୀମାନେ ଗାଁଗହଳିରେ ପହଞ୍ଚାଇବା ଦରକାର। ନ ହେଲେ ଦେଶ ଅବସ୍ଥା ଖରାପ ହୋଇଯିବ। ସେ ଏଣିକି ଓଡ଼ିଶା ତଥା ଦେଶର ସ୍ୱାର୍ଥ ପାଇଁ କାମ କରିବେ। ରାଜ୍ୟକୁ ଆଗେଇନେବା ସକାଶେ ଉଦ୍ୟମ କରିବେ। କଂଗ୍ରେସର ସମସ୍ତେ ଏକଜୁଟ ହୋଇ କାମ କରିବା ଲାଗି ସେ ଅନୁରୋଧ କରିବା ସହ ନୂତନ ସଭାପତିଙ୍କୁ ସ୍ୱାଗତ କରିଛନ୍ତି। ସେ ଟୁଇଟ୍ କରି କହିଛନ୍ତି, ଶରତଙ୍କୁ ସଭାପତି ଦାୟିତ୍ୱ ମିଳିବା ପରେ ସେ ଖୁସି। ସେ ନେତୃତ୍ୱ ନେଇପାରିବାର ଦକ୍ଷତା ରଖିଛନ୍ତି। ସେ ରାଜ୍ୟ କଂଗ୍ରେସକୁ ଏକ ନୂଆ ଉଚ୍ଚତାକୁ ନେଇପାରିବେ। ତାଙ୍କ ସମର୍ଥନ ରହିବ ବୋଲି ନିରଞ୍ଜନ ଦର୍ଶାଇଛନ୍ତି। ଏହାର କିଛି ସମୟ ପରେ ନିରଞ୍ଜନ ଏକ ବିଜ୍ଞପ୍ତି ଜାରି କରିଛନ୍ତି, ଯେଉଁଥିରେ ସଭାପତି ଭାବେ ତାଙ୍କ ଦସ୍ତଖତ ରହିଛି। ରାଜସ୍ଥାନ ଉଦୟପୁରର ସଂକଳ୍ପ ଶିବିରରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ୭ ଜଣଙ୍କୁ ରାଜ୍ୟ ରାଜନୈତିକ ବ୍ୟାପାର ଦାୟିତ୍ୱ ଦେବାନେଇ ସେ ସେଥିରେ ଉଲ୍ଲେଖ କରିବା ସହ ନାମ ଘୋଷଣା କରିଛନ୍ତି। ନିରଞ୍ଜନ ପଟ୍ଟନାୟକ, ନରସିଂହ ମିଶ୍ର, ଚିରଞ୍ଜୀବ ବିଶ୍ୱାଳ, ସପ୍ତଗିରି ଉଲାକା, ଗଣେଶ୍ୱର ବେହେରା, ବନ୍ଦିତା ପରିଡ଼ା ଏବଂ ଅନାମ ନାଏକଙ୍କ ନାମ ଉପରେ ମୋହର ମାରିବା ଲାଗି କେ.ସି. ଭେନୁଗୋପାଳଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପଟେ ବିଧାୟକ ମହମ୍ମଦ ମୋକିମ କହିଛନ୍ତି, ସଭାପତି ଲାଗି ୨, ୪ଜଣ ଆଗ୍ରହୀ ଥିଲେ। ଏ ବିଷୟରେ କେବେ ଗଣମାଧ୍ୟମ ଆଗରେ କହିନାହାନ୍ତି। ବଲ୍ ସମ୍ପୂର୍ଣ୍ଣ ରାହୁଲ ଗାନ୍ଧୀଙ୍କ କୋର୍ଟ ଭିତରେ ଥିଲା। ସେ ଯାହା ନିଷ୍ପତ୍ତି ନେଲେ ତାକୁ ସମସ୍ତେ ଗ୍ରହଣ କରି ଆଗକୁ ଚାଲିବେ ବୋଲି ମୋକିମ କହିଛନ୍ତି। ଅନ୍ୟପଟେ ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ନରସିଂହ ମିଶ୍ର ସେମାନଙ୍କ ପଦରୁ ଇସ୍ତଫା ଦେଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଏ କଥା ତାରା ପରବର୍ତ୍ତୀ ସମୟରେ ସ୍ୱୀକାର କରିଛନ୍ତି। ତେଣୁ ବିଧାୟକ ଦଳ ନେତା ପଦରେ ଅନ୍ୟ କୌଣସି ବିଧାୟକଙ୍କୁ ଦାୟିତ୍ୱ ମିଳିପାରେ ବୋଲି ଆଲୋଚନା ହେଉଛି।

## ଶିବାଜୀ ପଟ୍ଟନାୟକଙ୍କ...

ଅନେକ ବର୍ଷ ଜେଲ୍‌ରେ ବନ୍ଦୀ ଜୀବନ କଟାଇଥିଲେ। ଶିବାଜୀ ପଟ୍ଟନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, ବର୍ଷୀୟାନ ରାଜନେତା ଶିବାଜୀ ପଟ୍ଟନାୟକଙ୍କ ଦେହାନ୍ତ ଶୁଣି ଅତ୍ୟନ୍ତ ଦୁଃଖିତ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ଟୁଇଟ୍ କରି ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନ କହିଛନ୍ତି ଯେ, ସେ ଜଣେ ରାଜନୈତିକ ଓ ସାମାଜିକ କାର୍ଯ୍ୟକର୍ତ୍ତା ଭାବେ ଜୀବନବ୍ୟାପୀ ଗରିବ ଓ ଅସହାୟ ଲୋକଙ୍କ ସଂଗ୍ରାମ ପାଇଁ ଚିରସ୍ମରଣୀୟ ହୋଇ ରହିବେ। ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସେ ସମବେଦନା ଜଣାଇଛନ୍ତି।

ବରିଷ୍ଠ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ଶିବାଜୀ ପଟ୍ଟନାୟକଙ୍କ ବିୟୋଗରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଶୋକବାର୍ତ୍ତାରେ କହିଛନ୍ତି ଯେ, ଜଣେ ଲଢୁଆ ସଂଗ୍ରାମୀ ନେତାଙ୍କ ବିୟୋଗରେ ଏକ ଅପୂରଣୀୟ କ୍ଷତି ହୋଇଛି।

## ଜେଲକୁ ଫେରିଲେ...

ବାହାରେ ପୋଲିସ ପକ୍ଷରୁ ୨ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲେ। ପୋଲିସ ତାଙ୍କୁ ସୁରକ୍ଷା ବଳୟ ମଧରେ ଜେଲରେ ଛାଡିଥିଲା। ସୂଚନାଥାଉ କି, ମାର୍ଚ୍ଚ ୧୨ରେ ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକ ଏବଂ ପୋଲିସକୁ ଗାଡ଼ି ମଡ଼ାଇଦେବା ଘଟଣାରେ ବାଣପୁର ଏସ୍‌ଆଇ ଦେବସ୍ମିତା ବେହେରାଙ୍କ ଅଭିଯୋଗକ୍ରମେ ବିଧାୟକ ଜଗଦେବଙ୍କୁ ପୋଲିସ ଗିରଫ କରିଥିଲା। ଜାମିନ ଖାରଜ ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହୋଇ ପୁଣି ଜେଲ ଫେରିଥିଲେ। ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ହାଇକୋର୍ଟ ପ୍ରଥମେ ୭ଦିନ ପରେ ଆଉ ସପ୍ତାହେ ତାଙ୍କୁ ଅନ୍ତରୀଣ ଜାମିନ ଦେଇଥିଲେ। ମେ' ୪ରେ ସେ ବାଣପୁର କୋର୍ଟରେ ଆତ୍ମସମର୍ପଣ କରିବାର ଥିଲା। ତେବେ ପରେ ହାଇକୋର୍ଟ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ଏକ ରିପୋର୍ଟ ଦାଖଲ କରିବାକୁ ବାଣପୁର ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୮ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ରିପୋର୍ଟ ବାଣପୁର ପୋଲିସକୁ ହସ୍ତାନ୍ତର କରିଥିଲା। ୯ ତାରିଖରେ ହାଇକୋର୍ଟ ବିଧାୟକ ଜଗଦେବଙ୍କ ଜାମିନ ଆବେଦନ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ୨୦ ତାରିଖରେ ହାଇକୋର୍ଟ ତାଙ୍କ ନିୟମିତ ଜାମିନ ଆବେଦନକୁ ଖାରଜ କରିବା ସହ ୨୩ତାରିଖରେ ବାଣପୁର ତଳ କୋର୍ଟ(ଜେଏମ୍‌ଏଫ୍‌ସି)ରେ ଆତ୍ମସମର୍ପଣ ଲାଗି ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ଯଦି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଏ, ସେ ଜେଲରେ ଚିକିତ୍ସା ସୁବିଧା ପାଇପାରିବେ। ତଦନ୍ତ ଚାଲିଥିବାରୁ ତାଙ୍କୁ ଆଉ ଜାମିନ ଦିଆଯାଇ ପାରିବନାହିଁ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଥିଲେ।

## ମାତୃଭାଷା ପ୍ରତି...

ଭାଷାକୁ ପୂର୍ଣ୍ଣ ମାତ୍ରାରେ ଲାଗୁ କରାଯାଇ ପାରି ନାହିଁ। ୯ ବର୍ଷ ବିତିଯିବା ପରେ ୨୦୧୫ ଜୁନ୍‌ରେ ଏହାକୁ କେବଳ ସ୍କୁଲ ଓ ଗଣଶିକ୍ଷା ବିଭାଗରୁ ସଂସ୍କୃତି ବିଭାଗ ଅଧୀନକୁ ଆଣିଲେ। ହେଲେ ଦୀର୍ଘ ୬ ବର୍ଷ ଯାଏ ଏହା ଗଣଶିକ୍ଷା ବିଭାଗ ନିୟନ୍ତ୍ରଣରେ ରହିଲା। ଥରୁଟିଏ ବୈଠକ ବସିପାରିଲା ନାହିଁ। ୨୦୨୨ ଏପ୍ରିଲ ୨୫ରେ ପ୍ରଥମ ଥର ଅନୁଷ୍ଠିତ ହୋଇଥିବା କାର୍ଯ୍ୟନିର୍ବାହୀ କମିଟି ବୈଠକରେ ପ୍ରତିଷ୍ଠାନର ସାଧାରଣ ପରିଷଦରେ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ସଂସ୍କୃତି ମନ୍ତ୍ରୀଙ୍କୁ ଅଧକ୍ଷ କରାଯାଇଛି। ଏଥିରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ଉପାଧକ୍ଷ ପଦବୀରୁ ବାଦ୍ ଦିଆଯାଇଛି। ସେହିପରି ଏକ୍‌ଜିକ୍ୟୁଟିଭ କମିଟିରୁ ମଧ ଗଣଶିକ୍ଷା ମନ୍ତ୍ରୀଙ୍କୁ ବାଦ୍ ଦିଆଯାଇ ସଂସ୍କୃତି ମନ୍ତ୍ରୀଙ୍କୁ ଅଧକ୍ଷ କରାଯାଇଛି।

ପ୍ରକାଶ ଯେ, ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ବାଧତାମୂଳକ କରିବା ପାଇଁ ଓଡ଼ିଆ ସରକାରୀ ଭାଷା ଆଇନ, ୧୯୫୪ କାର୍ଯ୍ୟକାରୀ ହୋଇଥିଲା। ଦୀର୍ଘ ୬୨ ବର୍ଷ ପରେ ଓଡ଼ିଶା ସରକାର ଏହାକୁ ସରକାରୀ ସ୍ତରରେ ଲାଗୁ କରିବାକୁ ଓଡ଼ିଆ ଅଫିସିଆଲ ଲାଙ୍ଗୁଏଜ୍ ରୁଲ, ୨୦୧୬ ଆଣି ସେହି ବର୍ଷ ଅଗଷ୍ଟ ୨୦ ତାରିଖରୁ କାର୍ଯ୍ୟକାରୀ କରିଥିଲେ। ସରକାରୀ ଓ ବେସରକାରୀ ସ୍ତରରେ ଭାଷା ବ୍ୟବହାରକୁ ବାଧତାମୂଳକ କରାଯାଇଛି। ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନବଜାରଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟାଳୟର ନାମଫଳକ ଓଡ଼ିଆରେ ଲେଖାଯିବ। ସରକାରୀ କାର୍ଯ୍ୟ ମଧ ଓଡ଼ିଆରେ କରାଯିବା ନେଇ ୨୦୧୮ରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନରେ ସଂଶୋଧନ ଅଣାଯାଇଥିଲା। ସେହିବର୍ଷ ବିଧାନସଭାରେ ଓଡ଼ିଆ ଭାଷା ବିଲ୍ ଗୃହୀତ ହୋଇଥିଲା। ଅବଜ୍ଞାକାରୀଙ୍କ ବିରୋଧରେ ୧ ହଜାରରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ମଧ ହୋଇଛି। ମାତ୍ର ଏହା କେବଳ ନିୟମରେ ରହିଗଲା। ପୂର୍ବରୁ ସରକାରୀ ଫାଇଲପତ୍ର ଯେମିତି ଇଂଲିଶ୍‌ରେ ଚାଲୁଥିଲା ଏବେ ମଧ ସେହିଭଳି ଚାଲିଛି। ଭାଷାକୁ ନେଇ ସରକାରୀ ଉଦାସୀନତା ବେଶ୍ ବାରି ହୋଇପଡୁଛି। ପ୍ରତିଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ତଥା ଭାଷାବିତ୍ ଫଣୀନ୍ଦ୍ର ଭୂଷଣ ନନ୍ଦ କହିଛନ୍ତି, ଆନ୍ତରିକତା ଅଭାବରୁ ଆଜି ଯାଏ ସରକାରୀ ସ୍ତରରେ ଓଡ଼ିଆ ଭାଷାକୁ କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ। କେବଳ ଭାଷା ପ୍ରତିଷ୍ଠାନ ସବୁକିଛି କରିପାରିବ ନାହିଁ। ସରକାରୀ, ବେସରକାରୀ ସ୍ତରରେ ଓ ସାଧାରଣରେ ଭାଷାକୁ ନେଇ ଆନ୍ତରିକତା ରହିବା ଦରକାର। ନଚେତ ସମସ୍ତ ଉଦ୍ୟମ କେବଳ କାଗଜକଲମରେ ସୀମିତ ରହିଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ସ୍ୱାସ୍ଥ୍ୟ ସମସ୍ୟା ଓ ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ଦୂରେଇ ଯାଇପାରନ୍ତି। ଦ୍ୱିଜା ନକ୍ଷତ୍ର ଘରର ଅସଜଡ଼ା କାମକୁ ସଜାଡ଼ିନେବା ସକାଶେ ମନସ୍ଥ କରିବେ।

**ବୃଷ** – ଘରେ ଅସାବଧାନତାବଶତଃ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଫିସ୍‌କୁ ହଠାତ୍ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ରୋହିଣୀ ନକ୍ଷତ୍ର ଅସ୍ଥିରତା କାରଣରୁ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ।

**ମିଥୁନ** – ପାରିବାରିକ ଅସ୍ଥିରତାକୁ ଠିକ୍ ମାର୍ଗରେ ସମାଧାନ କରିବାରେ ସମର୍ଥ ହେବେ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟାକଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ଇଚ୍ଛା ନ ଥିଲେ ମଧ ପରିସ୍ଥିତିରେ ପଡ଼ି କେତେକ କାମ କରିବାକୁ ବାଧ୍ୟ ହେବେ।

**କର୍କଟ** – ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଅର୍ଥଲାଭ ସାଙ୍ଗକୁ ସାମାଜିକ ସ୍ତରରେ ମଧ ସମ୍ମାନିତ ହୋଇପାରନ୍ତି। ଚେଷ୍ଟା ସଫଳ ହେବା ପାଇଁ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ ଖବର ପାଇ ଖୁସି ହେବେ। ଆପଣଙ୍କୁ ଏହା ସାହାଯ୍ୟ କରିବ।

**ସିଂହ** – ସକାଳୁ ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ନିକଟସ୍ଥ ଈର୍ଷାପରାୟଣ ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ପ୍ରତ୍ୟୁଷରୁ ତରବରିଆ ଯାତ୍ରା କରିବା ପୂର୍ବରୁ ଜିନିଷପତ୍ରକୁ ଆଉ ଥରେ ଦେଖିନେବା ଭଲ ହେବ। ଧାର ସୂତ୍ରରେ ଅର୍ଥ ପାଇବେ ଓ ନୂତନ ଜିନିଷ ଲାଭକରି ଖୁସି ହେବେ।

**କନ୍ୟା** – କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅବଶ୍ୟ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି,ତାହା ନିଶ୍ଚୟ ପାଇବେ । ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିପାରନ୍ତି। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ।

**ତୁଳା** – ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଅଫିସ ଭିତରେ ସହକର୍ମୀଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ପୂର୍ବ ବିବାଦରୁ କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ହେବେ।

**ବିଛା** – ଆଜି କାମ ହାସଲ ଦିଗରେ ଅନୁକୂଳ ପରିବେଶ ସୃଷ୍ଟି ହେବ। ପଡ଼ୋଶୀଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିପାରନ୍ତି। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇପଡ଼ିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ତଥାପି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ଧନୁ** – ସମସ୍ୟାରେ ଜଡ଼ିତ ହୋଇଥିବାରୁ ମନ ବିଚଳିତ ରହିବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ନିଜ ସହ ତୁଳନାକରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କୁଟୀରଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ଭଲ ରହିବ।

**ମକର** – କର୍ମକ୍ଷେତ୍ରରେ ଅସଜଡ଼ା ପରିସ୍ଥିତିକୁ ସହକର୍ମୀଙ୍କ ଜରିଆରେ ସଜାଡ଼ି ନେବେ। ପ୍ରକଳ୍ପ କାର୍ଯ୍ୟ, ପରିବହନ, ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ଉଦ୍ରେକ ହୋଇପାରେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**କୁମ୍ଭ** – ଯେଉଁ କାମରେ ହାତ ଦେବା ପାଇଁ ଚିନ୍ତା କରୁଛନ୍ତି,ତାହା ଆପଣଙ୍କୁ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ପକାଇ ଦେଇପାରେ। ଆଜିର ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ। ଅର୍ଥନୈତିକ, ସାମାଜିକ, ପାରିବାରିକ, କଳାତ୍ମକ ଦିଗ ସକାଶେ ଦିନଟି ବହୁତ ଭଲ।

**ମୀନ** – କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ ଅନ୍ୟମାନେ ଦୋଷ ଲଦିପାରନ୍ତି। ପାରିବାରିକ କ୍ଷେତ୍ରରେ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ସଭାସମିତି, କଳା, ସାହିତ୍ୟ, ସାମ୍ବାଦିକତା, ନୂତନ ବନ୍ଧୁ ସମ୍ପର୍କରେ ବିଶେଷ ଉନ୍ନତି କରିବେ। ପରିବାରର ଛୋଟ ଛୋଟ କଥାକୁ କେନ୍ଦ୍ରକରି କଳହର ସମ୍ମୁଖୀନ ହୋଇପାରନ୍ତି।

## ଭର୍ଚୁଆଲ ଗ୍ଲୋବାଲ କୋଲାବରେଶନ ଭିଲେଜ ଗଠନ ହେବ

ଡାଭୋସ୍, ୨୩।୫: ମେଟାଭର୍ସ ଶକ୍ତିର ବ୍ୟବହାର କରି ବୈଶ୍ୱିକ ଭାଗୀଦାରି ବୃଦ୍ଧି ଏବଂ ଜନସାଧାରଣଙ୍କ ଉନ୍ନତି ପାଇଁ ସୁଇଜରଲାଣ୍ଡର ଡାଭୋସଠାରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍) ସମ୍ମିଳନୀରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସରକାରୀ ଓ ଘରୋଇ ଭାଗିଦାରୀର ଭବିଷ୍ୟତ ମଜଭୁତ କରିବା ନିମନ୍ତେ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ ମଞ୍ଚରେ ଭର୍ଚୁଆଲ ଗ୍ଲୋବାଲ କୋଲାବରେଶନ ଭିଲେଜ ଆରମ୍ଭ ହୋଇଛି। ସୂଚନା ପ୍ରଯୁକ୍ତିବିଦ୍ୟା କମ୍ପାନୀ ଆସେନ୍‌ଚର ଏବଂ ମାଇକ୍ରୋସଫ୍ଟ ସହାୟତାରେ ଡବ୍ଲ୍ୟୁଇଏଫ୍ ଏହାର ଗଠନ କରୁଛି। ଏହା ଦ୍ୱାରା ନୂଆ ତଥା ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରି ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ଆହ୍ୱାନ ଓ ସମସ୍ୟାର ସମାଧାନ କରାଯାଇପାରିବ ବୋଲି କୁହାଯାଇଛି।

## ବାକି ଟଙ୍କା ନ ଦେବାରୁ ଗରାଖଙ୍କୁ ହତ୍ୟା

ଅନୁଗୋଳ ଅଫିସ, ୨୩।୫: ସିଗାରେଟ୍ ବାବଦ ବାକି ଟଙ୍କା ନ ଦେବାରୁ ଜଣେ ଗରାଖଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି ଦୋକାନୀ। ଅନୁଗୋଳ ସଦର ଥାନା ଅଞ୍ଚଳରେ ସୋମବାର ଅପରାହ୍ନରେ ଘଟିଥିବା ଏହି ହତ୍ୟାକାଣ୍ଡ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ଦୋକାନୀ, ତାଙ୍କ ଭାଇ ଓ ବାପାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସଦର ଥାନା କାଙ୍ଗୁଲା ନୂଆସାହି ଗ୍ରାମର ଯୁବକ ଲଳିତ ସାହୁ(୨୭) ଅପରାହ୍ନରେ ସେହି ଗ୍ରାମର ଦୁଷ୍ମନ୍ତ ସାହୁଙ୍କ ଦୋକାନକୁ ଆସି ଏକ ସିଗାରେଟ୍ ମାଗିଥିଲେ। ଏହି ସମୟରେ ଦୁଷ୍ମନ୍ତ ବାକି ଟଙ୍କା ଦେବାକୁ କହିବାରୁ ଲଳିତ ଯୁକ୍ତିତର୍କ କରିଥିଲେ। ଏଥିରେ ଉତ୍କ୍ଷୀପ୍ତ ହୋଇ ଦୋକାନୀ ଦୁଷ୍ମନ୍ତ, ତାଙ୍କ ଭାଇ ଚିଣ୍ଟୁ ସାହୁ ଓ ବାପା ବିଜୟ ସାହୁ ଲଳିତଙ୍କୁ ମାଡ଼ ମାରିଥିଲେ। ଏହାପରେ ଏକ ଛୁରିରେ ଲଳିତଙ୍କ ପିଠିକୁ ଭୁସି ଦେଇଥିଲେ। ରକ୍ତାକ୍ତ ଅବସ୍ଥାରେ ଲଳିତ ତଳେ ପଡ଼ିଯିବାରୁ ଘଟଣାସ୍ଥଳରୁ ୩ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ଖବରପାଇ ପରିବାର ଲୋକେ ଲଳିତଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ହତ୍ୟାକାଣ୍ଡ ସମ୍ପର୍କରେ ସୂଚନାପାଇ ସଦର ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଫେରାର ହେବାକୁ ବସିଥିବା ଦୋକାନୀ ଦୁଷ୍ମନ୍ତ, ଭାଇ ଚିଣ୍ଟୁ ଓ ବାପା ବିଜୟଙ୍କୁ ଥାନାକୁ ଉଠାଇ ଆଣିଥିଲା। ଘଟଣା ସମ୍ପର୍କରେ ଥାନା ଅଧିକାରୀ ସତ୍ୟବ୍ରତ ରାଉତ କହିଛନ୍ତି, ମୃତକଙ୍କ ଭାଇ ସନ୍ତୋଷ କୁମାର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ନଂ. ୩୭୩/୨୨ରେ ମାମଲା ରୁଜୁ ସହ ୩ ଅଭିଯୁକ୍ତଙ୍କୁ ଅଟକ ରଖାଯାଇ ପଚରା ଉଚରା କରାଯାଉଛି।

# କମିଲା ଖାଇବା ତେଲ



- ଇଣ୍ଡୋନେସିଆର ରପ୍ତାନି କଟକଣା ହଟାଇବା ପ୍ରଭାବ
- ସୋରିଷ ତେଲରେ ସର୍ବାଧିକ ହ୍ରାସ

ନୂଆଦିଲ୍ଲୀ, ୨୩।୫

ପେଟ୍ରୋଲ, ଡିଜେଲ ଉପରୁ ଉତ୍ପାଦ ଶୁଳ୍କ ହ୍ରାସ କରାଯିବା ପରେ ପରିବହନଜନିତ ଖର୍ଚ୍ଚ କମିଛି। ସେହିପରି ତୈଳବୀଜ ମୂଲ୍ୟ ହ୍ରାସ ଏବଂ ଇଣ୍ଡୋନେସିଆ ତୈଳ ରପ୍ତାନି କଟକଣା ହଟାଇବା ପରେ ଭାରତୀୟ ବଜାରରେ ଖାଇବା ତେଲ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। କିଛି ମାସ ଧରି ସୋରିଷ, ବାଦାମ, ସୋୟାବିନ୍ ଏବଂ ପାମୋଲିନ୍ ସମେତ ଅନ୍ୟ ଖାଇବା ତେଲ ଚଢ଼ା ଦରରେ ବିକ୍ରି ହେଉଥିବାବେଳେ ଏବେ ଏଥିରେ ଲିଟର ପିଛା ୭ରୁ ୧୦ଟଙ୍କା ହ୍ରାସ ଘଟିଛି। ଫଳରେ ଉପଭୋକ୍ତାମାନେ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି।

ଗତ ସପ୍ତାହରେ ଅଧିକାଂଶ ତେଲ-ତୈଳବୀଜ ମୂଲ୍ୟ କମିଥିଲା। ଇଣ୍ଡୋନେସିଆ ପାମ୍ ତେଲ ରପ୍ତାନି କଟକଣା ହଟାଇବା ପରେ ଏହାର ଦାମ୍ କମିଛି। ବିଦେଶୀ ବଜାରରେ ସୋୟାବିନ୍ ଏବଂ ପାମୋଲିନ୍ ତୈଳ ଦରରେ ପ୍ରାୟ ୧୦୦ ଡଲାର ପର୍ଯ୍ୟନ୍ତ ହ୍ରାସ ଘଟିଥିବା ବେଳେ ସୂର୍ଯ୍ୟମୁଖୀ ତେଲ ଦାମ ପୂର୍ବବତ୍ ରହିଛି। ବର୍ତ୍ତମାନ ଘରୋଇ ବଜାରରେ କଚି ଘନି ସୋରିଷ ତେଲ ଦର ଲିଟର ପିଛା ୪୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ ହୋଇଛି। ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଭଳି ରାଜ୍ୟରେ ସୋରିଷ ତେଲ ଦର ଲିଟର ପିଛା ୧୭୦ ଟଙ୍କାରୁ କମ୍ ରହିଛି। ତେବେ ବିଦେଶୀ ବଜାରରେ ସୋୟାବିନ୍ ତେଲ ଦର କମି ନ ଥିବା ସତ୍ତ୍ୱେ ଭାରତୀୟ ବଜାରରେ ହ୍ରାସ ଘଟି କୁଇଣ୍ଟାଲ୍ ପିଛା ୬,୭୨୫ରୁ ୬,୮୨୫ ଟଙ୍କା ରହିଛି। ସେହିପରି ବାଦାମ ସଲ୍‌ଭେଣ୍ଟ ରିଫାଇନ୍‌ଡ ତେଲ ଲିଟର ପିଛା ୨୫ ଟଙ୍କା କମିଥିବାବେଳେ ଟିଣ ପିଛା ୨,୬୨୫ରୁ ୨,୮୧୫ ଟଙ୍କାରେ ପହଞ୍ଚିଛି। କିଛି ଦିନ ହେଲା ବିଦେଶୀ ବଜାରରେ ଖାଇବା ତେଲ ଦର ଉଚ୍ଚ ସ୍ତରରେ ରହିଥିବାରୁ ଭାରତର ଆମଦାନୀ କମିଥିଲା। ଏହାର ପ୍ରଭାବ ଭାରତୀୟ ବଜାର ଉପରେ ଦେଖିବାକୁ ମିଳିଥିଲା। ଏହା ମଧ୍ୟରେ ନିଜ ଘରୋଇ ବଜାରରେ ତେଲ ଦର ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ କଟକଣା ଲଗାଇଥିବା ଇଣ୍ଡୋନେସିଆ ସୋମବାରଠାରୁ ହଟାଇ ଦେଇଛି। ଏଥିସହିତ ଇଣ୍ଡୋନେସିଆ ପାମ୍ ତେଲ ଦରରେ ପ୍ରାୟ ୧୦୦ ଡଲାର ହ୍ରାସ କରିଛି। ଫଳରେ ଭାରତକୁ ଆମଦାନୀ କରିବାକୁ ସହଜ ହୋଇଛି। ସୂଚନାଯୋଗ୍ୟ, ଭାରତ ଆମଦାନୀ କରୁଥିବା ପାମ୍ ତେଲର ପ୍ରାୟ ୬୦% ଇଣ୍ଡୋନେସିଆଠାରୁ କ୍ରୟ କରିଥାଏ।

## ପ୍ରେମ ବିବାହରେ ଜାତି ବାଧକ: ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ମାଲକାନଗିରି, ୨୩।୫(ଡି.ଏନ.ଏ.)

ପଞ୍ଚାୟତ ବୈଠକରେ ସ୍ତ୍ରୀଙ୍କୁ ଫେରି ପାଇବାର ଆଶା ହରାଇବା ପରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି ସ୍ୱାମୀ। ଏଭଳି ଘଟଣା ଘଟିଛି ମାଲକାନଗିରି ଜିଲା ଏମଭି-୯ ଗ୍ରାମରେ। ମୃତକ ହେଲେ ସଞ୍ଜିତ ହାଲଦାର। ସଞ୍ଜିତ୍ ନିକଟସ୍ଥ ବୋଇଲାପାରି ଗ୍ରାମର ଗାୟତ୍ରୀ ପଡିଆମୀଙ୍କୁ ଭଲପାଇ ଗତ ୧୪ ତାରିଖରେ ବିବାହ କରିଥିଲେ। ମାତ୍ର ସେମାନଙ୍କ ଜାତି ଲୋକେ ଉଭୟଙ୍କୁ ଏକାଠି ରହିବାକୁ ଦେଇ ନ ଥିଲେ। ଗତ ୧୬ ତାରିଖରେ

### ପଞ୍ଚାୟତ ବୈଠକରେ ମିଳିଲାନି ସୁଫଳ

ଗାୟତ୍ରୀଙ୍କ ପରିବାର ଲୋକେ ତାଙ୍କୁ ଘରକୁ ନେଇଯାଇଥିଲେ। ସଞ୍ଜିତ ସ୍ତ୍ରୀଙ୍କୁ ଆଣିବାକୁ ଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ଏହାକୁ ନେଇ ୨୦ ତାରିଖରେ ଗ୍ରାମରେ ପଞ୍ଚାୟତ ବୈଠକ ବସିଥିଲା। ଏଥିରୁ କିଛି ସୁଫଳ ମିଳି ନ ମିଳିବାରୁ ସଞ୍ଜିତ୍ ରବିବାର ଜମିକୁ ଚାଷ କରିବାକୁ ଯାଇ ବିଷ ପିଇ ଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସୋମବାର ମୃତ୍ୟୁ ଘଟିଛି।

## ବର୍ଷାଙ୍କ ଅଭିଯୋଗର ତର୍ଜମା ଚାଲିଛି: ଡିସିପି

କଟକ ଅଫିସ, ୨୩।୫



ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ୟୁଟ୍ୟୁବ୍‌ରେ ପୋଷ୍ଟ କରିଥିବା ୨ଟି ଭିଡିଓକୁ ନେଇ ରବିବାର ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଭିଡିଓରେ ତାଙ୍କର ଚରିତ୍ର ସଂହାର ହୋଇଥିବା ଦର୍ଶାଇଥିଲେ। ଏନେଇ ସୋମବାର କଟକ ଡିସିପି ପିନାକ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଏତଲାରେ ଥିବା ଅଭିଯୋଗଗୁଡ଼ିକର ତର୍ଜମା କରାଯାଉଛି। ପୂର୍ବରୁ ସମାନ ପ୍ରକାର ଅଭିଯୋଗ ହୋଇଛି କି ନାହିଁ ତା'ର ଅନୁଧ୍ୟାନ କରାଯିବ। ତର୍ଜମା ପରେ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏବେ ସେ ସମ୍ପର୍କରେ କିଛି କହିବା ଠିକ୍ ହେବନାହିଁ। ପୂର୍ବରୁ ମଧ୍ୟ ବର୍ଷା କରିଥିବା ଅଭିଯୋଗଗୁଡ଼ିକୁ ଆମେ ଗୁରୁତ୍ୱର ସହ ନେଇଛୁ। ସେ ସବୁର ତଦନ୍ତ ଚାଲିଛି ବୋଲି ଡିସିପି କହିଛନ୍ତି।

ବର୍ଷା ଅଭିଯୋଗରେ ଦର୍ଶାଇଥିଲେ, ଅନୁଭବ ଭିଡିଓରେ ତାଙ୍କୁ ଆକ୍ଷେପ କରି ଅନେକ କିଛି କହିଛନ୍ତି। ତାଙ୍କ ନାରୀତ୍ୱକୁ ଅପମାନ କରିଛନ୍ତି। ଭିତ୍ତିହୀନ କାହାଣୀ ଗଢି ସମାଜରେ ମର୍ଯ୍ୟାଦାର ସହ ବଞ୍ଚିବାର ଅଧିକାର ଛଡ଼ାଇ ନେଉଛନ୍ତି।



## ଲଡୁବାବାଙ୍କ ଚାପ ଡଙ୍ଗା ଓଲଟିଲା

### ଚନ୍ଦନ ପୁଷ୍କରିଣୀରେ ବୁଡ଼ିଗଲେ ଠାକୁର, ସେବାସୀ

ନୟାଗଡ଼ ଅଫିସ, ୨୩।୫

ନୟାଗଡ଼ ଜିଲା ଶରଣକୂଳର ଆରାଧ୍ୟ ଦେବ ଲଡୁବାବାଙ୍କ ଚାପ ଡଙ୍ଗା ସୋମବାର ରାତି ପ୍ରାୟ ସାଢ଼େ ୧୧ଟା ବେଳେ ଚନ୍ଦନ ପୁଷ୍କରିଣୀରେ ଓଲଟି ପଡିବାରୁ ଠାକୁରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କ ସହ ମା' ପାର୍ବତୀ, ଲକ୍ଷ୍ମୀନାରାୟଣ, ହରିହରପୁରର ଦଧିବାମନ ଜୀଉ ପାଣିରେ ବୁଡି ଯାଇଥିଲେ। ଚାପ ଡଙ୍ଗାରେ ଥିବା ଠାକୁରଙ୍କ ସେବାସୀମାନେ ବି ପୋଖରୀକୁ ଖସିପଡିଥିଲେ। ଏପରି ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହିତ ଉପସ୍ଥିତ ଶ୍ରଦ୍ଧାଳୁମାନେ ପୋଖରୀକୁ ଡେଇଁ ଉଦ୍ଧାର କାର୍ଯ୍ୟରେ ଲାଗି ପଡିଥିଲେ। ପ୍ରଥମେ ସେବାସୀମାନଙ୍କୁ ଉଦ୍ଧାର କରାଯାଇଥିଲା। ପରେ ଠାକୁରମାନଙ୍କୁ ପୋଖରୀରୁ ଉଦ୍ଧାର କରାଯାଇଛି। ଡଙ୍ଗାବୁଡ଼ି ପରେ ଠାକୁରଙ୍କ ଭଉଁରି ଯାତ୍ରାରେ ବିଭ୍ରାଟ ଦେଖାଦେଇଛି। ଚାଚେରୀ ଭୋଗଖିଆ ନୀତି ହେବ କିନାହିଁ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବିଚାରବିମର୍ଶ ଚାଲିଛି। ଚାପ ଖେଳ ବେଳେ ଏପରି ଦୁର୍ଘଟଣା କାହିଁକି ଘଟିଲା ତାହା ସ୍ପଷ୍ଟ ହୋଇନାହିଁ।

CENTRAL MINE PLANNING & DESIGN INSTITUTE LIMITED
cmpdi
(A Subsidiary of Coal India Limited)
Gondwana Place, Kanke Road, Ranchi-834031, Jharkhand, India

NOTICE

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in /respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM Portal https://gem.gov.in"

# ସର୍ବସାଧାରଣରେ ରହିବ ସଡ଼କ ଦୁର୍ଘଟଣା ତଥ୍ୟ

ଭୁବନେଶ୍ୱର, ୨୩।୫(ବ୍ୟୁରୋ)

### ଜିଲା ସଡ଼କ ସୁରକ୍ଷା କମିଟି ପୁନର୍ଗଠିତ




ସଡ଼କ ସୁରକ୍ଷା ଦିଗରେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଏଣିକି ସାଧାରଣ ସ୍ଥାନରେ ସଡ଼କ ଦୁର୍ଘଟଣାର ସବୁ ତଥ୍ୟ ଲଗାଯିବ। ଜିଲାସ୍ତରରେ ମାସକ ଭିତରେ କେତେ ଦୁର୍ଘଟଣା ଘଟୁଛି, ତାହା ସବୁଠି ଲୋକଙ୍କ ଲାଗି ଉପଲବ୍ଧ ହେବ। ଜିଲା ୱେବ୍‌ସାଇଟ୍, ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରାଳୟର ୱେବ୍‌ସାଇଟ୍‌ରେ ଦୁର୍ଘଟଣା ତଥ୍ୟ ପ୍ରକାଶ ପାଇଁ ଜିଲା ସଡ଼କ ସୁରକ୍ଷା କମିଟି ଗୁଡ଼ିକୁ କୁହାଯାଇଛି।

ଏହାସହ ସବୁ ଜିଲାର ସଡ଼କ ସୁରକ୍ଷା କମିଟି ପୁନର୍ଗଠନ କରାଯାଇଛି। ଏହି କମିଟି କିପରି କାର୍ଯ୍ୟ କରିବ ସେନେଇ ବିସ୍ତୃତ କାର୍ଯ୍ୟାବଳୀ ଜାରି ହୋଇଛି। କମିଟି ଜିଲାରେ ସଡ଼କ ଦୁର୍ଘଟଣାଗୁଡ଼ିକର ସମୀକ୍ଷା କରିବ। ରାଜ୍ୟ ସଡ଼କ ସୁରକ୍ଷା ନୀତି କାର୍ଯ୍ୟାନ୍ୱୟନର ତଦାରଖ ସହ ଏହା ଅଧୀନରେ ଲକ୍ଷ୍ୟ ଧାର୍ଯ୍ୟ ହେବ। ସୁପ୍ରିମକୋର୍ଟ କମିଟି, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ କମିଟି କାର୍ଯ୍ୟକାରୀ କରିବ। ଜିଲାରେ ହେଉଥିବା ଦୁର୍ଘଟଣାର ବିସ୍ତୃତ ତଥ୍ୟ ରାଜ୍ୟ ସଡ଼କ ସୁରକ୍ଷା ପରିଷଦକୁ ନିୟମିତ କମିଟି ପକ୍ଷରୁ ଜଣାଯିବ। ଯେଉଁଥିରେ ଯାନ ସମ୍ପର୍କରେ ବିସ୍ତୃତ ତଥ୍ୟ ରହିବ। ଏଥିସହ ଦୁର୍ଘଟଣାର କାରଣ, ଘଟଣାସ୍ଥଳ ତଦନ୍ତ, ଉଲ୍ଲଙ୍ଘନକାରୀ, ପୀଡ଼ିତଙ୍କ ସ୍ଥିତି, ଆଘାତର ପ୍ରକାର, ଏତଲା ଆଦି ସମ୍ପର୍କରେ ଜଣାଇବେ। ଜରୁରୀକାଳୀନ ମେଡିକାଲ୍ ପ୍ଲାନ୍ ପ୍ରସ୍ତୁତ କରିବା, ଏମର୍ଜେନ୍ସି କେସ୍‌ରେ ହସ୍ପିଟାଲ୍‌ରେ ଶଯ୍ୟା ଉପଲବ୍ଧତା ଜାଣିବା ପାଇଁ ଡାକ୍ତରଖାନା ସହ ଯୋଗାଯୋଗ ରଖିବା, ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରିବା ଆଦି ବିଭିନ୍ନ ଦିଗରେ ଏହି କମିଟି କାର୍ଯ୍ୟ କରିବ। ଏହାଛଡ଼ା ଜିଲା ସଡ଼କ ସୁରକ୍ଷା ପ୍ଲାନ୍ ବିକଶିତ କରିବେ। ୧୫ ଦିନରେ ଥରେ ଭର୍ଚୁଆଲ୍‌ରେ ଏବଂ ମାସକୁ ଥରେ ଜିଲାପାଳ ସ୍ଥିର କରିଥିବା ସ୍ଥାନରେ କମିଟିର ଶାରୀରିକ ବୈଠକ ହେବ।

ପୁନର୍ଗଠିତ କମିଟିରେ ଜିଲାପାଳ ଅଧକ୍ଷ ଏବଂ ରାଜପଥ ପ୍ରଶାସକ (ହାଇୱେ ଆଡ୍‌ମିନିଷ୍ଟ୍ରେଟର) ସଦସ୍ୟ ସଚିବ ରହିବେ। ଏହି କମିଟିରେ ସଦସ୍ୟ ଭାବେ ଡିସିପି/ଏସ୍‌ପି, ଚିଫ୍ ମେଡିକାଲ ଅଫିସର, ନିର୍ବାହୀ ଯନ୍ତ୍ରୀ, ପିଡବ୍ଲ୍ୟୁଡି (ରୋଡ୍), ସଡ଼କ ପରିବହନ ମନ୍ତ୍ରାଳୟର ଆଞ୍ଚଳିକ ପ୍ରତିନିଧି, ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ, ପୌରାଞ୍ଚଳର ନିର୍ବାହୀ ଅଧିକାରୀ, ଆର୍‌ଟିଓ, ଡିଇଓ, ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ୨ଜଣ ଅଧିସ୍ୱୀକୃତ ଖବରଦାତା, ସିଭିଲ୍ ସୋସାଇଟି ସଙ୍ଗଠନର କିମ୍ବା ସଡ଼କ ସୁରକ୍ଷା ପାଇଁ କାମ କରୁଥିବା ଏନ୍‌ଜିଓରୁ ଜଣେ, ଅଧକ୍ଷଙ୍କ ଦ୍ୱାରା ମନୋନୀତ ବସ୍ ଏବଂ ଟ୍ରକ୍ ମାଲିକ ସଂଘରୁ ଜଣେ ଲେଖାଏ ସଦସ୍ୟ ରହିବେ। ଜିଲାରେ ଯଦି ନିର୍ବାହୀ ଯନ୍ତ୍ରୀ/ଅଧୀକ୍ଷଣ ଯନ୍ତ୍ରୀ ଏକାଧିକ ଥିଲେ କିଏ ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିବେ ତାହା କମିଟି ଅଧକ୍ଷ ଚୟନ କରିବେ।

## ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ଆଶାକର୍ମୀ ସମ୍ମାନିତ

ନୂଆଦିଲ୍ଲୀ, ୨୩।୫(ଆଇଏଏନ୍‌ଏସ୍)

ସ୍ୱାସ୍ଥ୍ୟସେବା ନେଇ ଲୋକଙ୍କ ସହ ସମ୍ପର୍କରେ ରହିଥିବା ଭାରତର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଆଶାକର୍ମୀଙ୍କୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଗ୍ଲୋବାଲ ହେଲ୍‌ଥ ଲିଡର୍ସ ଆୱାର୍ଡରେ ସମ୍ମାନିତ କରାଯାଇଛି। ୭୫ତମ ବିଶ୍ୱ ସ୍ୱାସ୍ଥ୍ୟ ସଭା ଅବସରରେ ଆଶା କର୍ମୀଙ୍କ ସମେତ ୬ଟି ସଂସ୍ଥାକୁ ଏହି ପୁରସ୍କାର ମିଳିଛି। ଆଶାକର୍ମୀମାନେ ତାଲିମପ୍ରାପ୍ତ ମହିଳା ସ୍ୱେଚ୍ଛାସେବୀ, ଯେଉଁମାନେ ସ୍ୱାସ୍ଥ୍ୟସେବାକୁ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ସେମାନେ ମାତୃଯତ୍ନ ସେବା ଯୋଗାଇବା ସମେତ ଶିଶୁମାନଙ୍କ ଟିକାକରଣ, ଗୋଷ୍ଠୀ ସ୍ୱାସ୍ଥ୍ୟସେବା, ଉଚ୍ଚ ରକ୍ତଚାପ, ଯକ୍ଷ୍ମା ଚିକିତ୍ସା, ପୋଷଣତତ୍ତ୍ୱ ସେବା, ପରିମଳ ଓ ସୁସ୍ଥ ଜୀବନଯାପନ ଲାଗି କାର୍ଯ୍ୟ କରିଥାନ୍ତି। ଦେଶର ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି।

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

NOTICE INVITING TENDER

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. TPWODL/RP/O/SU/043 - Purchase order for supply of Digital Cable Height Meter at TPWODL.
2. TPWODL/AB/O/SU/048 - Rate contract for Mobile Sub-Station 11/0.4 KV, 500 KVA Cu. Transformer with 11 KV RMU-CB-LTDB

Interested bidders to submit Tender Participation Fee and Authorization Letter through email on or before 2nd June 2022, 17:00Hrs, after which link from e-Tender system shall be shared.

For detailed tender documents of all above-mentioned tender, please visit Tender section on website www.tpwesternodisha.com. Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd /- Chief-Contracts and Stores

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ମୃତ

ଚିକିଟି, ୨୩।୫(ଡି.ଏନ.ଏ.)

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ସୁବର୍ଣ୍ଣପୁର ନିକଟରେ ସୋମବାର ଅପରାହ୍ନରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ସୁରଳ ନୂଆସାହି ଗ୍ରାମର ବାଉରୀବନ୍ଧୁ ବେହେରା ଓ ରମ୍ଭା ଗ୍ରାମର କେ. ଧର୍ମା। ଧର୍ମାଙ୍କ ବାଇକ୍ ପଛରେ ବସିଥିବା କେ ତ୍ରିନାଥ ରେଡ୍ଡୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପ୍ରକାଶ ଯେ, ଦିଗପହଣ୍ଡି ବ୍ଲକ ପିଇଓ ବାଉରୀବନ୍ଧୁ ଗ୍ରାମକୁ ଫେରୁଥିଲେ। ସୁବର୍ଣ୍ଣପୁର ନିକଟରେ ବିପରୀତ ଦିଗରୁ ଆସୁଥିବା ରମ୍ଭା ଗ୍ରାମର ଧର୍ମାଙ୍କ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବାଉରୀବନ୍ଧୁ ଓ ଧର୍ମାଙ୍କ ମୃତ୍ୟୁ ଘଟିଥିଲା। ଚିକିଟି ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନ ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରି ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ କହିଛନ୍ତି।

## ଦୁର୍ଘଟଣା ନେଲା ଦମ୍ପତିଙ୍କ ଜୀବନ

ବରପାଲି, ୨୩।୫(ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ଥାନା ସରଣ୍ଡାପାଲି ଗ୍ରାମରେ ସୋମବାର ବାଇକ୍ ଓ କାର୍ ମୁହାଁମୁହିଁ ଧକ୍କା ହେବାରୁ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଜେପୁର କେଶେଇପାଲି ଗ୍ରାମର ଗଣେଶରାମ ସାହୁ ଓ ତାଙ୍କ ସ୍ତ୍ରୀ ସନ୍ତୋଷିନୀ ସାହୁ। ପୋଲିସ ଉଭୟ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ବରପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି।

ସୂଚନା ଅନୁସାରେ, ସୋମବାର ସକାଳେ ଗଣେଶରାମ ସ୍ତ୍ରୀ ସନ୍ତୋଷିନୀଙ୍କ ସହ ଏକ ବାଇକ୍ (ନଂ.ସିଜି୧୧ଏଡି/୨୪୩୩) ଯୋଗେ ପଥର୍ଲା ଗ୍ରାମକୁ ବାହାଘର ଉତ୍ସବରେ ଯୋଗ ଦେବାକୁ ଯାଉଥିଲେ। ସରଣ୍ଡାପାଲି ନିକଟରେ ସାମ୍ନା ପଟୁ ଆସୁଥିବା ଏକ କାର୍ (ନଂ.ସିଜି୦୪ଏନ୍‌ଟି/୧୧୦୧) ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଗଣେଶରାମଙ୍କ ମୃତ୍ୟୁ ହୋଇଥିଲା। ସନ୍ତୋଷିନୀଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ନିଆଯିବା ବାଟରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ବରପାଲି ପୋଲିସ କାର୍ ଚାଳକଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

## ଗଛରେ ପିଟି ହେଲା ବୋଲେରୋ

### ୨ ବରଯାତ୍ରୀ ମୃତ, ଜଣେ ଗୁରୁତର

ଠାକୁରମୁଣ୍ଡା, ୨୩।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା- ଆନନ୍ଦପୁର ରାସ୍ତାର ତରାମରା ନାଳ ପୋଲ ନିକଟସ୍ଥ ଏକ ଗଛରେ ବୋଲେରୋ ପିଟି ହେବାରୁ ୨ ବରଯାତ୍ରୀଙ୍କ ମୃତ୍ୟୁ ହେବା ସହ ଜଣେ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ ଠାକୁରମୁଣ୍ଡା ବ୍ଲକ ଧାଡିକିଡ଼ିହା ପଞ୍ଚାୟତ ଅନ୍ତର୍ଗତ ଗୋଡ଼ଭଙ୍ଗା ଗ୍ରାମର କ୍ଷେତ୍ରବାସୀ ମହାରଣା ଓ କୁଳମଣି ମହାରଣା। ଗୁରୁତର ଥିବା ବୋଲେରୋ ଡ୍ରାଇଭର ସାତକୋଶିଆ ଗ୍ରାମର ପ୍ରଶାନ୍ତ କୁମାର ପତିଙ୍କୁ ଚିକିତ୍ସା ପାଇଁ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ରବିବାର ବିଳମ୍ବିତ ରାତିରେ ବର ଯାତ୍ରୀଙ୍କୁ ନେଇ ଫେରୁଥିବା ସମୟରେ ବୋଲେରୋଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଗଛରେ ପିଟି ହୋଇ ଯାଇଥିଲା। ଖବରପାଇ ଠାକୁରମୁଣ୍ଡା ପୋଲିସ ଓ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

SBI

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା(ସାର୍ବ), ସମ୍ବଲପୁର, ସା: ହୁସେନ୍ ହାଉସ୍, ପୋ: ଅଇଁଠାପାଲ୍ଲି, ସମ୍ବଲପୁର, ଓଡ଼ିଶା-୭୬୮୦୦୪, ଫୋନ୍: ୦୬୬୩-୨୫୪୦୦୨୫, ଇ-ମେଲ: sbi.18398@sbi.co.in,

ଇ-ନିଲାମ ବିକ୍ରୟ ନୋଟିସ୍

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିଗୁଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମର ତାରିଖ ଏବଂ ସମୟ: ୧୪.୦୬.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ
ଗାଡି ତନଖି କରିବାର ତାରିଖ ଏବଂ ସମୟ: ୦୯.୦୬.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

| କ୍ର ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଗାଡ଼ି ଗୁଡ଼ିକର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ତୁଷାର ଭୂୟାଁ, ପିତା: ୰ ପଦ୍ମ ଲୋଚନ ଭୂୟାଁ, ଏମ୍‌ଆଇ-୨୧୩, ଛେଣ୍ଡ କଲୋନୀ, କଳିଙ୍ଗ ବିହାର, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ଼, ପିନ୍-୭୬୯୦୧୫ / ଆକାଉଣ୍ଟ ନଂ.: ୩୫୭୩୨୧୯୯୫୦୪ | Renault Lodgy 85 PS RXZ-08004, Regd No.: OD-14H-1164, Engine No.: K9KR86E0008638, Chasis No.: MEEJSRKF9F8000936 | ୩୦.୧୧.୨୦୧୭ ସୁଦ୍ଧା ଟ.୧୬,୦୪,୭୫୧/- + ୦୧.୧୨.୨୦୧୭ ଠାରୁ ସେବାବଦ ସୁଧ ଏବଂ ପରବର୍ତ୍ତୀ ଖର୍ଚ୍ଚ | ଟ.୩,୮୭,୦୦୦/-<br>ଟ.୩୮,୭୦୦/-<br>ଟ.୧୦,୦୦୦/- |
| ୨. | ଋଣଗ୍ରହୀତା: ଶ୍ରୀ ସୁନିଲ କୁମାର ଦେହୁରୀ, ପିତା: ଶ୍ରୀ ଦେବରାଜ ଦେହୁରୀ, ସା./ପୋ.: ଜକେଇକେଲା, ମେନ୍ ରୋଡ଼, ଥାନା: ବଣେଇ, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୭୦୦୩୮ / ଆକାଉଣ୍ଟ ନଂ.: ୩୨୪୫୭୫୬୪୨୩୩ | Ashok Leyland Bus, Regd. No.: OD-05-A-8228, Engine No.: CVEZ411592, Chasis No.: MB1PBEJC8CEVL1874 | ୩୧.୦୩.୨୦୧୮ ସୁଦ୍ଧା ଟ.୫୨,୧୭,୨୦୬.୮୮ + ୦୧.୦୪.୨୦୧୮ ଠାରୁ ସେବାବଦ ସୁଧ ଏବଂ ପରବର୍ତ୍ତୀ ଖର୍ଚ୍ଚ | ଟ.୬,୮୯,୦୦୦/-<br>ଟ.୬୮,୯୦୦/-<br>ଟ.୧୦,୦୦୦/- |
| ୩. | ଋଣଗ୍ରହୀତାମାନେ: ୧) ମେସର୍ସ ଶକ୍ତି ଟ୍ରାନ୍ସପୋର୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ରାଜେନ୍ଦ୍ର କୁମାର ଜୟସ୍ୱାଲ, ସା/ପୋ.: ପ୍ଲଟ୍ ନଂ.: ଟି୪/୨୧, ସିଭିଲ୍ ଟାଉନସିପ୍, ରାଉରକେଲା, ଥାନା: ରଘୁନାଥପାଲି, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୬୯୦୦୧, ୨) ଶ୍ରୀ ରାଜେନ୍ଦ୍ର କୁମାର ଜୟସ୍ୱାଲ, କ୍ୱାର୍ଟର ନଂ.: ଏଚ୍‌ଏଚ୍‌ଏଚ୍/୮, ସିଭିଲ୍ ଟାଉନସିପ୍, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୬୯୦୦୪ / ଆକାଉଣ୍ଟ ନଂ.: ୩୫୬୮୮୧୨୮୭୨୪ | EICHER 3531K HSD BS-III TC/62 Truck, Regd. No.: OD-14-G-8346, Engine No.: E613CDGC073640, Chasis No.: MC2L1KRC0GC008745, Make-2016 | ୨୮.୦୨.୨୦୧୯ ସୁଦ୍ଧା ଟ.୩୬,୩୭,୧୨୦/- + ୦୧.୦୩.୨୦୧୯ ଠାରୁ ସେବାବଦ ସୁଧ ଏବଂ ପରବର୍ତ୍ତୀ ଖର୍ଚ୍ଚ | ଟ.୫,୨୧,୦୦୦/-<br>ଟ.୫୨,୧୦୦/-<br>ଟ.୧୦,୦୦୦/- |
| ୪. | ଋଣଗ୍ରହୀତା: ଶ୍ରୀ ସୁରେନ୍ଦ୍ର ଶର୍ମା, ପିତା: ଶ୍ରୀ ଚୁଲାଇ ଶର୍ମା, ସା: ପାଞ୍ଚଗୋଛିଆ, ପୋ: ବରେଇପାଲି, ଥାନା: ଅଇଁଠାପାଲି, ଜିଲ୍ଲା: ସମ୍ବଲପୁର, ପିନ୍-୭୬୮୦୦୪ / ଆକାଉଣ୍ଟ ନଂ.: ୩୩୩୨୨୦୯୨୭୮୭ | Eicher 3025XPCWC, Regd. No.: OD-15-A-5138, Engine No.: 683CDDD525727, Chasis No.: MC243KRF0DE01619 | ୨୫.୧୨.୨୦୧୮ ସୁଦ୍ଧା ଟ.୧୨,୧୩,୧୨୬.୨୭ + ୨୬.୧୨.୨୦୧୮ ଠାରୁ ସେବାବଦ ସୁଧ ଏବଂ ପରବର୍ତ୍ତୀ ଖର୍ଚ୍ଚ | ଟ.୪,୭୧,୦୦୦/-<br>ଟ.୪୭,୧୦୦/-<br>ଟ.୧୦,୦୦୦/- |
| ୫. | ଋଣଗ୍ରହୀତାମାନେ: ୧) ଶ୍ରୀ ସୁରେନ୍ଦ୍ର କୁମାର ସା, ପିତା: ଶ୍ରୀ ସିୟା ରାମ ସା, ୨) ଶ୍ରୀ ମହେଶ କୁମାର ସା, ପିତା: ଶ୍ରୀ ସିୟା ରାମ ସା, ଉଭୟଙ୍କ ଠିକଣା: ମାର୍ଫତ: ଏସ୍ କେ ଇଣ୍ଡଷ୍ଟ୍ରିଜ, ପ୍ରିସେସନ ଇଂଜିନିୟରିଂ. କୋ., ସା/ପୋ: ଗୁରୁଦ୍ୱାର ରୋଡ, ରାଉରକେଲା, ଥାନା: ପ୍ଲାଣ୍ଟ ସାଇଟ୍, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୦୧ / ଆକାଉଣ୍ଟ ନଂ.: ୩୬୮୭୩୧୯୦୨୩୯ | Renault Lodgy 85 PS RXZ-08004, Regd. No.: OD-14 N-7640, Engine No.: E040752, Chasis No.: MEEJSRGWGG9008004 | ୨୧.୦୧.୨୦୧୯ ସୁଦ୍ଧା ଟ.୧୦,୩୮,୪୩୦/- + ୨୨.୦୧.୨୦୧୯ ଠାରୁ ସେବାବଦ ସୁଧ ଏବଂ ପରବର୍ତ୍ତୀ ଖର୍ଚ୍ଚ | ଟ.୪,୯୬,୦୦୦/-<br>ଟ.୪୯,୬୦୦/-<br>ଟ.୧୦,୦୦୦/- |

ଇ-ନିଲାମ ସମାପ୍ତ ହେବା ପୂର୍ବରୁ ଆଗ୍ରହୀ ନିଲାମଧାରୀ MSTC ରେ ପ୍ରାକ-ବିଡ୍ ଅମାନତ ରାଶି ଜମା କରିବେ । MSTC ବ୍ୟାଙ୍କ ଆକାଉଣ୍ଟରୁ ରସିଦ୍ ପ୍ରାପ୍ତ କଲା ପରେ ଏବଂ ଏହି ସୂଚନାକୁ ଇ-ନିଲାମ ୱେବସାଇଟ୍‌ରେ ଅପଲୋଡ କରିବା ପରେ ପ୍ରାକ୍-ବିଡ୍ ଅମାନତ ବିଡ୍‌ରଙ୍କୁ କ୍ରେଡିଟ୍ କରାଯିବ । ବ୍ୟାଙ୍କିଙ୍ଗ ପ୍ରକ୍ରିୟାରେ କିଛି ସମୟ ଲାଗିପାରେ, ତେଣୁ ନିଲାମଧାରୀମାନଙ୍କୁ ପରାମର୍ଶ କି, ସେମାନେ ନିଜସ୍ୱ ଇଚ୍ଛାରେ ଶେଷ ସମୟରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ନିମନ୍ତେ ଇ-ନିଲାମର ଯଥେଷ୍ଟ ପୂର୍ବରୁ ପ୍ରାକ୍-ବିଡ୍ ଅମାନତ ରାଶି ଜମା କରନ୍ତୁ ।

ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍: https://sbi.co.in/web/sbi-in-the-news/auction-notices/sarfaesi-and-others, https://ibapi.in ଦେଖନ୍ତୁ ।

ଗାଡିଗୁଡିକର ପାର୍କିଂ ୟାର୍ଡ ବିବରଣୀ:
କ୍ର. ନଂ.: ୧, ୩ ଏବଂ ୫ - ଏସ୍‌ବିଆଇ, ଆର୍‌ଏସିପିସି, ଏସ୍‌ଏମ୍‌ଇସିସିସି ଷ୍ଟକୟାର୍ଡ, ରାଉରକେଲା, ସେକ୍ଟର-୧୭, ରାଉରକେଲା
କ୍ର.ନଂ.-୨ ନିମନ୍ତେ: ମେସର୍ସ ଏମ୍ ବି ଷ୍ଟକ୍‌ୟାର୍ଡ, ଜଲଦା, 'ସି' ବ୍ଲକ୍, ରାଉରକେଲା, ଶ୍ରୀ ଅଭି ସାହୁ, ମୋ.: ୮୩୨୮୯୪୧୯୮୪
କ୍ର.ନଂ.-୪ ନିମନ୍ତେ: ପୁଷ୍ପନାଥ ଷ୍ଟକ୍‌ୟାର୍ଡ, ଏନ୍‌ଏଚ୍-୫୩, ଚୌଧୁରୀ ଛକ, ସିନ୍ଦୁରପଙ୍କ, ସମ୍ବଲପୁର, ଶ୍ରୀ ହିମାଂଶୁ, ମୋ.: ୯୯୩୮୪୩୦୮୧୧

ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ ମୋ: ୮୯୧୭୩୮୮୪୦୮, ୯୮୬୧୦୫୩୨୯୨ ଏବଂ ୯୩୩୮୩୫୭୧୬୫

ତାରିଖ: ୨୩.୦୫.୨୦୨୨,
ସ୍ଥାନ: ସମ୍ବଲପୁର

କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ,
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ସମ୍ବଲପୁର

ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଅ– ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ– ତାହା ଆଉ ଭାଙ୍ଗେ ନାହିଁ। –ଶ୍ରୀମା



# ନନ୍ଦନକାନନ: ଦଫା ୩୦୭

ଓଡ଼ିଶା ସରକାର କହୁଛନ୍ତି ଯେ, ଆମ ରାଜ୍ୟ ହେଉଛି ଭାରତବର୍ଷର ସବୁଠାରୁ ଅନାବିଷ୍କୃତ ସୌନ୍ଦର୍ଯ୍ୟ ବା ବେଷ୍ଟ କେପ୍ଟ ସିକ୍ରେଟ୍। ସେହି ଗୋପନୀୟତାକୁ ଓଡ଼ିଶା ସରକାର ପର୍ଯ୍ୟଟନ ବିଭାଗ ମାଧ୍ୟମରେ ଅନେକ ଅର୍ଥ ଖର୍ଚ୍ଚ କରି ଦେଶବ୍ୟାପୀ ପ୍ରଚାର ଚଳାଇଛନ୍ତି। ଖୁସିଲାଗେ ଯେତେବେଳେ ଦିଲ୍ଲୀ ବିମାନବନ୍ଦରରେ ଥିବା ଅନେକ ଟେଲିଭିଜନ ଡିସ୍‌ପ୍ଲେରେ ଓଡ଼ିଶା ପର୍ଯ୍ୟଟନର ବିଜ୍ଞାପନ ଦେଖିବାକୁ ମିଳେ। କିନ୍ତୁ ପର୍ଯ୍ୟଟନ କେବଳ ଝରଣା, ଜଳପ୍ରପାତ, ବାଘ କିମ୍ବା ମନ୍ଦିର ଭିତରେ ସୀମିତ ରହେନାହିଁ। ବାସ୍ତବ ପର୍ଯ୍ୟଟନ ସେତିକିବେଳେ ସଫଳ ହୋଇଥାଏ, ଯେତେବେଳେ ସ୍ଥାନୀୟ ଲୋକଙ୍କଠାରୁ ପର୍ଯ୍ୟଟକମାନେ ଉଚିତ ଆତିଥ୍ୟ ପାଇଥାନ୍ତି। ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ପ୍ରତି ଦର୍ଶାଯାଉଥିବା ଅନାଦାର ଗତ ୨୨ ମେ' ୨୦୨୨ରେ ନନ୍ଦନକାନନ ଚିଡ଼ିଆଖାନାରେ ଦେଖିବାକୁ ମିଳିଲା।

ଘଟଣାକୁ ଦେଖିଲେ ଛତିଶଗଡ଼ର ରାୟପୁରରୁ ୨୬ ଜଣ ପର୍ଯ୍ୟଟକ ନନ୍ଦନକାନନ ଆସି ସଫାରିରେ ବୁଲିବା ପାଇଁ ସଫାରି କାଉଣ୍ଟରରେ ପହଞ୍ଚିଥିଲେ। ଟିକେଟ କିଣି ସଫାରି ବସ୍‌ରେ ବସିବାକୁ ସେମାନଙ୍କର ପାଳିଯାଏ ଅପେକ୍ଷା କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ ଦୀର୍ଘ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ସଫାରି ବସ୍‌ରେ ବୁଲିବାର ସୁଯୋଗ ମିଳି ନ ଥିଲା। ଏହାକୁ ନେଇ ଡେରି ହେଉଥିବା ଦର୍ଶାଇ ସେମାନେ କାଉଣ୍ଟର କର୍ମଚାରୀଙ୍କ ସହ ଯୁକ୍ତିତର୍କ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ କର୍ମଚାରୀମାନେ ପର୍ଯ୍ୟଟକଙ୍କୁ ଠେଲାପେଲା କରିଥିଲେ। କଥା ସେଇଠି ଅଟକି ନ ଥିଲା। ସମ୍ପୃକ୍ତ କର୍ମଚାରୀମାନେ ପର୍ଯ୍ୟଟକଙ୍କୁ ଆକ୍ରମଣ କରିବା ଉଦ୍ଦେଶ୍ୟ ରଖି ସ୍ଥାନୀୟ ଅଞ୍ଚଳର ୫୦ ଜଣ ଲୋକଙ୍କୁ ଏକାଠି କରାଇ ହତିଆର ଧରି ପର୍ଯ୍ୟଟକ ଗୋଷ୍ଠୀଙ୍କୁ ମାଡ଼ ମାରିଥିଲେ। ଆକ୍ରମଣରୁ ବର୍ତ୍ତିବା ପାଇଁ ପର୍ଯ୍ୟଟକମାନେ ମୁଖ୍ୟ ଫାଟକ ଆଡ଼କୁ ଧାଉଁଥିବା ଦେଖିବାକୁ ମିଳିଥିଲା।

ପ୍ରଥମ କଥା ହେଉଛି ଜଣେ ଟିକେଟ କାଟିଲା ପରେ ତାଙ୍କୁ ଦୀର୍ଘ ସମୟ କାହିଁକି ଅପେକ୍ଷା କରିବାକୁ ପଡ଼ିଲା। ସେଥିରୁ ବୁଝାଯାଇପାରେ ଯେ ନନ୍ଦନକାନନରେ କର୍ମଚାରୀମାନଙ୍କ ଏହି ନିମ୍ନ ସ୍ତରରେ ମଧ୍ୟ ଅପାରଗତା ଯୋଗୁ ଅଯଥା ଜଟିଳ ପରିସ୍ଥିତି ସୃଷ୍ଟି ହେଉଛି। ଟିକଟରେ ଯଦି ସଂଖ୍ୟା ପଡୁଛି, ତେବେ ଜଣକ ପରେ ଜଣେ ବସ୍‌ରେ ସୁଯୋଗ ପାଇବା କଥା। ତେଣୁ ଏହା କେଉଁ କାରଣରୁ କରାଗଲା ନାହିଁ ସେ ବିଷୟରେ ତଦନ୍ତ ହେବା ଉଚିତ। ଧରିନିଆଯାଉ ପର୍ଯ୍ୟଟକମାନେ ଖରାକୁ ସହି ନ ପାରି ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ଯଦି ସେଭଳି ପରିସ୍ଥିତି ସୃଷ୍ଟି ହେଲା ତେବେ ଚିଡ଼ିଆଖାନା କର୍ତ୍ତୃପକ୍ଷ ପୋଲିସକୁ କାହିଁକି ଡକାଇଲେ ନାହିଁ।

> **ନନ୍ଦନକାନନ ଘଟଣାକୁ ଏକ ଉଦାହରଣ ଭାବେ ନିଆଯାଇ ହିଂସା ଘଟାଇଥିବା କର୍ମଚାରୀ ଓ ସହଯୋଗୀମାନଙ୍କ ନାମରେ ଭାରତୀୟ ପିଙ୍ଗଳ କୋଡ୍‌ର ୩୦୭ ଦଫାରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯିବା ଦରକାର।**

ଓଡ଼ିଶାରେ ଏହିଭଳି ହିଂସାତ୍ମକ ଘଟଣାକୁ ଦେଖିଲେ ସବୁବେଳେ ସ୍ଥାନୀୟ ଲୋକଙ୍କୁ ଏକାଠି କରି ଯେଉଁଭଳି ସଂଖ୍ୟାଗରିଷ୍ଠ ଗୋଷ୍ଠୀ ହିଂସା ଘଟାନ୍ତି, ତାହା ବିକୃତ ମାନସିକତା ପ୍ରଦର୍ଶନ କରିଥାଏ। ଓଡ଼ିଆଙ୍କୁ ସବୁବେଳେ ଭିଡ଼ ଭିତରେ ଆକ୍ରମଣ କରିବାକୁ ଆନନ୍ଦ ଲାଗେ। ହୁଏତ ସେଥିପାଇଁ ନିଜ ସ୍ଥାନ ଛାଡ଼ି ବାହାରକୁ ଗଲେ ନିଜକୁ ଓଡ଼ିଆ ଭାବେ ପରିଚିତ କରାଇବା ଲାଗି ଡରିଥାନ୍ତି।

ପର୍ଯ୍ୟଟନ ଏକ ଜଟିଳ ବ୍ୟବସାୟ। ସେଥିରେ ସଫଳତା ପାଇବାକୁ ହେଲେ ମଣିଷର ମନ ଜିଣିବାକୁ ପଡ଼େ। ପର୍ଯ୍ୟଟକଙ୍କ ଚାରିପାର୍ଶ୍ୱରେ ଯେତେଜଣ ଉପସ୍ଥିତ ଥିବେ ସମସ୍ତେ ସେଥିରେ ସମ୍ପୃକ୍ତ ବୋଲି ଧରିନେବା କଥା। ପର୍ଯ୍ୟଟନସ୍ଥଳୀ ସମୁଦ୍ରରେ ଏକ ଟାପୁ ଭାବେ ବଞ୍ଚିପାରିବ ନାହିଁ। ଉଦାହରଣସ୍ୱରୂପ ନନ୍ଦନକାନନର ମୁଖ୍ୟ ଫାଟକ ସମ୍ମୁଖରେ ଅନେକ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଦୋକାନ ଖୋଲିଛି। ସେମାନଙ୍କର ଅର୍ଥ ଅର୍ଜନ କେବଳ ପର୍ଯ୍ୟଟକଙ୍କ ଉପରେ ନିର୍ଭର କରୁଛି। ସେଥିପାଇଁ ଯଦି ସରକାର ଚାହୁଁଛନ୍ତି ଯେ, ନନ୍ଦନକାନନକୁ ଏକ ଜାତୀୟ ସ୍ତରର ପର୍ଯ୍ୟଟନସ୍ଥଳୀରେ ସୃଷ୍ଟି କରିବା ପାଇଁ ତେବେ ପ୍ରାଣୀ ଉଦ୍ୟାନରେ ସବୁ କର୍ମଚାରୀଙ୍କ ସମେତ ବାହାରେ ବେପାର କରୁଥିବା ମାଲିକ ଓ କର୍ମଚାରୀଙ୍କୁ ନିୟମିତ ବ୍ୟବଧାନରେ ପ୍ରଶିକ୍ଷଣ ଶିବିରରେ ସାମିଲ କରାଯିବା ଦରକାର। ପର୍ଯ୍ୟଟନ ବିଶେଷଜ୍ଞମାନଙ୍କୁ ଡାକି ସେହି ଅଞ୍ଚଳରେ ବାରମ୍ବାର ଗୋପନୀୟ ପରୀକ୍ଷା କରାଯିବା ଉଚିତ, ଯେଉଁଥିରେ ଭଦ୍ର ବ୍ୟବହାର ଏବଂ ପର୍ଯ୍ୟଟକଙ୍କ ସୁରକ୍ଷା କେଉଁ ସ୍ତରରେ ଅଛି ମପାଯିବା ଆବଶ୍ୟକ। କେବଳ ରାସ୍ତା ଚଉଡ଼ା କଲେ କିମ୍ବା ହୋଟେଲ ତିଆରି କଲେ ପର୍ଯ୍ୟଟକଙ୍କ ଭିଡ଼ ହୁଏ ନାହିଁ। ସ୍ଥାନୀୟ ଲୋକଙ୍କ ବ୍ୟବହାର ସବୁଠୁ ଅଧିକ ଗୁରୁତ୍ୱ ବହନ କରିଥାଏ।

ନନ୍ଦନକାନନ ଘଟଣା ପ୍ରମାଣ କରୁଛି ଯେ, ଓଡ଼ିଶାର ରାଜଧାନୀରେ ପର୍ଯ୍ୟଟକ ସୁରକ୍ଷିତ ନୁହନ୍ତି। ଏଥିରୁ ବୁଝିବାକୁ ହେବ ଯେ, ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ମଧ୍ୟ ପର୍ଯ୍ୟଟକ ସୁରକ୍ଷିତ ରହୁ ନ ଥିବେ। ତେଣୁ ନନ୍ଦନକାନନ ଘଟଣାକୁ ଏକ ଉଦାହରଣ ଭାବେ ନିଆଯାଇ ହିଂସା ଘଟାଇଥିବା କର୍ମଚାରୀ ଓ ସହଯୋଗୀମାନଙ୍କ ନାମରେ ଭାରତୀୟ ପିଙ୍ଗଳ କୋଡ୍‌ର ୩୦୭ ଦଫାରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯିବା ଦରକାର। ଏଥିସହିତ ମାଡ଼ ଖାଇଥିବା ପର୍ଯ୍ୟଟକଙ୍କୁ ବାରମ୍ବାର ସାକ୍ଷୀ ଭାବେ ଡକାଇ ଅଦାଲତରେ ହଇରାଣ କରିବା ପରିବର୍ତ୍ତେ ଗୋଟିଏ ଥରରେ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ବୟାନ ରେକର୍ଡ କରାଇ ଅତିଶୀଘ୍ର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ବ୍ୟବସ୍ଥା କରାଯିବା ଉଚିତ। ସରକାର ଯଦି ଏହି ଘଟଣାକୁ ଠିକ୍ ଭାବେ ପରିଚାଳନା କରି ଏକ ସୁସ୍ଥ ବାର୍ତ୍ତା ଦେଇପାରନ୍ତେ, ତେବେ ପୁନର୍ବାର ଓଡ଼ିଶା ଆସିବାକୁ ପର୍ଯ୍ୟଟକ ଆକୃଷ୍ଟ ହୁଅନ୍ତେ। ନଚେତ୍ ଓଡ଼ିଶା ପୁନଶ୍ଚ ସେହି ଗୋପନୀୟତା (ବେଷ୍ଟ କେପ୍ଟ ସିକ୍ରେଟ୍)ର ଅନ୍ଧକାରକୁ ଫେରିଯିବ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 8 | | | | | | |
| | | | 2 | 6 | | | | |
| | | | 7 | | | 8 | | 4 |
| 4 | 9 | | 3 | | | | | |
| | | 6 | | | | | | |
| | 3 | | 4 | 1 | | 6 | | |
| | 4 | 1 | | 8 | | | | |
| | | 5 | 1 | | | | | 6 |
| | | 9 | | | | 7 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 6 | 8 | 5 | 4 | 7 | 3 | 2 |
| 4 | 5 | 3 | 7 | 1 | 2 | 6 | 9 | 8 |
| 8 | 7 | 2 | 6 | 9 | 3 | 4 | 1 | 5 |
| 3 | 4 | 9 | 5 | 2 | 7 | 8 | 6 | 1 |
| 6 | 2 | 5 | 1 | 3 | 8 | 9 | 4 | 7 |
| 1 | 8 | 7 | 4 | 6 | 9 | 2 | 5 | 3 |
| 7 | 6 | 8 | 3 | 4 | 5 | 1 | 2 | 9 |
| 2 | 3 | 4 | 9 | 8 | 1 | 5 | 7 | 6 |
| 5 | 9 | 1 | 2 | 7 | 6 | 3 | 8 | 4 |

ଗତକାଲିର ଉତ୍ତର

# ଆଉ ଏକ ଧର୍ମୀୟ ଜାଗରଣ



ସୌଭାଗ୍ୟ ସୁନ୍ଦରରାୟ

ଆଇନଗତ ସ୍ତରରେ ରାମ ଜନ୍ମଭୂମି ଆନ୍ଦୋଳନର ଅନ୍ତ ଘଟିଛି ବୋଲି କୁହାଯାଇପାରେ। ତେବେ ଦୀର୍ଘ ୩ ଦଶନ୍ଧି ଧରି ଦେଶରେ ଚାଲିଥିବା ଏକ ଧର୍ମୀୟ ଜାଗରଣର ପରିସମାପ୍ତି ଘଟିଛି ବୋଲି ଯଦି କୁହାଯାଏ ତାହା ଠିକ୍ ହେବ ନାହିଁ। ଏହା ପରକୁ ମଥୁରାର ଶ୍ରୀକୃଷ୍ଣ ଜନ୍ମଭୂମି ଓ ବାରାଣସୀର ଜ୍ଞାନବାପି ମସ୍‌ଜିଦ୍ ମାମଲା ଆଗକୁ ଆସିଲାଣି। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣକୁ କେନ୍ଦ୍ରକରି ୧୯୯୦ରେ ଭାରତୀୟ ଜନତା ପାର୍ଟି(ଭାଜପା)ର ନେତା ଲାଲକୃଷ୍ଣ ଆଡ଼ଭାନୀ ସୋମନାଥ– ଅଯୋଧ୍ୟା ରଥଯାତ୍ରା ଆୟୋଜନ କରିଥିଲେ। ତତ୍କାଳୀନ ରାଜନୈତିକ ପ୍ରେକ୍ଷାପଟରେ ଦେଶରେ ଏହା ଥିଲା ବଡ଼ ଧର୍ମୀୟ ଜାଗରଣ। ଏହି ରଥଯାତ୍ରା ସମୟରେ ଆଡ଼ଭାନୀଙ୍କ ଦ୍ୱାରା ନୂଆ 'ଛଦ୍ମ ଧର୍ମନିରପେକ୍ଷ' ଶବ୍ଦ ସଂଯୋଜନା କରାଯାଇଥିଲା। ଯାତ୍ରା କାଳରେ ଆଡ଼ଭାନୀ ଗିରଫ ହେଲେ ଏବଂ ପ୍ରତିକ୍ରିୟା ସ୍ୱରୂପ କେନ୍ଦ୍ରରେ ଭି.ପି. ସିଂଙ୍କ ସରକାରର ପତନ ଘଟିଥିଲା। ଏହାର ୨ ବର୍ଷ ପରେ ଅଯୋଧ୍ୟାଠାରେ ଅପୂଜ୍ୟ ଥିବା ବାବ୍ରି ମସ୍‌ଜିଦ୍‌ର ପତନ କାରସେବକଙ୍କ ଦ୍ୱାରା ଘଟିଥିଲା। ସେତେବେଳେ ପ୍ରଧାନମନ୍ତ୍ରୀ ଥିଲେ କଂଗ୍ରେସର ପି.ଭି.ନରସିଂହ ରାଓ। ବାବ୍ରି ମସ୍‌ଜିଦ୍ ଭଙ୍ଗାଯିବା ଘଟଣାକୁ ଦେଶର ଗଣତନ୍ତ୍ରରେ ଏକ କାଳିମା ଭାବେ ବିବେଚନା କରାଯାଉଛି। ଏହି ରାମ ଜନ୍ମଭୂମି ଧର୍ମୀୟ ଆନ୍ଦୋଳନର ସୁଫଳ ସ୍ୱରୂପ ୧୯୯୬ରେ କେନ୍ଦ୍ରରେ ପ୍ରଥମ ଥର ପାଇଁ ଭାଜପା କ୍ଷମତାସୀନ ହେଲା, ଆଉ ଦଳର ଉଦାରପନ୍ଥୀ ନେତା ଅଟଳ ବିହାରୀ ବାଜପେୟୀ ହେଲେ ପ୍ରଧାନମନ୍ତ୍ରୀ। ଲାଲକୃଷ୍ଣ ଆଡ଼ଭାନୀ ହୋଇଥିଲେ ଉପ ପ୍ରଧାନମନ୍ତ୍ରୀ। ପ୍ରଥମେ ୧୩ ଦିନ, ଏହାପରେ ୧୩ ମାସ ଓ ପରିଶେଷରେ ଭାଜପା ସମ୍ପୂର୍ଣ୍ଣ ୫ ବର୍ଷ ଶାସନ କ୍ଷମତାରେ ରହିଥିଲା। ପରବର୍ତ୍ତୀ ୧୦ ବର୍ଷ ଧରି ଦଳ କ୍ଷମତାରୁ ଦୂରେଇ ରହିବା ପରେ ପୁଣି କ୍ଷମତାକୁ ଫେରିଲା, ଆଉ ପ୍ରଧାନମନ୍ତ୍ରୀ ହେଲେ ନରେନ୍ଦ୍ର ମୋଦି। ୨୦୧୯ରେ ନରେନ୍ଦ୍ର ମୋଦି ପ୍ରଥମ ପାଳି ୫ ବର୍ଷ କ୍ଷମତା ପୂରଣ କରି ଏବେ ଦ୍ୱିତୀୟ ପାଳି ପାଇଁ କ୍ଷମତାସୀନ ଅଛନ୍ତି। ଏହି ପୃଷ୍ଠଭୂମିରେ ଦେଶରେ ଏବେ ଆଉ ଏକ ଧର୍ମୀୟ ଜାଗରଣ ଦୃଷ୍ଟିଗୋଚର ହେଉଛି। ଏହା କ'ଣ ୨୦୨୪ ପାଇଁ ? ଭାଜପାକୁ କ୍ଷମତାସୀନ କରିବାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ଓ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ସର୍ବଦା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥାନ୍ତି। ଆଗାମୀ ନିର୍ବାଚନଗୁଡ଼ିକ ପାଇଁ ଏହି ସବୁ ହିନ୍ଦୁତ୍ୱବାଦୀ ସଙ୍ଗଠନ ପୂର୍ବ କୌଶଳ ଆପଣାଉଥିବା ଜଣାପଡ଼ିଛି। ଦେଶର ଅର୍ଥନୀତି ସମ୍ପ୍ରତି ଏକ ପ୍ରକାର ସ୍ଥାଣୁ ହୋଇଯାଇଛି। ବିମୁଦ୍ରୀକରଣ, ଦ୍ରବ୍ୟ ଓ ସେବାକରରୁ ଆବଶ୍ୟକ ସଫଳତା ମିଳିପାରି ନାହିଁ। ରିଜର୍ଭ ବ୍ୟାଙ୍କ, ସିବିଆଇ ଓ ନ୍ୟାୟିକ ପ୍ରଶାସନରେ ସରକାରୀ ହସ୍ତକ୍ଷେପ ବୃଦ୍ଧି ପାଇଛି। ବ୍ୟାଙ୍କ ଶିଳ୍ପରେ ଦୁର୍ନୀତି ବି ବଢ଼ିଲା। ପ୍ରତିରକ୍ଷା ସାମଗ୍ରୀ କିଣାରେ ଦୁର୍ନୀତି ଅଭିଯୋଗ ଆସିଲା। କୃଷି ବିଲ୍‌କୁ ନେଇ ସରକାରଙ୍କୁ ପଛଘୁଞ୍ଚା ଦେବାକୁ ପଡ଼ିଲା। ଏପ୍ରକାର ସ୍ଥିତିରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଭାବମୂର୍ତ୍ତି ମଳିନ ହୋଇଥିବା ଅନୁଭବ କରି ହିନ୍ଦୁତ୍ୱବାଦୀ ସଙ୍ଗଠନଗୁଡ଼ିକ ସେଥିରୁ ଦୃଷ୍ଟି ଏଡ଼ାଇ ପୁଣି ଥରେ ଭାଜପାକୁ କ୍ଷମତାସୀନ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ଆରମ୍ଭ କରିଦେଇଛନ୍ତି।



ସଦ୍ୟତମ ଘଟଣାରେ ଶ୍ରୀକୃଷ୍ଣ ଜନ୍ମଭୂମି ଏବଂ ଜ୍ଞାନବାପି ଧର୍ମପୀଠର ପୁନରୁଦ୍ଧାର କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ହିନ୍ଦୁତ୍ୱବାଦୀ ସଙ୍ଗଠନ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଯାଇଛି। ମଥୁରାସ୍ଥିତ ଶ୍ରୀକୃଷ୍ଣ ଜନ୍ମଭୂମି ନିକଟରେ ଥିବା ମସ୍‌ଜିଦ୍ ଉଚ୍ଛେଦ ଦାବିରେ ସ୍ଥାନୀୟ ଅଦାଲତରେ ଶ୍ରୀକୃଷ୍ଣ ବିଜେ ସଂସ୍ଥା ପକ୍ଷରୁ ଏକ ମାମଲା ୨୦୨୦ ଅକ୍ଟୋବରରେ ଦାୟର କରାଯାଇଥିଲା। ୧୩ ଏକର ପରିମିତ କଥିତ କୃଷ୍ଣ ଜନ୍ମଭୂମି ସ୍ଥାନରେ ଏକ ଇଦ୍‌ଗା ମସ୍‌ଜିଦ୍ ରହିଛି। ଏହି ମସ୍‌ଜିଦଟି ସପ୍ତଦଶ ଶତାବ୍ଦୀର ବୋଲି ଦର୍ଶାଯାଇଛି। ଶ୍ରୀକୃଷ୍ଣ ଜନ୍ମଭୂମି ପରିସରରେ ଏକାଧିକ ମନ୍ଦିର ରହିଛି। ମୁଖ୍ୟ ପୌରାଣିକ ମନ୍ଦିରଟି ଶ୍ରୀକୃଷ୍ଣଙ୍କ ଅଣନାତି ବ୍ରଜନାଭ ନିର୍ମାଣ କରାଇଥିବା କୁହାଯାଏ। ଏହି ସ୍ଥାନରେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କେତେଟା ଖନନ କାର୍ଯ୍ୟ ହାତକୁ ନିଆଯାଇଥିଲା। ଏହି ଖନନରୁ କିଛି ଟେରାକୋଟା ସାମଗ୍ରୀ ଆଦି ମିଳିଛି, ଯାହା ପ୍ରାୟ ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀର ବୋଲି ଅନୁମାନ କରାଯାଉଛି। ତେବେ ମଥୁରା ବ୍ରିଟିଶ ନିୟନ୍ତ୍ରଣକୁ ଆସିବା ପରେ ୧୮୧୫ ରେ ବ୍ରିଟିଶ ପ୍ରଶାସନ କଥିତ କୃଷ୍ଣ ଜନ୍ମଭୂମି ଜମିକୁ ନିଲାମ କରି ଦେଇଥିଲେ। ବନାରସର ଜଣେ ଧନିକ ବ୍ୟକ୍ତି ଏହାକୁ ନିଲାମରେ ନେଇଥିଲେ। ସ୍ୱାଧୀନତା ପରେ ଶିଳ୍ପପତି ଯୁଗଳ କିଶୋର ବିରଲା ଓ ସାମାଜିକ କର୍ମୀ ଜୟଦୟାଲ ଡାଲମିଆ ଏହି ସ୍ଥାନରେ ମନ୍ଦିର ନିର୍ମାଣ କରିଥିଲେ। ମନ୍ଦିର ପରିଚାଳନା ପାଇଁ ଶ୍ରୀକୃଷ୍ଣ ଜନ୍ମଭୂମି ସେବା ସଂସ୍ଥା ନାମରେ ଏକ ଟ୍ରଷ୍ଟ ଗଠନ କରାଯାଇଥିଲା। ଡାଲମିଆ ବଂଶଜ ମନ୍ଦିର ପରିଚାଳନା ଓ ଟ୍ରଷ୍ଟ ସହ ଓତପ୍ରୋତ ଭାବେ ଜଡ଼ିତ ରହିଥିଲେ। ପ୍ରଭୁ ଶ୍ରୀକୃଷ୍ଣ ଯେଉଁ ବନ୍ଦୀଶାଳାରେ ଜନ୍ମ ହୋଇଥିଲେ ସେହି କୋଠରିର ଭଗ୍ନାବଶେଷ ଉପରେ କୁଆଡ଼େ ଇଦ୍‌ଗା ନିର୍ମାଣ ହୋଇଛି ବୋଲି କୁହାଯାଉଛି। ଏହି ପ୍ରସଙ୍ଗକୁ ଏବେ ହିନ୍ଦୁତ୍ୱବାଦୀ ସଙ୍ଗଠନଗୁଡ଼ିକ ଉଜ୍ଜୀବିତ କରିବାକୁ ଚାହୁଁଛନ୍ତି। ଏହାଦ୍ୱାରା ୨୦୨୪ ଲୋକ ସଭା ନିର୍ବାଚନରେ ଦଳ ପୁନର୍ବାର କ୍ଷମତାକୁ ଫେରିବାର ପଥ ସୁଗମ ହୋଇପାରିବ ବୋଲି ସେମାନେ ମନେକରୁଛନ୍ତି।

ସେହିପରି ବାରାଣସୀର ୭ମ ଶତାବ୍ଦୀର କାଶୀ ବିଶ୍ୱନାଥ–ଜ୍ଞାନବାପି ଧର୍ମୀୟ ପରିସରକୁ ନେଇ ଦ୍ୱନ୍ଦ୍ୱାତ୍ମକ ପରିବେଶ ସୃଷ୍ଟି ହୋଇଛି। ମୋଗଲ ସମ୍ରାଟ ଔରଙ୍ଗଜେବ ଜ୍ଞାନବାପି ମସ୍‌ଜିଦ୍‌ଟି ନିର୍ମାଣ କରାଇଥିବା କୁହାଯାଉଛି ଏବଂ ଏହା କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ରହିଛି। ଏହି ମସ୍‌ଜିଦ୍‌ଟି ଏକ ହିନ୍ଦୁ ମନ୍ଦିର ଭଗ୍ନାବଶେଷ ଉପରେ ନିର୍ମାଣ ହୋଇଥିବା ଅଭିଯୋଗକରି ଏଠାରେ ପୂଜାର୍ଚ୍ଚନା ପାଇଁ କିଛି ହିନ୍ଦୁ ସଙ୍ଗଠନ ଦାବି କରୁଛନ୍ତି। ତୃତୀୟ ପାଳି କେନ୍ଦ୍ରରେ ଭାଜପାକୁ କ୍ଷମତାସୀନ କରିବା ଆଶାରେ ହିନ୍ଦୁତ୍ୱବାଦୀ ସଙ୍ଗଠନ ସକ୍ରିୟ ରହିଥିବା ଅନୁଭବ କରାଯାଉଛି। ଗତ ବିହାର ନିର୍ବାଚନ ସମୟରେ ମିଥିଳାର ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ଭାଷଣରେ ମିଥିଳା ମା' ସୀତା ଦେବୀଙ୍କ ଜନ୍ମସ୍ଥାନ ବୋଲି ଉଲ୍ଲେଖ କରିବା ସହ ଅଯୋଧ୍ୟାରେ ନୂଆ ରାମମନ୍ଦିର ନିର୍ମାଣ ବିଷୟ କହିଥିଲେ। ତେଣୁ ଆସନ୍ତା ନିର୍ବାଚନରେ ଶ୍ରୀରାମଙ୍କ ସହ ଶ୍ରୀକୃଷ୍ଣ ଓ ଶଙ୍କରଙ୍କ ନାମ ପ୍ରସଙ୍ଗ ମଧ୍ୟକୁ ଆସିବ ବୋଲି ଜଳଜଳ ଦେଖାଯାଉଛି। ଆଗକୁ ମଥୁରା ଓ ଜ୍ଞାନବାପି ପ୍ରସଙ୍ଗକୁ ଆଇନର ଗଣ୍ଡି ମଧ୍ୟକୁ ନେବା ପାଇଁ ଉଦ୍ୟମ ହେବା ସହ ରାମମନ୍ଦିର ନିର୍ମାଣ କାର୍ଯ୍ୟ ଗତିଶୀଳ କରିବା ସକାଶେ ଏକାଧିକ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ସମ୍ଭାବନା ରହିଛି। ଏହାଦ୍ୱାରା ବାତାବରଣ ଗୋଳମାଳିଆ ହେବ। ଦେଶରେ ଉଚ୍ଚାଟ ସୃଷ୍ଟି ହେବ। ଏହି ଘନଘଟା ଭାଜପାକୁ ନିର୍ବାଚନରେ ସହାୟକ ହେବ ବୋଲି ହିନ୍ଦୁ ସଙ୍ଗଠନଗୁଡ଼ିକ ଆଶା ରଖିଥିବା ମନେହୁଏ।

ମୋ: ୯୪୩୭୨୨୯୨୩୩

# ଭାରତର ଭବିଷ୍ୟତ ସେମିକଣ୍ଡକ୍ଟର



ଡ. ନରେନ୍ଦ୍ର ସେଠୀ

ପୂର୍ବରୁ କମ୍ପ୍ୟୁଟରଗୁଡ଼ିକ ଏତେ ବଡ଼ ହେଉଥିଲା ଯେ ଏହା ବଡ଼ ଘର ଆକାର ନେବା ସହିତ ଅନେକ ବିଜୁଳି ଖର୍ଚ୍ଚ କରୁଥିଲା। ଷଷ୍ଠ ଦଶକରେ ନାସା ମୁଖ୍ୟାଳୟର ଆନାରେଲୋଜି କମ୍ପ୍ୟୁଟର ୨କୋଠରି ବିଶିଷ୍ଟ ଆୟତନ ଅଧିକାର କରିଥିଲା। ସେମିକଣ୍ଡକ୍ଟର ବିଶ୍ୱରେ ପ୍ରଥମ କରି ଆମେରିକାର ବେଲ୍ ପ୍ରୟୋଗଶାଳାରେ ୧୯୪୮ରେ ତିଆରି ହୋଇଥିଲା ଓ ସେଇଠୁ ବୃହତ୍ ଭକ୍ୟୁମ ଡାଏଡ୍ ଯୁଗର ଅବସାନ ହେଲା। ଟ୍ରାଞ୍ଜିଷ୍ଟରର ଉଦ୍ଭାବନ ହେଲା ପରେ ସେମିକଣ୍ଡକ୍ଟର ନାମକ ଏକ ବିଚିତ୍ର ଜିନିଷ ସମଗ୍ର ବିଜ୍ଞାନକୁ ବଦଳେଇବାକୁ ଲାଗିଲା। ବଡ଼ ବଡ଼ ଭାକ୍ୟୁମ ଟ୍ୟୁବ୍ ଯାହା କରୁଥିଲେ ଏକ ଛୋଟ ମାଇକ୍ରୋଚିପ୍ ଭିତରେ ସବୁ ସମାହିତ ହୋଇଗଲା ଓ କମ୍ପ୍ୟୁଟର ଆକାର ଏକ ଘର ଆକାରରୁ କମିଯାଇ ଟେବୁଲ ଉପରେ ରହିପାରିଲା। ତେବେ ଏହି ସେମିକଣ୍ଡକ୍ଟର ଏହା ଭିତରେ ଅନେକ ଅଗ୍ରଗତି କରିଛି ଓ ସମଗ୍ର ବିଜ୍ଞାନକୁ ହାତମୁଠାରେ ନେଇ ସାରିଛି।

ଆମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ପରୋକ୍ଷ ଭାବରେ ସେମିକଣ୍ଡକ୍ଟର ଦ୍ୱାରା ପରିଚାଳିତ ହେଉଛି। ଆମ ଦୈନନ୍ଦିନ ଜୀବନରେ ସେମିକଣ୍ଡକ୍ଟରଗୁଡ଼ିକ କିପରି ବ୍ୟବହୃତ ହୁଏ ଆସନ୍ତୁ, ନଜର ପକେଇବା। ଏଭଳି ଏକ ଏତେ ଜରୁରୀ ଜିନିଷଟି କୋଉ ଷ୍ଟୋରରେ ବୈଦ୍ୟୁତିକ ଉପକରଣ ଭାବରେ ବିକ୍ରି ହୁଏ ନାହିଁ, ତେଣୁ ଏହାକୁ ଟିକେ ବୁଝିବା କଷ୍ଟକର ହୋଇପାରେ। କିନ୍ତୁ ବାସ୍ତବରେ ଏହା ପ୍ରତ୍ୟକ ବୈଦ୍ୟୁତିକ ଉପକରଣରେ ଭିତରେ ବ୍ୟବହୃତ ହେଇଥାଏ। ଉଦାହରଣ ସ୍ୱରୂପ, ଏୟାର କଣ୍ଡିସନରରେ ବ୍ୟବହୃତ ତାପମାତ୍ରା ନିୟନ୍ତ୍ରକଗୁଡ଼ିକ ସେମିକଣ୍ଡକ୍ଟରେ ତିଆରି ହୋଇଥାଏ। ଆମ ଆଧୁନିକ ରୋଷେଇଘରେ ବୈଦ୍ୟୁତିକ ରାଇସ୍ କୁକର ଭାତକୁ ଠିକ୍ ଭାବରେ ରାନ୍ଧିପାରେ, କାରଣ ସେମିକଣ୍ଡକ୍ଟର ତାପମାତ୍ରାକୁ ଠିକ୍ ଭାବରେ ନିୟନ୍ତ୍ରଣ କରିଥାଏ। ସବୁ କମ୍ପ୍ୟୁଟରର ମୁଖ୍ୟ ଅଂଶ ସିପିୟୁଗୁଡ଼ିକ ମଧ୍ୟ ଅସଂଖ୍ୟ ସେମିକଣ୍ଡକ୍ଟରରେ ନିର୍ମିତ । ଦୈନନ୍ଦିନ ଜୀବନରେ ଅନେକ ଡିଜିଟାଲ ଉପକରଣ ଯେପରିକି ମୋବାଇଲ ଫୋନ୍, ସ୍ମାର୍ଟଫୋନ, ଡିଜିଟାଲ କ୍ୟାମେରା, ଟେଲିଭିଜନ, ୱାଶିଂ ମେଶିନ, ରେଫ୍ରିଜରେଟର ଏବଂ ଏଲ୍‌ଇଡି ବଲ୍‌ବ ମଧ୍ୟ ସେମିକଣ୍ଡକ୍ଟର ବ୍ୟବହାର କରନ୍ତି । ଇଲେକ୍ଟ୍ରୋନିକ୍ସ ଉପକରଣ ବ୍ୟତୀତ ସେମିକଣ୍ଡକ୍ଟରଗୁଡ଼ିକ ବ୍ୟାଙ୍କ ଏଟିଏମ୍, ଟ୍ରେନ୍, ଇଣ୍ଟରନେଟ, ଯୋଗାଯୋଗ ଏବଂ ସାମାଜିକ ଭିତ୍ତିଭୂମିର ଅନ୍ୟାନ୍ୟ ଅଂଶ ଯଥା ମେଡିକାଲ ନେଟ୍‌ୱାର୍କରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସେମିକଣ୍ଡକ୍ଟର କହିଲେ କିଛି ମୌଳିକ ପଦାର୍ଥ ଯାହା କମ୍ ପରିବାହୀ ହୋଇଥାଏ। ମାତ୍ର ଏକ ଉପଯୁକ୍ତ ଅନ୍ୟ ଏକ ମୌଳିକ ପଦାର୍ଥ ସହ ଏହାର ମିଶ୍ରଣ ହେଲେ ବିଦ୍ୟୁତ୍ ପରିବାହିତା ବହୁ ଗୁଣରେ ବଢ଼ିଯାଇଥାଏ। ଏହିସବୁ ମୌଳିକ ପଦାର୍ଥ ହେଲା ସିଲିକନ୍, ଜର୍ମାନିୟମ, ଗ୍ୟାଲୁରିୟମ ଇତ୍ୟାଦି। ଏହି ସିଲିକନ୍‌କୁ ଛୋଟ ମାଇକ୍ରୋଚିପ୍ ଭିତରେ ଖୁବ୍ ସତର୍କତାର



ସହ କମ୍ପ୍ୟୁଟର ପ୍ରୋଗ୍ରାମ ସବୁକୁ ଛପାଯାଇଥାଏ। ଅର୍ଥାତ୍ ଆମେ ଯେଉଁ ପ୍ରୋଗ୍ରାମ କରିବାକୁ କମ୍ପ୍ୟୁଟର ବା ମୋବାଇଲକୁ କହୁ ତାକୁ କରିବାର ସବୁ ନିର୍ଦ୍ଦେଶ ଏହି ଚିପ୍ ଭିତରେ ଲେଖା ସରିଥାଏ।

ସେମିକଣ୍ଡକ୍ଟରରେ ଧରି ନିଅନ୍ତୁ ଆମ ଘରୁ ଟିଭି, ମୋବାଇଲ, କମ୍ପ୍ୟୁଟର, ଭିଡିଓ ଗେମ ଇତ୍ୟାଦି ଯଦି କାଢ଼ି ନିଆଯାଏ ଆମ ଜୀବନ କେତେ ଦୁର୍ବିଷହ ହେଇପଡ଼ିବ। କିନ୍ତୁ ଆମେ ଜାଣିନେ ଏହିସବୁ ଉପକରଣକୁ ଗୋଟିଏ ଜିନିଷ ଚଳାଏ, ତାହା ହେଲା ମାଇକ୍ରୋଚିପ୍ ଓ ତା' ଭିତରେ ଥିବା ସେମିକଣ୍ଡକ୍ଟର। ବର୍ତ୍ତମାନ ଏହା ମୋବାଇଲ, ଟିଭି, କମ୍ପ୍ୟୁଟର, ପ୍ରତିରକ୍ଷା ଉପକରଣ, ଗମନାଗମନ ଇତ୍ୟାଦି ପ୍ରତ୍ୟେକ ଜିନିଷର ଏକ ଅଭିନ୍ନ ଅଙ୍ଗ ପାଲଟିଯାଇଛି। ଅର୍ଥାତ୍ କୌଣସି ଦେଶର ଆର୍ଥିକ ଅଗ୍ରଗତି କରିବାକୁ ହେଲେ ନିଜର ସେମିକଣ୍ଡକ୍ଟର ଶିଳ୍ପକୁ ଅତ୍ୟଧିକ ପ୍ରାଧାନ୍ୟ ଦେବାକୁ ପଡ଼ିବ। ସୂଚନାଯୋଗ୍ୟ, ଆମେରିକାର ସେମିକଣ୍ଡକ୍ଟର ଶିଳ୍ପ ୩ଲକ୍ଷରୁ ଅଧିକ ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ଦେବା ସହିତ ପରୋକ୍ଷ ଭାବରେ ୧୮ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେଉଛି। ବିଶ୍ୱ ସେମିକଣ୍ଡକ୍ଟର ଚାହିଦା ଖୁବ୍ ଶୀଘ୍ର ଏକ ଟ୍ରିଲିୟନ ଡଲାର ପାରକରିବାକୁ ଯାଉଛି। କିନ୍ତୁ ସବୁଠୁ ଜଟିଳ କାମ ହେଲା ଏହାକୁ ତିଆରି କରିବା ପାଇଁ ହେଉଥିବା କାରଖାନାର ପରିବେଶ। ଏହା ଏକ ଶୀତତାପ ନିୟନ୍ତ୍ରିତ କୋଠରିଠାରୁ ହଜାରେ ଗୁଣ ଅଧିକ ସଫା ହେବା ଆବଶ୍ୟକ। କାରଣ ସେମିକଣ୍ଡକ୍ଟର ଚିପ୍‌ଗୁଡିକ ଏତେ ଛୋଟ ଯେ ଏକ ସାମାନ୍ୟ ଧୂଳିକଣା ଏହାର ସବୁ କାମ ବିଗାଡ଼ିଦେଇପାରେ ; ଯେଉଁଥିପାଇଁ ଅନେକ ସେମିକଣ୍ଡକ୍ଟର ପ୍ରସ୍ତୁତ କରିବାରେ ମାତ୍ର କେତୋଟି ହାତଗଣତି ଦେଶ ଅଛନ୍ତି। ସେଗୁଡିକ ମଧ୍ୟରେ ଆମେରିକା, ଜାପାନ, ତାଇୱାନ ଅନ୍ୟତମ। ନିକଟରେ ଭାରତ ସରକାର ଏହି ସେମିକଣ୍ଡକ୍ଟରର ଉପଯୋଗିତାକୁ ଲକ୍ଷ୍ୟ ରଖି ୬୭ ହଜାର କୋଟି ଟଙ୍କାର ଯୋଜନା ଘୋଷଣା କରିଛନ୍ତି। ଏହାଦ୍ୱାରା ୩୫ ହଜାରରୁ ଅଧିକ ପ୍ରତ୍ୟକ୍ଷ କର୍ମନିଯୁକ୍ତି ମିଳିବା ସହିତ ପ୍ରାୟ ଲକ୍ଷେ ସତୁରି ହଜାର କୋଟି ଟଙ୍କାର ନିବେଶ ଆଣିଦେବ ବୋଲି କୁହାଯାଉଛି। ଏହା ଫଳରେ ଭାରତ ୨ ବିଲିୟନ ଆମେରିକୀୟ ଡଲାରର ପୁଞ୍ଜି ବିନିଯୋଗ ପ୍ରସ୍ତାବ ପାଇଛି। ମେକ୍ ଇନ୍ ଇଣ୍ଡିଆ ବ୍ୟାନର ତଳେ ଅନେକ ଶିଳ୍ପ କାରଖାନା ଆଗେଇ ଆସିଛନ୍ତି ସତ, କିନ୍ତୁ ସମସ୍ତେ ସେମିକଣ୍ଡକ୍ଟର ବିଦେଶରୁ ଆମଦାନୀ କରିଥାନ୍ତି। ୨୦୨୦ରେ ଭାରତ ୨ ବିଲିୟନ ଡଲାରର ସେମିକଣ୍ଡକ୍ଟର ଆମଦାନୀ କରିଥିଲା ଓ ଏହା ଆମ ଦେଶର ସବୁଠ ବେଶି ଆମଦାନୀ ହେଉଥିବା ଜିନିଷ ମଧ୍ୟରେ ଅନ୍ୟତମ। ବିଶ୍ୱରେ ଏବେ ଆମେରିକା ୫୪ ପ୍ରତିଶତ ମାର୍କେଟ ଶେୟାର ସହିତ ସେମିକଣ୍ଡକ୍ଟର ବଜାରରେ ଅପ୍ରତିଦ୍ୱନ୍ଦ୍ୱୀ ହୋଇ ରହିଛି। ତା' ପଛକୁ ଦକ୍ଷିଣ ତାଇୱାନ, କୋରିଆ, ଜାପାନ ଓ ଚାଇନା ପ୍ରଭୃତି ଦେଶ ଅଛନ୍ତି। ଭାରତକୁ ଏହି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ; ନ ହେଲେ ଭାରତର ଆର୍ଥିକ ଅଗ୍ରଗତି ପଛରେ ପଡ଼ିଯିବ।

**ବୈଜ୍ଞାନିକ ଅଧିକାରୀ, ଭାବା ପରମାଣୁ ଗବେଷଣା କେନ୍ଦ୍ର,ଯଦୁଗୁଡ଼ା,ଝାଡ଼ଖଣ୍ଡ**
ମୋ: ୭୦୦୪୦୬୮୧୧୦

## ଏଇ ଭାରତରେ

କାର୍‌ରେ ଯିବେ ପୁଣି ଅନ୍ୟ କିଛି ସୁବିଧା ମାଗଣାରେ ପାଇବେ! ଏମିତି ବ୍ୟବସ୍ଥା କେଉଁଠି ଦେଖିଛନ୍ତି? କିନ୍ତୁ ଦିଲ୍ଲୀର ଅବଦୁଲ କାଦିରଙ୍କ କାର୍‌ରେ ଗଲେ ଯାତ୍ରୀମାନେ ସୁଖଦ ଅନୁଭବ କଲାଭଳି ଜିନିଷ ଓ ସେବା ମାଗଣାରେ ପାଇପାରିବେ। କାଦିର ଯାତ୍ରୀମାନଙ୍କୁ ଖବରକାଗଜ ପଢ଼ିବାକୁ ଦେବା ସହ ଜୁସ୍ ଓ ସ୍ନାକ୍ସ ଦେଉଛନ୍ତି। ଅବଦୁଲ ତାଙ୍କ କାର୍‌ରେ ବିଶୁଦ୍ଧ ପାନୀୟ ଜଳ ପିଇବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏପରିକି ଜଣେ ନେଲ୍‌ପଲିସି ରିମୁଭର ବି ଚାହିଁଲେ ତାହା ପାଇବାରେ କିଛି ଅସୁବିଧା ହେବନାହିଁ। ଏହାବ୍ୟତୀତ କାର୍ ମଧ୍ୟରେ ସେ ଶାନ୍ତି, ସଦ୍‌ଭାବନା ଏବଂ ପାରସ୍ପରିକ ସମ୍ମାନ ବୃଦ୍ଧି କଲା ଭଳି ବିଭିନ୍ନ ନୀତିବାଣୀ ଲଗାଇଛନ୍ତି। ଏହା ସାମ୍ପ୍ରଦାୟିକ ସଦ୍‌ଭାବନାର ବାର୍ତ୍ତା ଦେଉଛି। ଅବଦୁଲ ଚାକିରି କରିଥିଲେ ଓ ୩୦ ବର୍ଷ ବୟସରେ ତାହା ହରାଇବା ପରେ ବିଭିନ୍ନ ବ୍ୟବସାୟ କରିବାକୁ ଲାଗିଲେ। କିନ୍ତୁ ସେଥିରେ ସଫଳ ନ ହେବାରୁ ଶେଷରେ କାର୍ ଚଳାଇବା ଆରମ୍ଭ କରିଥିଲେ ଏବଂ ଯାତ୍ରୀଙ୍କୁ ନେବା ଆଣିବା ସମୟରେ ଏଭଳି ମାଗଣା ସେବା ଯୋଗାଇଦେବା ଲାଗି ନିଷ୍ପତ୍ତି ନେଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ମେ ୧୯୯୭

- ରୁଷ ରାଷ୍ଟ୍ରପତି ବୋରିସ ୟେଲ୍‌ଟସିନ ଏବଂ ବେଲାରୁଷ ପ୍ରତିପକ୍ଷ ଆଲେକ୍‌ଜାଣ୍ଡାର ଲୁକାସେଙ୍କ ମଧ୍ୟରେ ଏକ ନୂତନ ସଂଘୀୟ ସନନ୍ଦ ସ୍ୱାକ୍ଷରିତ।
- ଆଲଜିୟର୍ସର ଦକ୍ଷିଣାଞ୍ଚଳରେ ଏକ ଶକ୍ତିଶାଳୀ କାର ବୋମା ବିସ୍ଫୋରଣ ଘଟି ୧୨ ନିହତ।
- ୯୫୦ କୋଟି ଟଙ୍କାର ବିହାର ଗୋଖାଦ୍ୟ ଦୁର୍ନୀତିର ସିବିଆଇ ବିହାର ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବାକୁ ନିଷ୍ପତ୍ତି ନେଇ ରାଜ୍ୟପାଳଙ୍କ ଅନୁମତି ଲୋଡ଼ିଥିବାରୁ ବିହାର ଭୂସଂସ୍କାର ଏବଂ ରାଜସ୍ୱ ମନ୍ତ୍ରୀ ଇନ୍ଦର ସିଂଙ୍କ ଇସ୍ତଫା।
- ହାଇଦ୍ରାବାଦର ଆଡ୍‌ଭାନ୍ସ ରେଡିଓ ମାଷ୍ଟ (ଏଆର୍‌ଏମ୍‌ଏସ୍) ସହ ଟେଲି ଯୋଗାଣ ବିଭାଗ କରିଥିବା ଏକାଧିକ କୋଟି ଟଙ୍କାର ଟେଲି ଯୋଗାଯୋଗ ସାମଗ୍ରୀ ଖର୍ଦ୍ଦି ଚୁକ୍ତି ଦିଲ୍ଲୀ ହାଇକୋର୍ଟ ଦ୍ୱାରା ରଦ୍ଦ।

## ପାଠକ ଶ୍ରେଷ୍ଠ ବିଚାରକ

### ବିଶ୍ୱ ଖାଦ୍ୟବଜାରରେ ସ୍ଥିରତା ଅଣାଯାଉ

ମହାଶୟ,

ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱର ୨୭୦ ନିୟୁତରୁ ଊର୍ଦ୍ଧ୍ୱ ଲୋକ ଉତ୍କଟ ଖାଦ୍ୟ ସଙ୍କଟ ଦେଇ ଗତି କରୁଥିବା ବେଳେ ରୁଷିଆ–ୟୁକ୍ରେନ୍ ଯୁଦ୍ଧ ଯୋଗୁ ଆହୁରି ଅନେକ ନିୟୁତ ଲୋକ ଖାଦ୍ୟ ଅସୁରକ୍ଷା ମଧ୍ୟକୁ ଠେଲିହୋଇଯାଇଛନ୍ତି। ବିଶେଷକରି କୃଷିଜାତ ସାମଗ୍ରୀ ରପ୍ତାନି କରୁଥିବା ୟୁକ୍ରେନ୍‌ରୁ ଖାଦ୍ୟ ସାମଗ୍ରୀ ବନ୍ଦ ହୋଇଯିବା ଯୋଗୁ ଅଧିକ ଲୋକ ଏଭଳି ଗୁରୁତର ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏହାଦ୍ୱାରା ଜରୁରୀ ସମୟରେ ଲୋକଙ୍କ ଜୀବନ ରକ୍ଷା ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଖାଦ୍ୟ ସହାୟତା ସହ ଭୋକିଲାଙ୍କ ମୁହଁରେ ଆହାର ଦେବା ସମ୍ଭବ ହୋଇପାରୁନାହିଁ। ଏପରିକି ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରର ସମ୍ବିଧାନ ପ୍ରଥମେ ମଣିଷର ମୌଳିକ ଆବଶ୍ୟକତା ଖାଦ୍ୟକୁ ସୁନିଶ୍ଚିତ କରୁଥିବାବେଳେ ସାମ୍ପ୍ରତିକ ପରିସ୍ଥିତିରେ କେତେକ ଦେଶରେ ଖାଦ୍ୟ ସଙ୍କଟ ଦେଖାଦେଇ ଗୃହଯୁଦ୍ଧର କାରଣ ହୋଇଛି। ଆଗକୁ ଖାଦ୍ୟ ସଙ୍କଟ ଅଧିକ ଉତ୍କଟ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ବିଶ୍ୱ ଖାଦ୍ୟ ବଜାରରେ ଏହାର ଚାପ ପଡ଼ିବା ନିଶ୍ଚିତ। ଏଥିପାଇଁ ଜାତିସଂଘ ସମେତ ଅନେକ ଅନ୍ତର୍ଜାତୀୟ ସଂସ୍ଥା ସତର୍କ କରିଦେଇଛନ୍ତି। କେବଳ ସେତିକି ନୁହେଁ, ରୁଷିଆ– ୟୁକ୍ରେନ୍ ଯୁଦ୍ଧ ଯୋଗୁ ଆଗାମୀ ଦୀର୍ଘବର୍ଷ ପର୍ଯ୍ୟନ୍ତ ଖାଦ୍ୟ ସଙ୍କଟ ଦେଖାଦେଇପାରେ। ଏଭଳି ସଂଘର୍ଷ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ଆଗରେ ବଡ଼ ପ୍ରତିବନ୍ଧକ ସାଜିଥିବାରୁ ଏହାର ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇ ବିଶ୍ୱ ଖାଦ୍ୟ ବଜାରରେ ସ୍ଥିରତା ଅଣାଯାଉ।

**–ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କିପାଁ ଏସନ କାତର କରୁଣ ଚାହାଣୀ
କାହିଁପାଇଁ ଏ ଗଭୀର ଖେଦ ?
ମାତ୍ର ଏକ ନିଶାର ବିଚ୍ଛେଦ !
ସାମାନ୍ୟ ସେ ବ୍ୟବଧାନ ନ ହୁଏ କି ସହି
ଏ ମରତ–ପରବାସେ ରହି ?
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଫ୍ୟୁଚର ଏଣ୍ଟରପ୍ରିନିଅର୍ସ ଅଫ୍ ଓଡିଶା ପକ୍ଷରୁ ୧୦ ଦିନିଆ କାର୍ଯ୍ୟକ୍ରମ, ହୋଟେଲ ଶିତଲ, ବାଣୀବାହାର, ଅପରାହ୍ନ ୩ଟା।
- ଗୁଣନିଧି ମହାପାତ୍ରଙ୍କ ୧୦ମ ବାର୍ଷିକ ଶ୍ରାଦ୍ଧୋତ୍ସବ, କେଦାରନାଥ ଗବେଷଣା ପ୍ରତିଷ୍ଠାନ, କନ୍‌ଫରେନ୍ସ ହଲ୍, କେଦାରଗୌରୀ ମାର୍ଗ, ସନ୍ଧ୍ୟା ୬ଟା।

ବାଲିଅନ୍ତା

- ଚନ୍ଦନଯାତ୍ରା ଅବସରରେ ଫ୍ରି-ସେଲ୍ ଅପେରା ପରିବେଷଣ, ବାଲିଅନ୍ତା ହାଟପଡିଆ, ରାତି ୧୧ଟା।
- ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ଚନ୍ଦନ ମହୋତ୍ସବ ଉପଲକ୍ଷେ ଫ୍ରି-ସେଲ୍ ଅପେରା ପରିବେଷଣ, ହରିଦାସପୁର, ଶ୍ରୀ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣ, ରାତି ୧୧ଟା ୩୦।

କଟକ

- ନୂତନ ଦୁର୍ଗାମଣ୍ଡପ ପ୍ରତିଷ୍ଠା ଉତ୍ସବ ନିମନ୍ତେ ନବମୀ ପୂଜା, ବଙ୍ଗାଳିସାହି, ସକାଳ ୮ଟା।
- ଜିଏନ୍‌ଏମ୍ ଫାଉଣ୍ଡେଶନ ପକ୍ଷରୁ ପ୍ରଫେସର ଡ. ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ସମ୍ମିଳନୀର ଉଦ୍‌ଯାପନୀ, ସାରଳା ଭବନ, ତୁଳସୀପୁର, ମଧ୍ୟାହ୍ନ ୧୨ଟା ୩୦।
- ଜାତୀୟ ଆଦିବାସୀ ମେଳାର ପଞ୍ଚମ ଦିବସ, ବାଲିଯାତ୍ରା ଉପର ପଡ଼ିଆ, ଅପରାହ୍ନ ୪ଟା।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ସନ୍ଥକବି ଭୀମ ଭୋଇଙ୍କ ସ୍ମୃତି ସନ୍ଧ୍ୟା, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ୩୦।

# ବିନା କାଗଜପତ୍ରରେ ଚାଲିଛି ସଫାରି ବସ୍




## ନନ୍ଦନକାନନ
### ଅବଧି ସରିଥିବା ଗାଡ଼ି ଚାଲୁଛି

**ବାରଙ୍ଗ,୨୩।୫(ଡି.ଏନ୍.ଏ.)**

ନନ୍ଦନକାନନ କର୍ତ୍ତୃପକ୍ଷ ଅଧିକ ରାଜସ୍ୱ ଆଶାରେ ପାର୍କିଂ, ସଫାରି, ବ୍ୟାଟେରିଚାଳିତ ଅଟୋ ଓ ବୋଟିଂକୁ ଘରୋଇକରଣ କରିଛନ୍ତି। ହେଲେ ଘରୋଇକରଣ ପରେ ସେଗୁଡ଼ିକ ଉପରେ କର୍ତ୍ତୃପକ୍ଷ ନଜର ଦେଇ ନ ଥିବା ଅଭିଯୋଗ ହୋଇଛି, ଯାହାର ଉଦାହରଣ ସଫାରିରେ ଚାଲିଥିବା ବସ୍ କ୍ଷେତ୍ରରେ ଦେଖିବାକୁ ମିଳିଛି। ବନ୍ୟଜନ୍ତୁଙ୍କୁ ଅତି ନିକଟରୁ ଦେଖିବା ପାଇଁ ସଫାରିରେ ବୁଲିବାକୁ ବ୍ୟବସ୍ଥା ରହିଛି। ହେଲେ ସଫାରି ଗାଡ଼ି କେତେ ସୁରକ୍ଷିତ, ସେଥିପ୍ରତି କର୍ତ୍ତୃପକ୍ଷ ଧ୍ୟାନ ଦେଉନାହାନ୍ତି। କେଉଁ ଗାଡିର ଇନ୍‌ସ୍ୟୁରାନ୍ସ ନାହିଁ ତ ଆଉ କାହାର ପଲ୍ୟୁଶନ ନାହିଁ, ଆଉ କିଏ ଟ୍ୟାକ୍ସ ଠକି ଚାଲିଛି। ସବୁଠାରୁ ବଡ଼କଥା ହେଲା, ଟେଣ୍ଡର ସମୟରେ ନନ୍ଦନକାନନ ପକ୍ଷରୁ ରଖାଯାଇଥିବା ସର୍ତ୍ତ ଅନୁଯାୟୀ ତିନୋଟି ବସ୍‌ର ଅବଧି ୩ ବର୍ଷ ପୂରିଯାଇଥିଲେ ମଧ୍ୟ ଏବେ ବି ସେଗୁଡ଼ିକ ଚାଲୁଛି। ସାଧାରଣତଃ ଗାଡ଼ିର କାଗଜପତ୍ର ଠିକ୍ ନ ଥିଲେ ଆଇନ ଅନୁଯାୟୀ ଗାଡ଼ି ମାଲିକ ଦଣ୍ଡିତ ହୋଇ ଜରିମାନା ଦେବା କଥା। କିନ୍ତୁ ନନ୍ଦନକାନନରେ ଏହି ବସ୍‌ଗୁଡିକ ପର୍ଯ୍ୟଟକଙ୍କୁ ଧରି ରାସ୍ତାରେ ଗଡୁଛି। ତେବେ ଏହି ଗାଡ଼ିଗୁଡିକର କାହିଁକି କାଗଜପତ୍ର ଯାଞ୍ଚ କରାଯାଉ ନାହିଁ। ଯଦି କିଛି ଅଘଟଣ ଘଟେ ଏଥିପାଇଁ କିଏ ଦାୟୀ ରହିବେ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶ ଯେ, ଗତବର୍ଷ ଏପ୍ରିଲରେ ୪ଟି ସଫାରି ବସ୍ ପାଇଁ ଟେଣ୍ଡର ହୋଇଥିଲା। ଜଣେ ଠିକାଦାର ଏହାକୁ ଗୋଟେ ବର୍ଷ ପାଇଁ ମାସିକ ୬ଲକ୍ଷ ୫୦ହଜାର ଟଙ୍କା ଦେବା ଚୁକ୍ତିରେ ନେଇଥିଲେ। ଟେଣ୍ଡର ପେପରରେ ସଫାରି ପାଇଁ ବ୍ୟବହାର ହେବାକୁ ଥିବା ବସ୍‌ର ବୈଧ କାଗଜପତ୍ର, ଫିଟ୍‌ନେସ, ପଲ୍ୟୁଶନ, ଟ୍ୟାକ୍ସ, ଇନ୍‌ସ୍ୟୁରାନ୍ସ ଆଦି କାଗଜପତ୍ର ପୈଠ କରିବାକୁ କୁହାଯାଇଥିଲା। ଏପରି କି ଚାଲିବାକୁ ଥିବା ବସ୍‌ଗୁଡିକ ୩ ବର୍ଷର ହୋଇଥିବ ବୋଲି ମଧ୍ୟ ଉଲ୍ଲେଖ ହୋଇଥିଲା। କିନ୍ତୁ ଏବେ ଚାଲିଥିବା ୪ ବସ୍ ମଧ୍ୟରୁ ୩ଟି ୩ ବର୍ଷରୁ ଊର୍ଦ୍ଧ୍ୱ ବୋଲି ଜଣାପଡ଼ିଛି। ନନ୍ଦନକାନନକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଦୀର୍ଘଦିନ ହେବ ନନ୍ଦନକାନନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲେ ମଧ୍ୟ ଚାଲିଥିବା ବସ୍‌ଗୁଡିକ ଏଥିପାଇଁ ବାଧକ ସାଜିଛନ୍ତି। ବସ୍ ଚାଲିବା ପୂର୍ବରୁ ନନ୍ଦନକାନନ ପକ୍ଷରୁ କରାଯାଇଥିବା ନିୟମାନୁସାରେ ସଫାରି କାମରେ ନିୟୋଜିତ ଥିବା ୩ ବର୍ଷ ୫ମାସର ଏହି ଓଡି୦୨-ଏଏଚ୍-୫୧୦୧ନଂ. ବସ୍‌ଟିର ପଲ୍ୟୁଶନ ନାହିଁ। ୩ ବର୍ଷ ୨ମାସର ଓଡି୦୨-ଏଏଚ୍-୬୬୨୬ନଂ. ବସ୍‌ଟି ଚାଲୁଛି। ୩ ବର୍ଷ ୬ ମାସର ଓଡି୦୨-ଏଜେଡ୍-୨୭୪୭ନଂ. ବସ୍‌ଟିର ଜାନୁୟାରୀଠାରୁ ଟ୍ୟାକ୍ସ ଓ ଇନ୍‌ସ୍ୟୁରାନ୍ସ ନାହିଁ। ସେହିଭଳି ଓଡି୦୨-ବିଏଚ୍-୦୩୪୩ ନଂ. ବସ୍‌ଟିର କାଗଜପତ୍ର ଠିକ୍ ଥିବା ପରିବହନ ବିଭାଗ ପକ୍ଷରୁ କରାଯାଇଥିବା ବାହନ ଆପ୍ ଦ୍ୱାରା ଜଣାପଡିଛି। ଏ ବିଷୟରେ ନନ୍ଦନକାନନ ଉପନିର୍ଦ୍ଦେଶକ ଡ. ସଞ୍ଜିତ କୁମାର କହିଛନ୍ତି, ଘଟଣାର ଅନୁଧ୍ୟାନ କରି ତୁରନ୍ତ ରିପୋର୍ଟ ଦେବାକୁ ରାଜସ୍ୱ ବିଭାଗ ଦାୟିତ୍ୱରେ ଥିବା ରେଞ୍ଜର ସ୍ୱାଗତିକା ସାହୁଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଠିକାଦାର ଦାୟିତ୍ୱ ନେବା ପୂର୍ବରୁ ସମସ୍ତ ବସ୍‌ର ବୈଧ କାଗଜପତ୍ର ପ୍ରଦାନ କରିବାକୁ କୁହାଯାଇଥିଲା। ଯଦି ଚାଲୁଥିବା ବସ୍‌ଗୁଡିକର କାଗଜପତ୍ର ଠିକ୍ ନାହିଁ ତେବେ ସେମାନେ ପରିବହନ ବିଭାଗକୁ ଠକିବା ସହ ଆମ ଚୁକ୍ତିକୁ ଖିଲାପ କରୁଛନ୍ତି, ସେଥିପାଇଁ ଠିକାଦାରଙ୍କୁ ଚିଠି କରିବୁ। ଏହାସହ ଟେଣ୍ଡର ସମୟରେ ବସ୍ ପାଇଁ ହୋଇଥିବା ନିୟମାନୁସାରେ ଆବଶ୍ୟକ ବୈଧ କାଗଜପତ୍ର ଯାଞ୍ଚ କରିବୁ। ଯଦି ତ୍ରୁଟି ଥାଏ, ତୁରନ୍ତ ସେହି ଗାଡ଼ିଗୁଡ଼ିକୁ ପରିବର୍ତ୍ତନ ପାଇଁ କହିବୁ ବୋଲି କହିଥିଲେ।

## ୩ ସଫାରି କର୍ମଚାରୀ ଗିରଫ
### ପର୍ଯ୍ୟଟକଙ୍କୁ ଆକ୍ରମଣ ଘଟଣା

ନନ୍ଦନକାନନକୁ ବୁଲିବାକୁ ଆସିଥିବା ଛତିଶଗଡର ପର୍ଯ୍ୟଟକଙ୍କୁ ଆକ୍ରମଣ ଘଟଣାରେ ଆଦର୍ଶ ଥାନା ନନ୍ଦନକାନନ ପୋଲିସ ସୋମବାର ୩ ସଫାରି କର୍ମଚାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦାରୁଠେଙ୍ଗ ଗ୍ରାମର କାହ୍ନୁ ମହାପାତ୍ର, ଅମନ ପାଟଶାଣୀ ଓ ସନ୍ତୋଷ କୁମାର ସାହୁ। ସୂଚନା ଅନୁଯାୟୀ, ରବିବାର ଛତିଶଗଡର ୨୬ଜଣ ପର୍ଯ୍ୟଟକ ସଫାରି ବସ୍‌ରେ ବୁଲିବା ପାଇଁ ଟିକେଟ କାଟି ୩ ଘଣ୍ଟା କାଳ ଅପେକ୍ଷା କରିଥିଲେ ମଧ୍ୟ ସଫାରିରେ ବୁଲିପାରି ନ ଥିଲେ। ଏହାକୁ ନେଇ ସଫାରି କର୍ମଚାରୀ ସହ ପର୍ଯ୍ୟଟକଙ୍କର ଯୁକ୍ତିତର୍କ ହୋଇ ଉତ୍ତେଜନା ହୋଇଥିଲା। ଏହାପରେ ବ୍ୟାଟେରିଚାଳିତ ଗାଡ଼ିର କର୍ମଚାରୀମାନେ ସଫାରି କାଉଣ୍ଟର ପାଖକୁ ଆସି ସଫାରି କର୍ମଚାରୀଙ୍କ ସହ ମିଶି ପର୍ଯ୍ୟଟକମାନଙ୍କୁ ମାରି ଲହୁଲୁହାଣ କରିଦେଇଥିବାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ ଥାନାଧିକାରୀ ବିଶ୍ୱରଞ୍ଜନ ସେନାପତି ନଂ.୭୦/୨୨ରେ ଏକ ମାମଲା ରୁଜୁକରି ଆହତ ୫ଜଣ ପର୍ଯ୍ୟଟକଙ୍କୁ ପ୍ରାଥମିକ ଚିକିତ୍ସା କରାଇଥିଲା। ଏହି ଘଟଣାରେ ପୋଲିସ ୩ ସଫାରି କର୍ମଚାରୀଙ୍କୁ ଗିରଫ କରିଥିବା ବେଳେ ଆହୁରି ୪ଜଣ ଫେରାର ଅଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନନ୍ଦନକାନନ କର୍ତ୍ତୃପକ୍ଷ ଗୁରୁତର ସହ ନେଇଛନ୍ତି। ପୋଲିସର କାର୍ଯ୍ୟାନୁଷ୍ଠାନ ସହ ସିକ୍ୟୁରିଟି ରେଞ୍ଜରଙ୍କ ତଦନ୍ତ ରିପୋର୍ଟ ଆଧାରରେ ସଫାରି ନେଇଥିବା ଠିକାଦାରର ଯଦି ଭୁଲ ବାହାରେ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି। ଅନ୍ୟପଟେ ଆଗାମୀ ଦିନରେ ଠିକାଦାର ଓ ପର୍ଯ୍ୟଟକ ଉଭୟଙ୍କ କୌଣସି ଅସୁବିଧା ହେଲେ ସେମାନେ ନନ୍ଦନକାନନ କାର୍ଯ୍ୟାଳୟକୁ ଅବଗତ କରିବା ସହ ଆଇନକୁ ହାତକୁ ନ ନେବାକୁ ଏକ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ଉପନିର୍ଦ୍ଦେଶକ କହିଥିଲେ।

## ସଂକ୍ଷେପରେ

### 'ଦେଶର ଜନତାଙ୍କୁ ନୂଆ ବିକଳ୍ପ ଆବଶ୍ୟକ'


ରୋହିତ କୁମାର ସିଂହ

**ଭୁବନେଶ୍ୱର, ୨୩।୫ (ବ୍ୟୁରୋ):** ଭାରତୀୟ ରାଜନୀତିରୁ ପରିବାରବାଦକୁ ସମାପ୍ତ କରିବା ପାଇଁ ଯୁବ ଚେତନା ସଂଗ୍ରାମ କରୁଛି। ଗାଁ, ଗରିବ ଶ୍ରେଣୀ, ଚାଷୀ, ଶ୍ରମିକ ଏବଂ ଯୁବବର୍ଗଙ୍କ ଉତ୍‌ଥାନ ପାଇଁ ପ୍ରୟାସ ଜାରି ରଖିଛି। ଗ୍ରାମ ସ୍ତରରେ ଯୁବ ଚେତନାର ସଂଗଠନକୁ ସଶକ୍ତ କରିବାକୁ ପଡିବ। ଭାରତ ମାତାକୁ ବିଶ୍ୱଗୁରୁ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଗକୁ ଆସିବାକୁ ପଡ଼ିବ ବୋଲି ଦେଶ ଭ୍ରମଣରେ ଥିବା ଯୁବ ଚେତନାର ରାଷ୍ଟ୍ରୀୟ ସଂଯୋଜକ ରୋହିତ କୁମାର ସିଂହ କହିଛନ୍ତି। ରୋହିତ ସୋମବାର ଭୁବନେଶ୍ୱରଠାରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗାନ୍ଧୀ ଓ ଆମ୍ବେଡ଼କରଙ୍କ ଦେଶରେ ଲୋକତନ୍ତ୍ର ଏବଂ ସମ୍ବିଧାନକୁ କେବେ ବି ବିପଦ ଆସିପାରିବ ନାହିଁ। ତେବେ ଦେଶର ଜନତାଙ୍କୁ ଏକ ନୂଆ ବିକଳ୍ପ ଆବଶ୍ୟକ। ଆମ ଦେଶବାସୀ ପ୍ରଭୁ ରାମଙ୍କ ଉପରେ ବିଶ୍ୱାସ ରଖୁଛନ୍ତି। ତେଣୁ ଦେଶର ଯୁବପିଢ଼ିଙ୍କୁ ଶ୍ରୀରାମଙ୍କ ଜୀବନୀରୁ ଶିକ୍ଷା ନେବା ଆବଶ୍ୟକ। ଆମେ ଅସ୍‌ଫାକୁଲ୍ଲାହ ଖାନ୍ ଓ ଡ. ଏପିଜେ ଅବ୍‌ଦୁଲ କଲାମ ଦେଖାଇଥିବା ପଥରେ ଅଗ୍ରସର ହେଉଥିବାବେଳେ ଔରଙ୍ଗଜେବ ଭଳି ଅତ୍ୟାଚାରୀଙ୍କୁ ବିରୋଧ କରୁଛୁ। ଦେଶବାସୀ କଲାମ୍‌ଙ୍କ ନିକଟରେ ଋଣୀ ଅଟନ୍ତି। ଓଡ଼ିଶାର ଲୋକମାନେ ଦେଶର ଉତ୍‌ଥାନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ତେଣୁ ରାଜ୍ୟର ୩୦ ଜିଲାରେ ଯୁବ ଚେତନାର ସଂଗଠନକୁ ସଶକ୍ତ କରାଯିବ। ଏଠାକାର ଯୁବବର୍ଗଙ୍କୁ ଯୁବ ଚେତନା ସହ ଯୋଡ଼ିବା ପାଇଁ ଗାଁ ସ୍ତରରେ ଅଭିଯାନ ଆରମ୍ଭ କରାଯିବ ବୋଲି ରୋହିତ କହିଛନ୍ତି।

# 'ଆଦିମ ଜନଜାତି ସଂସ୍କୃତିର ମୌଳିକତା ବଜାୟ ରହିଛି'



ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ଓ ଅତିଥିମାନେ।

**ଭୁବନେଶ୍ୱର, ୨୩।୫ (ବ୍ୟୁରୋ)**

**ଆରମ୍ଭ ହେଲା ରାଜ୍ୟସ୍ତରୀୟ ଆଦିମ ଜନଜାତି ନୃତ୍ୟ ମହୋତ୍ସବ**

- ଜନଜାତି ନୃତ୍ୟରେ ମତୁଆଲା ହେଲେ ଦର୍ଶକ
- ଆସନ୍ତା ବର୍ଷରୁ ଜାତୀୟସ୍ତରୀୟ ମହୋତ୍ସବ ପାଇଁ ପ୍ରୟାସ

ଆଦିମ ଜନଜାତିଙ୍କ ପାରମ୍ପରିକ ନୃତ୍ୟରେ ପ୍ରକମ୍ପିତ ହେଉଥିଲା ପ୍ରେକ୍ଷାଳୟ। ବଣ୍ଡା ଜନଜାତିଙ୍କ ଚଇତି ନୃତ୍ୟ, କୁଟିଆ କନ୍ଧଙ୍କ ଢାପ ନୃତ୍ୟ, ଡଙ୍ଗରିଆ କନ୍ଧଙ୍କ ବେଜୁନି ନୃତ୍ୟ, ଲାଞ୍ଜିଆ ସଉରାଙ୍କ କାନ୍ଦୁଲ ନୂଆ ଆଦି ବିଭିନ୍ନ ନୃତ୍ୟର ତାଳେ ତାଳେ ମତୁଆଲା ହୋଇଥିଲେ ଦର୍ଶକ। ଅବସର ଥିଲା 'ରାଜ୍ୟସ୍ତରୀୟ ଆଦିମ ଜନଜାତି ନୃତ୍ୟ ମହୋତ୍ସବ'ର ଉଦ୍‌ଘାଟନ ପର୍ବ। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଏହି ମହୋତ୍ସବକୁ ବିଭାଗର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ଉଦ୍‌ଘାଟନ କରି କହିଲେ, ଆଦିମ ଜନଜାତିଙ୍କ ସଂସ୍କୃତିର ସଂରକ୍ଷଣ ଓ ମୌଳିକତା ବଜାୟ ରହିଛି। ସେମାନଙ୍କ ନୃତ୍ୟ ଓ ସଂଗୀତ ପରିବେଶ ସହିତ ଜଡ଼ିତ। ଆଦିମ ଜନଜାତି ସଂସ୍କୃତିର ସଂରକ୍ଷଣ କରିବା ଆମର ପ୍ରମୁଖ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ଆସନ୍ତା ବର୍ଷଠାରୁ ଜାତୀୟ ସ୍ତରୀୟ ଆଦିମ ଜନଜାତି ନୃତ୍ୟ ମହୋତ୍ସବର ଆୟୋଜନ କରିବାକୁ ପ୍ରୟାସ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ ଓଡ଼ିଶା ଆଦିମ ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନୟନ ପ୍ରକଳ୍ପର ନିର୍ଦ୍ଦେଶକ ପି. ଅର୍ଥନାରୀ ଯୋଗଦେଇ, ଆଦିମ ଜନଜାତିଙ୍କ ଅନନ୍ୟ ନୃତ୍ୟଶୈଳୀ ଯେପରି ସମସ୍ତଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ପ୍ରୟାସ ଜାରି ରଖାଯାଇଛି ବୋଲି କହିଥିଲେ। ଏସ୍‌ସିଏଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓତା ସ୍ୱାଗତ ଭାଷଣରେ ଆଦିମ ଜନଜାତି ନୃତ୍ୟ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଭଳି ଆଦିମ ଜନଜାତି ନୃତ୍ୟ ମହୋତ୍ସବ ପ୍ରଥମଥର ପାଇଁ ଆୟୋଜିତ ହେଉଛି ବୋଲି ସେ କହିଥିଲେ। ବିଭାଗୀୟ ନିର୍ଦ୍ଦେଶିକା ଗୁହା ପୁନମ୍ ତାପସ କୁମାର ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଚୁକୁଟିଆ ଭୁଞ୍ଜିଆଙ୍କ ନୂଆଖାଇ ନୃତ୍ୟ, ମାଙ୍କିରିଡ଼ିଆ ଜନଜାତିଙ୍କ ମାଘ ପରବ ନୃତ୍ୟ, ପାଉଡ଼ି ଭୂୟାଁଙ୍କ ବିହା ନୃତ୍ୟ, ଦିଦାୟୀ ଜନଜାତିଙ୍କ ଢେମ୍‌ସା ନୃତ୍ୟ ଆଦି ମୋଟ୍ ୮ ଜନଜାତି ନୃତ୍ୟ ପରିବେଷଣ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ମଧ୍ୟ ୮ ନୃତ୍ୟ ପରିବେଷିତ ହେବ ବୋଲି ସୂଚନା ଦିଆଯାଇଛି।

## ଆଧୁନିକୀକରଣ କାର୍ଯ୍ୟ ପାଇଁ ସାମୟିକ ଭାବେ ଟ୍ରେନ୍ ବାତିଲ

**ଭୁବନେଶ୍ୱର, ୨୩।୫ (ବ୍ୟୁରୋ)**

ପୂର୍ବତଟ ରେଳପଥର ସମ୍ବଲପୁର ରେଳ ମଣ୍ଡଳ ମଧ୍ୟରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି କେତେକ ଟ୍ରେନ ୨ଦିନ ପାଇଁ ସାମୟିକ ବାତିଲ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ୧୮୧୨୫/୧୮୧୨୬ ରାଉରକେଲା-ପୁରୀ-ରାଉରକେଲା ଏକ୍ସପ୍ରେସ ଉଭୟ ପାର୍ଶ୍ୱରୁ ମଙ୍ଗଳବାର ଓ ଗୁରୁବାର ବାତିଲ ରହିବ। ସେହିପରି ୦୮୨୬୩/୦୮୨୬୪ ଟିଟିଲାଗଡ-ବିଲାସପୁର-ଟିଟିଲାଗଡ ପାସେଞ୍ଜର ଉଭୟ ପାର୍ଶ୍ୱରୁ ଜୁନ୍ ୩ ଓ ୪ରେ ବାତିଲ ରହିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ୧୨୮୯୩/୧୨୮୯୪ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ଉଭୟ ପାର୍ଶ୍ୱରୁ ମେ ୨୪ ଓ ୨୬ରେ ଭୁବନେଶ୍ୱର ଏବଂ ରେଢ଼ାଖୋଲ ମଧ୍ୟରେ ଚଳାଚଳ କରିବ, କିନ୍ତୁ ରେଢ଼ାଖୋଲ ଓ ବଲାଙ୍ଗୀର ମଧ୍ୟରେ ବାତିଲ ରହିବ। ସେହିପରି ଏହା ଜୁନ୍ ୩ ଓ ୪ରେ ଭୁବନେଶ୍ୱର ଏବଂ ସମ୍ବଲପୁର ମଧ୍ୟରେ ଚଳାଚଳ କରିବ, କିନ୍ତୁ ସମ୍ବଲପୁର ଓ ବଲାଙ୍ଗୀର ମଧ୍ୟରେ ବାତିଲ ରହିବ। ୧୮୦୦୫/୧୮୦୦୬ ହାଓଡ଼ା-ଜଗଦଲପୁର-ହାଓଡ଼ା ସମଲେଶ୍ୱରୀ ଏକ୍ସପ୍ରେସ ଜୁନ୍ ୩ରେ ହାଓଡ଼ାଠାରୁ ଏବଂ ୪ରେ ଜଗଦଲପୁରଠାରୁ ହାଓଡ଼ା ଓ ସମ୍ବଲପୁର ମଧ୍ୟରେ ଚଳାଚଳ କରିବ। ତେବେ ଉଭୟ ଦିଗରୁ ସମ୍ବଲପୁର ଓ ଜଗଦଲପୁର ମଧ୍ୟରେ ବାତିଲ ରହିବ ବୋଲି ସୂଚନା ଦିଆଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରଶ୍ମି


@ ଦୀପକ


@ ଦେବପ୍ରସାଦ


@ ଅନନ୍ତ


@ ଇଜାଜ୍

## ବାଲୁକା କଳାରେ ସିଜୋଫ୍ରେନିଆ ସଚେତନତା ବାର୍ତ୍ତା

**ପୁରୀ ଅଫିସ ୨୩।୫**

ପ୍ରତିବର୍ଷ ମେ ୨୪ ତାରିଖକୁ ବିଶ୍ୱ ସିଜୋଫ୍ରେନିଆ ଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସ ଉପଲକ୍ଷେ ସମ୍ ହସ୍ପିଟାଲ ମାନସିକ ବିଭାଗର ପ୍ରଫେସର ଡା. ଶୁଭେନ୍ଦୁ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ବାଲୁକାଶିଳ୍ପୀ ମାନସ କୁମାର ସାହୁଙ୍କ ଦ୍ୱାରା ସୋମବାର ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ଏହି ରୋଗ ସଂକ୍ରାନ୍ତରେ ସଚେତନତା ବାର୍ତ୍ତା ଦିଆଯାଇଛି। ଚଳିତବର୍ଷ ଏହି ଦିବସର ଶୀର୍ଷକ ରହିଛି 'କନେକ୍ଟିଙ୍ଗ୍ ୱିଥ୍ ହୋପ୍'। ଏହାର ଅର୍ଥ ହେଉଛି ସବୁ ରୋଗୀ ଓ ତାଙ୍କ ପରିବାର ବର୍ଗଙ୍କୁ ଆଶାର ସହ ଯୋଡ଼ିବା। ଯେଉଁ ବ୍ୟକ୍ତି ମନେ ମନେ କଥା ହୁଅନ୍ତି, ଅନ୍ୟର ଚରିତ୍ର ଉପରେ ସନ୍ଦେହ କରନ୍ତି, ପାଖରେ କିଏ କଥା ହେଲେ ତାଙ୍କ ବିଷୟରେ କଥା ହେଉଛନ୍ତି ବା ତାଙ୍କୁ ଦେଖାଇ କହୁଛନ୍ତି ଭଳି ଲାଗନ୍ତି ଏବଂ ତାଙ୍କ ମସ୍ତିଷ୍କରେ ମେଶିନ୍ ଖଞ୍ଜା ହେବା ସହ ତାଙ୍କୁ କିଏ ଶୂନ୍ୟରୁ ଆଦେଶ ଦେଲାଭଳି ଲାଗେ ସେଭଳି ଲକ୍ଷଣକୁ ସିଜୋଫ୍ରେନିଆ ରୋଗ କୁହାଯାଏ। ସାଧାରଣତଃ ଏହି ରୋଗରେ ଆକ୍ରାନ୍ତ ଥିବା ବ୍ୟକ୍ତି ଚିକିତ୍ସା ଅପେକ୍ଷା ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ି ଉପରେ ଅଧିକ ବିଶ୍ୱାସ କରନ୍ତି। ଏହି ସବୁ ଲକ୍ଷଣ ଥିଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇନେବା ଉଚିତ୍ ବୋଲି ଡା. ମିଶ୍ର କହିଛନ୍ତି। ବଳିଆପଣ୍ଡା ନିକଟ ବେଳାଭୂମିରେ ୧୨ଟନ ବାଲିରେ ନିର୍ମିତ ଏହି ବାଲୁକା କଳାର ଓସାର ୧୫ଫୁଟ ବୋଲି ବାଲୁକା ଶିଳ୍ପୀ ସାହୁ ସୂଚନା ଦେଇଛନ୍ତି।



ପୁରୀ କୁସ୍ତି ସଂଘ ପକ୍ଷରୁ ସୋମବାର ସଂସ୍କୃତି ଭବନ ପରିସରରେ କୁସ୍ତି ଦିବସ ପାଳନ ଅବସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଥିବା 'ରାଜ୍ୟସ୍ତରୀୟ ଆଦିମ ଜନଜାତି ନୃତ୍ୟ ମହୋତ୍ସବ'ରେ ଆଦିବାସୀ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ବିଶ୍ୱ ସିଜୋଫ୍ରେନିଆ ଦିବସ ଉପଲକ୍ଷେ ସୋମବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ କୁମାର ସାହୁଙ୍କ ବାଲୁକା କଳା।



## ସଂକ୍ଷେପରେ

### ୪ ମୋବାଇଲ ଫୋନ୍ ଜବତ, ୨ ଗିରଫ

**ଭୁବନେଶ୍ୱର,୨୩।୫(ବ୍ୟୁରୋ):** ମୋବାଇଲ ଫୋନ୍ ଚୋରି କରୁଥିବା ୨ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଜଗତ୍‌ସିଂହପୁରର ସଞ୍ଜିତ କୁମାର ରାୟ ଓରଫ କୁନା (୩୪) ଓ ବାଲେଶ୍ୱରର ବୁଦ୍ଧିଆ ସବର (୨୫)। ସେମାନଙ୍କଠାରୁ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। ଏଥିସହ ପୋଲିସ ଏକ ମାମଲା (ନଂ.୧୬୪/୨୨) ରୁଜୁ କରି ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ମାଟ୍ରିକ ଖାତା ଦେଖା: ତ୍ରୁଟିଶୂନ୍ୟ ମୂଲ୍ୟାୟନ ନେଇ ଆଶଙ୍କା

**କଟକ ଅଫିସ,୨୩।୫-** ଚଳିତବର୍ଷର ମାଟ୍ରିକ ସମେଟିଭ୨ ପରୀକ୍ଷା ଖାତା ଦେଖା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ଦଶମ ଶ୍ରେଣୀ ସହିତ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାର ଖାତା ମୂଲ୍ୟାୟନ କରାଯାଉଛି। ତେବେ ରେଭେନ୍‌ଶା କଲିଜିଏଟ ସ୍କୁଲ କେନ୍ଦ୍ରରେ ସୋମବାର ଅବ୍ୟବସ୍ଥା ଦେଖାଦେଇଛି। ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ କୌଣସି ଖାତା ଦେଖିବା ପାଇଁ ଦିଆଯାଇ ନ ଥିଲା। ଫଳରେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ହୋହଲ୍ଲା କରିଥିଲେ। କିଛି ସମୟ ଧରି ପାଟିତୁଣ୍ଡ ହେବା ପରେ ଖାତା ପ୍ରଦାନ କରାଯାଇଥିଲା। ତେବେ ବୋର୍ଡ ପକ୍ଷରୁ ଦୁଇ ସପ୍ତାହ ମଧ୍ୟରେ ଖାତା ଦେଖା ଶେଷ କରିବାକୁ ସ୍ଥିର କରାଯାଇଥିବା ବେଳେ ଏଭଳି ଖାତା ଦେବାରେ ବିଳମ୍ବ ହେଉଥିବାରୁ ବର୍ତ୍ତମାନ ତାହା ସରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଖାତା ଦେଖିବାକୁ କମ୍ ସମୟ ମିଳୁଥିବାରୁ ନିୟୋଜିତ ଶିକ୍ଷୟିତ୍ରୀ ଶିକ୍ଷକ ମାନସିକ ଚାପ ଅନୁଭବ କରୁଛନ୍ତି। ଏଭଳି ପରିସ୍ଥିତିରେ ତ୍ରୁଟିଶୂନ୍ୟ ମୂଲ୍ୟାୟନ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁସ୍ମିତା ସ୍ୱାଇଁ ଏହି ଅଭିଯୋଗକୁ ଖଣ୍ଡନ କରିବାସହ ସେଭଳି କୌଣସି ପରିସ୍ଥିତି ସୃଷ୍ଟି ହୋଇ ନାହିଁ ବୋଲି କହିଛନ୍ତି। ସକାଳ ୯ଟା ୩୦ରେ କ୍ୟାମ୍ପ ଖୋଲି ଖାତା ଦେଖିବାକୁ ଦେଇଛୁ। ଏ ବିଷୟରେ କ୍ୟାମ୍ପ ଅଫିସର ଅଧିକ କହିପାରିବେ। ଏଥିସହ କେତେ ଖାତା ଦେଖାହେବ ସେ ନିଷ୍ପତ୍ତି ବୋର୍ଡ ଏବଂ କ୍ୟାମ୍ପ ଅଫିସରଙ୍କର। ଅନ୍ୟପଟେ ଗୋଟିଏ ୟୁନିଟକୁ ୫୫ଟି ଖାତା ଦେବା ଅସମ୍ଭବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି।

### ୫୧ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ



**ଖୋର୍ଦ୍ଧା ଅଫିସ,୨୩।୫:** ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ଟାଉନ ଥାନା ଅନ୍ତର୍ଗତ ଗୁରୁଜଙ୍ଗରୁ ସୋମବାର ପୋଲିସ ଏବଂ କଟକ ଅବକାରୀ(ଗୋଇନ୍ଦା ବିଭାଗ)ପୋଲିସ ପୃଥକ୍ ଭାବେ ଚଢ଼ାଉ କରି ୩୧୦ ଏବଂ ୨୦୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୫୧ଲକ୍ଷ ଟଙ୍କା ହେବ। ଏହି କାରବାରର ମାଷ୍ଟରମାଇଣ୍ଡ ଫେରାର ହୋଇଯାଇଥିବା ବେଳେ ୨ ମହିଳାଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି।

# ନିର୍ବାଚିତ ହେଲେ ବିଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ

**ଭୁବନେଶ୍ୱର, ୨୩।୫ (ବ୍ୟୁରୋ)**



ମେୟର ସୁଲୋଚନା ଦାସଙ୍କ ସହ ନବନିର୍ବାଚିତ କମିଟି ଅଧ୍ୟକ୍ଷମାନେ।

- ■କନ୍‌ଷ୍ଟ୍ରାକ୍ଟସ୍ କମିଟି ଅଧ୍ୟକ୍ଷ ହେଲେ ମେୟର ସୁଲୋଚନା
- ■ବିଜେଡି କର୍ପୋରେଟରଙ୍କୁ ମିଳିଲା ଅନ୍ୟ ୯ ଅଧ୍ୟକ୍ଷ ପଦ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଷ୍ଟାଣ୍ଡିଂ କମିଟି ଗଠନ ହେବାର ୨୦ଦିନ ପରେ ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ସୋମବାର ବିଏମ୍‌ସି କନ୍‌ଫରେନ୍ସ ହଲ୍‌ରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୧୦ କମିଟି ମଧ୍ୟରୁ ନିୟମ ଅନୁଯାୟୀ କନ୍‌ଷ୍ଟ୍ରାକ୍ଟସ୍ କମିଟିର ଅଧ୍ୟକ୍ଷ ଭାବେ ମେୟର ସୁଲୋଚନା ଦାସ ରହିଛନ୍ତି। ବାକି ୯ଟି କମିଟିର ଅଧ୍ୟକ୍ଷ ପଦ ବିଜେଡି କର୍ପୋରେଟରଙ୍କୁ ମିଳିଛି। ବିଶେଷକରି ଯେଉଁମାନେ ଡେପୁଟି କମିଶନର ଦୌଡରେ ରହିଥିଲେ ସେମାନଙ୍କୁ ଅଗ୍ରାଧିକାର ଦିଆଯାଇଛି। ପୁରୁଣା ତଥା ଏକାଧିକଥର ଜିତିଥିବା କର୍ପୋରେଟରଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

ଟ୍ୟାକସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭାବେ ୱାର୍ଡ଼ ନଂ. ୬୨ର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ନିର୍ବାଚିତ ହୋଇଥିବାବେଳେ ଜନସ୍ୱାସ୍ଥ୍ୟ, ବିଦ୍ୟୁତ୍, ଜଳ ଯୋଗାଣ, ଡ୍ରେନେଜ୍ ଓ ପରିବେଶ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭାବେ ୱାର୍ଡ ନଂ.୫୯ର କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ସର୍ବସାଧାରଣ କାର୍ଯ୍ୟ ଷ୍ଟାଣ୍ଡିଂ କମିଟିରେ ୱାର୍ଡ଼ ନଂ.୪୫ କର୍ପୋରେଟର ଅମରେଶ ଜେନା, ଯୋଜନା ଏବଂ ବିକାଶ ଷ୍ଟାଣ୍ଡିଂ କମିଟିରେ ୱାର୍ଡ଼ ନଂ. ୩୨ର କର୍ପୋରେଟର ଶ୍ରୀଧର ଜେନା, ଶିକ୍ଷା, ମନୋରଞ୍ଜନ ଏବଂ ସଂସ୍କୃତି ଷ୍ଟାଣ୍ଡିଂ କମିଟିରେ ୱାର୍ଡ଼ ନଂ.୧ର କର୍ପୋରେଟର ମିହିର ରାଉତ, ଲାଇସେନ୍ସ ଆଣ୍ଡ୍ ଅପିଲ୍ ଷ୍ଟାଣ୍ଡିଂ କମିଟିରେ ୱାର୍ଡ଼ ନଂ.୨୦ର ପ୍ରେମାନନ୍ଦ ଜେନା, କର୍ପୋରେଶନ ପ୍ରତିଷ୍ଠା ଷ୍ଟାଣ୍ଡିଂ କମିଟିରେ ୱାର୍ଡ଼ ନଂ.୩୧ର କର୍ପୋରେଟର କୁମାରେନ୍ଦ୍ର ମହାପାତ୍ର, ଅଭିଯୋଗ ଏବଂ ସାମାଜିକ ନ୍ୟାୟ କମିଟିରେ ୱାର୍ଡ଼ ନଂ.୫୧ର କର୍ପୋରେଟର ବିନୟିନୀ ଜେନା, ବସ୍ତିବାସିନ୍ଦା ଥଇଥାନ ସମ୍ପର୍କିତ ଅତିରିକ୍ତ କମିଟିର ଅଧ୍ୟକ୍ଷ ଭାବେ ୱାର୍ଡ଼ ନଂ.୫୩ର କର୍ପୋରେଟର ମହାମାୟା ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ତେବେ ଷ୍ଟାଣ୍ଡିଂ କମିଟି ସଦସ୍ୟ ମନୋନୀତ ହେବାର ୭ଦିନ ମଧ୍ୟରେ ଅଧ୍ୟକ୍ଷ ନିର୍ବାଚିତ ହେବାର ଥିଲେ ମଧ୍ୟ ତାହା ହୋଇପାରି ନ ଥିଲା। ଅପରପକ୍ଷେ ଷ୍ଟାଣ୍ଡିଂ କମିଟିରେ ବିଜେଡି, ଭାଜପା ଏବଂ ସ୍ୱାଧୀନ କର୍ପୋରେଟରଙ୍କୁ ସ୍ଥାନ ମିଳିଥିଲେ ବି ଅଧ୍ୟକ୍ଷ ପଦବୀ ବିଜେଡି କବ୍‌ଜାରେ ରହିଛି। କାର୍ଯ୍ୟକ୍ରମରେ କମିଶନର ସଞ୍ଜୟ କୁମାର ସିଂହ, ଡେପୁଟି ମେୟର ମଞ୍ଜୁଲତା କଅଁର, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଅତିରିକ୍ତ କମିଶନର ବିନୟ କୁମାର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ସଂଜୀବ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କମିଶନର କମଳାକାନ୍ତ ବେହେରା ନିର୍ବାଚନ ପରିଚାଳନା କରିଥିଲେ।

ଓଡିଶା ମହାନଗର ନିଗମ ଆଇନ୍-୨୦୦୩ର ଧାରା-୧୦ ତଥା ଓଡିଶା ମ୍ୟୁନିସିପାଲ କର୍ପୋରେଶନ (ପ୍ରୋସିଜିଓର ଆଣ୍ଡ କଣ୍ଡକ୍ଟ ଅଫ୍ ବିଜିନେସ୍) ରୁଲସ୍-୨୦୦୩ର ନିୟମ-୨୧(୩) ଅନୁଯାୟୀ ବିଏମ୍‌ସିର ୧୦ଟି ଷ୍ଟାଣ୍ଡିଂ କମିଟି ଗଠନ କରାଯାଇଛି। ପୂର୍ବରୁ ସମସ୍ତ ୬୬ଜଣ ଷ୍ଟାଣ୍ଡିଂ କମିଟି ସଦସ୍ୟାସଦସ୍ୟ ନିର୍ବାଚନ ପ୍ରକ୍ରିୟାରେ ନିର୍ବାଚିତ ହୋଇଥିବାବେଳେ ୯ଟି କମିଟିରେ ୭ ଜଣ ଲେଖାଏ ଓ ଗୋଟିଏ କମିଟିରେ ୩ଜଣ ସଦସ୍ୟାସଦସ୍ୟ ରହିଛନ୍ତି।

### ମହିଳାଙ୍କୁ ଦୁର୍ବ୍ୟବହାର, ଯୁବକ ଗିରଫ

**ଭୁବନେଶ୍ୱର,୨୩।୫(ବ୍ୟୁରୋ):**

ଘରେ ପଶି ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ବାଲିଅନ୍ତା ଅଞ୍ଚଳର ସୁନୀଲ ମୁଦୁଲି(୨୩)। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୬୮/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଉକ୍ତ ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳା ଘରେ ଏକାକୀ ଥିଲେ। ଏହି ସମୟରେ ଅଭିଯୁକ୍ତ ଜଣକ କୌଣସି ବାହାନା କରି ମହିଳାଙ୍କ ଘରେ ପଶିଯାଇଥିଲେ। ପରେ ତାଙ୍କୁ ଦୁର୍ବ୍ୟବହାର କରିବା ବେଳେ ମହିଳା ଚିତ୍କାର କରିଥିଲେ। ପାଟି ଶୁଣି ପଡ଼ୋଶୀ ଆସି ଅଭିଯୁକ୍ତଙ୍କୁ କାବୁ କରି ଉତ୍ତମ ମଧ୍ୟମ ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।



ଭୁବନେଶ୍ୱର ସାମନ୍ତରାପୁରସ୍ଥିତ ସରସ୍ୱତୀ ସଭାକକ୍ଷରେ ସୋମବାର କବି ଡ. ପ୍ରସନ୍ନ କୁମାର ନାୟକଙ୍କ ୩ଟି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ରାଜ୍ୟପାଳଙ୍କ ଦ୍ୱାରା ୩ ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର, ୨୩।୫ (ବ୍ୟୁରୋ) :**

ଲେଖକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ପ୍ରଧାନଙ୍କ ୩ଟି ପୁସ୍ତକ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଉକ୍ତ ପୁସ୍ତକଗୁଡ଼ିକ ହେଲା 'ଗାନ୍ଧୀ ଆସିଥିଲେ', 'କର୍ମଯୋଗୀର କରୁଣ କାହାଣୀ' ଏବଂ 'ପିଲାଙ୍କ ହିତ କଥାମାଳା-୨'। ରାଜଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରମାଶଙ୍କର ପଟ୍ଟନାୟକ, ସୁବ୍ରତ ଚୌଧୁରୀ, ଚିନ୍ତାମଣି ମିଶ୍ର, ସଞ୍ଜୟ ପାତ୍ର ଏବଂ ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ କବି ରକ୍ଷକ ନାୟକ ଉପସ୍ଥିତ ଥିଲେ।

# ଓଡ଼ିଶା କଳା, ସଙ୍ଗୀତର ପ୍ରଚାର କରିବ 'ଉତ୍କର୍ଷ'





**ଭୁବନେଶ୍ୱର,୨୩।୫(ବ୍ୟୁରୋ)**

**ଜାତୀୟସ୍ତରରେ କଳା ପରିବେଷଣ ପାଇଁ ତାଲିମ ଦେବେ ଗୁରୁ**

ଓଡ଼ିଶୀ ସଙ୍ଗୀତ ଓଡ଼ିଶାର ପରିଚୟ। ଶ୍ରୀଜଗନ୍ନାଥଙ୍କ ସେବାରେ ମଧ୍ୟ ଓଡ଼ିଶୀ ସଙ୍ଗୀତର ବିଶେଷ ଯୋଗଦାନ ରହିଛି। ଓଡ଼ିଶାର ଉତ୍କୃଷ୍ଟ କଳା ଓ ଓଡ଼ିଶୀ ସଙ୍ଗୀତର ଅଧିକ ବିକାଶ ତଥା ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଅଧିକ ପ୍ରଚାର ଓ ପ୍ରସାର ନିମନ୍ତେ ଆରମ୍ଭ ହୋଇଛି 'ଉତ୍କର୍ଷ'। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସୋମବାର ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଛି। ଏହି ଅବସରରେ ଓଡ଼ିଶୀ ଗାୟନ ଓ ବାଦନରେ ୬ଜଣ ପ୍ରତିଷ୍ଠିତ ଗୁରୁଙ୍କ ଅଧୀନରେ ପ୍ରଶିକ୍ଷିତ ଶିଷ୍ୟଙ୍କ ମଧ୍ୟରୁ ୩ଜଣଙ୍କୁ ଚୟନ କରାଯାଇଛି। ଗୁରୁମାନେ ସେମାନଙ୍କୁ ଜାତୀୟସ୍ତରରେ ପରିବେଷଣ କରିବା ପାଇଁ ବିଶେଷ ଭାବେ ପ୍ରଶିକ୍ଷିତ କରିବେ। ପ୍ରଥମ ପର୍ଯ୍ୟାୟରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଗୁରୁ ରାମହରି ଦାସ, ଗୁରୁ କେଶବଚନ୍ଦ୍ର ରାଉତ, ଗୁରୁ ବିଜୟ କୁମାର ଜେନା, ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ ଏହି ଗୁରୁଦାୟିତ୍ୱ ଅର୍ପଣ କରାଯାଇଛି। ପ୍ରତି ୩ ମାସରେ ଥରେ ଶିଳ୍ପୀମାନେ ତାଙ୍କର କାର୍ଯ୍ୟକ୍ରମ ବିଶେଷଜ୍ଞଙ୍କ ସମ୍ମୁଖରେ ପ୍ରସ୍ତୁତ କରିବେ। ସେମାନଙ୍କ ପରିବେଷଣ ଶୈଳୀରୁ ଓଡ଼ିଶୀ ସଙ୍ଗୀତର ସ୍ଥିତିର ଠିକ୍ ଆକଳନ କରାଯିବା ସହିତ ପରାମର୍ଶୀ ଅନୁଯାୟୀ ପରିବର୍ତ୍ତନ ଅଣାଯାଇପାରିବ। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଭାଗ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଭାପତି ଅରୁଣା ମହାନ୍ତି, ଉପ-ସଭାପତି ମନ୍ମଥ ଶତପଥୀ, ସଚିବ ପ୍ରବୋଧ ରଥ ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ର ମୁଖ୍ୟକାର୍ଯ୍ୟ ନିର୍ବାହୀ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଲିଲା ସାମସଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅନୁଜା ତାରିଣୀ ମିଶ୍ର ପରିଚାଳନା କରିଥିଲେ।

# ମହାମାରୀ ପୁନରୁଦ୍ଧାର ଆଭିମୁଖ୍ୟରେ ନୂଆ ଦିଗ ଯୋଡ଼ିଛି

**ନୂଆଦିଲ୍ଲୀ, ୨୩।୫:** କୋଭିଡ ୧୯ ମହାମାରୀ ଆମ ପୁନରୁଦ୍ଧାର ପ୍ରକ୍ରିୟା ଓ ଆଭିମୁଖ୍ୟରେ ଏକ ନୂଆ ଦିଗ ଯୋଡିଛି। ତେଣୁ ଜୀବିକା, ଦାରିଦ୍ର୍ୟ ଓ ଅସମତା ଉପରେ ଅଧିକ ଦୃଷ୍ଟି ଦେବାକୁ ପଡିବ। ଭାରତରେ ପ୍ରଥମଥର ପାଇଁ ଦେଶର ବିପର୍ଯ୍ୟୟ ପରିଚାଳନା ଲାଗି ଅର୍ଥଯୋଗାଣ ବ୍ୟବସ୍ଥାରେ ନିର୍ଦ୍ଦିଷ୍ଟଭାବେ ପୁନଃନିର୍ମାଣ ଓ ପୁନରୁଦ୍ଧାରକୁ ସନ୍ନିବେଶିତ କରାଯାଇଛି। ଏଥିସହିତ ପାଞ୍ଚ ବର୍ଷ ମଧ୍ୟରେ ୭.୫ ବିଲିୟନ ଡଲାର ଅର୍ଥର ବ୍ୟବସ୍ଥା ମଧ୍ୟ କରାଯାଇଛି। ଇଣ୍ଡୋନେସିଆର ବାଲିରେ ଆୟୋଜିତ ୫ମ ବିଶ୍ୱ ପୁନଃ ନିର୍ମାଣ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ସୋମବାର ଅନଲାଇନ ମାଧ୍ୟମରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ୟୁଏନ୍‌ଡିପି, ବିଶ୍ୱବ୍ୟାଙ୍କ ବିପର୍ଯ୍ୟୟ ଭୟ ଅପନୋଦନ ସଂକ୍ରାନ୍ତ ବୈଶ୍ୱିକ ମଞ୍ଚ ଜିପିଡିଆର୍‌ଆର୍ ଓ ଇଣ୍ଡୋନେସିଆ ସରକାରଙ୍କ ମିଳିତ ସହଯୋଗରେ ଏହି ସମ୍ମିଳନୀ ଆୟୋଜିତ ହୋଇଛି।



ପି.କେ. ମିଶ୍ର

**୫ମ ବିଶ୍ୱ ପୁନଃନିର୍ମାଣ ସମ୍ମିଳନୀରେ ପି.କେ. ମିଶ୍ରଙ୍କ ଉଦ୍‌ବୋଧନ**

ଡକ୍ଟର ମିଶ୍ର କହିଛନ୍ତି, ବିପର୍ଯ୍ୟୟ ପରବର୍ତ୍ତୀ ପୁନଃନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟରେ ପ୍ରମୁଖ ବିଷୟ ଉପରେ ଗୁରୁତ୍ୱ ଦେବାକୁ ପଡିବ। ଉତ୍ତମ ଫଳାଫଳ ପାଇଁ ନିର୍ମାଣ ପ୍ରୟାସ, ପ୍ରସ୍ତୁତି ଓ କାର୍ଯ୍ୟ ଉତ୍ତମ ହେବା ଉଚିତ । ଏହି ଉତ୍ତମ 'ବିଲ୍‌ଡ ବ୍ୟାକ୍ ବେଟର' ବ୍ୟବସ୍ଥାରେ କେବଳ ଉତ୍ତମ ଉପଯୋଗ ଅପେକ୍ଷା ଉତ୍କୃଷ୍ଟ ଫଳାଫଳ ଉପରେ ଗୁରୁତ୍ୱ ଦେବାକୁ ପଡିବ। ୨୦୦୧ର ଗୁଜରାଟ ଭୂମିକମ୍ପ ପରେ ମାଲିକ ପରିଚାଳିତ ପୁନଃନିର୍ମାଣ ବା ଓଡିଆଙ୍କ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାର ଫଳାଫଳ ବେଶ୍ ଭଲ ହୋଇଥିବା ଆମେ ଦେଖିଛୁ ବୋଲି ସେ କହିଛନ୍ତି।

ପୁନରୁଦ୍ଧାର ଓ ପୁନଃନିର୍ମାଣ କାର୍ଯ୍ୟରେ ଆମେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥାଉ। ଏହାକୁ 'ଭିଡ଼ର ଅତ୍ୟାଚାର' ବା 'ଟାଇରାନି ଅଫ୍ ରଶ୍' ବୋଲି ସାଧାରଣତଃ କହିଥାଉ। ଶୀଘ୍ର ପୁନରୁଦ୍ଧାର ପାଇଁ ପୁନଃନିର୍ମାଣକୁ ଉତ୍ତମଭାବେ କରିବା ସହଜ କାମ ନୁହେଁ। ଏଥିରେ ଭାରସାମ୍ୟ ରକ୍ଷା ଜରୁରୀ। ତଥାପି ଡ୍ରୋନ, ଭୂସ୍ଥାନିକ ଟେକ୍‌ନୋଲୋଜି ଓ ସେନ୍ସିଙ୍ଗ ଭଳି ନୂଆ ପ୍ରଯୁକ୍ତି ଏବଂ ଜ୍ଞାନକୌଶଳ ଦ୍ୱାରା ପୁନରୁଦ୍ଧାର ଓ ପୁନଃ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରିବ ବୋଲି ଡକ୍ଟର ମିଶ୍ର କହିଛନ୍ତି।

### କରାଟେ ପ୍ରତିଯୋଗିତା, ଖୋର୍ଦ୍ଧାକୁ ୪ ପଦକ

**ଖୋର୍ଦ୍ଧା ଅଫିସ,୨୩।୫**

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ୍‌ରେ ଚାରିଦିନ ଧରି ଚାଲିଥିବା ଇଷ୍ଟ ଇଣ୍ଡିଆ କରାଟେ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଆଣ୍ଡାମାନ ନିକୋବରର ୫ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଉତ୍କଳ କରାଟେ ସ୍କୁଲ ଖୋର୍ଦ୍ଧା ଶାଖାର ୪ଜଣ ପଦକ ହାସଲ କରିଛନ୍ତି। ବାଳିକା ବିଭାଗରେ ରିଶିତା ସାହୁ ୯ବର୍ଷ ବାଳିକା (କାତା)ରେ କାଂସ୍ୟ, ଆଦିତି ମହାନ୍ତି (କୁମତେ)ରେ କାଂସ୍ୟ, ୧୪ ବର୍ଷ ବାଳିକା ବିଭାଗ(ଫାଇଟିଂ)ରେ ଅଂଶୀତା ସାହୁ ରୌପ୍ୟ ପଦକ ଓ ୨୧ ବର୍ଷ ବାଳିକା ବିଭାଗରେ ମୋନାଲି ମହାପାତ୍ର ରୌପ୍ୟ ପଦକ ହାସଲ କରିଛନ୍ତି।

### ୧୩୭ ମଦ୍ୟପ ଗାଡ଼ି ଚାଳକ ଧରାପଡ଼ିଲେ

**ଭୁବନେଶ୍ୱର,୨୩।୫(ବ୍ୟୁରୋ)**

**ଜରିମାନା ଦେଲେ ୬୮ ହଜାରରୁ ଊର୍ଦ୍ଧ୍ୱ ଟଙ୍କା**

ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ମଦ୍ୟପ ଚାଳକଙ୍କୁ ଧରିବା ପାଇଁ କମିଶନରେଟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ରବିବାର ରାତିରେ ୧୩୭ଜଣ ମଦ ପିଇ ଗାଡ଼ି ଚଳାଉଥିବା ବେଳେ ଧରାପଡ଼ିଛନ୍ତି। ସେମାନଙ୍କ ନିକଟରୁ ମୋଟ ୬୮ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଡିସିପି ଅଫିସ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଖାରବେଳନଗର ଥାନା ଅଞ୍ଚଳରେ ସର୍ବାଧିକ ୧୪ଜଣ ମଦ୍ୟପ ଚାଳକ ଧରାପଡ଼ିଥିବା ବେଳେ ଶହୀଦନଗରରେ, ଚନ୍ଦ୍ରଶେଖରପୁରରେ ୧୧ଜଣ ଲେଖାଏ ଓ ଲିଙ୍ଗରାଜ ଥାନା ଅଞ୍ଚଳରେ ୧୦ ଜଣ ଧରାପଡ଼ି ୫୦୦ ଲେଖାଏ ଜରିମାନା ଗଣିଛନ୍ତି। ସେହିପରି ଖଣ୍ଡଗିରି, କ୍ୟାପିଟାଲ, ମଞ୍ଚେଶ୍ୱର, ଏୟାରଫିଲ୍ଡ, ନୟାପଲ୍ଲୀରେ ୭ ଲେଖାଏ ଓ ତମାଣ୍ଡୋ, ଇନ୍‌ଫୋସିଟି, ନନ୍ଦନକାନନରେ ୬ ଏବଂ ବାଲିଅନ୍ତା, ଧଉଳି, ଇନ୍‌ଫୋଭ୍ୟାଲି, ପାହାଳ ଥାନା ଅଞ୍ଚଳରେ ୫ ଜଣ ଲେଖାଏ ମଦ୍ୟପ ଗାଡ଼ି ଚାଳକ ଧରାପଡ଼ିଛନ୍ତି। ଅନ୍ୟପକ୍ଷେ ଭରତପୁର, ଚନ୍ଦକା, ଜଟଣୀ ଓ ବଡ଼ଗଡ଼ରେ ୪ ଓ ବାଲିପାଟଣାରେ ୨ ଜଣ ମଦ୍ୟପ ଚାଳକଙ୍କଠୁ ୫୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଆଗକୁ ସାଉଥ୍‌ପୋଲ୍ ଆଣ୍ଟାର୍କଟିକା ଚଢ଼ିବା ଲକ୍ଷ୍ୟ:ସିଦ୍ଧାର୍ଥ

**ପୁରୀ ଅଫିସ, ୨୩।୫:**



ପର୍ବତାରୋହୀ ସିଦ୍ଧାର୍ଥ ରାଉତରାୟ ସୋମବାର ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି।

ଏସିଆ ମହାଦେଶର ସର୍ବୋଚ୍ଚ ଗିରିଶୃଙ୍ଗ ଆରୋହଣ କରିଥିବା ଓଡ଼ିଆ ପର୍ବତାରୋହୀ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟଙ୍କ ପୁଅ ସିଦ୍ଧାର୍ଥ ରାଉତରାୟ ଓଡ଼ିଶା ଫେରିବା ପରେ ସୋମବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସିଦ୍ଧାର୍ଥ ତାଙ୍କ ଟିମ୍ ସହ ଅପରାହ୍ନରେ ପୁରୀରେ ପହଞ୍ଚିଥିଲେ। ପରେ ଶ୍ରୀମନ୍ଦିରକୁ ଯାଇ ଭିତର କାଠ ନିକଟରେ ଚତୁର୍ଦ୍ଧା ବିଗ୍ରହ ଓ ଭିତରବେଢାରେ ଥିବା ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିରରୁ ଫେରିବା ପରେ ସିଦ୍ଧାର୍ଥ କହିଛନ୍ତି, ସେ ମହାପ୍ରଭୁଙ୍କ ଆଶୀର୍ବାଦ ଓ କରୁଣା ଲାଭ କରି ଏସିଆ ମହାଦେଶର ସର୍ବୋଚ୍ଚ ଗିରିଶୃଙ୍ଗ ଆରୋହଣ କରିବାରେ ସକ୍ଷମ ହୋଇଛନ୍ତି। ମହାପ୍ରଭୁଙ୍କ ପତିତପାବନ ବାନାକୁ ସାଥିରେ ନେଇ ଏଭରେଷ୍ଟ ଗିରିଶୃଙ୍ଗ ଆରୋହଣ କରିଥିଲେ। ଏହିସମୟରେ ସେ ମହାପ୍ରଭୁଙ୍କ ଚମତ୍କାରିତା ଅନୁଭବ କରିଥିଲେ। ମୁଖ୍ୟତଃ ଏଭରେଷ୍ଟ ଉପରେ ୪୦ରୁ ୫୦ କିମି ବେଗରେ ପବନ ବୋହିଥାଏ। ମାତ୍ର ସେ ଯେଉଁଦିନ ଏଭରେଷ୍ଟରେ ପହଞ୍ଚିଥିଲେ ସେତେବେଳେ ୫ରୁ ୧୦ କିମି ବେଗରେ ପବନ ବୋହୁଥିଲା। ତାପମାତ୍ରା ମାଇନସ୍ ୫୦ ଥିଲା। ତାଙ୍କ ଦେହରେ ଜ୍ୱର ଥିଲା। ମାତ୍ର ମହାପ୍ରଭୁଙ୍କ କୃପାରୁ ଦେହ ଆପେ ଭଲ ହୋଇଯାଇଥିଲା। ଏପରି କି ମହାପ୍ରଭୁଙ୍କ ନାମ ନେବା ମାତ୍ରେ ନୂତନ ଶକ୍ତି ଆସୁଥିଲା, ଫଳରେ ଆସ୍ତେ ଆସ୍ତେ ଚଢି ଶେଷରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥିଲେ। ଆଗକୁ ସାଉଥପୋଲ୍ ଆଣ୍ଟାର୍କଟିକା ଚଢିବା ପାଇଁ ଲକ୍ଷ୍ୟ ରହିଛି। ତେଣୁ ମହାପ୍ରଭଙ୍କ ଆଶୀର୍ବାଦ ଭିକ୍ଷା କଲି ବୋଲି ସିଦ୍ଧାର୍ଥ କହିଛନ୍ତି। ଏହି ସମୟରେ ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର ଉପସ୍ଥିତ ଥିଲେ।

# ରାଜଧାନୀରେ ଖଣ୍ଡା ବୁଲାଇ ଆତଙ୍କ

**ଭୁବନେଶ୍ୱର,୨୩।୫(ବ୍ୟୁରୋ)**

**କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ**

- ■୨ ଅଭିଯୁକ୍ତ ଗିରଫ
- ■କାର୍, ଖଣ୍ଡା, ଷ୍ଟିଲ୍ ପାଇପ୍ ଜବତ





ହାତରେ ଧରିଥିଲେ ଖଣ୍ଡା ଓ ଷ୍ଟିଲ୍ ପାଇପ। ହାବୁଡ଼ରେ ଯାହା ପଡୁଥିଲା ହାଣୁଥିଲେ, ଭାଙ୍ଗୁ ଥିଲେ। ସ୍ଥାନୀୟ ଲୋକ ଓ କମିଶନରେଟ ପୋଲିସକୁ ଇଙ୍ଗିତ କରି ଧମକ ବି ଦେଉଥିଲେ। ଫଳରେ ଭୟରେ ପ୍ରାଣ ବିକଳରେ ବ୍ୟବସାୟୀ ଓ ଲୋକେ ଦୌଡିଥିଲେ। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରୟାଲ +୨ ସାଇନ୍ସ କଲେଜ ଆଗରେ ରବିବାର ମଧ୍ୟାହ୍ନରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା। ଭାଇଗିରି ଦେଖାଇବାକୁ ସ୍ପଷ୍ଟ ଦିବାଲୋକରେ ଅଧଘଣ୍ଟା ଧରି ଆତଙ୍କ ଖେଳାଉଥିବା ୨ ଅଭିଯୁକ୍ତଙ୍କୁ ଶେଷରେ ଗିରଫ କରିଛି ପୋଲିସ। ଅଭିଯୁକ୍ତଦ୍ୱୟ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳ ପଳାଶୁଣିର ରାକେଶ ରଞ୍ଜନ ମହାନ୍ତି (୩୫) ଓ ଜଗନ୍ନାଥ କଲୋନୀର ଅଜିତ ଗିରି ଓରଫ ବାଦଲ (୨୧)। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଷ୍ଟିଲ୍ ପାଇପ ଓ ୨ ମୋବାଇଲ ଜବତ କରାଯାଇଛି। ଏଥିସହ ପୋଲିସ ମାମଲା (ନଂ.୧୬୭ /୨୨) ରୁଜୁ କରି ସୋମବାର ସେମାନଙ୍କୁ କୋର୍ଟଚାଲାଣ କରିଛି।

ରବିବାର ଦିନ ପ୍ରାୟ ୧୨ଟା ୩୦ ହେବ। ରୟାଲ +୨ ସାଇନ୍ସ କଲେଜ ନିକଟ ପ୍ରଭାତ ମଲ୍ଲଙ୍କ ଚା ଦୋକାନରେ ଗ୍ରାହକମାନେ ଚା' ପିଉଥିଲେ। ଏହି ସମୟରେ ଅଭିଯୁକ୍ତ ରାକେଶ ଓ ସହଯୋଗୀ ଅଜିତ ମଦ୍ୟପାନ କରି ଏକ କାରରେ ଆସି ସେଠାରେ ପହଞ୍ଚିଥିଲେ। ସେମାନେ କାର୍‌ରୁ ଫିଲ୍ମ ଷ୍ଟାଇଲରେ ଓହ୍ଲାଇ ଏକ ଷ୍ଟିଲ୍ ପାଇପ୍‌ରେ ପ୍ରଭାତଙ୍କୁ ଆକ୍ରମଣ କଲେ। ଏଥିସହ ଦୋକାନ ଆଗରେ ଥିବା କାଚ ଥଣ୍ଡା ବୋତଲଗୁଡ଼ିକୁ ଭାଙ୍ଗି ଉତ୍ପାତ କରିଥିଲେ। ଅଭିଯୁକ୍ତଙ୍କୁ ଏଭଳିକାଣ୍ଡ ଦେଖି ଦୋକାନରେ ଚା ପିଉଥିବା କେତେଜଣ ଲୋକ ଏହାକୁ ବିରୋଧ କରିବାରୁ ସେମାନେ ଖରାପ ଭାଷାରେ ଗାଳିଗୁଲଜ କରି ସେଠାରୁ ପଳାଇଥିଲେ। ଏହାର ୧୫ ମିନିଟ ପରେ ସେମାନେ ପୁଣି ଉକ୍ତ କାରରେ ଆସିଥିଲେ। କେହି କିଛି ବୁଝିବା ପୂର୍ବରୁ ଗାଡ଼ିରୁ ବଡ଼ ଖଣ୍ଡା ବାହାର କରି ଗୋଡାଇ ଗୋଡାଇ ଆକ୍ରମଣ କରିଥିଲେ। ଫଳରେ କେତେଜଣ ଆହତ ଅବସ୍ଥାରେ ଜୀବନ ବଞ୍ଚାଇବାକୁ ଦୌଡ଼ି ପଳାଇଥିଲେ। ଏହାପରେ ଅଭିଯୁକ୍ତ ଦ୍ୱୟ ଦୋକାନର ଶଟର ଓ ସମ୍ମୁଖରେ ଥିବା ଏକ ବାଇକକୁ ଖଣ୍ଡାରେ ଚୋଟ ପରେ ଚୋଟ ପକାଇଥିଲେ। ଅଭିଯୁକ୍ତ ରାକେଶ ନିଜକୁ ବଡ ଗୁଣ୍ଡା ଓ ଭୁବନେଶ୍ୱରର ଡନ୍ ବୋଲି କହୁଥିଲେ। ମୋ ରାଜୁତି ଚାଲିବ, କେହି କିଛି କରିପାରିବେ ନାହିଁ କହି ଖରାପ ଭାଷାରେ ଗାଳିଗୁଲଜ କରୁଥିଲେ। ଖବର ପାଇ ପିସିଆର ପୋଲିସ ପହଞ୍ଚି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। ହେଲେ ସେମାନେ ପୋଲିସକୁ ମଧ୍ୟ ଆକ୍ରମଣ କରିଥିଲେ। ବହୁ କଷ୍ଟରେ ପୋଲିସ ସେମାନଙ୍କୁ କାବୁ କରି ଥାନାକୁ ନେଇଥିଲା।



## ଆନନ୍ଦଉଲ୍ଲାସ ସହ ଚନ୍ଦନଯାତ୍ରା ଶେଷ

ଆଠଗଡ଼,(ସ୍ୱ.ପ୍ର): ଆଠଗଡ଼ ଉପଖଣ୍ଡ ପ୍ରଶାସନ ଓ ଦେବୋତ୍ତର ବିଭାଗ ପକ୍ଷରୁ ଗଡ଼ଜାତ ରାଜବଂଶର ଆରାଧ୍ୟ ଠାକୁର ଶ୍ରୀଶ୍ରୀ ରାଧାଗୋବିନ୍ଦ ଦେବ, ଅଙ୍ଗାଳୀ ଜଗନ୍ନାଥ ଦେବ, ଶ୍ରୀଶ୍ରୀ ରଘୁନାଥ ଦେବ, ଶ୍ରୀଶ୍ରୀ ରଘୁନାଥ ଦେବଙ୍କ ଚନ୍ଦନଯାତ୍ରା ପରମ୍ପରା ଅନୁସାରେ ସୋମବାର ଶେଷ ହୋଇଛି। ଏହି ଅବସରରେ ସନ୍ଧ୍ୟାରେ ଶ୍ରୀଜୀଉଙ୍କୁ ସୁସଜ୍ଜିତ ବିମାନ ଯୋଗେ ଶୋଭାଯାତ୍ରାରେ ପୁଷ୍କରିଣୀକୁ ଅଣାଯାଇଥିଲା। ସେଠାରେ ଠାକୁର ଚାପ ଖେଳିଥିଲେ। ଦେବୋତ୍ତର ବିଭାଗ ସୁପରଭାଇଜର୍ ଭବାନୀ ଶଙ୍କର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଦ ସାହି ଉନ୍ନୟନ ପରିଷଦ ପକ୍ଷରୁ ସ୍ଥାନୀୟ କଳାକାରମାନେ ଅଙ୍ଗାଳୀ ଜଗନ୍ନାଥ ଭଜନ ସନ୍ଧ୍ୟା କରିଥିଲେ।

## ସଂକ୍ଷେପରେ

### ହାଇୱା ଧକ୍କାରେ ମହିଳା ଶ୍ରମିକ ମୃତ

ମଙ୍ଗୁଳି ,୨୩।୫(ଡି.ଏନ୍.ଏ.)- ମଙ୍ଗୁଳି ୧୬ନମ୍ବର ଜାତୀୟ ରାଜପଥର ଚଣ୍ଡୀ ପେଟ୍ରୋଲ ପମ୍ପ ସମ୍ମୁଖରେ ସୋମବାର ଏକ ହାଇୱା ଧକ୍କାରେ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚୌଦ୍ୱାର ୧୫ ନମ୍ବର ୱାର୍ଡ ଖର୍ଦାସାହିର ସସ୍ମିତା ଗୁରୁ (୩୪)। ସୂଚନା ମୁତାବକ, ସସ୍ମିତା ମଙ୍ଗୁଳିରେ ମାସେ ହେବ ଏକ ବୋତଲ କମ୍ପାନୀରେ ଶ୍ରମିକ ଭାବେ ନିୟୋଜିତ ଥିଲେ। ସବୁଦିନ ଭଳି ସୋମବାର ସକାଳ ପ୍ରାୟ ୮ଟା ୩୦ରେ କମ୍ପାନୀକୁ ଚାଲି ଚାଲି ଯାଉଥିବା ସମୟରେ ଚଣ୍ଡୀ ପେଟ୍ରୋଲ ପମ୍ପ ନିକଟରେ କଟକ ପଟୁ ଚଣ୍ଡିଖୋଲ ଆଡକୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା (ଓଡି ୦୫ ଏଏଚ୍ ୩୩୭୮ )ତାଙ୍କୁ ପଛ ପଟୁ ଧକ୍କା ଦେବା ସହ ମୁଣ୍ଡ ଉପରେ ଚକା ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଥିଲା। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ହାଇୱା ଡ୍ରାଇଭର ଘଟଣାସ୍ଥଳରୁ ଦୌଡି ପଳାଉଥିବା ସମୟରେ ସ୍ଥାନୀୟ ଲୋକେ ତାକୁ କାବୁ କରି ପୋଲିସର ଜିମା ଦେଇଥିଲେ। ଟାଙ୍ଗୀ ପୋଲିସ ହାଇୱା ଏବଂ ଡ୍ରାଇଭରକୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ନେଇ କୌଣସି ଅଭିଯୋଗ ହୋଇ ନାହିଁ।

### ପୋଖରୀରେ ବୁଡ଼ି ଜଣେ ମୃତ

ତିଗିରିଆ, ୨୩।୫(ଡି.ଏନ୍.ଏ.) ତିଗିରିଆ ଥାନା ଅନ୍ତର୍ଗତ ଗୋଡ଼ିଝରିଆ ଗ୍ରାମରେ ସୋମବାର ପୋଖରୀରେ ବୁଡ଼ିଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରବୀନ୍ଦ୍ର ବେହେରା (୫୨)। ସେ ଉକ୍ତ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତିଗିରିଆ ନିଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ. ୪/୨୨) ରୁଜୁ କରିଛି।

### ଅଗ୍ନିକାଣ୍ଡ: ଆସବାବପତ୍ର ନଷ୍ଟ

ଖୁଣ୍ଟୁଣୀ,୨୩।୫(ଡି.ଏନ୍.ଏ.)- ଖୁଣ୍ଟୁଣୀ ଥାନା ଅଧୀନ ବ୍ରହ୍ମପୁର ଗ୍ରାମ କେନ୍ଦୁରଗଡା ସାହିରେ ସୋମବାର ଅପରାହ୍ନ ସାଢେ ୪ଟାରେ ଅଗ୍ନିକାଣ୍ଡ ଘଟି ବାଇଧର ପ୍ରଧାନଙ୍କର ଆଜବେଷ୍ଟସ ଘରେ ଥିବା ଆଲମାରିର ଲୁଗାପଟା ଓ ଜରୁରୀ କାଗଜପତ୍ର ସମେତ ଆସବାବପତ୍ର ପୋଡିଯାଇଛି। ଆଲମାରି ଉପରେ ଥିବା କନା କଭରରେ ବିଦ୍ୟୁତ୍ ତାର ଲାଗି କଭର ଜଳିଯିବା ସହ ଆଲମାରି ଭିତରେ ଥିବା ସମସ୍ତ ଲୁଗାପଟା, ଖଟ ଓ ଆବଶ୍ୟକୀୟ ପ୍ରମାଣପତ୍ର ପୋଡିଯାଇଥିଲା। ହେଲେ ଲକରରେ ଥିବା ସୁନା ଗହଣା ନଗଦ ଟଙ୍କା ରକ୍ଷା ପାଇଯାଇଥିଲା। ନିଆଁ ଲାଗିବା ମାତ୍ରେ ଠିକ ସମୟରେ ସାହିର ଲୋକେ ଆସି ଘର ଭିତରେ ପଶି କେତେକ ଆବଶ୍ୟକୀୟ ସାମଗ୍ରୀକୁ ବାହାରକୁ ଆଣିବା ସହ ପାଣି ଓ ବାଲି ପକାଇ ନିଆଁକୁ ଆୟତ୍ତ କରିଥିଲେ। ଏଥିଯୋଗୁ ବାଇଧରଙ୍କର ଅନ୍ୟ ୩ ବଖରା ଚାଳ ଘର ଅଳ୍ପକେ ରକ୍ଷା ପାଇଯାଇଛି। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଯୁବ ସଂଗଠକ ପ୍ରକାଶ ବିଶ୍ୱାଳ ଦାବି କରିଛନ୍ତି ।

### ଜିଲାପାଳଙ୍କ ଜନଶୁଣାଣିରେ ୨୨୪ ଅଭିଯୋଗ

ବାଙ୍କୀ,୨୩।୫(ସ୍ୱ.ପ୍ର.)- ବାଙ୍କୀ ଏନ୍ଏସିର ବାତ୍ୟା ଆଶ୍ରୟସ୍ଥଳିରେ କଟକ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ୨୨୪ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ବିଶେଷ କରି କୃଷି, ସ୍ୱାସ୍ଥ୍ୟ, ଉଠା ଜଳସେଚନ, କାଳିଆ ଯୋଜନା, ବିଦ୍ୟୁତ୍, ଆବାସ ଯୋଜନା, ଭତ୍ତା, ରାଶନ କାର୍ଡ, ପାନୀୟ ଜଳ, ଏମ୍ଜିଏନ୍ଆରଇଜିଏସ୍, ଶିକ୍ଷା ଓ ପାଇଖାନା ସମ୍ପର୍କିତ ଅଭିଯୋଗଗୁଡ଼ିକର ଶୁଣାଣି ହୋଇଥିଲା। ବାଙ୍କୀ ବ୍ଲକ ଅନୁଆରୀ ପଞ୍ଚାୟତ ବୋତଲମା ଗ୍ରାମର ଦିବ୍ୟାଙ୍ଗ ନବକିଶୋର ଦେହୁରୀ ଓ ବରପୁଟ ପଞ୍ଚାୟତ ବରପୁଟ ଗ୍ରାମର ସୁକାନ୍ତ ରାଉତଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କଟକ ଗ୍ରାମାଞ୍ଚଳ ଏସ୍ପି ଯୁଗଳ କିଶୋର ବିନିତ, ଜିଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, କଟକ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତ ରାୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ବିଡିଓ ଶ୍ୟାମଳ କୁମାର ରାୟ କର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମାଟ୍ରିକ୍ ପରୀକ୍ଷା ଖାତା ଦେଖାରେ ଅନିୟମିତତା

■ବିଳମ୍ବରେ ଖାତା ମିଳୁଥିବାରୁ ସମୟରେ ସରିବା କଷ୍ଟକର

■ତ୍ରୁଟିଶୂନ୍ୟ ମୂଲ୍ୟାୟନ ନେଇ ଆଶଙ୍କା

କଟକ ଅଫିସ,୨୩।୫

ଚଳିତବର୍ଷର ମାଟ୍ରିକ ସମେଟିଭ୨ ପରୀକ୍ଷା ଖାତା ଦେଖା ଆରମ୍ଭ ହୋଇଯାଇଛି। ଏହି ପ୍ରକ୍ରିୟାରେ ଦଶମ ଶ୍ରେଣୀ ସହିତ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାର ଖାତା ମଧ୍ୟ ମୂଲ୍ୟାୟନ କରାଯାଉଛି। ତେବେ ରେଭେନ୍ସା କଲିଜିଏଟ ସ୍କୁଲ ଖାତା ଦେଖାରେ ସୋମବାର ଅନିୟମିତତା ଦେଖାଦେଇଛି। ରବିବାର ଖାତାଦେଖାରେ ନିୟୋଜିତ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାତ୍ର ୫୫ଟି ଖାତା ଦେଖିବାକୁ ଦିଆଯାଇଥିବା ବେଳେ ସୋମବାର ମଧ୍ୟାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ କୌଣସି ଖାତା ଦେଖିବା ପାଇଁ ଦିଆଯାଇ ନ ଥିଲା। ଫଳରେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ହୋହଲ୍ଲା କରିଥିଲେ। କିଛି ସମୟ ଧରି ପାଟିତୁଣ୍ଡ ହେବା ପରେ ଖାତା ପ୍ରଦାନ କରାଯାଇଥିଲା। ତେବେ ବୋର୍ଡ ପକ୍ଷରୁ ଦୁଇ ସପ୍ତାହ ମଧ୍ୟରେ ଖାତା ଦେଖା ଶେଷ କରିବାକୁ ସ୍ଥିର କରାଯାଇଥିବା ବେଳେ ଏଭଳି ଖାତା ଦେବାରେ ବିଳମ୍ବ ହେଉଥିବାରୁ ବର୍ତ୍ତମାନ ତାହା ସରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଦୀର୍ଘ ସମୟ ଧରି ଅପେକ୍ଷା କରିବାପରେ ଖାତା ଦେଖିବାକୁ କମ୍ ସମୟ ମିଳୁଥିବାରୁ ନିୟୋଜିତ ଶିକ୍ଷୟିତ୍ରୀ ଶିକ୍ଷକ ମାନସିକ ଚାପ ଅନୁଭବ କରୁଛନ୍ତି। ଏଭଳି ପରିସ୍ଥିତିରେ ତ୍ରୁଟିଶୂନ୍ୟ ମୂଲ୍ୟାୟନ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ତେବେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁସ୍ମିତା ସ୍ୱାଇଁ ଏହି ଅଭିଯୋଗକୁ ଖଣ୍ଡନ କରିବାସହ ସେଭଳି କୌଣସି ପରିସ୍ଥିତି ସୃଷ୍ଟି ହୋଇ ନାହିଁ ବୋଲି କହିଛନ୍ତି। ସକାଳ ୯ଟା ୩୦ରେ କ୍ୟାମ୍ପ ଖୋଲି ଖାତା ଦେଖିବାକୁ ଦେଇଛୁ। ଏ ବିଷୟରେ କ୍ୟାମ୍ପ ଅଫିସର ଅଧିକ କହିପାରିବେ। ଏଥିସହ କେତେ ଖାତା ଦେଖାହେବ ସେ ନିଷ୍ପତ୍ତି ବୋର୍ଡ ଏବଂ କ୍ୟାମ୍ପ ଅଫିସରଙ୍କର। ଅନ୍ୟପଟେ ଗୋଟିଏ ୟୁନିଟକୁ ୫୫ଟି ଖାତା ଦେବା ଅସମ୍ଭବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ସୂଚନାଥାଉକି, ରାଜ୍ୟରେ ମୋଟ ୫୮ଟି ମୂଲ୍ୟାୟନ କେନ୍ଦ୍ରରେ ମାଟ୍ରିକ ସମେଟିଭ ୨ର ମୂଲ୍ୟାୟନ ପ୍ରକ୍ରିୟା ଜାରି ରହିଛି। ଦୁଇ ସପ୍ତାହ ମଧ୍ୟରେ ଖାତାଦେଖା କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି ବୋର୍ଡ। ସେପଟେ ଖାତା ମୂଲ୍ୟାୟନ କାର୍ଯ୍ୟକୁ ତ୍ରୁଟିଶୂନ୍ୟ କରିବାକୁ ପୂର୍ବରୁ ହୋଇଥିବା ନିୟମଗୁଡ଼ିକୁ କଡ଼ାକଡ଼ି କରାଯାଇଛି। ଏଥିପାଇଁ ୪୮୧ଜଣ ମୁଖ୍ୟ ପରୀକ୍ଷା ନିରୀକ୍ଷକଙ୍କ ସହ ୯୦୦ଜଣ ଡେପୁଟି ଅତିରିକ୍ତ ନିରୀକ୍ଷକ, ୮୯୧୯ ଜଣ ସହକାରୀ ନିରୀକ୍ଷକ ଓ ୯୩୦ ସ୍କ୍ରୁଟିନାଇଜର ନିୟୋଜିତ ଅଛନ୍ତି। ଖାତାଦେଖା ପରେ ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ମାର୍କକୁ ଅନ୍ଲାଇନରେ ଅପଲୋଡ୍ କରାଯିବ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାର୍ଥୀଙ୍କ ମାର୍କକୁ ଅଫଲାଇନ ମୋଡରେ ରେକର୍ଡ କରାଯିବ।



ମାହାଙ୍ଗା ମହୋତ୍ସବର ସୋମବାର ଉଦ୍ଯାପନୀ ଦିବସରେ କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି।

# ପାରମ୍ପରିକ ନୃତ୍ୟଗୀତରେ ମଞ୍ଚ ପ୍ରକମ୍ପିତ

## ମାହାଙ୍ଗା ମହୋତ୍ସବ ଉଦ୍ଯାପିତ

ନିଶ୍ଚିନ୍ତକୋଇଲି,୨୩।୫(ସ୍ୱ.ପ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଜିମ୍ପିପୁର ବ୍ରହ୍ମକ୍ଷେତ୍ର ପୀଠରେ ଚାଲିଥିବା ମାହାଙ୍ଗା ମହୋତ୍ସବ ସୋମବାର ଉଦ୍ଯାପିତ ହୋଇଯାଇଛି। ଏଠାରେ ୨୧ ଦିନ ଧରି ଚାଲିଥିବା ଚନ୍ଦନଯାତ୍ରାର ଶେଷ ୫ ଦିନ ମହୋତ୍ସବ ଆୟୋଜନ କରାଯାଇଥିଲା। ଉଦ୍ଯାପନୀ ସନ୍ଧ୍ୟାରେ ପାରମ୍ପରିକ ନୃତ୍ୟ ଗୀତର ଆସର ସହ ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀଙ୍କ ପ୍ରତିନିଧି ଅଙ୍କିତ ପ୍ରତାପ ଜେନା ଯୋଗଦେଇ ମାହାଙ୍ଗା ମହୋତ୍ସବ ମାଧ୍ୟମରେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ୨ ବ୍ଲକ ମଧ୍ୟରେ ଭାଇଚାରା ସୃଷ୍ଟି ହେବ ବୋଲି ପ୍ରକାଶ କରିଥିଲେ। ମହୋତ୍ସବରେ ଓର୍ମାସ ପକ୍ଷରୁ କୁଟୀର ଶିଳ୍ପ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ଦ୍ୱାରା ହାତତିଆରି ଖେଳନା, ବେତ ଓ ବାଉଁଶ ତିଆରି ଜିନିଷପତ୍ର, ମିନା ବଜାର ସାଙ୍ଗକୁ ପିଲାଙ୍କ ପାଇଁ ବିଭିନ୍ନ ରକମର ଦୋଳି, ମହିଳାଙ୍କ ଘରସଜ୍ଜା ସାମଗ୍ରୀ, ଗୃହୋପକରଣ ଆଦି ସାମଗ୍ରୀ ଷ୍ଟଲ୍ରେ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ଜିଲାର ସାଂସ୍କୃତିକ ଲୋକ ନୃତ୍ୟ ବେଶ ମନୋରମ ଥିଲା। ତୃତୀୟ ଦିବସରେ ବାଘ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ଚିତ୍ତାକର୍ଷକ ହୋଇଥିବାବେଳେ ଚତୁର୍ଥ ଦିବସରେ ହ୍ୟୁମାନ ସାଗରଙ୍କ ଜଗନ୍ନାଥ ଭଜନ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଅନ୍ତିମ ସନ୍ଧ୍ୟାରେ ରାୟଗଡ଼ାର ମା’ ଗାୟତ୍ରୀ ଅନୁଷ୍ଠାନ ପକ୍ଷରୁ ଆଦିବାସୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ, ଛଉନୃତ୍ୟ, ବାଘ ନୃତ୍ୟ ସାଙ୍ଗକୁ ଓଡ଼ିଶୀ ନୃତ୍ୟ ଗୀତ ସମଗ୍ର ପରିବେଶକୁ ରୁଦ୍ଧିମନ୍ତ କରିଥିଲା। ବଳଦେବ ଜୀଉ ମନ୍ଦିର ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି ଧୀରେନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ମଦନମୋହନଙ୍କୁ ବିମାନରେ ଅଣାଯାଇ ଚନ୍ଦନ ପୋଖରୀରେ ଚନ୍ଦନ ଯାତ୍ରା ଓ ଭଉଁରି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ତିଳୋତମା ରାଉତ, ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ଅଧ୍ୟକ୍ଷା ରୋଜି ସେଠୀ, ଜ୍ଞାନରଞ୍ଜନ ରାଉତ, ଗିରିଶ ମହାପାତ୍ର ଓ ରମାକାନ୍ତ ମହାନ୍ତି ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ମେଡିକାଲ ସମ୍ମୁଖରେ ଆଶାକର୍ମୀଙ୍କ ଧାରଣା

ସାଲେପୁର, ୨୩।୫(ଡି.ଏନ୍.ଏ.)

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ୍ ଆକାଉଣ୍ଟ ମ୍ୟାନେଜରଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରିବା ଦାବିରେ ସୋମବାର ସାଲେପୁର ବ୍ଲକ୍ର ସମସ୍ତ ଆଶାକର୍ମୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ସୂଚନା ଅନୁଯାୟୀ, ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ୍ ଆକାଉଣ୍ଟ ମ୍ୟାନେଜର ବିପିନ କୁମାର ଜେନାଙ୍କ ଅନ୍ୟତ୍ର ବଦଳି କରାଯାଇଛି। ସେ ଜଣେ ଦକ୍ଷ ଆକାଉଣ୍ଟାଣ୍ଟ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କାଗଜପତ୍ର କାମ ତତ୍କାଳୀନ ସମ୍ପାଦନ କରିଥାନ୍ତି। ତାଙ୍କର ବଦଳି ଖବର ଜଣାପଡିବା ପରେ ସାଲେପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଆଶାକର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜେନାଙ୍କ ବଦଳିକୁ ତୁରନ୍ତ ବାତିଲ କରିବା ଦାବିରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ମାଧ୍ୟମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜେନାଙ୍କ ବଦଳି ନିର୍ଦ୍ଦେଶ ହୋଇଥିବାରୁ ଆଶାକର୍ମୀମାନଙ୍କ ଏକ ପ୍ରତିନିଧି ଦଳ ତାଙ୍କୁ ସାକ୍ଷାତ କରି ଏହି ଦାବି ଉପସ୍ଥାପନ କରିବେ ବୋଲି କହିଛନ୍ତି । ଏହି ଆନ୍ଦୋଳନରେ ଗୀତାଞ୍ଜଳି ମହାରଣା, ମନୋରମା ମହାନ୍ତି, କଳ୍ପନା ପ୍ରତାପ, ଆରତୀ ଦେବୀ, ସରସ୍ୱତୀ ନାଥ, କବିତା ସାମଲ, ରଇସା ବିବି, ଉର୍ମିଳା ନାୟକ, ଅନ୍ନପୂର୍ଣ୍ଣା ସାହୁ, ଗୀତାଞ୍ଜଳି ପରିଡ଼ାଙ୍କ ସମେତ ବହୁ ଆଶା କର୍ମୀ ସାମିଲ ହୋଇଥିଲେ।

## ମୀନାକ୍ଷୀ ଦେବୀଙ୍କ ତୈଳଚିତ୍ର ଉନ୍ମୋଚିତ

କଟକ ଅଫିସ, ୨୩।୫

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ ସାରସ୍ୱତ ସାଧିକା ମୀନାକ୍ଷୀ ଦେବୀଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ ଶ୍ରୀରାମଚନ୍ଦ୍ର ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ତୈଳଚିତ୍ର ଉନ୍ମୋଚନ କରିବା ସହ ମୀନାକ୍ଷୀ ଦେବୀ ଅଜାତ ଶତ୍ରୁ ଥିଲେ ବୋଲି କହିଛନ୍ତି। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ ସାହୁଙ୍କ ସଭାପତିତ୍ୱରେ ଉତ୍ସବରେ ଡ. ବୈଜୟନ୍ତୀ ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଓଡ଼ିଆ ଗୀତିକବି ସମାଜର ସଭାପତି ମନୋଜ ପଟ୍ଟନାୟକ ଯୋଗଦେଇ କହିଥିଲେ, ଅବହେଳିତ ଲୋକଙ୍କୁ ସେବା ଯୋଗାଇଦେବାରେ ମୀନାକ୍ଷୀ ଦେବୀଙ୍କ ଭୂମିକା ଅତୁଳନୀୟ। ଅନୁଷ୍ଠାନ ଉପସଭାପତି ସଞ୍ଜିତ ପଟ୍ଟନାୟକ, ସମ୍ପାଦକ ଆଦିତ୍ୟ ପ୍ରତାପ, ବ୍ରହ୍ମାନନ୍ଦ ବିଶ୍ୱାଳ, ସରୋଜିନୀ ମିଶ୍ର ସାମିଲ ଥିଲେ।

## ରାଷ୍ଟ୍ର ବିକାଶରେ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କଟକ ଅଫିସ, ୨୩।୫

ଡ୍ରିମ୍ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ପକ୍ଷରୁ ‘ରାଷ୍ଟ୍ର ପାଇଁ ଯୁବ ଗୋଷ୍ଠୀ’ ଶୀର୍ଷକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ଅଭିଷେକ ବ୍ରହ୍ମଚାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଭାରତୀୟ ସଂସ୍କୃତି, ଲୋକତନ୍ତ୍ରର ସୁରକ୍ଷା, ରାଷ୍ଟ୍ର ବିକାଶ ଦିଗରେ ଯୁବଗୋଷ୍ଠୀଙ୍କ ପ୍ରମୁଖ ଭୂମିକା ରହିଛି। ମୁଖ୍ୟବକ୍ତା ଭାବେ ଯୁବ ଚେତନାର ରାଷ୍ଟ୍ରୀୟ ସଂଯୋଜକ ରୋହିତ ସିଂହ ଓ ସମ୍ମାନିତ ଅତିଥି ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦ ଯୋଗଦେଇଥିଲେ। ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ନିର୍ଦ୍ଦେଶକ ଡ. କପିଳେଶ୍ୱର ମିଶ୍ର, ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ, ପ୍ରାଧ୍ୟାପିକା ଡ. କ୍ରିଷ୍ଣାପ୍ରଦା ଦାଶ, ପ୍ରାଧ୍ୟାପିକା ଅମ୍ରିତା ସିଂହ ଧନ୍ୟବାଦ ଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୨ ଶିଶୁକନ୍ୟା



ତିଗିରିଆର ସ୍ମୃତିଶ୍ରୀୟା ଦାଶ।



ଆଠଗଡ଼ର ଆଦିତ୍ରୀ ପ୍ରିୟଦର୍ଶିନୀ।

ତିଗିରିଆ/ଆଠଗଡ଼, ୨୩।୫ (ଡି.ଏନ୍.ଏ./ସ୍ୱ.ପ୍ର.)

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ତିଗିରିଆ ଓ ଆଠଗଡ଼ ବ୍ଲକର ୨ ଶିଶୁକନ୍ୟା ସ୍ଥାନ ପାଇଛନ୍ତି। ତିଗିରିଆ ବ୍ଲକ ଭୋଗଡ଼ା ଗ୍ରାମର ବିଜୟ ଦାଶ ଓ ପୁନମ୍ ପ୍ରତ୍ୟୁଷ ଦାଶଙ୍କ ୩ବର୍ଷ ୬ମାସର ଝିଅ ସ୍ମୃତିଶ୍ରୀୟା ଦାଶ ଏଥିରେ ସ୍ଥାନ ପାଇଛନ୍ତି। ସେ ୧୭ଟି ଜାତୀୟ ସଙ୍କେତ, ଇଂଲିଶ୍ର ସମସ୍ତ ଅକ୍ଷର, ୧୬ ସଂସ୍କୃତ ଶ୍ଳୋକ, ୧୦ ପ୍ରକାରର କ୍ରୀଡ଼ା, ୭ଦିନ, ୧୨ମାସ, ୬ଋତୁ , ୧୬ କବିତା, ୨ରୁ ୧୨ ପର୍ଯ୍ୟନ୍ତ ପଣକିଆ, ୧୨ ପନିପରିବା, ୧୨ଫୁଲ, ୧୧ ଫଳ, ୧୬ ରଙ୍ଗ, ୧୧ ପକ୍ଷୀ, ୯ ଗୃହପାଳିତ ପ୍ରାଣୀ, ୧୦ ବନ୍ୟଜନ୍ତୁ , ୧୨ପର୍ବ, ଶରୀରର ବିଭିନ୍ନ ଅଂଶ, ୧୨ କୀଟ ଏବଂ ୭ଟି ଜଳଚର ପ୍ରାଣୀଙ୍କ ନାମକୁ କହି ଏହି ରେକର୍ଡ଼ର ଅଧିକାରୀ ହୋଇଛନ୍ତି। ସ୍ମୃତିଙ୍କର ଏଭଳି ଧୀଶକ୍ତି ଦେଖି ମା’ବାପା ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସକୁ ପଠାଇଥିଲେ। ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସର କର୍ମକର୍ତ୍ତାମାନେ ଲାଇଭ ଭିଡିଓ ଜରିଆରେ ବିଭିନ୍ନ ପ୍ରଶ୍ନ ପଚାରି ତାଙ୍କୁ ଚୟନ କରିଥିଲେ। ସେହିପରି ଆଠଗଡ ବ୍ଲକ ରାଧାଗୋବିନ୍ଦପୁରର ଅକ୍ଷୟ ପାଲ ଏବଂ ଦୀପ୍ତିମୟୀ ପତ୍ରୀଙ୍କ ୨ ବର୍ଷ ୮ ମାସର ଝିଅ ଆଦିତ୍ରୀ ପ୍ରିୟଦର୍ଶିନୀ ମଧ୍ୟ ଏହି ଉକ୍ତ ରେକର୍ଡ଼ରେ ସ୍ଥାନ ପାଇଛନ୍ତି। ସେ ଇଂଲିଶ୍ର ସମସ୍ତ ଅକ୍ଷର ସହ ସଂଶ୍ଳିଷ୍ଟ ଶବ୍ଦ, ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ, ୭ ଦିନ, ୧୨ମାସ, ପଶୁଙ୍କ ନାମ କହିବା ସହ ସଂସ୍କୃତ ଶ୍ଳୋକର ନିର୍ଭୁଲ ଉଚ୍ଚାରଣ, ଦୁଇଟି ବେଙ୍ଗଲୀ କବିତା ଓ ୬ଟି ପ୍ରାଣୀଙ୍କ ଅବିକଳ ସ୍ୱର ଉଚ୍ଚାରଣ କରିପାରୁଛନ୍ତି। ଝିଅର ଏଭଳି ସ୍ମରଣ ଶକ୍ତି ଦେଖି ମା’ ବାପା ତା’ର ଭିଡିଓ ଉତ୍ତୋଳନ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଭାଗ ନେବା ପାଇଁ ଆବେଦନ କରିଥିଲେ। ଏଥିରେ ସେ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ଶିକ୍ଷାର ବ୍ୟବସାୟୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ଶିକ୍ଷାନୀତି

କଟକ ଅଫିସ,୨୩।୫

ଗୋପବନ୍ଧୁ ବିଚାର ମଞ୍ଚ ପକ୍ଷରୁ ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କିତ ଏକ ଆଲୋଚନାଚକ୍ର ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ବିରେନ୍ଦ୍ର କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଶିକ୍ଷା କ୍ଷେତ୍ରରେ ଫିସ୍ ବୃଦ୍ଧି ହେତୁ ଲକ୍ଷାଧିକ ଛାତ୍ରୀଛାତ୍ର ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷେ ମହାମାରୀ ସମୟରେ କେନ୍ଦ୍ର ସରକାର ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରଣୟନ କରିଥିଲେ। ଏହାଦ୍ୱାରା ଶିକ୍ଷାର ବ୍ୟବସାୟୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ଆଶଙ୍କା ଦେଖାଦେଇଛି। ସେହିଭଳି ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷା ଲାଗୁ, ନବମ ଶ୍ରେଣୀରୁ ସେମିଷ୍ଟାର ବ୍ୟବସ୍ଥା, ଏକାଧିକ ପ୍ରବେଶ ଓ ପ୍ରସ୍ଥାନ ଏବଂ ଏକାଡେମିକ ବ୍ୟାଙ୍କ ଅଫ୍ କ୍ରେଡିଟ ଆଦି ଦେଶରେ ଥିବା ପୂର୍ଣ୍ଣାଙ୍ଗ ଜ୍ଞାନ ଆହରଣକୁ ପ୍ରଭାବିତ କରିବ ବୋଲି ସେ କହିଥିଲେ। ସୌମ୍ୟସ୍ୱରୂପ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

# ଓଡ଼ିଆ ବିଜ୍ଞାନ ସାହିତ୍ୟକୁ ସମୃଦ୍ଧ କରିଥିଲେ ଗୋକୁଳାନନ୍ଦ

କଟକ ଅଫିସ, ୨୩।୫

ବିଶିଷ୍ଟ ବିଜ୍ଞାନ ଲେଖକ ପ୍ରଫେସର ଡ. ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସୋମବାର ସାରଳା ଭବନରେ ସ୍ମାରକୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟ ବକ୍ତୃତାମାଳାରେ ବନାରସସ୍ଥିତ ଭିଏଚ୍ୟୁର ପ୍ରଫେସର ଡ. ଗଣେଶ ପାଣ୍ଡେ, ବାଙ୍ଗାଲୋରସ୍ଥିତ ଆଇଏସ୍ସିର ପ୍ରଫେସର ଡ. କବି ରାନାଇ ଆର୍. ପ୍ରସାଦ ଏବଂ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଅଖିଳ ସାହୁ ଯୋଗଦେଇଥିଲେ। ପରେ କାନାଡ଼ା ଗୁଲ୍ଫା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଅଭୟ ମହାନ୍ତି, ପ୍ରଫେସର ଭୀଷ୍ମ କେ. ପଟେଲ, ଡ. ସତ୍ୟନାରାୟଣ ସାହୁ ଯୋଗଦେଇ ରସାୟନ ବିଜ୍ଞାନର ବିଭିନ୍ନ ବିଷୟ ଉପରେ ବକ୍ତୃତା ଦେଇଥିଲେ। ପରେ ଆୟୋଜିତ ‘ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ଓ ଲୋକପ୍ରିୟ ବିଜ୍ଞାନ ସାହିତ୍ୟ ଶୀର୍ଷକ’ ଆଲୋଚନାଚକ୍ରରେ ଡ. ପ୍ରଭାକର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏଥିରେ ପ୍ରଫେସର ଡ. ନିରଞ୍ଜନ ତ୍ରିପାଠୀ, ପ୍ରଫେସର ଡ. ନିତ୍ୟାନନ୍ଦ ସ୍ୱାଇଁ, ଡ. ପ୍ରମୋଦ ମହାପାତ୍ର ଏବଂ ଡ. ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଗୋକୁଳାନନ୍ଦଙ୍କ ବିଜ୍ଞାନ ଲେଖା ଓଡ଼ିଆ ବିଜ୍ଞାନ ସାହିତ୍ୟକୁ ସମୃଦ୍ଧ କରିଥିଲା ବୋଲି କହିଥିଲେ। ଏଥିରେ ପ୍ରଫେସର ଡ. ଗଣେଶ ପାଣ୍ଡେ ଓ ପ୍ରଫେସର ଡ. ସୁଶାନ୍ତ ବଡ଼ମାଲି ଅଧ୍ୟକ୍ଷତା କରିଥିଲେ। ଏଥିରେ ଦିଲ୍ଲୀର ପ୍ରଫେସର ଡ. ଅଖିଳେଶ ବର୍ମା, ଚେନ୍ନାଇର ପ୍ରଫେସର ଡ. ଏସ୍.ଭାସ୍କରନ୍, ମୁମ୍ବାଇର ପ୍ରଫେସର ଡ. ସନ୍ତୋଷ ଜେ. ଘରପୁରେ, କୋଲକାତାସ୍ଥିତ ଆଇଜର୍ର ପ୍ରଫେସର ଡ. ଅଲକେଶ ବିଶାଳ ଯୋଗଦେଇ ଆଧୁନିକ ରସାୟନ ବିଜ୍ଞାନ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଏନ୍ଏମ୍ ଫାଉଣ୍ଡେଶନ୍ର ସମ୍ପାଦକ ପ୍ରଫେସର ଡ. ଗିରିଜାନନ୍ଦନ ମହାପାତ୍ର ଓ ପ୍ରଫେସର ସତ୍ୟବାନ ଜେନା ସାମିଲ ଥିଲେ।

# ସରପଞ୍ଚଙ୍କୁ ସ୍ୱଷ୍ଟୀକରଣ ମାଗିଲେ ଅଡିଟର

## ଟିଏମ୍ସି ବିଦ୍ୟୁତ୍ ବିଲ୍ ଭରଣା ପ୍ରସଙ୍ଗ

କଟକ ସଦର,୨୩।୫(ଡି.ଏନ୍.ଏ.)

କଟକ ସଦର ବ୍ଲକ ୨୩ଟି ପଞ୍ଚାୟତର ସ୍କୁଲରେ କରୋନା ପାଇଁ ୨୦୨୦ ମେ’ ମାସରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍ସି) ଖୋଲାଯାଇଥିଲା। ଏହି କେନ୍ଦ୍ରର ପରିଚାଳନା ଦାୟିତ୍ୱ ସରପଞ୍ଚଙ୍କୁ ଦିଆଯାଇଥିଲା। ୪ ମାସ ପାଇଁ ଉକ୍ତ କେନ୍ଦ୍ରରେ ୨୪ ଘଣ୍ଟିଆ ବିଦ୍ୟୁତ୍ ବ୍ୟବସ୍ଥା ହୋଇଥିଲା। ହେଲେ ଉକ୍ତ ବ୍ଲକର ୧୭ଟି ପଞ୍ଚାୟତରେ ବିଦ୍ୟୁତ୍ବିଲ୍ବାବଦକୁଟଙ୍କାଟିଏ ପଇଠ କରାଯାଇ ନ ଥିବା ଲୋକାଲ ଫଣ୍ଡ ଅଡିଟ୍ ବେଳେ ଜଣାପଡ଼ିଥିଲା। ଅନ୍ୟ ୬ଟି ଟିଏମ୍ସିରେ ବିଦ୍ୟୁତ୍ ସ୍କୁଲ ମିଟରରୁ ବ୍ୟବହାର କରାଯାଇଥିବାରୁ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ବିଲ୍ ଟାଟା ପାୱାର କମ୍ପାନୀକୁ ଦେଇଥିଲେ। ଏଥିପାଇଁ ସରପଞ୍ଚ ନିଜ ଆଡୁ ସାମୟିକ ବିଦ୍ୟୁତ୍ ସଂଯୋଗ ନେଇ ବିଲ୍ ଦେବା କଥା ବୋଲି ଅଡିଟର କହିଛନ୍ତି। ଗୋଟିଏ ପଟେ ଆଦୌ ବିଲ୍ ପଇଠ ନ ହେବା ଘଟଣାକୁ ଲୋକାଲ ଫଣ୍ଡ ଅଡିଟ୍ ଗୁରୁତ୍ୱର ସହ ନେଇ ସେହି ସବୁ ପଞ୍ଚାୟତର ସରପଞ୍ଚଙ୍କୁ ସ୍ୱଷ୍ଟୀକରଣ(ହାଫ୍ ମାର୍ଜିନ ମେମୋ) ମାଗିଛି। ସେହିପରି ସ୍କୁଲ ମିଟରରୁ କାହିଁକି ବିଦ୍ୟୁତ୍ ବ୍ୟବହାର କରାଗଲା, ସେ ନେଇ ୬ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଟିଏମ୍ସି ପିଛା ସରକାର ୬ ଲକ୍ଷ ଟଙ୍କା ଦେଇଥିଲେ। ଏଥିରେ ପଙ୍ଖା, ଇନଭର୍ଟର ଭଳି ବିଦ୍ୟୁତ୍ ସରଞ୍ଜାମ କିଣାଯିବା ସହ ବିଦ୍ୟୁତ୍ ବିଲ୍ ଭରଣା କରାଯିବାକୁ କୁହାଯାଇଥିଲା। ବିନା ବିଦ୍ୟୁତ୍ ଖର୍ଚ୍ଚରେ ଟିଏମ୍ସି କିପରି ପରିଚାଳନା କରାଗଲା ଓ ସ୍କୁଲ ବିଲ୍ କାହିଁକି ଦିଆଗଲା, ସେ ସମ୍ପର୍କରେ ୨ ମାସ ମଧ୍ୟରେ ଉତ୍ତର ଦେବା ପାଇଁ ପଞ୍ଚାୟତଗୁଡିକର ସରପଞ୍ଚଙ୍କୁ ସ୍ୱଷ୍ଟୀକରଣ ମଗାଯାଇଛି ବୋଲି କଟକ ଜିଲା ଅଡିଟ୍ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି।

# ଜଙ୍ଗଲ ଜମି ଜବରଦଖଲ ବିରୋଧରେ ଆଦିବାସୀ ମେଳି

ଚୌଦ୍ୱାର,୨୩।୫(ଡି.ଏନ୍.ଏ.)


କରଞ୍ଜି ପଞ୍ଚାୟତ ନିକଟରେ ଆଦିବାସୀ ମେଳି ହୋଇ ବିରୋଧ କରୁଛନ୍ତି।

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅଧୀନ କରଞ୍ଜି ଗାମରେ ଥିବା ଜଙ୍ଗଲ ଜମିରେ ଜବରଦଖଲ ହେଉଥିବା ଏବଂ ବାହାରର ପ୍ରତିଷ୍ଠିତ ବ୍ୟକ୍ତିମାନେ ଜଙ୍ଗଲ ଜମିରେ କୋଠା ନିର୍ମାଣ କରୁଥିବା ଅଭିଯୋଗ କରି ସ୍ଥାନୀୟ ଆଦିବାସୀ ସୋମବାର ମେଳି କରିବା ସହିତ ଜଙ୍ଗଲ ଜମି ଜବରଦଖଲର ତୀବ୍ର ପ୍ରତିବାଦ କରିଛନ୍ତି। ସୂଚନାରୁ ପ୍ରକାଶଯେ, କରଞ୍ଜି ଓ ଏହା ଆଖପାଖ ଜଙ୍ଗଲଘେର ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଶହଶହ ବର୍ଷ ଧରି ବସବାସ କରୁଥିବାବେଳେ ଜଙ୍ଗଲର ସୁରକ୍ଷା କରିବା ସହିତ ଜଙ୍ଗଲ ଜମି ଚାଷକରି ପରିବାର ଚଳାଇ ଆସୁଛନ୍ତି। ହେଲେ କେତେଜଣ ପ୍ରଭାବଶଳୀ ବ୍ୟକ୍ତି ଏହି ଜଙ୍ଗଲ ଜମିକୁ ଜବରଦଖଲ କରି ସେହି ଜମିରେ କୋଠାଘର, ପାଣି ପମ୍ପ ଆଦି ନିର୍ମାଣ କରୁଛନ୍ତି। ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କରିବାରେ ଉକ୍ତ ବ୍ୟକ୍ତି ଆଦିବାସୀମାନଙ୍କ ନାନାମତେ ଡରାଇବା ସହିତ ସେମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଆଦିବାସୀ ଅଧିକାର ମଞ୍ଚର ନେତୃତ୍ୱରେ ସୋମବାର ବହୁ ଆଦିବାସୀ ପୁରୁଷ ଓ ମହିଳା ଏକ ପ୍ରତିବାଦ ଶୋଭାଯାତ୍ରା କରି କରଞ୍ଜି ପଞ୍ଚାୟତ ନିକଟରେ ମେଳି କରିଥିଲେ। ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା ପୁଷ୍ପା ଦାସ, ସୁରେଶ ପାଣିଗ୍ରାହୀ, ଜିଲା ସମ୍ପାଦକ ବଦ୍ରି ନାରାୟଣ ଦାସ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଞ୍ଚଳିକ କମିଟି ସମ୍ପାଦକ ବିଷ୍ଣୁ ବେହେରା, ରମେଶ ବେହେରା ପ୍ରମୁଖ ଏହି ମେଳିରେ ଯୋଗଦେଇ ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କ ଜଙ୍ଗଲ ଜମିର ଏଭଳି ଜବରଦଖଲକୁ ତୀବ୍ର ବିରୋଧ କରିଥିଲେ। ଦୀର୍ଘ ବର୍ଷଧରି ଜଙ୍ଗଲରେ ରହି ଏହାକୁ ସୁରକ୍ଷା ଦେଉଥିବା ଗରିବ ଆଦିବାସୀମାନଙ୍କୁ ଜମିପଟ୍ଟା ମିଳୁ ନ ଥିବାବେଳେ ବହାରର ପ୍ରଭାବଶାଳୀ ବ୍ୟକ୍ତିମାନେ କାହା ସାହାସରେ ଜଙ୍ଗଲ ଜବରଦଖଲ କରୁଛନ୍ତି ବୋଲି ବକ୍ତାମାନେ ପ୍ରଶ୍ନ କରିଥିଲେ। ଜବରଦଖଲକାରୀଙ୍କ ନିକଟରୁ ଜଙ୍ଗଲ ଜମି ଉଦ୍ଧାର କରିବା ସହିତ ଘରଡ଼ିହ ନ ଥିବା ଆଦିବାସୀମାନଙ୍କୁ ସରକାର ତୁରନ୍ତ ଜମିପଟ୍ଟା ପ୍ରଦାନ କରିବାକୁ ମେଳିରେ ଦାବି କରାଯାଇଥିଲା। ଆଦିବାସୀ ନେତା ସୁନାରାମ ହେମ୍ବ୍ରମ୍ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମେଳିକୁ ମଞ୍ଚର ବ୍ଲକ ସମ୍ପାଦକ ଚନ୍ଦ୍ରମୋହନ ମାଝୀ, ମୁକୁନ୍ଦ କୁଇଁକେଲ, ରସିକ କୁଇଁକେଲ, ଟୁକୁନୀ ସଏ, ସଞ୍ଜୁ ତିରିଆ, ନରେନ୍ଦ୍ର ହେମ୍ବ୍ରମ ପ୍ରମୁଖ ପରିଚାଳନା କରିଥିଲେ।

## ଆଲୋକୀକରଣର ଶୁଭାରମ୍ଭ

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ପୌର ପରିଷଦ ଆନୁକୂଲ୍ୟରେ ଶାଗୁଆନ ବଗିଚା ଛକ ଠାରୁ ଗଡ଼ଖୋର୍ଦ୍ଧା ଛକ ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ ଆଲୋକୀକରଣ ବ୍ୟବସ୍ଥା ସୋମବାର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ସୌର୍ଯ୍ୟରଞ୍ଜନ ମହାନ୍ତି, ପୌର ନିର୍ବାହୀ ଅଧିକାରୀ(ଭାରପ୍ରାପ୍ତ) ତଥା ଉପଜିଲାପାଳ ଆଇ ଗୌରବ ଶିବାଜୀଙ୍କ ସମେତ ସମସ୍ତ କାଉନସିଲରମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଇକ୍‌କୁ ଧକ୍କା ଦେଇ ଓଲଟିଲା ଟ୍ରକ୍, ୨ ଗୁରୁତର

**ଝାଁଲା,୨୩।୫(ଡି.ଏନ୍.ଏ.):** ୧୬ ନମ୍ବର ଜାତୀୟ ରାଜପଥର ଝାଁଲା ଗ୍ରୀନ୍ ପାର୍କ ସମ୍ମୁଖରେ ସୋମବାର ଏକ ବାଇକ୍ ପଛକୁ ଧକ୍କା ଦେଇ ଟ୍ରକ୍ ଓଲଟି ପଡ଼ିବାରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବାଇକ୍ ଚାଳକ ଖଣ୍ଡଗିରି ଥାନା ସୌଭାଗ୍ୟନଗରର ଇଜହାନ ଅହମ୍ମଦ (୨୫) ଓ ଟ୍ରକ୍ ଚାଳକ ନୟାଗଡ଼ ଜିଲା ନବଘନପୁରର ପ୍ରଶାନ୍ତ ବରାଳ (୨୮)। ଚିକିତ୍ସା ପାଇଁ ଏମାନଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଇଜହାନ୍ ବାଇକ୍‌ରେ କୌଣସି କାମରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ତାଙ୍କ ବାଇକ୍ ପଛରେ ଧକ୍କା ଦେଇ ଓଲଟି ପଡ଼ିଥିଲା। ଫଳରେ ବାଇକ୍ ଓ ଟ୍ରକ୍ ଚାଳକ ଆହତ ହୋଇଥିଲେ। ଖବର ପାଇ ଝାଁଲା ଫାଣ୍ଡି ପୋଲିସ ଓ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ମେଡିକାଲ ପଠାଇଥିଲେ।

### କପିଳେଶ୍ୱର ଦେବଙ୍କ ଚନ୍ଦନ ଯାତ୍ରା

**ନିରାକାରପୁର,୨୩।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ପୀଠରେ ୨୧ ଦିନ ଧରି ଚାଲିଥିବା ଚନ୍ଦନ ଯାତ୍ରା ସୋମବାର ଶେଷ ହୋଇଛି । ଏହି ଉପଲକ୍ଷେ ଠାକୁରଙ୍କୁ ପୂଜାର୍ଚ୍ଚନା ପରେ ବେଢ଼ା ପରିକ୍ରମା କରାଯାଇଥିଲା। ଠାକୁରଙ୍କ ପରିଚାଳନା କମିଟି ପକ୍ଷରୁ ଏକ ସ୍ୱତନ୍ତ୍ର ଭୋଗ ଲାଗି କରାଯାଇଥିଲା। ଏହି ଅବସରରେ ଚାପଖେଳ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

### ଛତୁଆ ମିଶ୍ରଣ ଦିବସ

**କୃଷ୍ଣପ୍ରସାଦ,୨୩।୫(ଡି.ଏନ୍.ଏ.):** ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା ଲକ୍ଷ୍ୟ ନେଇ ପ୍ରତି ମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଛତୁଆ ମିଶ୍ରଣ ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳିତ ହୋଇଯାଇଛି। ମା' ହରଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ସିଆଣ୍ଡି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସଙ୍ଗଠନର ମହିଳାମାନେ ମାସ୍କ ଲଗାଇବା ସହିତ ସାମାଜିକ ଦୂରତ୍ୱ ରକ୍ଷା କରି ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଙ୍ଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଭଜା ଗହମ, ବୁଟ, ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସେହିପରି ମୋରଡ଼ାସ୍ଥିତ ମା' ପାଦୁକାଇ ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ଏହି ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ଗୋଷ୍ଠୀର ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିସ୍ତ୍ରି ମିଶ୍ରଣ କରିଥିଲେ। ସୁପରଭାଇଜର ମାଗୁଣି ପ୍ରଧାନ, ରମାମଣି ନାୟକ,ସାବିତ୍ରୀ ପଶ୍ଚିମକବାଟ, ଦୀପ୍ତିରାଣୀ ଦଣ୍ଡପାଟ, ଲିନା ମହାପାତ୍ରଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା।

### ଗାୟକ, ବାଦ୍ୟକଙ୍କୁ ସମ୍ବର୍ଦ୍ଧନା

**ନିରାକାରପୁର,୨୩।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁରରେ ପ୍ରତିଷ୍ଠିତ ଶ୍ରୀରାମଦୟା ପରିଷଦ ଆନୁକୂଲ୍ୟରେ ୨୧ଦିନ ବ୍ୟାପୀ ଚନ୍ଦନ ଉତ୍ସବ ପାଳିତ ହୋଇଥିଲା। ଏହି ଉତ୍ସବରେ ରାମଲୀଳା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଯୋଗଦେଇଥିବା ସମସ୍ତ ଗାୟକ ଓ ବାଦ୍ୟକଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲା ପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ଅତିଥି ଭାବେ ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲ୍‌ଟାସିଂହ, ଅନୁଷ୍ଠାନ ସଭାପତି ମୃତ୍ୟୁଞ୍ଜୟ ରଥ ଯୋଗଦେଇଥିବା ବେଳେ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ସଭା ପରିଚାଳନା କରିଥିଲେ।

### ୪୬ ହିତାଧିକାରୀଙ୍କୁ ମିଳିଲା ଭତ୍ତା

**ଖୋର୍ଦ୍ଧା ଅଫିସ,୨୩।୫:** ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଭତ୍ତା ବଣ୍ଟନ କରାଯାଇଛି। ନୂତନ କରି ୪୬ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ ସରପଞ୍ଚ ନଳିନୀ ଅରିଶଲ। ହିତାଧିକାରୀଙ୍କ ମଧ୍ୟରୁ ସ୍ୱାମୀ ପରିତ୍ୟକ୍ତ ୨, ବିଧବା ୧୨, ଶାରୀରିକ ଅକ୍ଷମ ୩ ଏବଂ ଅବଶିଷ୍ଟ ୨୯ ଜଣ ରହିଛନ୍ତି। ବିଜୟ କୁମାର ଅରିଶଲ ଓ ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ, ଗ୍ରାମ ରୋଜଗାର ସେବକ ପ୍ରଦୋଷ ମହାପାତ୍ର ଏବଂ ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ଥିଲେ।

# ୫୧ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

- ୨ମହିଳାଙ୍କ ସମେତ ୫ ଗିରଫ
- ୨ ବାଇକ୍, କାର୍ ଜବତ

**ଖୋର୍ଦ୍ଧା ଅଫିସ,୨୩।୫**

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ଟାଉନ ଥାନା ଅନ୍ତର୍ଗତ ଗୁରୁଜଙ୍ଗରୁ ସୋମବାର ପୋଲିସ ଏବଂ କଟକ ଅବକାରୀ(ଗୋଇନ୍ଦା ବିଭାଗ)ପୋଲିସ ପୃଥକ୍ ଭାବେ ଚଢ଼ାଉ କରି ୩୧୦ ଏବଂ ୨୦୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୫୧ଲକ୍ଷ ଟଙ୍କା ହେବ। ଏହି କାରବାରର ମାଷ୍ଟରମାଇଣ୍ଡ ଫେରାର ହୋଇଯାଇଥିବା ବେଳେ ୨ ମହିଳାଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି।

ସୂଚନା ମୁତାବକ, ଗୁରୁଜଙ୍ଗ କୋଟିଲାକଣ ସାହିରେ ବ୍ରାଉନ୍‌ସୁଗାର କାରବାର ଚାଲିଥିବା ଖବର ପାଇ ଏସ୍‌ପି ସିଦ୍ଧାର୍ଥ କଟରିଆଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ(ସଦର) ସୁଶୀଲ ମିଶ୍ର, ଡିଏସ୍‌ପି ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ପୂର୍ବାହ୍ନ ସାଢ଼େ ୧୧ଟାରେ ଚଢ଼ାଉ କରି ୩୧୦ ଗ୍ରାମ୍ ବ୍ରାଉନ୍‌ସୁଗାର ସହ ଦମ୍ପତି ସମେତ ୪ ଜଣଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଟାଉନ ଥାନା କୋଟିଲାକଣ ସାହିର ନନ୍ଦୁ ଓରଫ ନନ୍ଦ କିଶୋର ସାହୁ(୨୩) ଓ ତାଙ୍କ ସହଧର୍ମିଣୀ ଲୋପିତା ମିଶ୍ର(୧୭+), ଡମସାହିର ଟିଟନ ଓରଫ ସଂଗ୍ରାମ ସାମନ୍ତରାୟ(୨୧), ଟାଙ୍ଗୀସାହିର ଡୁଡୁଲ ଓରଫ ସୋମନାଥ ବରାଳ(୨୧)। ତେବେ ଘଟଣାସ୍ଥଳରୁ ବ୍ରାଉନ୍‌ସୁଗାର କାରବାରର ମାଷ୍ଟରମାଇଣ୍ଡ ଭୁବନ ଓରଫ ସଞ୍ଜୀବ ସାହୁ ଫେରାର ହୋଇଯାଇଥିଲେ। ଅଭିଯୁକ୍ତଙ୍କଠାରୁ ଦୁଇଟି ବାଇକ୍(ଓଡି୨୫ଇ ୭୨୩୯, ଓଡି୦୫-ବିଟି-୧୩୨୩), ଗୋଟିଏ କାର୍ (ଓଡି୧୫-ଏଏ-୪୨୫୩) ଓ ପ୍ୟାକିଂ ସାମଗ୍ରୀ ଜବତ ହୋଇଛି। ଏହି ଚଢ଼ାଉରେ ଏସ୍‌ଆଇ ସୁକାନ୍ତ ଦଳାଇ, ପିଏଲ ବେହେରା, ସସ୍ମିତା ବେହେରା, ଏଏସ୍‌ଆଇ ରାମଚନ୍ଦ୍ର ମିଶ୍ରଙ୍କ ସମେତ ସ୍ପେଶାଲ ସ୍କ୍ୱାଡ୍ ଟିମ୍‌ର ହାବିଲଦାର ଅଭୟ ସାମନ୍ତରାୟ, ଅହମ୍ମଦ ମାଶି ଖାନ୍, କନ୍‌ଷ୍ଟେବଲ ପ୍ରଦୀପ ହରିଚନ୍ଦନ ପ୍ରମୁଖ ସାମିଲ ଥିଲେ। ସେହିପରି କଟକ ଅବକାରୀ(ଗୋଇନ୍ଦା ବିଭାଗ)ବିଭାଗ ପୋଲିସ ଟାଉନ ଥାନା ଅଧୀନ ଗୁରୁଜଙ୍ଗ ଟାଙ୍ଗୀସାହିରେ ଚଢ଼ାଉ କରି ୨୦୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ସହ ବେଙ୍ଗ ସୁନ୍ଦରାୟ(୬୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଟାଙ୍ଗୀସାହିରେ ସମ୍ପୃକ୍ତ ମହିଳା ବ୍ରାଉନ୍‌ସୁଗାର କାରବାର କରୁଥିବା ନେଇ ଖବର ପାଇ ଏକ୍ସାଇଜ କମିଶନର ଆଶିଷ ସିଂଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି କମିଶନର ରାମଚନ୍ଦ୍ର ପାଲଟାଙ୍କ ତତ୍ତ୍ୱାବଧାନରେ ଡିଏସ୍‌ଇ ପ୍ରବୀର କୁମାର ସାମଲ, ଆଇଆଇସି ସତ୍ୟଜିତ ଖଟୁଆ, ଏସ୍‌ଆଇ ପୀତାମ୍ବର ମହାପାତ୍ର, ଏଏସ୍‌ଆଇ ଗୋଖେନ୍ଦ୍ର ପରିଡା, ମଧୁସୂଦନ ସେଠୀ, ରାମଚନ୍ଦ୍ର ଜେନା, ଲକ୍ଷ୍ମୀଧର ଖୁଣ୍ଟିଆ, ପ୍ରକାଶ ଶତପଥୀ, ଅଶ୍ୱିନୀ ପରିଡା, ଜଗନ୍ନାଥ ନାଏକ, ଥବିର ପଟ୍ଟନାୟକ, ରାଜେଶ କିଶାନ, ମମତା ଦାସ, ମଧୁସ୍ମିତା ମହାନ୍ତ ପ୍ରମୁଖ ଗ୍ରାହକ ବେଶରେ ଯାଇ ଚଢ଼ାଉ କରି ବେଙ୍ଗଙ୍କୁ ଧରିଥିଲେ।






ଗିରଫ ଅଭିଯୁକ୍ତ ଏବଂ ଜବତ କାର୍।

### ବଢୁଛି ମହିଳାଙ୍କ ସମ୍ପୃକ୍ତି

ସୋମବାର ଖୋର୍ଦ୍ଧାରୁ ବିପୁଳ ପରିମାଣର ବ୍ରାଉନସୁଗାର ଜବତ ହୋଇଥିବା ବେଳେ ଏଥିରେ ଗୋଟିଏ ପରିବାର ଦମ୍ପତି ଏବଂ ୬୦ବର୍ଷୀୟା ମହିଳା ସମେତ ୫ଜଣ ଗିରଫ ହୋଇଛନ୍ତି। ତେବେ ବ୍ରାଉନସୁଗାର କାରବାରରେ ଯୁବପିଢି ପରେ ମହିଳାଙ୍କ ସମ୍ପୃକ୍ତି ବଢ଼ିବାରେ ଲାଗିଛି। ବିଗତ ଦିନରେ ଖୋର୍ଦ୍ଧା ସାମନ୍ତରାପୁର, ଠେଙ୍ଗାହାଟ ଏବଂ ଗୁରୁଜଙ୍ଗରୁ ଗିରଫଙ୍କ ମଧ୍ୟରେ ଏକାଧିକ ମହିଳା ମଧ୍ୟ ରହିଛନ୍ତି। ତେବେ ସ୍ୱାମୀ ସ୍ତ୍ରୀ ମିଳିମିଶି ବେପାର କରିବା ସମାଜରେ ଏକ କଳୁଷିତ ବାତାବରଣ ସୃଷ୍ଟି କରୁଛି ବୋଲି ନିଶା ନିବାରଣ ମିଳିତ ଅଭିଯାନର ଜିଲା ସମ୍ପାଦକ ରାମଶଙ୍କର କହିଛନ୍ତି। ଖୋର୍ଦ୍ଧାରୁ ବ୍ରାଉନସୁଗାର କାରବାରକୁ ମୂଳତପାଟନ ଲାଗି ସମୂହ ଉଦ୍ୟମ ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

## ମାଡ଼ ମାରି ସ୍କର୍ପିଓ ନେଇଗଲେ ଦୁର୍ବୃତ୍ତ

**ବେଗୁନିଆ,୨୩।୫(ଡି.ଏନ୍.ଏ.)**

ବେଗୁନିଆ ଥାନା ଅନ୍ତର୍ଗତ ରାଉତପଡ଼ା ଗ୍ରାମ ନିକଟରୁ ରବିବାର ରାତିରେ କେତେଜଣ ଦୁର୍ବୃତ୍ତ ସ୍କର୍ପିଓ ଚାଳକଙ୍କୁ ମାଡ଼ ମାରି ଗାଡ଼ି ନେଇଯାଇଥିବା ଜଣାପଡ଼ିଛି। ପରେ ସ୍ଥାନୀୟ ଲୋକେ ଚାଳକଙ୍କୁ ଉଦ୍ଧାର କରି ବେଗୁନିଆ ପୋଲିସ ଜିମା ଦେଇଛନ୍ତି। ସୂଚନା ମୁତାବକ, ରବିବାର ରାତି ପ୍ରାୟ ସାଢ଼େ ୯ଟାରେ ବେଗୁନିଆ ପଟୁ ଏକ ସ୍କର୍ପିଓ ଆସି ରାଉତପଡା ଗାଁ ନିକଟରେ ଅଟକିଥିଲା। ଚିତ୍କାର ଶୁଣି ଲୋକେ ଗାଡ଼ି ନିକଟକୁ ଯାଉଥିବା ବେଳେ ଗାଡ଼ିଟି ପୁଣି ବେଗୁନିଆ ଅଭିମୁଖେ ପଳାଇଥିଲା। ସେଠାରେ ଜଣେ ଲୋକ ଛିଡ଼ା ହୋଇଥିବା ଲୋକେ ଦେଖିବା ପରେ ପଚରାଉଚରା କରିଥିଲେ। ପଶ୍ଚିମବଙ୍ଗର ଦିଘାରୁ ୩ ଜଣଙ୍କୁ ଭୁବନେଶ୍ୱର ଆଣି ଆସିଥିଲି। ମାତ୍ର ୩ ଜଣ ଦୁର୍ବୃତ୍ତ ମାଡ଼ ମାରି ଗାଡ଼ି ଛଡାଇ ନେଇ ପଳାଇଲେ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀ କୁହନ୍ତି, ଚାଳକଙ୍କ ବୟାନରେ କୌଣସି ତାଳମେଳ ରହୁନାହିଁ। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ।

# 'ଉପଯୁକ୍ତ ସଂସ୍କାର ହିଁ ସର୍ବୋତ୍ତମ ସଫଳତା ଦିଏ'



କାର୍ଯ୍ୟକ୍ରମରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବୋଲଗଡ଼,୨୩।୫(ଡି.ଏନ୍.ଏ.)**

ଉପଯୁକ୍ତ ସଂସ୍କାର ହିଁ ଶିକ୍ଷାର୍ଥୀଙ୍କୁ ସର୍ବୋତ୍ତମ ସଫଳତା ପ୍ରାପ୍ତି ପ୍ରଦାନ କରିବା ସହ ଉନ୍ନତ ଚରିତ୍ରର ଯୁବଗୋଷ୍ଠୀ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିବେ ବୋଲି ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା କହିଛନ୍ତି। ସୋମବାର ବୋଲଗଡ଼ ପରମାନନ୍ଦ କଲେଜର ଯୁବ ସଂସ୍କାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେ ଏହା କହିଛନ୍ତି। ଉଚ୍ଚଶିକ୍ଷା ବିଭାଗର ପରାମର୍ଶକ୍ରମେ ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମକୁ ନୂତନ ଭାବେ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥବା ବେଳେ +୩ ପ୍ରଥମ ସେମିଷ୍ଟର ପରୀକ୍ଷାର୍ଥୀମାନେ ନୈତିକ ଓ ମୂଲ୍ୟବୋଧଭିତ୍ତିକ ପ୍ରଶ୍ନର ସମ୍ମୁଖୀନ ହେବେ। ଏନେଇ କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ଯୁବ ସଂସ୍କାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ନୈତିକ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ପରେ ଛାତ୍ରୀଛାତ୍ରମାନେ ଯୁବ ସଂସ୍କାର ସଚେତନଧର୍ମୀ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ପାଠ୍ୟକ୍ରମ ଆଧାରିତ ମୂଲ୍ୟବୋଧଭିତ୍ତିକ ଚିତ୍ରନାଟ୍ୟ କଥାବସ୍ତୁକୁ ଦୃଶ୍ୟଶ୍ରାବ୍ୟ ଉପକରଣ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଗାନ୍ଧୀ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## କରାଟେ ପ୍ରତିଯୋଗିତା, ଖୋର୍ଦ୍ଧାକୁ ୪ ପଦକ

**ଖୋର୍ଦ୍ଧା ଅଫିସ,୨୩।୫**

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ୍‌ରେ ଚାରିଦିନ ଧରି ଚାଲିଥିବା ଇଷ୍ଟ ଇଣ୍ଡିଆ କରାଟେ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଆଣ୍ଡାମାନ ନିକୋବରର ୫ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଉତ୍କଳ କରାଟେ ସ୍କୁଲ ଖୋର୍ଦ୍ଧା ଶାଖାର ୪ଜଣ ପଦକ ହାସଲ କରିଛନ୍ତି। ବାଳିକା ବିଭାଗରେ ରିଶିତା ସାହୁ ୯ବର୍ଷ ବାଳିକା (କାତା)ରେ କାଂସ୍ୟ, ଆଦିତି ମହାନ୍ତି (କୁମତେ)ରେ କାଂସ୍ୟ, ୧୪ ବର୍ଷ ବାଳିକା ବିଭାଗ(ଫାଇଟିଂ)ରେ ଅଂଶୀତା ସାହୁ ରୌପ୍ୟ ପଦକ ଓ ୨୧ ବର୍ଷ ବାଳିକା ବିଭାଗରେ ମୋନାଲି ମହାପାତ୍ର ରୌପ୍ୟ ପଦକ ହାସଲ କରିଛନ୍ତି। ଏ ନେଇ ଜିଲା କରାଟେ ସଂଘର ସମ୍ପାଦକ ଦୀପକ ସାମନ୍ତରାୟ ଓ ଟିମ୍ ମ୍ୟାନେଜର ମୂର୍ଚ୍ଛନା ସୁବୁଦ୍ଧି ସୂଚନା ଦେଇଛନ୍ତି। ଆସନ୍ତା ଜୁନ୍‌ରେ ପୁନେଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ଅଂଶୀତା ଓ ସୁସ୍ମିତା ଭାଗନେବା ପାଇଁ ଚୟନ ହୋଇଛନ୍ତି।

## ଅବସରପ୍ରାପ୍ତ ସୈନିକ ସଂଘ ଗଠିତ

**ଟାଙ୍ଗୀ(ଖୋର୍ଦ୍ଧା),୨୩।୫(ଡି.ଏନ୍.ଏ.)**

କୁହୁଡ଼ି ତାଳଡିହସ୍ଥିତ ମହାବୀର ମନ୍ଦିର ପରିସରରେ ୬ଟି ପଞ୍ଚାୟତରେ ଥିବା ଅବସରପ୍ରାପ୍ତ ସୈନିକଙ୍କୁ ନେଇ ଏକ ସଂଘ ଗଠିତ ହୋଇଛି। କୁହୁଡ଼ି, ସୋରଣ, ରତନପୁର, ବିରିବାଡି, କୁଜୁରି ଓ ଚଣ୍ଡେଶ୍ୱର ପଞ୍ଚାୟତର ୩୨ଜଣ ଅବସରପ୍ରାପ୍ତ ସୈନିକ ବୈଠକରେ ଯୋଗଦେଇ ଦେଶମାତୃକାର ସେବା କରିବା ସହ ଯୁବକଙ୍କୁ ଉଚିତ୍ ଦିଗ୍‌ଦର୍ଶନ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ସଂଘ ସଭାପତି ଭାବେ କ୍ୟାପ୍‌ଟେନ ଶଙ୍କର କୁମାର ବଡ଼ଜେନା, ସାଧାରଣ ସମ୍ପାଦକ ଶତ୍ରୁଘ୍ନ ପ୍ରଧାନଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଜଳନ୍ଧର ପ୍ରଧାନ ଓ ଭୁବନେଶ୍ୱର ପାଇକରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗାମୀ ବୈଠକରେ ସଂଘର ସମସ୍ତ ନୀତି ନିର୍ଦ୍ଧାରଣ ହେବା ସହ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ କର୍ମକର୍ତ୍ତାମାନେ କହିଥିଲେ।

# ୨୨୨ ଅଭିଯୋଗରୁ ୩୩ ଫଇସଲା



ଶିବିରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟମାନେ।

**ଜଟଣୀ,୨୩।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଭିଯୋଗର ଶୁଣାଣି କରିଛନ୍ତି। ଶିବିରରେ ମୋଟ୍ ୨୨୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୩୩ଟିର ତୁରନ୍ତ ଫଏସଲା କରାଯାଇଥିବା ବେଳେ ଅବଶିଷ୍ଟ ଅଭିଯୋଗକୁ ତୁରନ୍ତ ଫଏସଲା କରି ୧୫ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରଦାନ କରିବାକୁ ଜିଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ୧୩ ହିତାଧିକାରୀଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୧ଲକ୍ଷ ୩୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ୧୨ ଜଣ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଥିବା ବେଳେ ମୋ ସ୍କୁଲ ଅନ୍ତର୍ଗତ ୧୨ଟି ବିଦ୍ୟାଳୟକୁ ଜମିପଟ୍ଟା ପ୍ରଦାନ କରାଯାଇଛି। ୮ ପଞ୍ଚାୟତ ପାଇଁ ଆସିଥିବା ଅଳିଆବୁହା ଗାଡିକୁ ଜିଲାପାଳ ମହାପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜଟଣୀ ବ୍ଲକ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବହୁ ସରକାରୀ କାର୍ଯ୍ୟକ୍ରମର ସୂଚନା ପାଇପାରୁ ନ ଥିବା ବେଳେ ବିଭିନ୍ନ ସରକାରୀ ସହାୟତା ପାଇବାରୁ ଲୋକେ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଥିଲା। ସେହିପରି ଜଟଣୀ ନଗର ଭାଜପା ପକ୍ଷରୁ ନଗର ସଭାପତି ତିରୁପତି ଶତପଥୀଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ନିର୍ମାଣାଧୀନ ଓଭରବ୍ରିଜ୍‌ର ଉଭୟ ପାର୍ଶ୍ୱ ଆପ୍ରୋଚ୍ ରୋଡ୍ ସମ୍ପୂର୍ଣ୍ଣ ପିଚୁ କରିବା ଲାଗି ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ କୁମାର ରାଉତରାୟ, ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ, ଡେପୁଟି ଜିଲାପାଳ ସୁଚେତା ମହାପାତ୍ର, ଜଟଣୀ ବିଡିଓ ସରୋଜ କୁମାର ରାଉତ, ତହସିଲଦାର ତପନ କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

# ରାଜୁଆ ନଦୀରେ ନିର୍ମାଣ ହେବ ବ୍ରିଜ୍

**୪୦ କୋଟି ଟଙ୍କା ମଞ୍ଜୁର**

**ଜଟଣୀ,୨୩।୫(ଡି.ଏନ୍.ଏ.)**

ରାଜୁଆ ନଦୀରେ ନିର୍ମାଣ ହେବ ବ୍ରିଜ୍। ଏଥିପାଇଁ ରାଜ୍ୟ ସରକାର ୪୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ବ୍ରିଜ ନିର୍ମାଣ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ପାଣ୍ଡିଆବିଲି, ବୁଡ଼ାଙ୍ଗରା ଗ୍ରାମ ସହ ବହୁ ଗ୍ରାମବାସୀ ଉପକୃତ ହେବେ। ସୋମବାର ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜଟଣୀ ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ ଏହି ସୂଚନା ଦେଇଛନ୍ତି। ସୂଚନାଥାଉ କି, ଏହି ବ୍ଲକ ଅନ୍ତର୍ଗତ ପାଣ୍ଡିଆବିଲି ଓ ବୁଡ଼ାଙ୍ଗରା ଗ୍ରାମ ସହ ବହୁ ଗ୍ରାମବାସୀ ଯାତାୟାତ କରିବାରେ ହଇରାଣ ହେଉଥିଲେ। ଗ୍ରାମ ଦେଇ ଯାଇଥିବା ଦୟାନଦୀର ଶାଖା ନଦୀ ରାଜୁଆ ନଦୀରେ ଯିବାକୁ କୌଣସି ସୁବିଧା ନ ଥିଲା। ଫଳରେ ଗତ ପଞ୍ଚାୟତ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ କରିବା ସହ ଗ୍ରାମକୁ କୌଣସି ରାଜନୈତିକ ବ୍ୟକ୍ତି ଏବଂ ନେତାଙ୍କୁ ପଶିବାକୁ ଦେଇ ନ ଥିଲେ। ଏହି ଘଟଣା ପରେ ଖୋର୍ଦ୍ଧା ଜିଲାପାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ରାଜୁଆ ନଦୀ ଉପରେ ବ୍ରିଜ ନିର୍ମାଣ ପାଇଁ ପତ୍ର ଲେଖିଥିଲେ। ଏହା ଆଧାରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରିପୋର୍ଟ ଦାଖଲ କରିବା ପରେ ରାଜ୍ୟ ସରକାର ୪୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ତିରିମଲ ଓ ବେଣାପଞ୍ଜରୀ ସରପଞ୍ଚଙ୍କ ସମେତ ଜଟଣୀ ନଗର, ବ୍ଲକ ବିଜେଡିର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଆରମ୍ଭ ହେବାକୁ ଥିବା ଉକ୍ତ ବ୍ରିଜ ନିର୍ମାଣର ଶ୍ରେୟ ନେବା ପାଇଁ ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି।



ପର୍ବତାରୋହୀ ସିଦ୍ଧାର୍ଥ ରାଉତରାୟ ସୋମବାର ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି।

# କପିଳେଶ୍ୱର ଦେବଙ୍କ ବିଜୟା ରଥ ଭଙ୍ଗାଗଲା

**ନିରାକାରପୁର,୨୩।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ଗତ ଏପ୍ରିଲ ୯ରୁ ଆରମ୍ଭ ହୋଇ ୧୩ ତାରିଖରେ ଶେଷ ହୋଇଥିଲା। ଏଥିଲାଗି ପ୍ରସ୍ତୁତ ରଥକୁ ସ୍ଥାନୀୟ ରାମେଶ୍ୱର ପଞ୍ଚାୟତ ମଧୁବନ ଗ୍ରାମର ବିଶ୍ୱକର୍ମାମାନେ ନିର୍ମାଣ କରିଥିଲେ। ସୋମବାର ଏହି ରଥକୁ ଉକ୍ତ ବିଶ୍ୱକର୍ମାମାନେ ଭାଙ୍ଗିବା ସହ ସେଥିରୁ ବାହାରିଥିବା କାଠଗୁଡ଼ିକୁ ସଜାଡ଼ି ରଖିଥିଲେ।



ମଧୁବନ ଗ୍ରାମର ବିଶ୍ୱକର୍ମାମାନେ ବିଜୟା ରଥ ଭାଙ୍ଗୁଛନ୍ତି।

# ଚନ୍ଦନ ପୋଖରୀରେ ଚାପ ଖେଳିଲେ ହଟ୍ଟକେଶ୍ୱର

**ଖୋର୍ଦ୍ଧା ଅଫିସ,୨୩।୫**

ମହାପ୍ରଭୁଙ୍କ ଭଉଁରି ଯାତ୍ରା ରବିବାର ସମ୍ପନ୍ନ ହୋଇଥିବା ବେଳେ ସୋମବାର ବିଭିନ୍ନ ଶୈବପୀଠରେ ଉତ୍କଳେ ଉଭଁରି ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା-ନୟାଗଡ଼ ଜାତୀୟ ରାଜପଥ ବାଘମାରୀ ନିକଟ ଅଧିଷ୍ଠିତ ଏକାଦଶ ରୁଦ୍ର ହଟ୍ଟକେଶ୍ୱର ଚନ୍ଦନ ପୋଖରୀରେ ୨୧ ଘେରା ପରିକ୍ରମା କରି ଜଳକ୍ରୀଡ଼ା କରିଛନ୍ତି। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଚାପଖେଳ ସୋମବାର ଶେଷ ହୋଇଛି। ଚଳିତଥର କରୋନା ସଂକ୍ରମଣ ହ୍ରାସ ପରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ହୁଳହୁଳି ଏବଂ ହଟ୍ଟକେଶ୍ୱରଙ୍କ ଜୟ ଜୟକାରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭଉଁରି ଯାତ୍ରା ଲାଗି ମନ୍ଦିର ଏବଂ ଚନ୍ଦନ ପୋଖରୀକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ବିମାନକୁ ବିଭିନ୍ନ ଫୁଲରେ ସଜ୍ଜିତ କରାଯାଇଥିଲା। ମଧ୍ୟାହ୍ନ ନୀତି ପରେ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଅପରାହ୍ନରେ ଠାକୁରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବିମାନକୁ ବିଜେ କରିଥିଲେ। ଏହି ସମୟରେ ବିଜେ କାହାଳି ବାଜିଥିଲା। ଚାମର ଆଲଟ, ଘଣ୍ଟ କାହାଳି, ମୃଦଙ୍ଗରେ ପରିବେଶ କମ୍ପି ଉଠିଥିଲା। ଏହି ସମୟରେ ଶତାଧିକ ଭକ୍ତ ମଧ୍ୟ ସାମିଲ ହୋଇଥିଲେ। ବିମାନ ବିଜେ ହୋଇ ଠାକୁର ଚନ୍ଦନ ପୋଖରୀକୁ ବିଜେ କରିଥିଲେ। ଜଳଲାଗି ପରେ ଚାପ ଆରମ୍ଭ ହୋଇଥିଲା। ଚାପ ସରିବା ପରେ ଚନ୍ଦନ ଚକଡ଼ାରେ ଠାକୁରଙ୍କୁ ବିଭିନ୍ନ ଫଳମୂଳ ଲାଗି ପରେ ଭକ୍ତଙ୍କ ଭୋଗ ଖାଇ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ବରିଷ୍ଠ ସେବାୟତ ଗୋପୀନାଥ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନୃସିଂହ ମହାପାତ୍ର, ରଞ୍ଜନ ମହାପାତ୍ର, ହଟ୍ଟନାଥ ମହାପାତ୍ର, ଦିଲୀପ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

ପୀଠର ଐତିହ୍ୟ ସମ୍ପର୍କରେ ଦିଲୀପ ପଣ୍ଡା କୁହନ୍ତି, ଏହା ଏକ ପ୍ରାଚୀନ ଶୈବପୀଠ। ଏଠାରେ ଏଗାରଟି ଲିଙ୍ଗ ପୂଜା ପାଉଛନ୍ତି। ତେଣୁ ଏହାଙ୍କୁ ଏକାଦଶ ରୁଦ୍ର ବୋଲି କୁହାଯାଏ। ଅକ୍ଷୟ ତୃତୀୟାଠାରୁ ଉତ୍କଳେ ଭଉଁରି ପର୍ଯ୍ୟନ୍ତ ଠାକୁର ଚନ୍ଦନ ପୋଖରୀରେ ଚାପ ଖେଳନ୍ତି। ଦୋଳପୂର୍ଣ୍ଣମୀ ଦିନ ଓ ପୂର୍ବରୁ ତିନିଦିନ ବିଭିନ୍ନ ଗ୍ରାମକୁ ଭୋଗ ଖାଇବାକୁ ଯାଇଥାନ୍ତି। ମକର ସଂକ୍ରାନ୍ତି ଦିନ ଶୋଭାଯାତ୍ରାରେ ଉଷ୍ମ ପ୍ରସ୍ରବଣକୁ ଆସିଥାନ୍ତି। ପ୍ରତିବର୍ଷ ଏଠାରେ ମକର ମେଳା ଆଡ଼ମ୍ବରରେ ପାଳନ କରାଯାଏ। ମକର ସଂକ୍ରାନ୍ତି ସମୟରେ ଅପୁତ୍ରିକ ନାରୀ ହଟ୍ଟନାଥଙ୍କ ନିକଟରେ ସଙ୍କଳ୍ପ କରି ତା' ପରଦିନ ଅତ୍ରି (ଉଷ୍ମ ପ୍ରସ୍ରବଣ)ରେ ଦହଲରୁ ମିଳିଥିବା ଗୁଆ ଭକ୍ଷଣ କଲେ ସନ୍ତାନ ଲାଭ କରିଥାନ୍ତି ବୋଲି ଲୋକବିଶ୍ୱାସ ରହିଛି। ଯିଏ ଏଠାକୁ ଆସିଛି, ତାହାର ମନସ୍କାମନା ପୂର୍ଣ୍ଣ ହୋଇଛି। ମକର ସଂକ୍ରାନ୍ତିରେ ରାଜ୍ୟ ତଥା ରାଜ୍ୟ ବାହାରୁ ମଧ୍ୟ ଶ୍ରଦ୍ଧାଳୁମାନେ ଏଠାକୁ ଆସିଥାନ୍ତି ବୋଲି ସେ କହିଛନ୍ତି। ମନ୍ଦିର ପରିସରରେ ବିଭିନ୍ନ ପାର୍ଶ୍ୱ ଦେବଦେବୀ ପୂଜା ପାଉଛନ୍ତି।





## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୩।୫।୨୦୨୨

| | |
|---|---|
| ୪,୦୧,୩୯୨ ଟଙ୍କା | |
| ସୁନା | ୨୦୦ ମିଲି ଗ୍ରାମ |
| ରୁପା | ୨୫.୫୦୦ ଗ୍ରାମ |

# ହଳଦୀ ପାଣି ନୀତି ସହ ସରିଲା ଚନ୍ଦନ ଯାତ୍ରା

**ପୁରୀ ଅଫିସ, ୨୩।୫:**

ପବିତ୍ର ଅକ୍ଷୟ ତୃତୀୟାଠାରୁ ଚାଲିଥିବା ୨୧ ଦିନିଆ ବାହାର ଚନ୍ଦନଯାତ୍ରା ସୋମବାର ହଳଦୀ ପାଣି ନୀତି ସହ ସମ୍ପନ୍ନ ହୋଇଛି । ମାନବୀୟ ଲୀଳାଖେଳା କରୁଥିବା ମହାପ୍ରଭୁ ସାଧାରଣ ମଣିଷ ପରି ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିଥାନ୍ତି । ଶ୍ରୀମନ୍ଦିରରେ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଶ୍ରୀରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବା ପରେ ସେଠାରେ ଭିତରଛ ସେବକଙ୍କ ଦ୍ୱାରା ଜଳଲାଗି ନୀତି ସମ୍ପନ୍ନ କରାଯାଇଥିଲା । ପରେ ଠାକୁରମାନେ ଜଳକ୍ରୀଡ଼ା ବା ଚାପଖେଳିବା ନିମନ୍ତେ ଚାପଡଙ୍ଗା ନନ୍ଦା ଓ ଭଦ୍ରାକୁ ବିଜେ କରିଥିଲେ । ଠାକୁରମାନେ ପ୍ରତିଦିନ ଭଳି ନରେନ୍ଦ୍ର ପୁଷ୍କରଣୀରେ ଏକ ଘେରା ପରିକ୍ରମା କରି ଜଳକ୍ରୀଡ଼ା କରିଥିଲେ । ଦିନ ଚାପ ସରିବା ପରେ ରାମକୃଷ୍ଣଙ୍କୁ ମଦନମୋହନ ବସିଥିବା ଧଳାଚାପକୁ ବିଜେ କରାଯାଇଥିଲା । ସେଠାରେ ହଳଦୀ ପାଣି ନୀତି ସମ୍ପନ୍ନ ହୋଇଥିଲା । ପରେ ମୁଦିରସ୍ତଙ୍କ ଦ୍ୱାରା ବନ୍ଦାପନା ନୀତି ସମ୍ପନ୍ନ କରାଯାଇଥିଲା । ଏହାପରେ ଠାକୁରମାନଙ୍କୁ ଚନ୍ଦନ ଚକଡ଼ାକୁ ବିଜେ କରାଯାଇଥିଲା । ସେଠାରେ ମଇଲମ ଆଦି ନୀତି ସମ୍ପାଦନା କରାଯାଇ ଠାକୁରଙ୍କ ବେଶ ଅନୁଷ୍ଠିତ ହୋଇ ଭୋଗ ମଣୋହି ଓ ଆଳତି କରାଯାଇଥିଲା । ସମସ୍ତ ନୀତି ସମ୍ପନ୍ନ ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ତେବେ ହଳଦୀ ପାଣି ଦିନ ମହାପ୍ରଭୁଙ୍କ ରାତ୍ରି ଚାପ ହୋଇ ନ ଥାଏ । କେବଳ ଦିନ ଚାପ ଅନୁଷ୍ଠିତ ହୋଇଥାଏ ।



ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଚାପ ଖେଳୁଛନ୍ତି ।



ଶ୍ରୀମଦନମୋହନଙ୍କୁ ଚାପ ଖେଳ ପାଇଁ ନିଆଯାଉଛି ।

## ସଂକ୍ଷେପରେ

### 'ଶ୍ରୀମନ୍ଦିର ସଂସ୍କୃତି -ଐତିହ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ'

ପୁରୀ ଅଫିସ,୨୩।୫: ଶ୍ରୀମନ୍ଦିର ଓ ଏହାର ସଂସ୍କୃତି-ଐତିହ୍ୟର ସୁରକ୍ଷାକୁ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି । ସେ କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ବିରୋଧ କରୁଥିବା ବ୍ୟକ୍ତିମାନେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପ୍ରଶ୍ନ କରୁଛନ୍ତି । ଏଣୁ ସମସ୍ତଙ୍କୁ ଏକାଠି ଡାକି ଆଲୋଚନା କରି ସହଯୋଗରେ କାର୍ଯ୍ୟ କରାଯିବା ଉଚିତ୍ । ଶ୍ରୀମନ୍ଦିର ଓ ଏହାର ସଂସ୍କୃତି-ଐତିହ୍ୟର ସୁରକ୍ଷାକୁ ସରକାର ପ୍ରାଥମିକତା ଦେବା ଦରକାର । ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିକୋଣରୁ ବିକାଶ କାର୍ଯ୍ୟ ଠିକ ହୋଇଥିବା ଆବଶ୍ୟକ । ପ୍ରକଳ୍ପ ନକ୍ସାରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ଗଜପତି ଅବଗତ କରାଇଛନ୍ତି । ତେବେ ରାତିଅଧିଆ ଜିପିଆର୍‌ଏସ୍ ସମ୍ପର୍କରେ ଅବଗତ କରାଯାଇ ନାହିଁ । ସେହିପରି ମଠଭଙ୍ଗା ହେବାବେଳେ କୌଣସି ମଠମହନ୍ତ ଅଭିଯୋଗ ନେଇ ଆସିନାହାନ୍ତି । ତେଣୁ ଏବିଷୟରେ କହିବା ଠିକ୍ ହେବନାହିଁ ବୋଲି ଶଙ୍କରାଚାର୍ଯ୍ୟ ମତ ପ୍ରକାଶ କରିଛନ୍ତି ।

### ଶିକ୍ଷାର ଲକ୍ଷ୍ୟ ଭଲ ମଣିଷ ସୃଷ୍ଟି କରିବା

କଣାସ,୨୩।୫(ସ୍ୱ.ପ୍ର): ଶିକ୍ଷାର ଲକ୍ଷ୍ୟ ହେଉଛି ଭଲ ମଣିଷ ସୃଷ୍ଟି କରିବା । ଏହା ଦ୍ୱାରା ସମାଜ ସରସ ଓ ସୁନ୍ଦର ହୋଇପାରିବ । ରବିବାର ସ୍ଥାନୀୟ ତ୍ରିଲୋଚନପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟର ଶିକ୍ଷୟିତ୍ରୀ ଉର୍ବଶ୍ରୀନି ନାୟକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ପୁରୀ ଜିଲା ସହ ଶିକ୍ଷା ଅଧିକାରୀ ମମତା ମିଶ୍ର ଏହା କହିଛନ୍ତି । କଣାସ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ପ୍ରହ୍ଲାଦ ମାନସିଂଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ମୀନକେତନ ସାମନ୍ତରାୟ, ଶିକ୍ଷାବିତ୍ ବ୍ରହ୍ମାନନ୍ଦ ତ୍ରିପାଠୀ, ପୂର୍ବତନ ସହ ଶିକ୍ଷା ଅଧିକାରୀ ସର୍ବେଶ୍ୱର ଜେନା, ନାରାୟଣ ପ୍ରଧାନ, ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ରାୟ, ତ୍ରିପୁରୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରୁଣାକର ମହାପାତ୍ର, ଚକ୍ରଧର ପ୍ରଧାନ, ବଟକୃଷ୍ଣ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉର୍ବଶ୍ରୀନିଙ୍କ କର୍ମମୟ ଜୀବନ ଓ ଛାତ୍ରବତ୍ସଳତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସ୍ମରଣିକା 'ଭିନ୍ନ ଏକ ଉର୍ବଶ୍ରୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ଶିକ୍ଷକ ସୁଶାନ୍ତ କୁମାର ନରେନ୍ଦ୍ର ଓ ମୃତ୍ୟୁଞ୍ଜୟ ଦକ୍ଷିଣରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ରଥଖଳାରୁ

# ତିନିରଥର ୨୪ ଚକ ନିର୍ମାଣ ସରିଲା



**ପୁରୀ ଅଫିସ, ୨୩।୫:**

ଭଉଁରୀ ଯାତ୍ରା ଅବସରରେ ତିନି ରଥର ଚକ ଡେରା ନୀତି ପରେ ରଥ ନିର୍ମାଣ ଆଉ ଏକ ପର୍ଯ୍ୟାୟ ଆରମ୍ଭ ହୋଇଛି । ରଥ ନିର୍ମାଣରେ କାରିଗର ଓ ସେବକମାନେ ଲାଗିପଡ଼ିଛନ୍ତି । ସୋମବାର ସୁଦ୍ଧା ତିନିରଥର ମୋଟ ୪୨ଟି ଚକରୁ ୨୪ଟି ଚକ ନିର୍ମାଣ ସରିଛି । ସେହିପରି ପ୍ରଥମ ଭୂଇଁ ପାଇଁ ୪ଟି ଭୂଇଁ ଚଉତା ଚଉପଟ ଶେଷ ହୋଇଛି । ଦ୍ୱିତୀୟ ଭୂଇଁ ପାଇଁ ଆରମ୍ଭ ହୋଇଥିବା ଦୁଇଟି ଲେଖାଏ ଭୂଇଁଚଉତା ଓ ଦୁଇଟି ଲେଖାଏ ମୁହାଁଟ ଚଉପଟ ସରିଛି । ତାଳଧ୍ୱଜ ରଥର ୮ଟି ଚକ ନିର୍ମାଣ ଶେଷ ହୋଇଛି । ଏଥିସହ ୯ ନମ୍ବର ଚକର ପଇ କଳସା, ପନ୍ଦାରୀ ଗାଡ଼ ଚାଲିବା ସହ ୧୦ମ ଚକ ତୁମ୍ବରେ ଅର ସଂଯୋଗ ହୋଇ ଅର କଟିଂ ଚାଲୁଛି । ଏହାପରେ ଦଶମ ଚକର ପଇ ସଂଯୋଗ ହୋଇ ପଇ କଳସା ହେବ । ଦ୍ୱିତୀୟ ଭୂଇଁ ଲାଗି ଦୁଇଟି ଭୂଇଁଚଉତା ଓ ଦୁଇଟି ମୁହାଁଟର ଚଉପଟ ଶେଷ ହୋଇଛି । ଦେବଦଳନ ରଥର ୭ଟି ଚକ ନିର୍ମାଣ ସରି ଅଷ୍ଟମ ଚକର ପଇ କଳସା ହେଉଛି । ନବମ ତୁମ୍ବରେ ସଂଯୋଗ ହୋଇଥିବା ଅର କଟା ପରେ ବଳା ଓ ପନ୍ଦାରୀ ବସି ପନ୍ଦାରୀ ଗାଡ଼ ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଦୁଇଟି ମୁହାଁଟ ଚଉପଟ ଶେଷ ପରେ ଏକ ନିରାଡ଼ି ଚଉପଟ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ନନ୍ଦିଘୋଷ ରଥର ୯ଟି ଚକ ନିର୍ମାଣ ସହ ୧୦ମ ଚକରେ ପଇ ପିନ୍ଧା କାର୍ଯ୍ୟ ସରିଛି । ଦ୍ୱିତୀୟ ଭୂଇଁ ଲାଗି ଚଉପଟ ହେଉଥିବା ଏକ ଭୂଇଁ ଚଉତା ଚଉପଟ ଶେଷ ହେବା ସହ ଦୁଇଟି ମୁହାଁଟ ଚଉପଟ ଶେଷ ହୋଇଛି । ରୂପକାର ସେବକମାନେ ତିନିରଥର ତୀଖଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିଛନ୍ତି । ଅପରପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ବଳା ନିର୍ମାଣ ଏବଂ ଘଡ଼ିମୁହଁ ଦଣ୍ଡାକଣ୍ଟା ନିର୍ମାଣରେ ବ୍ୟସ୍ତ ରହିଛନ୍ତି ।

# ଜନଶୁଣାଣି ଶିବିରରେ ୬୦ ଅଭିଯୋଗ

**ସାକ୍ଷୀଗୋପାଳ,୨୩।୫ (ଡି.ଏନ୍.ଏ.):**

ପୁରୀ ଜିଲା ପ୍ରଶାସନ ପକ୍ଷରୁ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ରଶ୍ମିରେଖା ଦାସଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ସଭାପତିତ୍ୱ କରିଥିବାବେଳେ ମଣ୍ଡଳ ଉନ୍ନୟନ ଅଧିକାରୀ କ୍ଷୀରୋଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲା ପ୍ରଶାସନ ପକ୍ଷରୁ ଡେପୁଟି କଲେକ୍ଟର (ଅଭିଯୋଗ) ଇତିଶ୍ରୀ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ ଓ ଆରକ୍ଷୀ ଅଧୀକ୍ଷକ, ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟସିଂ ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ । ଶିବିରରେ ଉପସ୍ଥିତ ଜନସାଧାରଣଙ୍କ ପକ୍ଷରୁ ୬୦ ଗୋଟି ଅଭିଯୋଗ ଉପସ୍ଥାପନ ହୋଇଥିଲା । ଏଥିମଧ୍ୟରୁ ପ୍ରଶାସନ ପକ୍ଷରୁ ୭ ଗୋଟି ଅଭିଯୋଗର ସମାଧାନ କରାଯାଇଥିଲା । ୧୫ ଜଣ ଦିବ୍ୟାଙ୍ଗଙ୍କୁ ତିନି ଚକିଆ ସାଇକେଲ ପ୍ରଦାନ କରାଯାଇଥିଲା । ଫନି ବାତ୍ୟା ସହାୟତା, ରେଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମନରେଗା ଓ ଚିକିତ୍ସା ନିମନ୍ତେ ସହାୟତା ପ୍ରଦାନ ଇତ୍ୟାଦି ସମ୍ପର୍କରେ ଅଭିଯୋଗ ହୋଇଥିଲା । ପୂର୍ବରୁ କାର୍ଯ୍ୟରତ ବ୍ଲକ କନିଷ୍ଠ ଯନ୍ତ୍ରୀ କ୍ଷିତୀଶ ମଲ୍ଲିକଙ୍କ ସମୟରେ ହୋଇଥିବା ଅନେକ କାର୍ଯ୍ୟର ବିଲ୍ ପ୍ରଦାନ ହୋଇନାହିଁ ବୋଲି ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ ଆଣିଥିଲେ । ଯନ୍ତ୍ରୀ ମଲ୍ଲିକ ଫାଇଲ, କେଶ ରେକର୍ଡ ଓ ମେଜରମେଣ୍ଟ ବୁକ ନେଇ ଯାଇଥିବାରୁ ତାଙ୍କ ନାମରେ ସତ୍ୟବାଦୀ ଥାନାରେ ଏତଲା ଦିଆଯାଇଥିବା ମଣ୍ଡଳ ଉନ୍ନୟନ ଅଧିକାରୀ ବେହେରା ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ନିରୀକ୍ଷକ ବିଜୟ କେତନ ବେହେରା, ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ରାମ ନାରାୟଣ ପଟ୍ଟନାୟକ, ଆରଏମ୍‌ସି ସମ୍ପାଦକ କମଳ ଆଚାର୍ଯ୍ୟ, ଜ୍ଞାନରଞ୍ଜନ ମିଶ୍ର, ଡ. ବିଶ୍ୱଜିତ ମିଶ୍ର, ଜିଲା କୃଷି ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ମଣ୍ଡଳ କୃଷି ଅଧିକାରୀ କଲ୍ୟାଣ ରାୟଙ୍କ ସମେତ ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଜିପିଇଓ ସୌଭାଗ୍ୟରଞ୍ଜନ କର, ଏପିଓ ସନ୍ତୋଷ ନାୟକ, ଜୀବିକା ମିଶନର ବିପିଏମ୍ ଶାଶ୍ୱତୀ ଦାଶ ଓ ଯୋଗାଣ ନିରୀକ୍ଷିକା ଜୟନ୍ତୀ ହରିଚନ୍ଦନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ୨୦୨୩ ନଭେମ୍ବର ୨୧ରେ ଶତବାର୍ଷିକୀ ମହୋତ୍ସବ

## ସ୍ୱାମୀ ନିଗମାନନ୍ଦଙ୍କ ଉତ୍କଳ ଆଗମନ ଓ ନୀଳାଚଳ କୁଟିର ବିଜେ

**ପୁରୀ ଅଫିସ, ୨୩।୫:**

ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଉତ୍କଳ ଆଗମନ ଓ ନୀଳାଚଳ କୁଟିର ବିଜେର ଶତବାର୍ଷିକୀ ପାଳନ କରାଯିବ । ୨୦୨୩ ନଭେମ୍ବର ୨୧ରେ ଶତବାର୍ଷିକୀ ମହୋତ୍ସବ ଆୟୋଜନ ହେବ । ସୋମବାର ପୁରୀ ସ୍ୱର୍ଗଦ୍ୱାରସ୍ଥିତ ନୀଳାଚଳ କୁଟୀର ପରିସରରେ ନୀଳାଚଳ ସାରସ୍ୱତ ସଂଘ ଏବଂ କେନ୍ଦ୍ର ଆସନ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ନୀଳାଚଳ ସାରସ୍ୱତ ସଂଘର ସଭାପତି ଗଗନେନ୍ଦ୍ର ମହାପାତ୍ର କହିଛନ୍ତି, ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ ନୀଳାଚଳ କୁଟୀରରେ ୧୯୭୪ ମସିହା ବୈଶାଖ ମାସ ପ୍ରଥମ ଦିନରେ ଶୁଭ ପଦାର୍ପଣ କରିଥିଲେ । ସେହି ଶୁଭଦିନର ଏକ ବାର୍ଷିକୀ ପାଳନ କରିବା ପାଇଁ ନୀଳାଚଳ ସାରସ୍ୱତ ସଂଘ ପୁରୀ ପକ୍ଷରୁ ତାଳବଣିଆଠରେ ଜାତୀୟସ୍ତରୀୟ ମହୋତ୍ସବ ଆୟୋଜନ କରାଯିବ । ଏକବର୍ଷ ଧରି ମହୋତ୍ସବ ପାଳନ କରାଯିବ । ଏଥିପାଇଁ ମହୋଦଧିରୁ କଳସ ଶୋଭାଯାତ୍ରା, କୁଟୀର ପରିସରରୁ ବ୍ରହ୍ମଜ୍ୟୋତି ରଥ ବାହାରିବା ସମେତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ । ବ୍ରହ୍ମଜ୍ୟୋତି ରଥ ସାରା ଓଡ଼ିଶା ପରିକ୍ରମା କରି ଆସାମ କୋକିଳାମୁଖ ଆଶ୍ରମକୁ ଯିବ । ସେଠାରେ କିଛି ଦିନ ବିଶ୍ରାମ ପରେ ଜ୍ୟୋତି ପୁନର୍ବାର ବିଭିନ୍ନ ସ୍ଥାନ ଭ୍ରମଣ କରି କୁଟୀରକୁ ପ୍ରତ୍ୟାବର୍ତ୍ତନ କରିବ । ଉଲ୍ଲେଖଯୋଗ୍ୟ, ଠାକୁର ମହାରାଜଙ୍କ ଜନ୍ମ ୧୨୮୬ ସାଲ ବା ୧୮୨୯ ମସିହା ଝୁଲଣ ପୂର୍ଣ୍ଣିମା ଦିନ ବଙ୍ଗ ପ୍ରଦେଶର ନଦିଆ ଜିଲାରେ ହୋଇଥିଲା । ସେ ଅଳ୍ପ ବୟସରେ ତନ୍ତ୍ର, ଜ୍ଞାନ, ଯୋଗ ଓ ପ୍ରେମ ଏହି ଚତୁର୍ବିଧ ସାଧନାରେ ସିଦ୍ଧି ଲାଭ କରିଥିଲେ । ଭଗବାନ ଶଙ୍କରାଚାର୍ଯ୍ୟଙ୍କ ମତ ଓ ଗୌରାଙ୍ଗ ଦେବଙ୍କ ପଥ ହିଁ ଥିଲା ତାଙ୍କର ଆଦର୍ଶ । ଜନଗଣଙ୍କୁ ମୁକ୍ତିର ମାର୍ଗ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ପ୍ରଥମେ ଆସାମର କୋକିଳାମୁଖଠାରେ ଆସାମ ବଙ୍ଗୀୟ ସାରସ୍ୱତ ମଠ ପ୍ରତିଷ୍ଠା କରିଥିଲେ । ତାଙ୍କ ଭାବଧାରାର ପ୍ରଚାର ପ୍ରସାର ପାଇଁ ବଙ୍ଗପ୍ରଦେଶରେ ୪ଟି ବିଭାଗୀୟ ଆଶ୍ରମ ପ୍ରତିଷ୍ଠା କରିଥିଲେ । ପରେ ଜଗନ୍ନାଥ ଧାମ ଅଭିମୁଖେ ଆସିଥିଲେ । ୧୯୩୪ରେ ଜଗଦ୍‌ଗୁରୁଙ୍କ ପ୍ରେରଣାରେ ନୀଳାଚଳ ସାରସ୍ୱତ ସଂଘ ଗଠନ କରି ସଭାପତି ରହିଥିଲେ । ୧୯୩୫ ନଭେମ୍ବରରେ ଶ୍ରୀଶ୍ରୀ ଠାକୁର ମହାସମାଧି ଗ୍ରହଣ କରିଥିଲେ ।

# ବାସୁଦେବଙ୍କ ଚନ୍ଦନ ମହୋତ୍ସବ



**ନିମାପଡ଼ା,୨୩।୫(ଡି.ଏନ୍.ଏ.):**

ନିମାପଡ଼ାର ଆରାଧ୍ୟ ଦେବତା ଶ୍ରୀଶ୍ରୀ ଭଗବତ ବାସୁଦେବଙ୍କ ଚନ୍ଦନ ମହୋତ୍ସବ ଯାତ୍ରା ସୋମବାର ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳୁ ପ୍ରଭୁଙ୍କ ମହାସ୍ନାନ, ମଇଲମ, ମଙ୍ଗଳ ଆଳତି, ବାଳଭୋଗ, ଅନ୍ନ ଭୋଗ ଆଦି ନୀତି ସମାପନ ହୋଇଥିଲା । ଏହାପରେ ଭାଗବତ, ନାମ ସଂକୀର୍ତ୍ତନ କରାଯାଇଥିଲା । ଏହି ଅବସରରେ ମନ୍ଦିର ସମ୍ମୁଖରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଘଣ୍ଟା, ଘଣ୍ଟ, ବାଦ୍ୟ ଧ୍ୱନିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା । ଚଳିତ ବର୍ଷ ଏହି ଯାତ୍ରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ବୋଲି ମନ୍ଦିର ପୂଜକ କହିଛନ୍ତି ।

# ପାଟପୁରର ନିଆରା ଚନ୍ଦନଯାତ୍ରା

**ନିମାପଡ଼ା,୨୩।୫(ଡି.ଏନ୍.ଏ.):**



ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ପାଟପୁର ଗ୍ରାମର ୨୧ ଦିନ ଧରି ଚାଲିଥିବା ପାରମ୍ପରିକ ଚନ୍ଦନଯାତ୍ରା ସୋମବାର ଶେଷ ହୋଇଛି । ଗ୍ରାମର ପ୍ରଭୁ ଶ୍ରୀ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମା, ବାବା ଚନ୍ଦ୍ରଶେଖର ଓ ମା' ଦୁର୍ଗାଙ୍କ ଚଳନ୍ତି ପ୍ରତିମା ୨ଟି ସୁସଜ୍ଜିତ ବିମାନରେ ଏକ ବିଶାଳ ଶୋଭାଯାତ୍ରାରେ ମନ୍ଦିରରୁ ବାହାରି ଗ୍ରାମର ବିଭିନ୍ନ ସାହି, ଗାଁ, ନଗର ପରିକ୍ରମା କରି ଗାଁର ପ୍ରତ୍ୟେକଙ୍କ ଘରୁ ଦାଣ୍ଡରେ ଭୋଗ ଖାଇ ପବିତ୍ର ଚନ୍ଦନ ପୁଷ୍କରିଣୀକୁ ଗମନ କରିଥିଲେ । ଠାକୁରଙ୍କ ଚାପଖେଳ ନୀତି ସମାପନ ପରେ ପ୍ରଭୁ ଶ୍ରୀ ରାଧାକୃଷ୍ଣ, ମହାଦେବ ଚନ୍ଦ୍ରଶେଖର ଏବଂ ମା' ଦୁର୍ଗା ସୁସଜ୍ଜିତ ନୌକାରେ ବିଜେ କରି ଚାପ ଖେଳିଥିଲେ । ପୋଖରୀ ଚତୁଃପାର୍ଶ୍ୱରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ଘଣ୍ଟା, ଘଣ୍ଟ, ହରିବୋଲ, ହୁଳହୁଳିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ପାଟପୁର ଜୟଦୁର୍ଗା କ୍ଲବ ଓ ଚନ୍ଦନ କମିଟି ପକ୍ଷରୁ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଶ୍ରୁତିପ୍ରଜ୍ଞା ପ୍ରିୟଦର୍ଶିନୀ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, କାଉନସିଲର କବିତା ପ୍ରଧାନ, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ପୂର୍ବତନ କାଉନସିଲର ବ୍ରଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ପୁରୀର ଲଗ୍ନ ଲୋକିତ




**ପୁରୀ ଅଫିସ,୨୩।୫:**

ପ୍ରତିଭାର କୌଣସି ବୟସ ନ ଥାଏ ତାହା ପ୍ରମାଣ କରି ଦେଖାଇଛନ୍ତି ପୁରୀ ସିଦ୍ଧମହାବୀର ପାଟଣା ଅଟାକଳ ଲେନ୍ ଅଞ୍ଚଳର ଲଗ୍ନ ଲୋକିତ ତ୍ରିପାଠୀ । ଇଣ୍ଡିଆ ବୁକ ଅଫ ରେକର୍ଡରେ ୬ବର୍ଷ ବୟସରେ ସ୍ଥାନ ପାଇ ସେ ପୁରୀ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ସେ ୯ଟି ପ୍ରାଣୀଙ୍କ ଘର, ୧୬ଟି ପଶୁଙ୍କ ଛୁଆର ନାମ, ବର୍ଷର ବିଭିନ୍ନ ମାସର ନାମ, ୨୦ଟି ବିପରୀତ ଲିଙ୍ଗ, ୨୧ଟି ବିପରୀତ ଶବ୍ଦର ନାମକରଣ, ସୂର୍ଯ୍ୟ ନମସ୍କାର ଏବଂ ମାନସିକସ୍ତରରେ ୨୦ ଏକ ଅଙ୍କ ବିଶିଷ୍ଟ ସଂଖ୍ୟାକୁ ୧୦ ରାଶିରେ ଯୋଗ ଓ ବିୟୋଗ କରିପାରୁଛନ୍ତି । ଲଗ୍ନଙ୍କ ବାପା ନଳିନିକାନ୍ତ ତ୍ରିପାଠୀ ଜଣେ ଡାକ୍ତର ଏବଂ ମା' ପ୍ରଦ୍ୟୁତି ଦାଶ ନରେନ୍ଦ୍ରକୋଣ ସ୍ଥିତ ପୁରୀ ମହିଳା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା । ଲଗ୍ନ ମାଟିଆପଡ଼ାସ୍ଥିତ ସେଣ୍ଟ ଜାଭିଅର୍ସ ହାଇସ୍କୁଲରେ ଅଧ୍ୟୟନ କରୁଛନ୍ତି । ଲଗ୍ନଙ୍କର ଏପରି ପ୍ରତିଭା ଦେଖି ପରିବାର ପକ୍ଷରୁ ଗତ ଏପ୍ରିଲ ୨୧ରେ ତାଙ୍କ ନାମ ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍‌ରେ ସ୍ଥାନ ପାଇବା ପାଇଁ ଅନଲାଇନ ମାଧ୍ୟମରେ ଆବେଦନ କରାଯାଇଥିଲା । ଚଳିତ ମାସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ପକ୍ଷରୁ ତାଙ୍କୁ ପ୍ରମାଣପତ୍ର ସହିତ ମେଡାଲ, ବହି, ପରିଚୟପତ୍ର ,ବ୍ୟାଚ, କଲମ ପ୍ରଦାନ କରାଯାଇଛି । ଲଗ୍ନ ଏହାବ୍ୟତୀତ ହ୍ୱାଇଟି ହ୍ୟାଟ ଜୁନିଅରରେ ଗଣିତ, କୋଡିଂରେ କୃତକାର୍ଯ୍ୟ ହୋଇ ପୁରସ୍କାର ହାସଲ କରିଛନ୍ତି । ସେହିଭଳି ଇଣ୍ଟର ସ୍କୁଲ ଡ୍ରଇଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି । ଆନ୍ତର୍ଜାତିକ ବିଜ୍ଞାନ ପ୍ରତିଯୋଗିତାରେ ୬୪ତମ ସ୍ଥାନରେ ରହିଥିବା ବେଳେ ଆନ୍ତର୍ଜାତିକ ଗଣିତ ଅଲମ୍ପିଆଡରେ ୧୧ତମ ସ୍ଥାନ, ଆନ୍ତର୍ଜାତୀୟ ଇଂରାଜୀ ଅଲମ୍ପିଆଡରେ ୬ଷ୍ଠତମ ସ୍ଥାନରେ ରହିବା ସହ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଯେଉଁଥିପାଇଁ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏଥିସହ ଜାତୀୟ ଏନ୍‌ଏଲସିରେ ୧୦ ମିନିଟରେ ୧୮୦ଟି ମିଶାଣ ଓ ଫେଡାଣ କରି ରାଜ୍ୟର ପ୍ରଥମ ଓ ଦେଶରେ ୩୦ ତମ ସ୍ଥାନ ଅକ୍ତିଆର କରିଛନ୍ତି । ଏଭଳି ସଫଳତା ଯୋଗୁ ଲଗ୍ନଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି ।

# ଆଗକୁ ସାଉଥ୍‌ପୋଲ୍ ଆଣ୍ଟାର୍କଟିକା ଚଢ଼ିବା ଲକ୍ଷ୍ୟ:ସିଦ୍ଧାର୍ଥ

**ପୁରୀ ଅଫିସ, ୨୩।୫:**

ଏସିଆ ମହାଦେଶର ସର୍ବୋଚ୍ଚ ଗିରିଶୃଙ୍ଗ ଆରୋହଣ କରିଥିବା ଓଡ଼ିଆ ପର୍ବତାରୋହୀ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟଙ୍କ ପୁଅ ସିଦ୍ଧାର୍ଥ ରାଉତରାୟ ଓଡ଼ିଶା ଫେରିବା ପରେ ସୋମବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ସିଦ୍ଧାର୍ଥ ତାଙ୍କ ଟିମ୍ ସହ ଅପରାହ୍ନରେ ପୁରୀରେ ପହଞ୍ଚିଥିଲେ । ପରେ ଶ୍ରୀମନ୍ଦିରକୁ ଯାଇ ଭିତର କାଠ ନିକଟରେ ଚତୁର୍ଦ୍ଧା ବିଗ୍ରହ ଓ ଭିତରବେଢାରେ ଥିବା ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ । ଶ୍ରୀମନ୍ଦିରରୁ ଫେରିବା ପରେ ସିଦ୍ଧାର୍ଥ କହିଛନ୍ତି, ସେ ମହାପ୍ରଭୁଙ୍କ ଆଶୀର୍ବାଦ ଓ କରୁଣା ଲାଭ କରି ଏସିଆ ମହାଦେଶର ସର୍ବୋଚ୍ଚ ଗିରିଶୃଙ୍ଗ ଆରୋହଣ କରିବାରେ ସକ୍ଷମ ହୋଇଛନ୍ତି । ମହାପ୍ରଭୁଙ୍କ ପତିତପାବନ ବାନାକୁ ସାଥିରେ ନେଇ ଏଭରେଷ୍ଟ ଗିରିଶୃଙ୍ଗ ଆରୋହଣ କରିଥିଲେ । ଏହି ସମୟରେ ସେ ମହାପ୍ରଭୁଙ୍କ ଚମତ୍କାରିତା ଅନୁଭବ କରିଥିଲେ । ମୁଖ୍ୟତଃ ଏଭରେଷ୍ଟ ଉପରେ ୪୦ରୁ ୫୦ କିମି ବେଗରେ ପବନ ବୋହିଥାଏ । ମାତ୍ର ସେ ଯେଉଁଦିନ ଏଭରେଷ୍ଟରେ ପହଞ୍ଚିଥିଲେ ସେତେବେଳେ ୫ରୁ ୧୦ କିମି ବେଗରେ ପବନ ବୋହୁଥିଲା । ତାପମାତ୍ରା ମାଇନସ୍ ୫୦ ଥିଲା । ତାଙ୍କ ଦେହରେ ଜ୍ୱର ଥିଲା । ମାତ୍ର ମହାପ୍ରଭୁଙ୍କ କୃପାରୁ ଦେହ ଆପେ ଭଲ ହୋଇଯାଇଥିଲା । ଏପରି କି ମହାପ୍ରଭୁଙ୍କ ନାମ ନେବା ମାତ୍ର ନୂତନ ଶକ୍ତି ଆସୁଥିଲା, ଫଳରେ ଆସ୍ତେ ଆସ୍ତେ ଚଢି ଶେଷରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥିଲେ । ଆଗକୁ ସାଉଥପୋଲ୍ ଆଣ୍ଟାର୍କଟିକା ଚଢିବା ପାଇଁ ଲକ୍ଷ୍ୟ ରହିଛି । ତେଣୁ ମହାପ୍ରଭଙ୍କ ଆଶୀର୍ବାଦ ଭିକ୍ଷା କଲି ବୋଲି ସିଦ୍ଧାର୍ଥ କହିଛନ୍ତି । ଏହି ସମୟରେ ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର ଉପସ୍ଥିତ ଥିଲେ ।






ପୁରୀ ରଥଯାତ୍ରା ସଂକ୍ରାନ୍ତ ପ୍ରଥମ ସମନ୍ୱୟ ବୈଠକରେ ଉପସ୍ଥିତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ସେବାୟତ ଏବଂ ଅନ୍ୟମାନେ । ପର୍ବତାରୋହୀ ସିଦ୍ଧାର୍ଥ ରାଉତରାୟ ସୋମବାର ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି ।

**ଜୁଲାଇ ୬ରୁ ଓପନ୍ ଅଫର**

**ମୁମ୍ବାଇ:** ଅମ୍ବୁଜା ସିମେଣ୍ଟ ଏବଂ ଏସିସି ଶେୟାରଧାରକଙ୍କ ପାଇଁ ଏକ ଓପନ୍ ଅଫର୍ସ ଜୁଲାଇ ୬ରେ ଆରମ୍ଭ ହୋଇ ୧୯ରେ ବନ୍ଦ ହେବ ବୋଲି ସୋମବାର ଆଦାନୀ ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି। ୪ ବିଲିୟନ ଡଲାର (୩୧,୧୩୯ କୋଟି ଟଙ୍କା)ର ନିବେଶ ସହ ଉକ୍ତ ଦୁଇ କମ୍ପାନୀର ଓପନ୍ ଅଫର ଭାରତୀୟ କର୍ପୋରେଟ୍ ଇତିହାସରେ ସର୍ବବୃହତ ଓପନ୍ ଅଫର ଭାବେ ପରିଗଣିତ ହେବ। ଏହି ବାଧ୍ୟତାମୂଳକ ଓପନ ଅଫର ଆଦାନୀ ଫାମିଲି ମାଲିକାନାରେ ଥିବା ମରିସସ୍‌ର ଏକ କମ୍ପାନୀ ଦ୍ୱାରା କରାଯାଇଛି। ସେମାନେ ୬.୫ ବିଲିୟନ୍ ଡଲାର ବିନିମୟରେ ହୋଲସିମ୍‌ର ଅମ୍ବୁଜା ସିମେଣ୍ଟରେ ୬୩% ଏବଂ ଏସିସିରେ ୪.୫% ଅଂଶଧନ ଗ୍ରହଣ କରିବା ପରେ ଏହି ଅଫର ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି।

# ଓଡ଼ିଶାରେ ସୁପ୍ରିମ ଫର୍ଣ୍ଣିଚରର ଏକ୍ସକ୍ଲୁସିଭ ଷ୍ଟୋର

**କଟକ,୨୩।୫**

ଦେଶର ପ୍ରମୁଖ ପ୍ଲାଷ୍ଟିକ ଗୃହୋପଯୋଗୀ ସାମଗ୍ରୀ ନିର୍ମାତା 'ସୁପ୍ରିମ'ର ବ୍ୟବସାୟିକ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଏହାର ପୂର୍ବାଞ୍ଚଳ କ୍ଷେତ୍ରରେ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ସିଲିଭରସିଟି ଭାବେ ପରିଚିତ କଟକ ସହରର ନୂଆ ବଜାରଠାରେ କମ୍ପାନୀର (୨.୦) ୫୩ ତମ ଇଷ୍ଟର୍ନ ଜୋନ ତଥା ଓଡ଼ିଶାର ପ୍ରଥମ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ସୁପ୍ରିମ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଏସ୍‌ଆଇଏଲ୍)ର ଏସଜିଏମ ମୁକେଶ କୌଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପ୍ରିମର ରାଜ୍ୟ ମୁଖ୍ୟ ତ୍ରିନାଥ ମହାନ୍ତି, ସିନିୟର ଏକଜିକ୍ୟୁଟିଭ ସାଇଶେଖର ମହାନ୍ତି, ଭିନଟେଜ ଫର୍ଣ୍ଣିଚରର ସ୍ୱତ୍ୱାଧିକାରୀ ବି. ଶ୍ରୀନିବାସଙ୍କ ସମେତ ବିନୋଦ ପାତ୍ର, କାଳିପ୍ରସାଦ ବେହେରା, ବାନାମ୍ବର ଶତପଥୀ, ତୁଷାରକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ବଜାର ହେଉଛି କମ୍ପାନୀର ଏକ ପ୍ରମୁଖ ବଜାର। ଏହି ପରିପ୍ରେକ୍ଷୀରେ କମ୍ପାନୀ ତା'ର ପ୍ରିମିୟମ ବର୍ଗର ଶୋ'ରୁମ କଟକରେ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲା। ଏପରିକି ୨ଦିନରେ ଦୁଇ ଦୁଇଟି ଏକ୍ସକ୍ଲୁସିଭ ଷ୍ଟୋର କଟକ ସହରରେ ଖୋଲିବା ସହ ଆଗାମୀ ଦିନରେ ଭୁବନେଶ୍ୱର ଓ କୋରାପୁଟ ସହରରେ ମଧ୍ୟ ଖୋଲିବାର ଯୋଜନା ରହିଛି ବୋଲି ମୁକେଶ କହିଛନ୍ତି। ସେହିଭଳି ବର୍ତ୍ତମାନ କମ୍ପାନୀର ୧୬୦ରୁ ଊର୍ଦ୍ଧ୍ୱ ବର୍ଗରେ ସାମଗ୍ରୀ ରହିଥିବା ବେଳେ ସେଥିରୁ ୬୦ରୁ ଅଧିକ ଉତ୍ପାଦ ପ୍ରିମିୟମ ବର୍ଗର ରହିଛି। ଏପରିକି କମ୍ପାନୀର ସମସ୍ତ ପ୍ରଡକ୍ଟ ଗ୍ରାହକଙ୍କ ପସନ୍ଦ ଓ ଭରସା ଲାଭ କରିଛି ବୋଲି ମୁକେଶ ମତବ୍ୟକ୍ତ କରିଛନ୍ତି।


ସିଲିଭର ସିଟି କଟକରେ ସୁପ୍ରିମର ୨.୦ର ଉଦଘାଟନୀ ଉତ୍ସବରେ ଉପସ୍ଥିତ କମ୍ପାନୀ କର୍ତ୍ତୃପକ୍ଷ ଓ ଅନ୍ୟମାନେ।

ଅପରପକ୍ଷରେ ସୋମବାର କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ପଏଣ୍ଟ 'ଭିନ୍‌ଟେଜ ଫର୍ଣ୍ଣିଚର' ପରିସରରେ କମ୍ପାନୀର ୫୩ତମ ଏକ୍ସକ୍ଲୁସିଭ ଷ୍ଟୋର ଉଦଘାଟିତ ହୋଇଯାଇଥିବା ବେଳେ ଆଜି (ମଙ୍ଗଳବାର) ମଧ୍ୟ ସ୍ଥାନୀୟ ବକ୍ସି ବଜାରସ୍ଥିତ ଭେନସ ଫର୍ଣ୍ଣିଚରରେ ଏହାର ୫୪ତମ ଏକ୍ସକ୍ଲୁସିଭ ଷ୍ଟୋରର ଉଦ୍‌ଘାଟନ ହେବ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ ଯେ ସାରା ଦେଶରେ କମ୍ପାନୀର ୨୬ଟି ଉତ୍ପାଦନ କେନ୍ଦ୍ର (କାରଖାନା) ରହିଥିବା ବେଳେ ୮ ହଜାରରୁ ଅଧିକ କର୍ମଚାରୀ ସହ ବାର୍ଷିକ ୮୫୦୦ କୋଟିର ବ୍ୟବସାୟ କରୁଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦିନରେ ମଧ୍ୟ କମ୍ପାନୀ କିଛି ନୂତନ ପ୍ରକଳ୍ପ ଓ ସେଗମେଣ୍ଟରେ ପ୍ରବେଶ କରୁଥିବା ସୂଚନା ମିଳିଛି।

## ଜାପାନ ବ୍ୟବସାୟୀଙ୍କୁ ଭେଟିଲେ ମୋଦି

**ନୂଆଦିଲ୍ଲୀ,୨୩।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ୱାଡ୍ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ୨ ଦିନିଆ ଜାପାନ ଗସ୍ତରେ ଅଛନ୍ତି। ଏଥିରେ ଯୋଗଦେବା ପୂର୍ବରୁ ମୋଦି ଜାପାନର ପ୍ରମୁଖ କମ୍ପାନୀଗୁଡ଼ିକର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀମାନଙ୍କୁ ଭେଟିଛନ୍ତି। ପ୍ରଧାନମନ୍ତ୍ରୀ ଜାପାନ ବ୍ୟବସାୟୀଙ୍କୁ ଭେଟିବା ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ପ୍ରବକ୍ତା ଅରବିନ୍ଦ ବାଗ୍‌ଚୀ ଏକ ଟୁଇଟ୍‌ରେ କହିଛନ୍ତି ଯେ, ମୋଦି ଟୋକିଓରେ ଏନ୍‌ଇସି ଚେୟାରମ୍ୟାନ୍ ନୋବୁହିରୋ ଏଣ୍ଡୋଙ୍କ ସହିତ ସାକ୍ଷାତ କରିଛନ୍ତି। ଏଣ୍ଡୋଙ୍କ ସହ ବାର୍ତ୍ତାଳାପ ସମ୍ପର୍କରେ ସେ ଭାରତର ଦୂରସଞ୍ଚାର କ୍ଷେତ୍ରରେ ଏନ୍‌ଇସିର ଭୂମିକା ସମ୍ପର୍କରେ ଅବଗତ ହେବା ସହିତ ଭାରତରେ ନୂଆ ଏବଂ ଚାଲୁରହିଥିବା ଉଦ୍ୟୋଗଗୁଡ଼ିକର ସୁଯୋଗ ସମ୍ପର୍କରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବ୍ୟବସାୟ କରିବାର ରାସ୍ତାକୁ ଅଧିକ ସୁଗମ କରିବା ପାଇଁ ଔଦ୍ୟୋଗିକ ବିକାଶ, ଟ୍ୟାକ୍ସ ଏବଂ ଶ୍ରମିକ ସହିତ ବିଭିନ୍ନ କ୍ଷେତ୍ରରେ ସୁଧାର ସମ୍ପର୍କିତ ଆଲୋଚନା କରିଛନ୍ତି।

## ଦି ନ୍ୟୁ 'ସ୍ପ୍ଲେଣ୍ଡର+ଏକ୍ସଟେକ୍'ର ବଜାର ପ୍ରବେଶ

**ନୂଆଦିଲ୍ଲୀ,୨୩।୫**



ଦେଶର ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା 'ହିରୋ ମୋଟୋକର୍ପ'ର ବହୁ ପ୍ରତୀକ୍ଷିତ ତଥା ଆଇକନିକ୍ ମୋଟରସାଇକେଲ୍ ସ୍ପ୍ଲେଣ୍ଡରର ନୂତନ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର 'ଦି ନ୍ୟୁ ସ୍ପ୍ଲେଣ୍ଡର+ ଏକ୍ସଟେକ୍'ର ବଜାର ପ୍ରବେଶ ନିକଟରେ ଥେହାଇଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ମଡେଲରେ ଅନେକ ପ୍ରକାରର ଆଧୁନିକ ବୈଶିଷ୍ଟ୍ୟ ସାମିଲ କରାଯାଇଛି।

ଏ ସମ୍ପର୍କରେ ହିରୋ ମୋଟୋକର୍ପର ଷ୍ଟ୍ରାଟେଜି ମୁଖ୍ୟ ଓ ଗ୍ଲୋବାଲ୍ ପ୍ରଡକ୍ଟ ପ୍ଲାନିଂ, ମାଲୋ. ଲେ.ମାସନ୍ କହିଛନ୍ତି, ହିରୋ ସ୍ପ୍ଲେଣ୍ଡର ହେଉଛି ଭାରତର ସବୁଠାରୁ ଲୋକପ୍ରିୟ ଓ ସର୍ବାଧିକ ବିକ୍ରି ହେଉଥିବା ମୋଟରସାଇକେଲ୍। କୋଟି କୋଟି ଭାରତୀୟଙ୍କର ପ୍ରକୃତ ସାଥୀ। ଏହା ପ୍ରାୟତଃ ୩ ଦଶନ୍ଧି ଧରି ଏକ ଆଇକନ୍ ଭାବେ ଗ୍ରାହକଙ୍କ ମନରେ ରହିଆସିଛି। ଏହା ସ୍ପ୍ଲେଣ୍ଡର+ ଏକ୍ସଟେକ୍ ମଡେଲର ଶୁଭାରମ୍ଭ ସହିତ ଆହୁରି ଅନେକଙ୍କୁ ଅନୁପ୍ରେରିତ କରିବ।

ଅପରପକ୍ଷରେ ଏହି ମଡେଲ ୪ଟି କଲରରେ ଉପଲବ୍ଧ ରହିଛି। ସେହିପରି ସ୍ପ୍ଲେଣ୍ଡର+ଏକ୍ସଟେକ୍‌ରେ ରହିଛି ୯୭.୨ସିସି ବିଏସ୍-୬ ଅନୁପାଳନକାରୀ ଇଞ୍ଜିନ, ଯାହାକି ଉଲ୍ଲେଖନୀୟ ପାୱାର ଆଉଟ୍‌ପୁଟ୍ ୭.୯ ବିଏଚପି ୭୦୦୦ ଆରପିଏମ୍ ହାରରେ ପ୍ରଦାନ କରେ ଓ ଏଥିରେ ୮.୦୫ ଏନଏମର ଟର୍କ ୬୦୦୦ହାରରେ ଉଚ୍ଚ କ୍ଷମତାସମ୍ପନ୍ନ ରାଇଡ୍ ପାଇଁ ରହିଛି। ହିରୋର ଉକ୍ତ ଯାନ ସାରା ଦେଶରେ ଥିବା ହିରୋ ମୋଟୋକର୍ପ ଡିଲରପଏଣ୍ଟଗୁଡିକରେ ଉପଲବ୍ଧ ହେବ, ଏହାର ପ୍ରାରମ୍ଭିକ ମୂଲ୍ୟ (ଏକ୍ସ-ଶୋରୁମ୍ ଦିଲ୍ଲୀ) ଆଇଏନଆର ୭୨,୯୦୦ ଟଙ୍କା ରହିଛି। ନୂଆ ସ୍ପ୍ଲେଣ୍ଡର+ଏକ୍ସଟେକରେ ମଧ୍ୟ ୫ବର୍ଷର ୱାରେଣ୍ଟି ରହିଛି।

## ଏସ୍‌ଇ ନିଯୁକ୍ତ କଲା ଜେଟ୍

**ନୂଆଦିଲ୍ଲୀ,୨୩।୫**

ଅନ୍ତର୍ଜାତୀୟ ଏୟାରଲାଇନ୍ ସଂସ୍ଥା ଜେଟ୍ ଏୟାରୱେଜ୍ ପକ୍ଷରୁ ୪ଜଣ ସିନିୟର ଏକ୍ଜିକ୍ୟୁଟିଭ୍(ଏସ୍‌ଇ)ଙ୍କୁ ନିଯୁକ୍ତ କରାଯାଇଛି। କମ୍ପାନୀର ସୂଚନା ଅନୁଯାୟୀ ପ୍ରଭ ଶରଣ ସିଂ ଏୟାରଲାଇନ୍‌ର ମୁଖ୍ୟ ଡିଜିଟାଲ୍ ଅଧିକାରୀ, ଏଚ୍.ଆର୍. ଜଗନ୍ନାଥଙ୍କୁ ଇଞ୍ଜିନିୟରିଂ ଉପାଧ୍ୟକ୍ଷ ଭାବେ ନିଯୁକ୍ତିଦିଆଯାଇଛି। ଏହାଛଡ଼ା ବିମାନ ଯାତ୍ରା ସମୟରେ ଉପଲବ୍ଧ କରାଯାଉଥିବା ଉତ୍ପାଦ ଏବଂ ସେବାଗୁଡ଼ିକ ପାଇଁ ମାର୍କ ଟର୍ନରଙ୍କୁ ଉପାଧ୍ୟକ୍ଷ ତଥା ବିତରଣ ଏବଂ ଗ୍ରାହକ ନିୟନ୍ତ୍ରିତ କରିବା କାର୍ଯ୍ୟ ଉପାଧ୍ୟକ୍ଷ ଭାବରେ ବିଶେଷ ଖାନ୍ନାଙ୍କୁ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ ଜେଟ୍ ଏୟାର୍‌ୱେଜ୍‌କୁ ମେ' ୨୦ରେ ଡିଜିସିଏ ପକ୍ଷରୁ ଏଓସି ମିଳିଛି।

## ଜିଓ ଫୋନ୍‌ର 'ଏକ୍ସଚେଞ୍ଜ ଟୁ ଅପ୍‌ଗ୍ରେଡ୍'ଅଫର

**ନୂଆଦିଲ୍ଲୀ,୨୩।୫**

ରିଲାଏନ୍ସ ରିଟେଲ୍ ପକ୍ଷରୁ ଜିଓ ଫୋନ୍ ନେକ୍ସଟ୍ ପାଇଁ ସୀମିତ ସମୟର ଏକ୍ସଚେଞ୍ଜ ଟୁ ଅପ୍‌ଗ୍ରେଡ୍ ଅଫରର ଶୁଭାରମ୍ଭ କରାଯାଇଛି। ଏହି ଅଫର ଅନୁସାରେ ଗ୍ରାହକମାନେ ଯେ କୌଣସି ପୁରୁଣା ସକ୍ରିୟ ୪ଜି ଫିଚର ଫୋନ୍, ଜିଓ ଫୋନ୍ କିମ୍ବା ସ୍ମାର୍ଟଫୋନ୍‌କୁ ବଦଳାଇ ମାତ୍ର ୪,୪୯୯ ଟଙ୍କାରେ ଆଉ ଏକ ସମ୍ପୂର୍ଣ୍ଣ ନୂଆ ଜିଓ ଫୋନ୍ ନେକ୍ସଟ୍ ପାଇପାରିବେ। ଏହା ଜରିଆରେ ପୁରୁଣା ୪ଜି ଫିଚରଫୋନ୍ ଓ ସ୍ମାର୍ଟଫୋନ୍‌ର ଗ୍ରାହକମାନଙ୍କୁ ନିଜ ଡିଭାଇସ୍ ଅସୁବିଧାକୁ ଧରି ରଖିବାକୁ ପଡ଼ିବନି ଏବଂ ସେମାନେ ବାସ୍ତବ ୪ଜି ଜିଓ ଡିଜିଟାଲ୍ ଜୀବନକୁ ସମ୍ପୂର୍ଣ୍ଣ ଉପଭୋଗ କରିପାରିବେ।




ବର୍ତ୍ତମାନର ୪ଜି ଫିଚରଫୋନ୍ ବ୍ୟବହାରକାରୀମାନେ ଅତି ସହଜରେ ବିଶ୍ୱର ସବୁଠୁ ସୁଲଭ ସ୍ମାର୍ଟଫୋନ୍ ସହ ବଡ଼ ସ୍କ୍ରିନ୍ ଡିଜିଟାଲ୍ ଅନୁଭୂତି ପାଇପାରିବେ। ଏହି ଅଫର ରିଲାଏନ୍ସ ରିଟେଲ୍‌ର ଜିଓମାର୍ଟ ଡିଜିଟାଲ୍, ରିଲାଏନ୍ସ ଡିଜିଟାଲ୍ ଓ କୋଣ ଅନୁକୋଣରେ ଥିବା ଏହାର ଆଉଟ୍‌ଲେଟ୍‌ଗୁଡ଼ିକରେ ଉକ୍ତ ଫୋନ ଉପଲବ୍ଧ ହେବ, ଯଦ୍ୱାରା ଭୌଗୋଳିକ ଓ ଆର୍ଥିକ ଦୃଷ୍ଟିରୁ ଏହା ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରିବ। ଜିଓ ଫୋନ୍ ନେକ୍ସଟ୍‌କୁ ଜିଓ ଓ ଗୁଗୁଲ୍ ପକ୍ଷରୁ ମିଳିତ ଭାବେ ଡିଜାଇନ୍ କରାଯାଇଛି। ଏଥିରେ ୫.୪୫ ଇଞ୍ଚର ଏଚ୍‌ଡି ସ୍କ୍ରିନ୍ ସହ କର୍ଣ୍ଣିଂ ଗୋରିଲା ଗ୍ଲାସ୍ ୩ ଓ ଆଣ୍ଟି ଫିଙ୍ଗରପ୍ରିଣ୍ଟ କୋଟିଂ, ୨ଜିବି ରାମ୍, ୩୨ଜିବି ଇନ୍-ବିଲ୍ଟ ଷ୍ଟୋରେଜ୍, ୧୩ ମେଗାପିକ୍ସେଲ୍ ପଛ କ୍ୟାମେରା, ୮ ମେଗାପିକ୍ସେଲ୍ ସାମ୍ନା ସେଲ୍‌ଫି କ୍ୟାମେରା, ୩୫୦୦ ଏମ୍‌ଏଏଚ୍ ବ୍ୟାଟେରି ସହ ଅନେକ ପ୍ରକାର ଅତ୍ୟାଧୁନିକ ଫିଚର ସାମିଲ ରହିଛି।

## ଜୁନ୍‌ରେ ପୁଣି ବଢ଼ି ପାରେ ରେପୋ ରେଟ୍

**ନୂଆଦିଲ୍ଲୀ,୨୩।୫**

ଗତ ୪ ମାସ ହେଲା ମୁଦ୍ରାସ୍ଫୀତି ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ନିର୍ଦ୍ଧାରିତ ହାରଠାରୁ ଉଚ୍ଚ ସ୍ତରରେ ରହୁଛି। ତେଣୁ ମହଙ୍ଗାଇ ବୃଦ୍ଧିକୁ ନିୟନ୍ତ୍ରଣରେ ଆଣିବା ଉଦ୍ଦେଶ୍ୟରେ ଆର୍‌ବିଆଇ ପକ୍ଷରୁ ଜୁନ୍‌ରେ ହେବାକୁ ଥିବା ମନିଟାରି ପଲିସି କମିଟି (ଏମ୍‌ପିସି) ବୈଠକରେ ରେପୋ ରେଟ୍‌ରେ ପୁଣି ବୃଦ୍ଧି ହେବାକୁ ଯାଉଛି। ଏ ସମ୍ପର୍କରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ସୋମବାର ସ୍ପଷ୍ଟ ସଙ୍କେତ ଦେଇଛନ୍ତି। ରେପୋ ରେଟ୍‌ରେ କେତେ ବୃଦ୍ଧି ଘଟିବ ସେ ସମ୍ପର୍କରେ ଦାସ କୌଣସି ସୂଚନା ଦେଇନାହାନ୍ତି। ତେବେ ରେପୋ ରେଟ୍‌ରେ ବୃଦ୍ଧି ଘଟି ତାହା କୋଭିଡ୍ ପୂର୍ବ ସ୍ତର ଅର୍ଥାତ୍ ୫.୧୫%ରେ ପହଞ୍ଚିବା ନେଇ ଯେଉଁ ସମସ୍ତ ଆକଳନ କରାଯାଉଛି ତାହା ମଧ୍ୟ ଠିକ୍ ନୁହେଁ ବୋଲି ସେ କହିଛନ୍ତି।

## ୨ ଦିନିଆ ବ୍ୟାଙ୍କ ଧର୍ମଘଟ

**ଭୁବନେଶ୍ୱର,୨୩।୫**

ଚଳିତବର୍ଷ ମେ ୩୦ ଓ ୩୧ କ୍ରମାଗତ ୨ଦିନ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର କର୍ମଚାରୀମାନେ ଦେଶବ୍ୟାପୀ ଧର୍ମଘଟ କରିବେ । ବ୍ୟାଙ୍କସ୍ତରୀୟ ଦ୍ୱିପାକ୍ଷିକ ରାଜିନାମା ଓ ସେଣ୍ଟ୍ରାଲ ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ମାନ୍ୟତାପ୍ରାପ୍ତ ସର୍ବଭାରତୀୟ କର୍ମଚାରୀ ସଂଗଠନ ସହ କରିଥିବା ରାଜିନାମାଗୁଡ଼ିକୁ ଉଲ୍ଲଂଘନ କରି ବ୍ୟାଙ୍କର ୪୦୦୦ରୁ ଅଧିକ କିରାଣିଙ୍କୁ ମନମୁଖି ଭାବେ ଗଣବଦଳି, କର୍ମଚାରୀ ଓ ଅଫିସରମାନଙ୍କୁ ହଇରାଣହରକତ କରିବା, ୬୦୦ ବ୍ୟାଙ୍କ ଶାଖା ବନ୍ଦ କରିବା ପାଇଁ ଚେଷ୍ଟା, ଆଉଟସୋର୍ସିଂ କରି ଠିକା କର୍ମଚାରୀ ନିଯୁକ୍ତି, ବ୍ୟାଙ୍କର ଘରୋଇକରଣ ଉଦ୍ୟମ ବିରୋଧରେ ଓ ସର୍ବୋପରି କେନ୍ଦ୍ରୀୟ ଶ୍ରମ କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ ଶିଳ୍ପ ବିବାଦ ଆଇନର ୩୩ ଧାରାକୁ ଉଲ୍ଲଂଘନ କରିବା ବିରୋଧରେ ଏହି ଧର୍ମଘଟର ଡାକରା ଦିଆଯାଇଛି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଥିବା ଏଆଇବିଇଏ, ଆଇଏବିଇଏଫ, ବିଇଏଫଆଇ, ଏନସିବିଇ ଓ ଏନଓବିଡବ୍ଲ୍ୟୁ ସଙ୍ଗଠନ ପକ୍ଷରୁ ଉପରୋକ୍ତ ଦାବିଗୁଡ଼ିକ ଉପରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ମିଳିତ ଭାବେ ଧର୍ମଘଟର ନୋଟିସ୍ ଦିଆଯାଇଛି। ଓଡ଼ିଶାରେ ଏହି ଧର୍ମଘଟକୁ ସଫଳ କରିବା ପାଇଁ ସେଣ୍ଟ୍ରାଲ ବ୍ୟାଙ୍କର ସମସ୍ତ କର୍ମଚାରୀଙ୍କୁ ଓ ଧର୍ମଘଟକୁ ନୈତିକ ସମର୍ଥନ କରିବା ପାଇଁ ଅଫିସର ସଙ୍ଗଠନଗୁଡ଼ିକୁ ଓଡ଼ିଶା ରାଜ୍ୟ ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ୟୁନିୟନ ପକ୍ଷରୁ ସଭାପତି ପ୍ରଫୁଲ୍ଲ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦକ ଓଁକାର ମହାନ୍ତି ଏବଂ ନିଖିଳ ଓଡ଼ିଶା ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ଆସୋସିଏଶନର ସାଧାରଣ ସମ୍ପାଦକ ସୁନୀଲ ମହାରଣା ନିବେଦନ କରିଛନ୍ତି।

**ଫୁର୍‌ସତ୍**

# ବହୁପତ୍ନୀ ପ୍ରଥା ବନ୍ଦ

**ତାଲିବାନର ଘୋଷଣା**

**କାବୁଲ:** ଆଫଗାନିସ୍ତାନରେ ବହୁପତ୍ନୀ ପ୍ରଥା ବନ୍ଦ କରିବା ନେଇ ତାଲିବାନ ସରକାର ଘୋଷଣା କରିଛନ୍ତି। ସରକାରଙ୍କ ମତରେ ଏହା ଅଦରକାରୀ ଏବଂ ଦାମୀ ବ୍ୟାପାର ବୋଲି କୁହାଯାଇଛି। ଆଫଗାନିସ୍ତାନକୁ କଠୋରପନ୍ଥୀ ତାଲିବାନୀ ଅଧିକାର କରିନେବା ପରେ ଦେଶରେ ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଫଳରେ ଅର୍ଥ ବଞ୍ଚାଇବା ପାଇଁ ଦେଶର ବହୁ ପ୍ରକାର ନୂଆ ନିୟମ ଲାଗୁ କରିଚାଲିଛନ୍ତି ବର୍ତ୍ତମାନର ତାଲିବାନ ସରକାର। ଅନେକ ଲୋକଙ୍କ ଚାକିରି ଚାଲିଯାଇଥିବା ସ୍ଥଳରେ ତାଲିବାନୀ ସରକାର ବିଭିନ୍ନ ସମୟରେ କଟକଣା ଲାଗୁ କରିବା ଦ୍ୱାରା ଦେଶବାସୀ ବହୁ ଅସୁବିଧାର ସମ୍ମୁଖୀନ ହେବାରେ ଲାଗିଛନ୍ତି। ଦିନ ବିତିବା ସାଙ୍ଗକୁ ତାଲିବାନ ସରକାର ନିଜ ସୁବିଧା ପାଇଁ ଇସ୍‌ଲାମିକ୍ ଧର୍ମର ଦ୍ୱାହି ଦେଇ ନିୟମ ସବୁ ପରିବର୍ତ୍ତନ କରି ଚାଲିଛି। ବହୁପତ୍ନୀ ପ୍ରଥା ତାଲିବାନରେ ଅତି ସାଧାରଣ। ଦଳର ପ୍ରତିଷ୍ଠାତା ମୁଲ୍ଲାହ ମହମ୍ମଦ ଓମାରଙ୍କର ତିନି ସ୍ତ୍ରୀ ଥିଲେ। ସେମାନଙ୍କ ଭିତରୁ ଜଣେ ଓସାମା ବିନ୍ ଲାଡେନ୍‌ଙ୍କ ଝିଅ ଥିଲେ।



ଏହି ମୁସଲମାନ ଦେଶରେ ପ୍ରଚଳିତ ପଲିଗେମି ତଥା ବହୁପତ୍ନୀ ପ୍ରଥା ଉପରେ ରୋକ୍ ଲାଗିବା ସେଠାକାର ମହିଳାଙ୍କ ପାଇଁ ଉତ୍ତମ ସାବ୍ୟସ୍ତ ହେବ। ଇସ୍‌ଲାମିକ୍ ଧର୍ମ ଅନୁସାରେ ପୁରୁଷମାନେ ଅନ୍ୟୂନ ୪ଟି ମହିଳାଙ୍କୁ ବାହା ହୋଇପାରିବେ। ସିରିଆ ଲ' ଅଧୀନରେ ଥିବା ଇସ୍‌ଲାମିକ ଲ'ରେ ଉଲ୍ଲେଖ କରାଯାଇଛି ଯେ, ପୁରୁଷମାନେ ୪ଟି ପତ୍ନୀଙ୍କୁ ବିବାହ କରିପାରିବେ। ମୁସଲମାନ ସମ୍ପ୍ରଦାୟରେ ଝିଅମାନଙ୍କୁ ଘରେ ରଖିବା ଅପେକ୍ଷା ବାହା କରିଦେବା ଶ୍ରେୟ ବୋଲି ମଣାଯାଏ। ଏପରିକି ବିଧବା ମହିଳାମାନଙ୍କୁ ଦ୍ୱିତୀୟ ବିବାହ କରିବାର ଅଧିକାର ମଧ୍ୟ ରହିଛି। ବିନା ପୁରୁଷ ସହାୟତାରେ ମହିଳାମାନେ ସମାଜରେ ଚଳିପାରିବେ ନାହିଁ ବୋଲି ମୁସଲମାନ ସମ୍ପ୍ରଦାୟର ବିଶ୍ୱାସ। ଅନ୍ୟପଟେ ଘରେ ଏକାଧିକ ମହିଳା ରହିବା ଦ୍ୱାରା ଘରକାମ ସହଜ ହେବା ସହ ଅର୍ଥ ଉପାର୍ଜନରେ ମଧ୍ୟ ସ୍ୱାମୀଙ୍କୁ ସାହାଯ୍ୟ ମିଳିବ ବୋଲି ସେମାନେ କୁହନ୍ତି। ପୁରାତନ କାଳରେ ବହୁପତ୍ନୀ ପ୍ରଥା ଭାରତରେ ମଧ୍ୟ ଚାଲିଥିଲା। ବିଶେଷ କରି ରାଜା ଓ କ୍ଷାତନାମା ମୁସଲମାନ ବ୍ୟକ୍ତି ବିଶେଷ ଏକରୁ ଅଧିକ ସ୍ତ୍ରୀଙ୍କୁ ବାହା ହେଉଥିଲେ। ୨୦୧୫ରେ ସୁପ୍ରିମକୋର୍ଟ ବହୁ ପତ୍ନୀ ପ୍ରଥାକୁ ବେଆଇନ୍ ବୋଲି କହିଥିଲେ।

## କ୍ୟାରିୟର୍ ପାଇଁ ବଡ଼ ଉପଲବ୍ଧି


ଦୀପିକା ପାଦୁକୋନ

**ପ୍ୟାରିସ୍:** ଫ୍ରାନ୍ସରେ ଜାରି ଅଛି ଚଳଚ୍ଚିତ୍ର ଜଗତର ସବୁଠାରୁ ବଡ଼ ସମାରୋହ କୁହାଯାଉଥିବା କାନ୍ସ ଫେଷ୍ଟିଭାଲ୍। ଚଳିତ ବର୍ଷ ଦୀପିକା ପାଦୁକୋନ କାନ୍ସ ଫେଷ୍ଟିଭାଲ୍‌ରେ ଜ୍ୟୁରି ହୋଇଥିବାବେଳେ ଏହା ତାଙ୍କ କ୍ୟାରିୟରର୍ ସବୁଠାରୁ ବଡ଼ ଉପଲବ୍ଧି ବୋଲି ଦୀପିକା କହିଛନ୍ତି। ୨୦୧୭ରୁ ଏହି ବଲିଉଡ୍ ନାୟିକା କାନ୍ସ ସମାରୋହରେ ରେଡ୍ କାର୍ପେଟରେ ଚାଲିବା ଆରମ୍ଭ କରିଥିଲେ। କିନ୍ତୁ ଚଳିତ ବର୍ଷ ଏହା ତାଙ୍କ ପାଇଁ ଅତି ଖାସ୍ ବୋଲି ସେ କହିଛନ୍ତି। ଅଭିନେତା ତଥା ଫିଲ୍ମ ନିର୍ମାତା ରେବେକ୍କା ହାଲ୍, ନୂମି ରାପାକ୍, ଇଟାଲୀୟ ଅଭିନେତା ଜ୍ୟାସ୍‌ମିନ୍ ଟ୍ରିନ୍‌କା, ଅଶଘର ଫରହାଦି, ଲାଦ ଲି ଜେଫ୍ଫ ନିକୋଲ୍ସ ଏବଂ ଜାଓଚିମ୍ ଟ୍ରିୟର ପ୍ରମୁଖ ଚଳିତ ବର୍ଷ କାନ୍ସରେ ଜ୍ୟୁରି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୀପିକାଙ୍କ ପୂର୍ବରୁ ବିଦ୍ୟା ବଲାନ, ଐଶ୍ୱର୍ଯ୍ୟା ରାଏ ବଚ୍ଚନ, ନନ୍ଦିତା ଦାସ, ଶର୍ମିଳା ଟାଗୋର ଆଦି ପ୍ରମୁଖ କଳାକାର କାନ୍ସର ଜ୍ୟୁରି ହୋଇସାରିଛନ୍ତି। ଏହି ସମାରୋହରେ ଭାରତ ପକ୍ଷରୁ ପ୍ରଥମ ଜ୍ୟୁରି ମ୍ରିନାଲ ସେନ୍ ଥିଲେ। ବଙ୍ଗଳା ସାଙ୍ଗକୁ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ସେ ଜଣେ ଜଣାଶୁଣା ଫିଲ୍ମ ନିର୍ମାତା ହେଉଛନ୍ତି ମ୍ରିନାଲ।

## ସଞ୍ଚିତ ଅର୍ଥରେ ସ୍ତ୍ରୀଙ୍କୁ ଦେଲେ ମୋପେଡ୍



**୯୦ ହଜାର ଜମା କରିବା ପାଇଁ ଲାଗିଲା ୪ ବର୍ଷ**

**ଭୋପାଳ:** ଭଲପାଇବାର ଅଦୃଶ୍ୟ ଡୋରରେ ମନୁଷ୍ୟ ବନ୍ଧା। ପ୍ରିୟଜନମାନଙ୍କୁ ଉପହାର ଦେଇ ଖୁସି କରେଇବାର ଅନୁଭୂତି ବେଶ୍ ନିଆରା। ମଧ୍ୟପ୍ରଦେଶ ଛିନ୍ଦହାରାର ଦିବ୍ୟାଙ୍ଗ ଭିକାରି ସନ୍ତୋଷ ସାହୁ ସ୍ତ୍ରୀ ମୁନି ସାହୁଙ୍କୁ ଏକ ମୋପେଡ୍ ( ଇଞ୍ଜିନ ଲାଗିଥିବା ସାଇକେଲ) ଗିଫ୍ଟ କରିଛନ୍ତି। ଏହି ସାଇକେଲର ଦାମ୍ ୯୦ ହଜାର ଟଙ୍କା ହୋଇଥିବାବେଳେ ସନ୍ତୋଷ ୪ ବର୍ଷ ଧରି ସଞ୍ଚୟ କରିଥିବା ଅର୍ଥରେ ଏହି ସାଇକେଲଟିକୁ କିଣି ସ୍ତ୍ରୀଙ୍କୁ ଭେଟି ଦେଇଛନ୍ତି। ସନ୍ତୋଷ ସାହୁଙ୍କ ଦୁଇ ଗୋଡ଼ କାମ କରୁ ନ ଥିବାବେଳେ ମିନା ତାଙ୍କୁ ଏକ ଟ୍ରାଇ ସାଇକେଲରେ ବସାଇ ଆମୱାରା ଗାଁ ସାରା ବୁଲି ଭିକ ମାଗନ୍ତି। ଭିକ୍ଷାବୃତ୍ତିରୁ ଯାହା ଉପାର୍ଜନ ହୁଏ ସେଥିରେ ଦୁହେଁ ସ୍ୱାମୀ, ସ୍ତ୍ରୀ ସୁରୁଖୁରୁରେ ଚଳିଯାନ୍ତି। ସନ୍ତୋଷଙ୍କୁ ସାଇକେଲରେ ବସାଇ ଠେଲି ଠେଲି ଏକାଧିକ କିଲୋମିଟର ବାଟ ଚାଲି ଚାଲି ବୁଲିବା କାରଣରୁ ଅନେକ ସମୟରେ ମିନାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥାଏ। ସ୍ତ୍ରୀଙ୍କ କଷ୍ଟକୁ କିଛିମାତ୍ରାରେ ଲାଘବ କରିବା ପାଇଁ ସନ୍ତୋଷ ଏହି ମୋପେଡ୍ କିଣିଥିବା କହିଛନ୍ତି। ବର୍ତ୍ତମାନ ଦୁହେଁ ଟ୍ରାଇ-ସାଇକେଲ ଛାଡ଼ି ମୋପେଡ୍‌ରେ ବୁଲି ବୁଲି ଭିକ ମାଗୁଛନ୍ତି। ମିନାଙ୍କୁ ଏବେ ଆଉ ଚାଲି ଚାଲି ଭିକ ମାଗିବାକୁ ପଡୁନାହିଁ। ତେବେ ସ୍ୱାମୀଙ୍କ ଉପହାରରେ ମିନା ଖୁବ୍ ଖୁସି ଥିବା କହିଛନ୍ତି ।

## ସ୍ୱର୍ଣ୍ଣ ପାନମ୍: ୨୪ କ୍ୟାରେଟ୍ ଏଡିବଲ୍ ଗୋଲ୍ଡ ଫ୍ଲେକ୍ ଚା'



**ଗୁଆହାଟୀ:** ତନ୍ଦୁରୀ, ମସଲା, ୟେଲୋ, ହର୍ବାଲ, ଆହୁରି ଅନେକ ଭେରାଇଟିର ଚା' ଆଜିକାଲି ବଜାରରେ ଉପଲବ୍ଧ। ଅନ୍ୟପଟେ ଦେଖିବାକୁ ଗଲେ ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କଠାରୁ ଆରମ୍ଭ କରି ବୃଦ୍ଧ ସମସ୍ତଙ୍କ କ୍ଷେତ୍ରରେ ଚା' ଗୋଟିଏ ଆବଶ୍ୟକତା ଭାବେ ଉଭା ହୋଇଛି। ତେବେ ଚା' ପ୍ରତି ଲୋକଙ୍କ ଏ ପ୍ରକାର ରୁଚିକୁ ଦୃଷ୍ଟିରେ ରଖି ଆସାମର ଜଣେ ଉଦ୍ୟୋଗୀ ୨୪ କ୍ୟାରେଟ୍ ଗୋଲ୍ଡ ଫ୍ଲେକ୍ ଚା' ତିଆରି କରିଛନ୍ତି। ଏହାର ନାମ ସ୍ୱର୍ଣ୍ଣ ପାନମ୍ ରଖାଯାଇଥିବାବେଳେ ଏହି ବିଶେଷ ପ୍ରକାର ଚାର ମୂଲ୍ୟ ରହିଛି ୨.୫ ଲକ୍ଷ। ଗୁଡ଼ ଓ କୋକୋଆ ଫ୍ଲେଭର୍ ଏହି ଚା'ରେ ରହିଛି। ଏହାର ବିଶେଷତ୍ୱ ହେଉଛି ଖାଦ୍ୟଭାବେ ଗ୍ରହଣ କରାଯାଇପାରୁଥିବା ଅସଲି ୨୪ କ୍ୟାରେଟ୍ ସୁନାରୁ ଏହା ପ୍ରସ୍ତୁତ। ଏହାପାଇଁ ଏକ ସ୍ୱତନ୍ତ୍ର ପ୍ରକାର ଟି ବ୍ଲେଣ୍ଡର୍ ରହିବା ସହ ଆସାମରେ ମିଳୁଥିବା ବ୍ଲାକ୍ ଟି, ମହୁ ସହ ବିଶେଷ ପ୍ରକାର ଚା' ପତ୍ର ଏଥିରେ ବ୍ୟବହାର କରାଯାଉଛି। ମେ ୨୧ରେ ପାଳିତ ଅନ୍ତର୍ଜାତୀୟ ଚା' ଦିବସ ଅବସରରେ ଏହି ସ୍ୱର୍ଣ୍ଣ ପାନମ ଲଞ୍ଚ କରାଯାଇଥିବାବେଳେ ଏହା ଭାରତରେ ପ୍ରସ୍ତୁତ ପ୍ରଥମ ଗୋଲ୍ଡ ଟି ଅଟେ। ଏକ ସ୍ୱତନ୍ତ୍ର ପ୍ରକାର ଡବାରେ ଗୋଲ୍ଡ ଟି'ର ସମସ୍ତ ସମଗ୍ରୀ ଉପଲବ୍ଧ। ୧୦୦ ଗ୍ରାମ୍ ବକ୍ସର ମୂଲ୍ୟ ୨୫ ହଜାର ଟଙ୍କା ରହିଛି।

**ମଙ୍କିପକ୍ସ ରୂପ ବଦଳାଇବା ପ୍ରମାଣ ନାହିଁ: ଡବ୍ଲ୍ୟୁଏଚ୍‌ଓ**

ମଙ୍କିପକ୍ସ ଏବେ ୧୨ରୁ ଅଧିକ ଦେଶକୁ ସଂକ୍ରମିତ ହୋଇଥିବାବେଳେ ଏହି ଭୂତାଣୁ ରୂପ ବଦଳାଇବାର କୌଣସି ପ୍ରମାଣ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପାଖରେ ନାହିଁ। ପଶ୍ଚିମ ଓ କେନ୍ଦ୍ରୀୟ ଆଫ୍ରିକାରେ ସଂକ୍ରମିତ ହେଉଥିବା ଏହି ଭୂତାଣୁରେ ପରିବର୍ତ୍ତନର ଲକ୍ଷଣ ଦେଖାଯାଇ ନ ଥିବା ଡବ୍ଲ୍ୟୁଏଚ୍‌ଓର ବରିଷ୍ଠ କାର୍ଯ୍ୟନିର୍ବାହୀ ରୋସାମୁଣ୍ଡ ଲେୱିସ୍ କହିଛନ୍ତି। ୟୁରୋପ ଓ ଉତ୍ତର ଆମେରିକୀୟ ଦେଶରେ ଶତାଧିକ ମଙ୍କିପକ୍ସରେ ଆକ୍ରାନ୍ତ ହେଲେଣି।

## ସଂକ୍ଷେପରେ

### ବଟି ମାଗି ୫ ଗିରଫ

କଟକ ସଦର,୨୩।୫(ଡି.ଏନ୍.ଏ.): ଜଣେ ଘରୋଇ କମ୍ପାନୀର କର୍ମଚାରୀଙ୍କୁ ଦାଦା ବାଟି ମାଗିବା ଅଭିଯୋଗରେ ୪୨ ମୌଜା ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବ୍ରହ୍ମପୁରଡିହ ଭୋଇ ସାହିର ପ୍ରମୋଦ ଭୋଇ(୩୩), ମୁକେଶ ଭୋଇ(୨୭), ସୁଶାନ୍ତ ଭୋଇ(୩୮), ଶ୍ରୀରାମ ଗ୍ରାମର ପିଣ୍ଟୁ ରାଉତ(୩୦) ଓ ସୁଧୀର ଆଚାର୍ଯ୍ୟ (୨୩)। ଏ ନେଇ ପୋଲିସ ଏକ ମାମଲା(ନଂ.୯୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଶ୍ରୀରାମ ଗ୍ରାମରେ ଥିବା ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା କଦମପଡ଼ା ଗ୍ରାମର କାଳନ୍ଦୀ ସ୍ୱାଇଁ ଥିଲେ। ରବିବାର ସନ୍ଧ୍ୟାରେ ଅଚାନକ ୬ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଦାଦାବଟି ମାଗିଥିଲେ। କିନ୍ତୁ କାଳନ୍ଦୀ ବିରୋଧ କରିବାରୁ ଦୁର୍ବୃତ୍ତମାନେ ଖଣ୍ଡା ଦେଖାଇ ଭୟଭୀତ କରି ଜବରଦସ୍ତ କ୍ୟାଶ କାଉଣ୍ଟରରୁ ଟଙ୍କା ନେଇ ପଳାଇଯାଇଥିଲେ। ଏ ନେଇ କର୍ମଚାରୀ କାଳନ୍ଦୀ କମ୍ପାନୀ ମାଲିକଙ୍କୁ ଜଣାଇବା ସହ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା।

### ଆପ୍‌ରେ ଠକେଇ: ଅଭିଯୁକ୍ତଙ୍କୁ ଚିଟ୍‌ଫଣ୍ଡ କୋର୍ଟରେ ହାଜର କଲା ଇଓଡବ୍ଲ୍ୟୁ

ବାଲେଶ୍ୱର ଅଫିସ, ୨୩।୫: ଅନଲାଇନ୍ ଆପ୍ ଜରିଆରେ ଅର୍ଥ ଠକେଇ ଅଭିଯୋଗରେ ଡିଜିଟାଲ ରିଭୋଲେସନ୍ ଟେକ୍ନୋଲୋଜି ଲିମିଟେଡର ମୁଖ୍ୟ ପ୍ରିନ୍ସ କୁମାରଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ସୋମବାର ବାଲେଶ୍ୱର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତରେ ହାଜର କରିଛି। ପ୍ରିନ୍ସଙ୍କ ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଧିକ ତଦନ୍ତ ନିମନ୍ତେ ଇଓଡ଼ବ୍ଲ୍ୟୁ ପୁଣି ରିମାଣ୍ଡରେ ନେବ ବୋଲି ସୂଚନା ମିଳିଛି। ବିହାର ମୁଜାଫରପୁର ଜିଲାର ପ୍ରିନ୍ସ କୁମାର ଅନଲାଇନ୍ ଜରିଆରେ ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ଆଇଡ଼ି ଖୋଲି ୧୫ହଜାର ଟଙ୍କା ଜମା କଲେ ଜମାକାରୀଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ଆପ୍ଲିକେଶନ ମାଧ୍ୟମରେ ମାସକୁ ୨୬୦୦ ଟଙ୍କା ଫେରିପାଇବା ଭଳି ଲୋଭ ଦେଖାଇଥିଲେ। ପ୍ରଥମେ କେତେକ ଜମାକାରୀଙ୍କୁ ପ୍ରିନ୍ସ ମାସିକ ଟଙ୍କା ଫେରାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଶହେରୁ ଊର୍ଦ୍ଧ୍ୱ ଜମାକାରୀଙ୍କ ଟଙ୍କାକୁ ପ୍ରିନ୍ସ ଠକି ନେଇଥିଲେ। ଏହିଭଳି ବାଲେଶ୍ୱର ଓ ମୟୂରଭଞ୍ଜରୁ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିଥିବା ବେଳେ ଓଡ଼ିଶାରୁ ପ୍ରାୟ ୫ରୁ ୬କୋଟି ଟଙ୍କା ଠକେଇ ହୋଇଥିବା ଆକଳନ କରାଯାଇଛି। ଟଙ୍କା ଫେରସ୍ତ ନ ପାଇବାରୁ ଜଣେ ଜମାକାରୀ ପ୍ରଶାନ୍ତ କୁମାର ମହାଲିକ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରିଥିଲେ। ଇଓଡ଼ବ୍ଲ୍ୟୁର ଡିଏସ୍‌ପି ଦେବେନ୍ଦ୍ର ନାରାୟଣ ଦାସ ଏହାର ତଦନ୍ତ କରି ଏକ ରିପୋର୍ଟ ଦାଖଲ କରିଥିଲେ। ଏନେଇ ଇଓଡ଼ବ୍ଲୁରେ ଏକ ମାମଲା (ନଂ.୫/୨୨) ରୁଜୁ ହୋଇଥିଲା। ଗତ ୧୮ତାରିଖରେ ବୃନ୍ଦାବନରୁ ପ୍ରିନ୍ସ କୁମାରଙ୍କୁ ଗିରଫ ପରେ ଇଓଡ଼ବ୍ଲ୍ୟୁ ଟ୍ରାନଜିଟ୍ ରିମାଣ୍ଡରେ ଆଣି ବାଲେଶ୍ୱର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତରେ ହାଜର କରିଥିଲା। ଏ ନେଇ ଇଓଡବ୍ଲ୍ୟୁ ଆଣ୍ଡ ଆଇଓ ଡିଏସ୍‌ପି ମନୋଜ ସାମନ୍ତ କହିଛନ୍ତି, ରାଜ୍ୟର କେଉଁ କେଉଁ ଜିଲାରେ ପ୍ରିନ୍ସଙ୍କ ସମ୍ପୃକ୍ତି ରହିଛି ସେନେଇ ତଦନ୍ତ ଜାରି ରହିଛି। ତଦନ୍ତ ପରେ ଅଧିକ ତଥ୍ୟ ସହ ଠକାମିର ଶିକାର ହୋଇଥିବା ଜମାକାରୀଙ୍କ ସମ୍ପର୍କରେ ଜଣାପଡ଼ିବ।

# ବରଗଛ ମୂଳେ ବ୍ୟାଙ୍କ ସେବା

## ଗ୍ରାମାଞ୍ଚଳରେ ନେଟ୍‌ୱର୍କ ସମସ୍ୟା

ପଟ୍ଟାଙ୍ଗୀ।୨୩।୫(ଡି.ଏନ.ଏ.)


ଗଛ ମୂଳେ ଚାଲିଥିବା ବ୍ୟାଙ୍କ ସେବା।

ବର୍ତ୍ତମାନ ଅନେକ ସରକାରୀ ଓ ବେସରକାରୀ କାର୍ଯ୍ୟ ଅନ୍‌ଲାଇନ ମାଧ୍ୟମରେ ହେଉଛି। ଟେଲି ନେଟୱାର୍କ ସୁବିଧା ଥିବା ଅଞ୍ଚଳରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେଉଛି। କିନ୍ତୁ ନେଟୱର୍କ ନ ଥିବା କିମ୍ବା ସମସ୍ୟା ଉପୁଜୁଥିବା ଅଞ୍ଚଳରେ ଲୋକଙ୍କୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ସୀମାନ୍ତ ଜିଲାଗୁଡ଼ିକର ଗ୍ରାମାଞ୍ଚଳରେ ଏହି ସମସ୍ୟା। ବ୍ୟାଙ୍କକୁ ଭତ୍ତା ଟଙ୍କା ନେବାକୁ ଆସି ହିତାଧିକାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର ଦେଓପଟ୍ଟାଙ୍ଗୀ ପଞ୍ଚାୟତ ଏହାର ଏକ ଉଦାହରଣ।

ଉକ୍ତ ପଞ୍ଚାୟତ ବ୍ଲକ ସଦର ମହକୁମାରୁ ୮ କିଲୋମିଟର ଦୂରରେ ରହିଛି। ପଞ୍ଚାୟତରେ ନେଟୱର୍କ ସୁବିଧା ନ ଥିବାରୁ ସମସ୍ତ ସରକାରୀ କାର୍ଯ୍ୟ ସମ୍ପାଦନ ବେଳେ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡୁଛି। ଜରୁରୀ କାର୍ଯ୍ୟ ସମୟରେ ପଞ୍ଚାୟତ କାର୍ଯ୍ୟ ସଲପଗୁଡା ତଥା କରଞ୍ଜାଗୁଡା ଛକରେ ଥିବା ବରଗଛ ମୂଳେ ହୋଇଥାଏ। ଏଠାରେ ଲୋକଙ୍କ ଭିଡ ଜମିଥାଏ। ଏବେ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ସଞ୍ଚୟ ଖାତାକୁ ଆସୁଛି। ଦେଓପଟ୍ଟାଙ୍ଗୀ ପଞ୍ଚାୟତରେ ନେଟୱର୍କ ସୁବିଧା ନ ଥିବାରୁ ପଞ୍ଚାୟତ ପାଇଁ ଏକ କିଓସ୍କି ବ୍ୟାଙ୍କ ସୁବିଧା କରାଯାଇଛି। ତେବେ ନେଟ୍‌ୱର୍କ ସମସ୍ୟା ହେତୁ ବ୍ୟାଙ୍କର କୌଣସି କାର୍ଯ୍ୟ ହୋଇପାରୁନାହିଁ। ଫଳରେ ପ୍ରତ୍ୟେକ ଦିନ ଏହି ବ୍ୟାଙ୍କର ଜଣେ ମହିଳା କର୍ମଚାରୀ ଉପରୋକ୍ତ ଛକରେ ଥିବା ବରଗଛ ତଳେ ନେଟୱର୍କ ଆସୁଥିବା ସ୍ଥାନରେ ବସି କାମ କରୁଥିବା ଦେଖିବାକୁ ମିଳୁଛି। ହିତାଧିକାରୀ ପହଞ୍ଚି ଭତ୍ତା ଟଙ୍କା ନେବା ସହ ନିଜ ସଞ୍ଚୟ ଖାତାରେ ଭତ୍ତା ଟଙ୍କା ସମ୍ପର୍କିତ ବିବରଣୀ ପାଇଁ ଭିଡ ଜମାଇଥାନ୍ତି। ଏପରି ସମସ୍ୟା ପଞ୍ଚାୟତରେ ଲାଗି ରହିଥିଲେ ମଧ୍ୟ ଏହାର ସମାଧାନ ଲାଗି ପ୍ରଶାସନିକ ସ୍ତରରେ କୌଣସି ଉଦ୍ୟମ ହେଉନାହିଁ। ଏ ସମ୍ପର୍କରେ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଜିଲାପାଳଙ୍କ ସହ ଆଲୋଚନା କରି ନେଟୱର୍କ ସମସ୍ୟା ସମାଧାନ କରିବି ବୋଲି ପ୍ରକାଶ କରିଛନ୍ତି। ଏନେଇ ସରପଞ୍ଚ ନରେନ୍ଦ୍ର ବଡନାୟକଙ୍କୁ ପଚାରିବାରୁ ସେ କହିଲେ ନିକଟରେ ପଞ୍ଚାୟତକୁ ଗସ୍ତରେ ଆସିଥିବା ଏମ୍‌ପି ସପ୍ତଗିରି ଉଲାକାଙ୍କୁ ଭେଟି ଏହି ନେଟୱର୍କ ସମସ୍ୟା ସମ୍ପର୍କରେ ଜଣାଇଛି। ଏଠାରେ ଏକ ଟାୱାର ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିବା ବଡନାୟକ କହିଛନ୍ତି।

# ଯୁଦ୍ଧ ଅପରାଧୀଙ୍କୁ ଆଜୀବନ ଜେଲ

କିଭ୍, ୨୩।୫


ଭାଦିମ୍ ଶିଶିମାରିନ

ୟୁକ୍ରେନ୍‌ରେ ନିରୀହ ଜନସାଧାରଣଙ୍କୁ ହତ୍ୟା ଭଳି ଯୁଦ୍ଧ ଅପରାଧ ଘଟାଇଥିବା ଜଣେ ୨୧ ବର୍ଷୀୟ ରୁଷୀୟ ସୈନ୍ୟ ଭାଦିମ୍ ଶିଶିମାରିନଙ୍କୁ କିଭ୍ କୋର୍ଟ ସୋମବାର ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଗତ ଫେବୃୟାରୀ ୨୪ରେ ପଡ଼ୋଶୀ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠୁ ଏହା ହେଉଛି କୌଣସି ରୁଷୀୟ ସୈନ୍ୟଙ୍କ ବିରୋଧରେ ପ୍ରଥମ ଦଣ୍ଡବିଧାନ। ୟୁକ୍ରେନ୍ ଜଜ୍ ସେର୍‌ହି ଆଗାଫୋନୋଭ୍ ରାୟ ଶୁଣାଇବାବେଳେ କହିଥିଲେ, ଫେବୃୟାରୀ ୨୮ରେ ଉଚ୍ଚ ଅଧିକାରୀଙ୍କଠାରୁ ନିର୍ଦ୍ଦେଶ ପାଇ ଭାଦିମ୍ ଉତ୍ତରପୂର୍ବ ୟୁକ୍ରେନ୍‌ର ଚୁପାଖିଭା ଗ୍ରାମରେ ଜଣେ ୬୨ ବର୍ଷୀୟ ନିରସ୍ତ୍ର ବୃଦ୍ଧଙ୍କ ମୁଣ୍ଡକୁ ଗୁଳି ଚଳାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ୧୯ ତାରିଖରେ କୋର୍ଟରେ ଶୁଣାଣିବେଳେ ଭାଦିମ୍ ନିଜ ଦୋଷ ସ୍ୱୀକାର କରିଥିଲେ। ଦଣ୍ଡବିଧାନବେଳେ ମୃତକଙ୍କ ସ୍ତ୍ରୀ ଉପସ୍ଥିତ ଥିଲେ। ଟ୍ରାଏଲ ବେଳେ ଭାଦିମ୍ ମୃତକଙ୍କ ସ୍ତ୍ରୀଙ୍କୁ କ୍ଷମା ମଧ୍ୟ ମାଗିଥିଲେ। ସେ ପ୍ରଥମେ ତାଙ୍କ ଉଚ୍ଚ ଅଧିକାରୀଙ୍କ କଥା ମାନି ନ ଥିଲେ। ହେଲେ ଏପରି କରିବାକୁ ତାଙ୍କୁ ପୁଣି ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ଭାଦିମ୍ କହିଥିଲେ। ରୁଷିଆ ୟୁକ୍ରେନ୍‌ରେ ଅଦ୍ୟାବଧି ୧୦ ହଜାରରୁ ଊର୍ଦ୍ଧ୍ୱ ଯୁଦ୍ଧ ଅପରାଧ ଘଟାଇଥିବା କିଭ୍ ପକ୍ଷରୁ ଚିହ୍ନଟ କରାଯାଇଛି। ରୁଷିଆ ଆକ୍ରମଣରେ ଅନ୍ୟୂନ ୩,୮୩୮ ଜଣଙ୍କ ଜୀବନ ଯାଇଥିବା ଜାତିସଂଘ ସ୍ପଷ୍ଟ କରିଛି। ବୁଚା ଗଣହତ୍ୟା ପରେ ରୁଷିଆ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି) ସଦସ୍ୟତା ହରାଇଛି।

ୱାର୍ କ୍ରାଇମ୍ ବା ଯୁଦ୍ଧ ଅପରାଧ ହେଉଛି ଯୁଦ୍ଧର ନିୟମ ଭଙ୍ଗ କରି ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ନିରସ୍ତ୍ର ନିରୀହ ନାଗରିକଙ୍କୁ ହତ୍ୟା କରିବା। ଯୁଦ୍ଧ ବନ୍ଦୀଙ୍କୁ ହତ୍ୟା କରିବା, ନିର୍ଯାତନା ଦେବା, ବନ୍ଧକ ରଖିବା ଏବଂ ଅନାବଶ୍ୟକ ଭାବେ ସାଧାରଣ ଜନତାଙ୍କ ସମ୍ପତ୍ତି ନଷ୍ଟ କରିବା ଏହି ଅପରାଧ ଅନ୍ତର୍ଭୁକ୍ତ। ଯୁଦ୍ଧ ସମୟରେ ଶତ୍ରୁପକ୍ଷ ରାଷ୍ଟ୍ରର ମହିଳାଙ୍କୁ ବଳାତ୍କାର କରିବା, ଶିଶୁଙ୍କୁ ମାରିବା, ଆତ୍ମସମର୍ପଣ ପରେ ମଧ୍ୟ ବଞ୍ଚିବା ସୁଯୋଗ ନ ଦେବା ଆଦି ଅଭିଯୋଗରେ ଧରାପଡ଼ିଥିବା ସୈନ୍ୟଙ୍କୁ ଯୁଦ୍ଧ ଅପରାଧୀ କୁହାଯାଏ। ସାର୍ବଭୌମ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଯୁଦ୍ଧ ଚାଲିଲେ ପ୍ରଚଳିତ ଅନ୍ତର୍ଜାତୀୟ ଆଇନକୁ ଉଲ୍ଲଂଘନ କରୁଥିବା ସୈନ୍ୟଙ୍କୁ ଏହି ଅପରାଧରେ ଦଣ୍ଡିତ କରାଯାଇଥାଏ।

# ଅଧିକାଂଶ ଔଷଧର ମୂଳ ଉତ୍ପତ୍ତି ଗଛରୁ ହୋଇଛି


ସମ୍ମାନିତ ୩ ଜଣ ବ୍ୟକ୍ତିତ୍ୱଙ୍କ ସହ ଅନ୍ୟମାନେ।

## ୩ଜଣଙ୍କୁ 'କୃତି ସମ୍ମାନ'

ଭୁବନେଶ୍ୱର, ୨୩।୫ (ବ୍ୟୁରୋ)

କୌଣସି ଦେଶର ସଂସ୍କୃତି ଆମ ଦେଶ ଭାରତ ପରି ନାହିଁ। ଏଠାକାର ପ୍ରତ୍ୟେକଟି ଗଛରେ ଔଷଧୀୟ ଗୁଣ ରହିଛି। ଆମେ ଖାଉଥିବା ଅଧିକାଂଶ ଔଷଧର ମୂଳ ଉତ୍ପତ୍ତି ଏଠାକାର ବିଭିନ୍ନ ଗଛରୁ ହିଁ ହୋଇଛି। ମ୍ୟାଲେରିଆ ଭଳି ରୋଗକୁ ଆୟୁର୍ବେଦ ବିଜ୍ଞାନ ଆୟତ୍ତ କରିପାରିଛି। ମଶା ଘଉଡାଇବା ପାଇଁ ଘରେ ଘରେ ବ୍ୟବହୃତ ହେଉଥିବା ବିଭିନ୍ନ ମଶାଧୂପରେ ଯେଉଁ ରସାୟନିକ ବ୍ୟବହାର ହେଉଛି ତାହାର ଉତ୍ପତ୍ତି ମଧ୍ୟ ଏକ ଗଛର ଫୁଲରୁ। ବହୁ ଗଛରୁ ଏଲୋପାଥି ଔଷଧ ପ୍ରସ୍ତୁତ କରାଯାଉଛି। ମାତ୍ର ଅଧିକାଂଶ ଲୋକ ଏ ସମ୍ପର୍କରେ ଅଜ୍ଞ ଅଛନ୍ତି ବୋଲି ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ କହିଛନ୍ତି। ମା' ଜାନକୀ ସ୍ୱାସ୍ଥ୍ୟ ମିଶନ ଓ ବିଶ୍ୱ ବିଭୂତି ଫାଉଣ୍ଡେଶନ ପକ୍ଷରୁ ସୋମବାର ଜୟ ଭାରତ ଭବନଠାରେ 'କୃତି ସମ୍ମାନ' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଆଇପିଏଚ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର କୁଳପତି ପ୍ରଫେସର ଦାଶ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।

ଏହି ଅବସରରେ ପ୍ରଫେସର ଦାଶଙ୍କ ସମେତ ୩ଜଣ ବ୍ୟକ୍ତିତ୍ୱଙ୍କୁ 'କୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଅନ୍ୟ ଦୁଇଜଣ ହେଲେ ବନ ବିଭାଗର ପୂର୍ବତନ ମହାନିର୍ଦ୍ଦେଶକ ସିଦ୍ଧାନ୍ତ ଦାଶ ଓ କେନ୍ଦ୍ରୀୟ ଆୟୁର୍ବେଦିକ ଅନୁସନ୍ଧାନ ପରିଷଦ ଆୟୁଷ ବିଭାଗର ମହାନିର୍ଦ୍ଦେଶକ ଡା. ରବି ନାରାୟଣ ଆଚାର୍ଯ୍ୟ। ସମ୍ମାନ ଗ୍ରହଣ କରିବା ପରେ ସିଦ୍ଧାନ୍ତ ଦାଶ କହିଲେ, ଜଳବାୟୁ ପରିବର୍ତ୍ତନ ଏବଂ ଉତ୍ତାପ ବୃଦ୍ଧି ବର୍ତ୍ତମାନ ସମୟର ଗମ୍ଭୀର ସମସ୍ୟା। ଜଳବାୟୁ ପରିବର୍ତ୍ତନ ପାଇଁ ଆମେମାନେ ହିଁ ଦାୟୀ । ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ ବୃଦ୍ଧି ପାଉଥିବାରୁ ତାପମାତ୍ରା ବୃଦ୍ଧି ପାଉଛି। ଫଳରେ ନୂଆ ନୂଆ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହାର ସମାଧାନ ପାଇଁ ଜଙ୍ଗଲ ସୁରକ୍ଷା ଦିଗରେ ଧ୍ୟାନ ଦେବାକୁ ପଡିବ। ଆମ ଜୀବନଶୈଳୀରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ପଡିବ ବୋଲି ସେ ପରାମର୍ଶ ଦେଇଥିଲେ। ସେହିପରି ଡା. ଆଚାର୍ଯ୍ୟ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ମିଶନ୍‌ର ନିର୍ଦ୍ଦେଶକ ଡ. ମଦନମୋହନ ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେଶନର ନିର୍ଦ୍ଦେଶକ କିଶୋର ଚନ୍ଦ୍ର ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିସ୍ମୟା ଆତ୍ମହତ୍ୟା ମାମଲା: ସ୍ୱାମୀ ଦୋଷୀସାବ୍ୟସ୍ତ

କୋଲାମ,୨୩।୫

ବହୁଚର୍ଚ୍ଚିତ ୨୪ ବର୍ଷୀୟା ଆୟୁର୍ବେଦ ମେଡିକାଲ ଛାତ୍ରୀ ବିସ୍ମୟା ଆତ୍ମହତ୍ୟା ମାମଲାରେ କେରଳର ଏକ ଅଦାଲତ ତାଙ୍କ ସ୍ୱାମୀ ଏସ୍. କିରନ କୁମାରଙ୍କୁ ଯୌତୁକ ହତ୍ୟା ଓ ଆତ୍ମହତ୍ୟା ପାଇଁ ବାଧ କରିବା ଅପରାଧରେ ଦୋଷୀସାବ୍ୟସ୍ତ କରିଛନ୍ତି। ଅତିରିକ୍ତ ଜିଲା ଓ ଦୌରା ଜଜ୍-୧ ସୁଜିଥ୍ କେ.ଏନ୍. ମଙ୍ଗଳବାର ଦଣ୍ଡ ଶୁଣାଣି କରିବେ। ବ୍ୟାଚେଲର ଅଫ୍ ଆୟୁର୍ବେଦିକ ମେଡିସିନ ଆଣ୍ଡ ସର୍ଜରୀ ଛାତ୍ରୀ ବିସ୍ମୟାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିବା ସେ ଅଭିଯୋଗ କରିଥିଲେ। ଗତବର୍ଷ ଜୁନ୍ ୨୧ରେ ରହସ୍ୟଜନକ ଭାବେ ସ୍ୱାମୀ ଘରେ ତାଙ୍କର ମୃତ୍ୟୁ ଘଟିଥିଲା। ୪ ମାସର ଶୁଣାଣି ପରେ ତାଙ୍କ ସ୍ୱାମୀଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିବାବେଳେ ସର୍ବାଧିକ ଦଣ୍ଡବିଧାନ ହୋଇପାରେ ବୋଲି ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଜି. ମୋହନରାଜ କହିଛନ୍ତି।


ବିସ୍ମୟା

# କୋଭିଡ୍‌ବେଳେ ପ୍ରତି ୩୦ ଘଣ୍ଟାରେ ବିଲିୟନେୟାର ହୋଇଛନ୍ତି ଜଣେ

ଡାଭୋସ୍, ୨୩।୫

## ଚଳିତ ବର୍ଷ ଅତି ଗରିବ ହେବେ ୨ କୋଟି ୬୩ ଲକ୍ଷ

କୋଭିଡ୍ ମହାମାରୀବେଳେ ପ୍ରତି ୩୦ ଘଣ୍ଟାରେ ଜଣେ ବିଲିୟନେୟାର ହୋଇଛନ୍ତି। ଅର୍ଥାତ ଏହି ସମୟରେ ୫୭୩ ଜଣ ଅରବପତି ପାଲଟିଛନ୍ତି। ଅପରପକ୍ଷେ ପ୍ରାୟ ୩୩ ଘଣ୍ଟାରେ ୧୦ ଲକ୍ଷ ଲୋକ ଅତି ଗରିବ ହେବାରେ ଲାଗିଥିବା ଡାଭୋସ୍‌ରେ ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲୁଇଏଫ୍) ସମ୍ମିଳନୀରେ ସୋମବାର ଅନ୍ତର୍ଜାତୀୟ ଦାତବ୍ୟ ସଂସ୍ଥା ଅକ୍ସଫାମ୍ ଏହାର ରିପୋର୍ଟରେ କହିଛି। ଏବେ ଧନୀଙ୍କଠାରୁ ଟିକସ ଆଦାୟ କରି ଗରିବଙ୍କୁ ସହାୟତା କରିବାର ସମୟ ବୋଲି ଅକ୍ସଫାମ ଆହ୍ୱାନ ଦେଇଛି। ଚଳିତ ବର୍ଷ ୨ କୋଟି ୬୩ ଲକ୍ଷ ଲୋକ ଅତି ଗରିବ ହେବାର ଆଶଙ୍କା ରହିଛି। କୋଭିଡ୍ ବିପତ୍ତି ଟଳି ନ ଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ଲୋକଙ୍କୁ ଗରିବ କରିବାରେ ଲାଗିଛି। ଏପରିସ୍ଥିତିରେ ବିଲିୟନେୟାରମାନେ ଡାଭୋସ୍ ମଞ୍ଚରେ ସେମାନଙ୍କ ଧନବୃଦ୍ଧି ପାଇଁ ସେଲିବ୍ରେଶନ କରିବାକୁ ଆସିଥିବା ଅକ୍ସଫାମ୍ କାର୍ଯ୍ୟକାରୀ ନିର୍ଦ୍ଦେଶକ ଗାବ୍ରିଏଲା ବୁଚେର କହିଛନ୍ତି।

ଗରିବଙ୍କ ସଂଖ୍ୟା ବୃଦ୍ଧିରେ ବ୍ରେକ୍ ଲଗାଇବା ପାଇଁ ଦଶନ୍ଧିଦଶନ୍ଧି ଧରି ଚାଲିଥିବା ଉଦ୍ୟମ ସତ୍ତ୍ୱେ ଅଧିକରୁ ଅଧିକ ଲୋକ ଗରିବ ହେବାରେ ଲାଗିଛନ୍ତି। ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ପାଣ୍ଠି ଯୋଗାଣ ଓ ଅନ୍ୟାନ୍ୟ ପଦକ୍ଷେପ ନିମନ୍ତେ ଅରବପତିଙ୍କଠାରୁ ଏକକାଳୀନ ଟିକସ ଆଦାୟ କରାଯାଉ ବୋଲି ବୁଚେର କହିଛନ୍ତି। ମିଲିୟନେୟାରଙ୍କଠାରୁ ବାର୍ଷିକ ୨% ଏବଂ ବିଲିୟନେୟାରଙ୍କଠାରୁ ୫% ଟିକସ ଆଦାୟ ହେଲେ ବର୍ଷକୁ ୨.୫୨ ଟ୍ରିଲିୟନ ଡଲାରର ପାଣ୍ଠି ସଂଗ୍ରହ ହୋଇପାରିବ। ଏହାଦ୍ୱାରା ୨୩୦ କୋଟି ଲୋକଙ୍କୁ ଗରିବ ସୀମାରେଖା ଉପରକୁ ଅଣାଯିବା ସହ ସେମାନଙ୍କ ନିମନ୍ତେ ଆବଶ୍ୟକ ଭାକ୍ସିନ ଏବଂ ଚିକିତ୍ସା ସେବା ଉପଲବ୍ଧ କରାଯାଇ ପାରିବ ବୋଲି ଅକ୍ସଫାମ୍ କହିଛି।

# କାତାରରେ ଭିକମାଗି ଚଳୁଛନ୍ତି ଓଡ଼ିଆ ଶ୍ରମିକ

## ଫେରାଇ ଆଣିବାକୁ ପରିବାରର ନିବେଦନ

ଛତ୍ରପୁର,୨୩।୫(ଡି.ଏନ.ଏ)


ବିଷ୍ଣୁପ୍ରସାଦ ଡାକୁଆ

ଆରବ ଦେଶର କାତାରରେ ଗଞ୍ଜାମ ଜିଲାର ଜଣେ ଶ୍ରମିକ ଭିକ ମାଗି ଚଳୁଛନ୍ତି। ତାଙ୍କୁ ଫେରାଇ ଆଣିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ପ୍ରଶାସନକୁ ପରିବାର ବର୍ଗ ନିବେଦନ କରିଛନ୍ତି।

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଶ୍ୟାମସୁନ୍ଦରପୁର ଗାଁର ଗଙ୍ଗାଧର ଡାକୁଆଙ୍କ ସାନପୁଅ ବିଷ୍ଣୁ ପ୍ରସାଦ କାମ କରିବାକୁ କାତାର ଯାଇଥିଲେ। ବର୍ଷେ ପାଇଁ ଭିଜା ନେଇଥିଲେ। ସେଠାରେ ଏକ କମ୍ପାନୀରେ କାମ କଲେ। ପ୍ରଥମ ୩ ମାସ କାମ ଠିକ୍ ଚାଲିଥିଲା। କମ୍ପାନୀ ଆଉ କାମ ଦେଲାନି କି ଟଙ୍କା ଦେଲାନି। ୬ ମାସ ପରେ କମ୍ପାନୀ ପାଖରେ ରଖିଥିବା ପାର୍ସପୋର୍ଟକୁ ବିଷ୍ଣୁପ୍ରସାଦଙ୍କୁ ଫେରାଇ ଦେବା ସହ ନିଜ ଖର୍ଚ୍ଚରେ ଭାରତ ଫେରିଯିବାକୁ କହିଥିଲା। ପାଖରେ ଟଙ୍କା ନ ଥିବାରୁ ବିଷ୍ଣୁପ୍ରସାଦ ଫ୍ଲାଇଟ୍ ଟିକେଟ୍ କରିପାରି ନ ଥିଲେ। ସେପଟେ ଭିଜା ଅବଧି ସରିଯାଇଥିଲା। ତେଣୁ ସେ ରହୁଥିବା କ୍ୟାମ୍ପରୁ ବାହାରକୁ ଆସିଥିବା ବେଳେ ପୋଲିସ ଗିରଫ କରିଥିଲା। ୨ ମାସ ଜେଲରେ ରହିବା ପରେ ବିଷ୍ଣୁପ୍ରସାଦ ରୁମ୍ ନିକଟକୁ ଆସିବାରେ କମ୍ପାନୀ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଥିବା ଓ ଉକ୍ତ ରୁମକୁ ଅନ୍ୟ ଏକ କମ୍ପାନୀ ନେଇଯାଇଥିବା ଜାଣିଥିଲେ। ସେଠାରୁ ନିଜ ସୁଟକେଶ୍, ମୋବାଇଲ ଫୋନ, ଭିଜା ଓ ପୋଷାକ କିଛି ନପାଇ ଫେରିଥିଲେ। ପାଖରେ କାମ କି କି ଟଙ୍କା ନ ଥିବାରୁ ବିଷ୍ଣୁପ୍ରସାଦ ଏବେ ଭିକ ମାଗି ଚଳୁଥିବା ତାଙ୍କ ବଡ଼ଭାଇ ମାନସ ଡାକୁଆ କୋହଭାରା କଣ୍ଠରେ କହିଛନ୍ତି। ମାନସଙ୍କର ୨ ଥର ଅପରେଶନ ହୋଇଥିଲା। ଏଥିରେ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଘରର ଆର୍ଥିକ ଅବସ୍ଥା ଖରାପ ଥିବାରୁ ସାନଭାଇକୁ କାତାରକୁ କାମ କରିବାକୁ ପଠାଇଥିଲୁ ବୋଲି ମାନସ କହିଛନ୍ତି। ମା' କୁନି ଡାକୁଆ କହିଛନ୍ତି ପୁଅ କିଛି ରୋଜଗାର କଲେ ବାକି ଶୁଝିବ ବୋଲି ଆଶା କରିଥିଲୁ। ସେ ଏବେ ଦୁଃଖରେ ଅଛନ୍ତି, ତାଙ୍କୁ ଫେରାଇ ଆଣିବାକୁ ମା' ଭାଇ ଅନ୍ୟମାନେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ପରିବାର ପକ୍ଷରୁ ପୂର୍ବରୁ ଥରେ ଏ ନେଇ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ଏସମ୍ପର୍କରେ ଲିଖିତ ଭାବେ ପରିବାରବର୍ଗ ଅନୁରୋଧ କରିଥିଲେ। ସୋମବାର ପୁଣି ଛତ୍ରପୁର ଆସି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍‌ଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି।

# ଗ୍ରାହକ ସାଜି ୨ ହାତୀ ଦାନ୍ତ ଜବତ କଲେ ଡେପୁଟି ରେଞ୍ଜର

## ଜବତ ହାତୀ ଦାନ୍ତର ମୂଲ୍ୟ ୭ଲକ୍ଷ

ଗୁଡାରୀ, ୨୩।୫(ଡି.ଏନ୍.ଏ.)


ଜବତ ହାତୀ ଦାନ୍ତ।

ରାୟଗଡ଼ା ଜିଲା ଗୁଡ଼ାରୀ ବନାଞ୍ଚଳ ରେଞ୍ଜ ପଦ୍ମପୁର ତହସିଲ ଅଧୀନ ହସ୍ତିନାପୁର ନିକଟ ଏକ କାଜୁ ତୋଟାରୁ ସୋମବାର ୨ଟି ହାତୀ ଦାନ୍ତ ବନ ବିଭାଗ ଜବତ କରିଛି। ଗୁଡାରୀ ଡ଼େପୁଟି ରେଞ୍ଜର ଗଙ୍ଗାଧର ମିଶ୍ର ଗ୍ରାହକ ବେଶରେ ଯାଇ ବିକ୍ରି ନିମନ୍ତେ ରଖାଯାଇଥିବା ହାତୀ ଦାନ୍ତ ଜବତ କରିଛନ୍ତି। ଏଥିସହ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ କିନ୍ଦ୍ରାଗୁଡା ଗ୍ରାମର ଯାକବ ମାଝି ଓ ଗୁଡାରୀ ଥାନା ଡେରିଙ୍ଗା ଗ୍ରାମର ପଦ୍ମନ କାଡ୍ରାକା। ଜବତ ଗୋଟିଏ ହାତୀ ଦାନ୍ତର ଓଜନ ୩ କେଜି ୭୦ ଗ୍ରାମ ଓ ଅନ୍ୟଟିର ୩ କେଜି ୩୧୦ ଗ୍ରାମ ବୋଲି ଜଣାପଡିଛି। ଯାହାର ଅନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଡ଼େପୁଟି ରେଞ୍ଜର ଗଙ୍ଗାଧର ମିଶ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଫରେଷ୍ଟର ନରେନ୍ଦ୍ର ଗମାଙ୍ଗ, ଚନ୍ଦ୍ରଶେଖର ସାହୁ, ସୀମାଞ୍ଚଳ ପଟ୍ଟନାୟକ, ଫରେଷ୍ଟ ଗାର୍ଡ ପ୍ରଭାତ ବେହେରା, କାମଦେବ ବେହେରା, ପାରାଷ୍ଟାଫ ତପସ୍ୱିନୀ କର, ବିପ୍ର ଜାଗରଙ୍ଗା ଏବଂ ଅନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ଜମି ବିବାଦ, ପୁରୁଣା ଶତ୍ରୁତାରୁ ହତ୍ୟା

ବଲାଙ୍ଗୀର ଅଫିସ,୨୩।୫


ଗିରଫ ଅଭିଯୁକ୍ତ ଚିତ୍ତରଞ୍ଜନ ମହାନ୍ତି।

## ଗାଡ଼ି ଚଢ଼ାଇ ହତ୍ୟା ମାମଲା

- ଅଭିଯୁକ୍ତ ଚିତ୍ତରଞ୍ଜନ ଗିରଫ
- ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ

ବଲାଙ୍ଗୀର ଆର୍‌ଟିଓ ଛକରେ ଗାଡ଼ି ଚଢ଼ାଇ ହତ୍ୟା ମାମଲାରେ ପୋଲିସ ଅଭିଯୁକ୍ତ ଚିତ୍ତରଞ୍ଜନ ମହାନ୍ତିଙ୍କୁ ସୋମବାର ଗିରଫ କରିଛି। ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ତାଙ୍କୁ ହାଜର କରାଯିବା ପରେ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏସ୍‌ପି ନୀତିନ କୁଶଲକର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଆର୍‌ଟିଓ ଛକରେ ଶନିବାର ପୂର୍ବାହ୍ନରେ ସଂଘଟିତ ସିରିଜ୍ ଦୁର୍ଘଟଣା ଏକ ଯୋଜନାବଦ୍ଧ ଓ ସୁପରିକଳ୍ପିତ ହତ୍ୟା ଷଡ଼ଯନ୍ତ୍ର ଥିଲା। ଏହି ଷଡ଼ଯନ୍ତ୍ରର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଚିତ୍ତରଞ୍ଜନ ମହାନ୍ତି(୫୧)। ଘଟଣା ଦିନ ମିନିଟ୍ରକ୍‌ରେ ତାଙ୍କ ସହ ଅନ୍ୟ ଜଣେ ମଧ୍ୟ ଥିଲେ। ଦୁର୍ଘଟଣା ପରେ ସହଅଭିଯୁକ୍ତ ଜଣକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ତାଙ୍କୁ ଗିରଫ ପାଇଁ ପୋଲିସ ପକ୍ଷରୁ ଉଦ୍ୟମ କରାଯାଉଛି। ଚିତ୍ତରଞ୍ଜନଙ୍କ ଟାର୍ଗେଟ୍‌ରେ ସାନୁ ନାୟକ ଥିଲେ। ତେବେ ସେ ବଞ୍ଚି ଯାଇଥିବାବେଳେ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଥିଲା। ଜମି ବିବାଦ ଏବଂ ପୁରୁଣା ଶତ୍ରୁତାକୁ ନେଇ ଚିତ୍ତରଞ୍ଜନ ହତ୍ୟା ଯୋଜନା କରିଥିବା ସେ ସୂଚନା ଦେଇଥିଲେ।

ଏସ୍‌ପି କୁଶଲକର ଆହୁରି କହିଥିଲେ, ଚିତ୍ତରଞ୍ଜନ ଏବଂ ସାନୁଙ୍କ ମଧ୍ୟରେ ଜମି ବିବାଦ ଏବଂ ପୁରୁଣା ଶତ୍ରୁତା ଲାଗି ରହିଥିଲା। ଏଥିଲାଗି ସାନୁଙ୍କୁ ରାସ୍ତାରୁ ହଟାଇବା ପାଇଁ ଚିତ୍ତରଞ୍ଜନ ଯୋଜନା ପ୍ରସ୍ତୁତ କରିଥିଲେ। ମିନିଟ୍ରକ୍ ଚଢ଼ାଇ ସାନୁଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟ ରଖି ଏଭଳି ଯୋଜନା ପ୍ରସ୍ତୁତ କରିଥିଲେ, ପୂର୍ବ ଯୋଜନା ଅନୁଯାୟୀ ଗତ ଶନିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ସ୍ଥାନୀୟ ଆର୍‌ଟିଓ ଛକ ନିକଟରେ ଏକ ମିନିଟ୍ରକ୍ ପ୍ରଥମେ ଗୋଟିଏ ବାଇକ୍ ଏବଂ ଅନ୍ୟ ଗାଡ଼ିକୁ ଧକ୍କା ଦେଇଥିଲା। ମିନିଟ୍ରକ୍ ଯେଉଁ ବାଇକ୍‌କୁ ଧକ୍କା ଦେଇଥିଲା ସେଥିରେ ବସିଥିବା ଶ୍ରୀକାନ୍ତ ବାଗ(୩୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ଓ ଟାର୍ଗେଟରେ ଥିବା ସାନୁ (୩୪) ଗୁରୁତର ଆହତ ହୋଇଥିଲେ। ପୋଲିସର ପ୍ରାଥମିକ ତଦନ୍ତ ଏବଂ ସିସିଟିଭି ଫୁଟେଜ୍ ଆଧାରରେ ମିନିଟ୍ରକ୍ ଜାଣିଶୁଣି ବାଇକ୍‌କୁ ଧକ୍କା ଦେଇଥିବା ଏସ୍‌ପି କହିଛନ୍ତି। ଉକ୍ତ ମିନିଟ୍ରକ୍‌ରେ ଅଭିଯୁକ୍ତ ଚିତ୍ତରଞ୍ଜନ ଏବଂ ତାଙ୍କର ଜଣେ ସହଯୋଗୀ ରହିଥିଲେ। ମିନିଟ୍ରକ୍ ଧକ୍କା ଦେବା ପରେ ସହଅଭିଯୁକ୍ତ ଫେରାର ହୋଇଯାଇଥିଲେ ଏବଂ ଚିତ୍ତରଞ୍ଜନ ଗୁରୁତର ଆହତ ହୋଇଥିଲେ। ଏଥିରେ ତାଙ୍କ ବାମଗୋଡ଼ ଭାଙ୍ଗିଯାଇଥିବାବେଳେ ମୁଣ୍ଡ ଏବଂ ହାତରେ ଆଘାତ ଲାଗିଛି। ଘଟଣା ଦିନ ସେଠାରୁ ଆହତ ଚିତ୍ତରଞ୍ଜନଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ସେ ବିଶାଖାପାଟଣା ଯିବାବେଳେ ଶନିବାର ରାତିରେ ଥେରୁବାଲିଠାରେ ପୋଲିସ ତାଙ୍କୁ ଅଟକ ରଖି ବଲାଙ୍ଗୀର ଫେରାଇ ଆଣିଥିଲା। ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ସାନୁଙ୍କ ବଡ଼ଭାଇ ଭୁବନ ନାୟକଙ୍କ ମଧ୍ୟ ଅନୁରୂପ ଦୁର୍ଘଟଣା ଘଟିଥିଲା। ସେ ମଧ୍ୟ ଗୁରୁତର ଆହତ ହୋଇଥିଲେ। ସେ ଏବେ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ମନେ ପଡ଼ନ୍ତି
ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱ.ସୁଧୀର କୁମାର ବେରା
ଠିକଣା: ସତସିଂହ, ବଣିଆପାଟ, ପୋ/ଜିଲ୍ଲା: କେଉଁଝର-୭୫୮୦୦୧, ଓଡ଼ିଶା
ଆବିର୍ଭାବ: ୦୩।୦୪।୧୯୪୬
ତିରୋଧାନ: ୨୪।୦୫।୨୦୨୧
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ ପରିବାର:-
ଗୀଟୁନ୍, ଅମିତା, ନିଶୀଥ ଓ ସୁଷମା।
ଧ-୫୪୭

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୪ ମେ, ୨୦୨୨



ଇଏ ବି ଜଣେ ନାରୀ /

# ନୃତ୍ୟାଙ୍ଗନା ଜ୍ୟୋତିର୍ମୟୀ



ସେଇ ବେଶ, ସେଇ ଛନ୍ଦ, ସେଇ ଠାଣି ଆଉ ସେଇ ଚାହାଣି ପ୍ରତି ତାଙ୍କର ଥିଲା ଭିନ୍ନ ଏକ ଆକର୍ଷଣ। ସେଥିପାଇଁ ତ ସେ ଛୋଟବେଳରୁ ଓଡ଼ିଶୀନୃତ୍ୟ ଶିଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ନିଜର ଦୃଢ଼ ଇଚ୍ଛାକୁ ସଫଳକରି ଆଜି ସେ ପାଲଟିଛନ୍ତି ଜଣେ ସଫଳ ନୃତ୍ୟାଙ୍ଗନା। ଓଡ଼ିଶୀନୃତ୍ୟରେ କ୍ୟାରିୟର କରି ଢେର୍ ଆଗକୁ ଯିବାର ସ୍ୱପ୍ନ ଦେଖୁଥିବା ଏହି ବ୍ୟକ୍ତିତ୍ୱ ଜଣକ ହେଉଛନ୍ତି ଜ୍ୟୋତିର୍ମୟୀ ଦାସ। ବାପା ଯୋଗେନ୍ଦ୍ର ଦାସ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଓ ମାଆ ସଂଯୁକ୍ତା ଜଣେ ଗୃହିଣୀ। କିନ୍ତୁ ସେ ଏବେ ତାଙ୍କ ସ୍ୱାମୀ ସୂର୍ଯ୍ୟକାନ୍ତ ସ୍ୱାଇଁ ଏବଂ ଶାଶୁ ଶ୍ୱଶୁରଙ୍କ ସହ ରହୁଛନ୍ତି ଭୁବନେଶ୍ୱରର ରସୁଲଗଡ଼ରେ। ଓଡ଼ିଶୀନୃତ୍ୟରେ ମଧ୍ୟ ପିଜି କରିଛନ୍ତି। ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ନୃତ୍ୟ ପରିବେଷଣ କରି ଏବେ ସେ ଢେର୍ ସଫଳତା ହାସଲ କରିଛନ୍ତି ସତ, କିନ୍ତୁ ଏବେ ବି ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀରଙ୍କଠାରୁ ନୃତ୍ୟ ଶିକ୍ଷା ଜାରି ରଖିଛନ୍ତି। ଜ୍ୟୋତିର୍ମୟୀଙ୍କ ମତରେ, ''ନୃତ୍ୟ ଶିକ୍ଷାର ଶେଷ ନାହିଁ। ଗୋଟିଏ ପଟେ ସେ ନୃତ୍ୟ ଅଭ୍ୟାସ ଶିକ୍ଷା କରୁଥିବାବେଳେ ଅନ୍ୟପଟେ କୁନି କୁନି ପିଲାଙ୍କୁ ନୃତ୍ୟକଳାର ଶିକ୍ଷା ବି ଦେଉଛନ୍ତି।'' ନୃତ୍ୟ କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ୱୀକୃତି ସ୍ୱରୂପ ତାଙ୍କୁ ମିଳିଛି ଅନେକ ପୁରସ୍କାର। ଓଡ଼ିଶୀ ଶ୍ରୀ, ଓଡ଼ିଶୀ ଜ୍ୟୋତି ପୁରସ୍କାର ସହ ଜାତୀୟ ସ୍ତରର ଗୋପୀକ୍ରିଷ୍ଣ ପୁରସ୍କାର ଏବଂ ଆଦିଗୁରୁ ପଙ୍କଜ ଚରଣ ଦାସ ପୁରସ୍କାର ହାସଲ କରିପାରିଛନ୍ତି ସେ। ଅନ୍ୟପକ୍ଷରେ ସେ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ ନ୍ୟାଶନାଲ ସିନିୟର ସ୍କଲାରଶିପ୍ ମଧ୍ୟ ପାଉଛନ୍ତି। ଓଡ଼ିଶୀନୃତ୍ୟକୁ କ୍ୟାରିୟରକରି ସଫଳ ହୋଇଥିବା ଜ୍ୟୋତିଙ୍କର ପ୍ରାରମ୍ଭିକ ଶିକ୍ଷା ସମୟ କିନ୍ତୁ ବେଶ୍ ସଂଘର୍ଷମୟ ଥିଲା। ମାତ୍ର ୫ ବର୍ଷ ବୟସରୁ ସେ ନାଚ ଶିଖିଥିଲେ। କିନ୍ତୁ ବିଭିନ୍ନ ସ୍ଥାନରେ ସେ ଓଡ଼ିଶୀନୃତ୍ୟ ପରିବେଷଣ ଦେଖିବା ସମୟରେ ନୃତ୍ୟାଙ୍ଗନାମାନଙ୍କର ସୁନ୍ଦର ବେଶ ପରିପାଟୀ, ସେମାନଙ୍କର ଛନ୍ଦ ଆଉ ଠାଣିରେ ଯେମିତି ଆକୃଷ୍ଟ ହୋଇ ପଡୁଥିଲେ। ତେଣୁ ଘରେ ଜିଦ୍‌କରି ସେ ଓଡ଼ିଶୀ ଶିଖିଥିଲେ। ପ୍ରଥମେ ସେ ତାଙ୍କ ଗୁରୁ ଦୁର୍ଗାଚରଣ ରଣବୀରଙ୍କର ଜଣେ ଛାତ୍ରଙ୍କ ପାଖରୁ ଶିକ୍ଷା ଆରମ୍ଭ କରିଥିଲେ। ନାଚ ଶିଖିବାର ପ୍ରାୟ ୫ ବର୍ଷ ପରେ ଗୁରୁ ତାଙ୍କୁ ନିଜ ପାଖରେ ନୃତ୍ୟ କଳା ଶିକ୍ଷା ଦେବା ନିମନ୍ତେ ଡାକିଥିଲେ। ତା' ପରଠାରୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ନୃତ୍ୟ ପରିବେଷଣ କରିବା ନିମନ୍ତେ ସୁଯୋଗ ମିଳିଲା। ଖୁବ୍ ଶୀଘ୍ର ସେ ଏହି କ୍ଷେତ୍ରରେ ସଫଳତା ବି ହାସଲ କରିପାରିଛନ୍ତି। ଭବିଷ୍ୟତରେ ଏକ ନୃତ୍ୟ ତାଲିମ ଅନୁଷ୍ଠାନ ଗଢ଼ି ସେଥିରେ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାଙ୍କୁ ମାଗଣା କିମ୍ବା କମ୍ ମୂଲ୍ୟରେ ଶିକ୍ଷା ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି।

ସୌନ୍ଦର୍ଯ୍ୟ

# ଦୂରାନ୍ତୁ ଆଖି ତଳ କଳାଦାଗ







ଆଖି ତଳର କଳାଦାଗ ଦୂର କରିବା ପାଇଁ ବିଭିନ୍ନ ପ୍ରକାର କ୍ରିମ୍ ରହିଛି। ଏହା ସହ ବ୍ୟୁଟି ପାର୍ଲରରେ ବି ବିଭିନ୍ନ ପ୍ରକାର ଉପଚାର କରିହୁଏ। ତେବେ ଏହି ସମସ୍ୟାରୁ ମୁକ୍ତି ପାଇଁ ଘରୋଇ ଉପାୟରେ ଫେସ୍ ପ୍ୟାକ୍ ତିଆରିକରି ଲଗାଇପାରିବେ...

- ଏକ ପାତ୍ରରେ ୪ ବଡ଼ ଚାମଚ କଞ୍ଚାକ୍ଷୀର ଓ ୨ ବଡ଼ ଚାମଚ ବେକିଂ ସୋଡ଼ା ମିଶାନ୍ତୁ। ଏହି ମିଶ୍ରଣକୁ ଭଲଭାବେ ଗାଢ଼ କରି ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ, ଯେପରି ତାକୁ ଆଖି ତଳେ ଲଗାଇହେବ।
- ଏହି ଘରୋଇ ମିଶ୍ରଣକୁ ଆଖି ତଳେ ଲଗାଇବା ପୂର୍ବରୁ ପ୍ରଥମେ କ୍ଲିଞ୍ଜିଂ ମିଲ୍କରେ ଭଲଭାବେ ସଫା କରନ୍ତୁ।
- ଆଖିର ତଳ ପଟରେ ହିଁ ମିଶ୍ରଣକୁ ଲଗାନ୍ତୁ। ମିଶ୍ରଣକୁ ସାବଧାନତାର ସହ ଲଗାନ୍ତୁ ଯେପରି ତାହା ଆଖି ଭିତରକୁ ନ ଯିବ।
- ଆଖି ତଳେ ମିଶ୍ରଣକୁ ଲଗାଇବା ପରେ କିଛି ସମୟ ଆଖି ବନ୍ଦ କରି ଆରାମରେ ଶୋଇପଡ଼ନ୍ତୁ।
- କ୍ଷୀର ଏବଂ ବେକିଂ ସୋଡ଼ାର ଏହି ମିଶ୍ରଣକୁ ଆଖି ତଳେ ଅତି କମ୍‌ରେ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହାପରେ ପାଣିରେ ଧୋଇଦିଅନ୍ତୁ।
- ସପ୍ତାହକୁ ଅତିକମ୍‌ରେ ୨ ଥର ଏହି ମିଶ୍ରଣକୁ ଲଗାନ୍ତୁ। କିଛିଦିନ ପରେ କଳାଦାଗ କମ୍ ହେଉଥିବା ଆପଣ ଅନୁଭବ କରିପାରିବେ।

# ସମର୍ପଣର ପର୍ବ



ସେବା ଓ ସତୀତ୍ୱ ବଳରେ ସ୍ତ୍ରୀଟିଏ ତା' ସ୍ୱାମୀଙ୍କୁ ମୃତ୍ୟୁମୁଖରୁ ଫେରାଇ ଆଣିବାର କଥା ଆମେ ଶୁଣିଛେ ପୁରାଣରୁ। ଏହାକୁ ଆଧାରକରି ଆଜି ବି ନାରୀମାନେ ସ୍ୱାମୀଙ୍କର ମଙ୍ଗଳ ମନାସି ପାଳନ କରିଥାନ୍ତି ସାବିତ୍ରୀ ବ୍ରତ। ୨ବର୍ଷ ପରେ କରୋନା ପାଇଁ ରହିଥିବା ଲକ୍‌ଡାଉନ କଟକଣା ଏଥର ନ ଥିବାରୁ ସାବିତ୍ରୀ ବ୍ରତ ପାଇଁ ବେଶ୍ ଚଳଚଞ୍ଚଳ ସମସ୍ତେ।

**ବହୁଆଗରୁ ପ୍ରସ୍ତୁତି:** ଓଡ଼ିଆ ଘରେ ପ୍ରତ୍ୟେକ ସଧବା ନାରୀ ସାବିତ୍ରୀ ବ୍ରତ କରିଥାନ୍ତି। ବିଧି ମୁତାବକ ପୂଜାର୍ଚ୍ଚନା କରି ନିଜ ସ୍ୱାମୀଙ୍କ ପ୍ରତି ସମର୍ପଣ ଭାବକୁ ଦର୍ଶାଇଥାନ୍ତି। ହେଲେ ସମୟ ଅନୁସାରେ ଏବେ ଏହି ବ୍ରତକୁ ସମସ୍ତେ ଆଡ଼ମ୍ବରରେ ପାଳନ କରିବାକୁ ପସନ୍ଦ କରୁଛନ୍ତି। ସେଥିପାଇଁ ବହୁଆଗରୁ ପ୍ରସ୍ତୁତି କରିବାକୁ ହେଉଛି। କ'ଣ ପିନ୍ଧିବେ, କ'ଣ ଖାଇବେ, କୋଉ ମନ୍ଦିରକୁ ଯିବେ ଏସବୁ ପାଇଁ ପୂର୍ବରୁ ହିଁ ସବୁ ଯୋଜନା ତିଆରି ବି କରିଥାନ୍ତି।

**ଶାଢ଼ିର ଆକର୍ଷଣ:** ଯେହେତୁ ସାବିତ୍ରୀ ବ୍ରତ ନିମନ୍ତେ ନୂଆ ଶାଢ଼ି ପୂଜା ହେବା ପରମ୍ପରା ରହିଛି ସେଥିପାଇଁ ସମସ୍ତେ ନିଶ୍ଚିତଭାବେ ଶାଢ଼ି କିଣିଥାନ୍ତି। ତେବେ ନିଜ ନିଜ ବଜେଟ ଅନୁସାରେ ନାରୀମାନେ ଶାଢ଼ି କିଣିବା ପାଇଁ ଅର୍ଥ ଖର୍ଚ୍ଚ କରିଥାନ୍ତି। ବେଳେବେଳେ ଏହି ପରମ୍ପରା ଦାବି କରିବା ଭଳି ରୂପ ନେଇଥାଏ ଯାହା ଆଦୌ ଠିକ୍ ନୁହେଁ। ତେଣୁ ବ୍ରତର ମୁଖ୍ୟ ଭାବକୁ ମନେ ରଖି ବ୍ରତ ପାଳନ କରିବା ଫଳରେ ଘରେ ଏକ ସୁନ୍ଦର ବାତାବରଣ ସୃଷ୍ଟି ହୋଇଥାଏ।

**ବଜେଟ ବୋଝ:** ସାବିତ୍ରୀ ସମୟରେ ଗୃହିଣୀମାନଙ୍କ ପାଇଁ ସବୁ କିଛି କିଣାକିଣି କରିବାକୁ ପଡ଼ିଥାଏ। ଶାଢ଼ି, ଚୁଡ଼ି ତଥା ବିଭିନ୍ନ ପ୍ରକାର ଫଳମୂଳ ଓ ପୂଜାସାମଗ୍ରୀ ସବୁ କିଣିବା ପାଇଁ ଏକରକମ ବାଧ ହୋଇଥାନ୍ତି ଗୃହକର୍ତ୍ତା। ଖାଲି ସେତିକି ନୁହେଁ, ବିବାହିତ ଝିଅମାନଙ୍କ ଘରକୁ ସାବିତ୍ରୀ ବ୍ରତ ସମୟରେ ଶାଢ଼ି ସହ ଫଳମୂଳ ଆଦି ବିଭିନ୍ନ ପୂଜା ସାମଗ୍ରୀ ଓ ଭାର ଦେବାର ମଧ୍ୟ ପରମ୍ପରା ରହିଛି। ଆଉ ନବ ବିବାହିତ ହୋଇଥିଲେ ସାବିତ୍ରୀ ସମୟରେ ଅଧିକ ଭାର ବେଭାର ବି ଦେବାକୁ ପଡ଼େ। ତେଣୁ ସାବିତ୍ରୀ ସମୟରେ ଘରର ବଜେଟ ଉପରେ ନିଶ୍ଚିତଭାବେ ପ୍ରଭାବ ପଡ଼ିଥାଏ। କେବଳ ଘରେ ନୁହେଁ, ମାର୍କେଟ ଉପରେ ମଧ୍ୟ ସାବିତ୍ରୀର ପ୍ରଭାବ ଦେଖିବାକୁ ମିଳିଥାଏ। ବିଭିନ୍ନ ଶାଢ଼ି ଦୋକାନରେ ସାବିତ୍ରୀ ଉପଲକ୍ଷେ ସମସ୍ତଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ରିହାତି ଘୋଷଣା କରାଯାଇଥାଏ। ଫଳରେ ମହିଳାମାନେ ଅଧିକ ସପିଂ କରିବା ପାଇଁ ଇଚ୍ଛା କରିଥାନ୍ତି। ଅନ୍ୟପଟେ ବିଭିନ୍ନ ପ୍ରକାର ଫଳ ତଥା ପୂଜା ସାମଗ୍ରୀର ମୂଲ୍ୟ ମଧ୍ୟ ଏହି ସମୟରେ ବହୁତ ବଢ଼ି ଯାଇଥାଏ।

ଏଥର ଆଉ ନାହିଁ ଲକ୍‌ଡାଉନ କଟକଣା। ମନ୍ଦିର ସାଙ୍ଗକୁ ଦୋକାନ ବଜାର ବି ଖୋଲା। ତେଣୁ ବିଧି ମୁତାବକ ସାବିତ୍ରୀ ପାଳନ କରିବା ପାଇଁ ବେଶ୍ ଉତ୍ସାହିତ ନାରୀମାନେ...




କବିତା


ରୋଜାଲିନ୍


କସ୍ତୁରୀ


ସ୍ୱର୍ଣ୍ଣଲତା

## ଏମାନେ କ'ଣ କରନ୍ତି

**ଭାବରେ ପୂଜା କରେ**

ଏହି ବ୍ରତକୁ ମୁଁ ବେଶ୍ ଭାବର ସହିତ କରେ। ଦାମୀ ଶାଢ଼ି ନ ଥିଲେ ବି ଶଙ୍ଖା ସିନ୍ଦୂର ଆଉ ନଡ଼ିଆ ନେଇ ମୁଁ ଠାକୁରଙ୍କ ପାଖରେ ପୂଜା କରିଥାଏ। ଘରେ ସବୁ ଗୁରୁଜନଙ୍କ ଆଶୀର୍ବାଦ ନେଇ ମୁଁ ସେହି ଦିନଟି ବେଶ୍ ଖୁସିରେ କଟାଇଥାଏ। ସ୍ୱାମୀଙ୍କ ଲମ୍ବା ଆୟୁଷ ସହ ପରିବାରର ସୁଖଶାନ୍ତି ପାଇଁ ପ୍ରାର୍ଥନା କରେ।

*-ସ୍ୱର୍ଣ୍ଣଲତା ଭଞ୍ଜ, ଗଙ୍ଗୋତ୍ରୀନଗର, ଶିଶୁପାଳଗଡ଼, ଧଉଳି, ଭୁବନେଶ୍ୱର*

**ଶାନ୍ତିରେ ପୂଜା ହୁଏ**

ସାବିତ୍ରୀ ବ୍ରତ ପାଇଁ ସବୁ ପ୍ରକାର ପୂଜା ସାମଗ୍ରୀ ମୋ ଲାଗି ଆମ ଘରୁ ଆସି ଯାଇଥାଏ। ତେଣୁ ଶାଶୁଘରେ ମତେ ପୂଜା କରିବା ପାଇଁ କୌଣସି ଅସୁବିଧା ହୋଇ ନ ଥାଏ। ଆଉ କୌଣସି ଜିନିଷ କିଣି ଆଣିବା ପାଇଁ ଘରେ ଆଦୌ ସମସ୍ୟା ହୁଏ ନାହିଁ। ତେଣୁ ଦାମୀ ଶାଢ଼ି ପାଇଁ କେବେ କୌଣସି ନାରୀ ଘରେ ଅଳି କରିବା କଥା ମୁଁ କେବେ ଶୁଣି ନାହିଁ।

*-କବିତା ପାତ୍ର, ଫେଜ୍-୩, ଗୋଳାବାରୁଦ କାରଖାନା, ବଡ଼ମାଳ, ବଲାଙ୍ଗୀର*

**ସମସ୍ତଙ୍କ ପାଇଁ ମାର୍କେଟିଂ କରେ**

ସାବିତ୍ରୀ ସମୟରେ ମୁଁ ଖୁବ୍ ମାର୍କେଟିଂ କରେ। କାହିଁକିନା ସାବିତ୍ରୀ ଓ ରଜ ପାଇଁ ମୋ ନଣନ୍ଦ ଓ ସେମାନଙ୍କ ସହିତ ପିଲାମାନଙ୍କ ପାଇଁ ବି ମୁଁ ମୋ ପସନ୍ଦରେ ଶାଢ଼ି ଆଉ ଡ୍ରେସ୍ କିଣିଥାଏ। ସେଥିପାଇଁ ଘର ଲୋକେ ଖୁସିରେ କିଣାକିଣି କରିବାକୁ ଆଗୁଆ ପ୍ରସ୍ତୁତି କରି ରଖିଥାନ୍ତି। ଆଉ ମତେ ବି ମାର୍କେଟିଂ କରିବା ପାଇଁ ବହୁ ଭଲଲାଗେ। ମୁଁ ସବୁ ବର୍ଷ ସାବିତ୍ରୀ ପାଇଁ ମାର୍କେଟିଂ କରିବା ସହିତ ମନ୍ଦିରକୁ ଯାଇ ପୂଜା କରେ।

*-କସ୍ତୁରୀ ମିଶ୍ର, ଗୃହିଣୀ, ଝିରପାଣି, ରାଉରକେଲା*

**ସଜବାଜ ହୋଇ ପୂଜାକରେ**

ସାବିତ୍ରୀ ଦିନ ପୂଜା କରିବା ସହିତ ସଜବାଜ ହେବା ପାଇଁ ମତେ ଭଲ ଲାଗେ। ପୂଜା ପରେ ଖୁସିରେ ମୁଁ ନୂଆ ଶାଢୀ ପିନ୍ଧିଥାଏ। ନୂଆ ଶଙ୍ଖା ସହ ଅଳତା ଏବଂ ଅନ୍ୟ ସମସ୍ତ ପ୍ରକାର ଗହଣା ଲଗାଇ ସମ୍ପୂର୍ଣ୍ଣ ସଧବା ବେଶରେ ମୁଁ ସଜହୋଇ ସମସ୍ତଙ୍କ ଆଶୀର୍ବାଦ ନେଇଥାଏ। ଠାକୁରଙ୍କୁ ପ୍ରାର୍ଥନା କରେ ଯେମିତି ମତେ ସବୁଦିନ ଏଇ ବେଶରେ ରହିବା ପାଇଁ ପ୍ରଭୁ ଆଶୀର୍ବାଦ ଦିଅନ୍ତୁ।

*-ରୋଜାଲିନ୍ ଜେନା, ଗୃହିଣୀ, ଦହିପାଳ, ନାଉଗାଁ, ଜଗତ୍‌ସିଂହପୁର*

ଖାଦ୍ୟରୁଚି

# ଆମ୍ବପଣା

**ଆବଶ୍ୟକ ସାମଗ୍ରୀ:** କଞ୍ଚା ଆମ୍ବ- ୪ଟି, ଜିରା ଗୁଣ୍ଡ- ୨ ଚାମଚ (ଭଜା), ଗୁଡ଼ କିମ୍ବା ଚିନି- ୬ ବଡ଼ ଚାମଚ, ସୈନ୍ଧବ ଲୁଣ- ୩ ଚାମଚ, ପୁଦିନାପତ୍ର- ୧ ବଡ଼ ଚାମଚ, ଗୋଲମରିଚ ଗୁଣ୍ଡ- ୧ ଚାମଚ, ଲୁଣ- ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆମ୍ବକୁ ଭଲଭାବେ ଧୋଇ ପ୍ରେସର କୁକରରେ ସିଝାଇ ଦିଅନ୍ତୁ। କୁକରରେ ୩-୪ଟି ସିଟି ଆସିବା ପରେ ଗ୍ୟାସ୍ ବନ୍ଦକରି କିଛି ସମୟ ଛାଡ଼ି ଦିଅନ୍ତୁ। ପ୍ରେସର ଖୋଲି ଆମ୍ବ ଥଣ୍ଡା ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଥଣ୍ଡା ହେବା ପରେ ଆମ୍ବରୁ ଚୋପାକୁ କାଢ଼ି ତା' ରସ ବାହାର କରିଦିଅନ୍ତୁ। ଏବେ ଏହି କଞ୍ଚା ଆମ୍ବ ରସରେ ପୁଦିନାପତ୍ରକୁ କାଟି ପକାନ୍ତୁ। ଏହାପରେ ସେଥିରେ ଗୁଡ଼ କିମ୍ବା ଚିନି, ଜିରାଗୁଣ୍ଡ, ସୈନ୍ଧବ ଲୁଣ, ଗୋଲମରିଚ ଓ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏହି ମିଶ୍ରଣକୁ ଏବେ ଭଲଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଆବଶ୍ୟକ ଅନୁସାରେ ଏଥିରେ ପାଣି ମିଶାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆମ୍ବପଣା। ଏଥିରେ ବରଫ ଖଣ୍ଡ ପକାଇ ପରଷିଦିଅନ୍ତୁ। ଆବଶ୍ୟକ ହେଲେ ଏଥିରେ ଅଧିକ ଚିନି କିମ୍ବା ଲୁଣ ଅବା ଜିରାଗୁଣ୍ଡ ପକାନ୍ତୁ।



# ଶାଢ଼ି ପିନ୍ଧିବାବେଳେ...

ଶାଢ଼ିରେ ପ୍ରାୟ ସବୁ ଫିଗରର ମହିଳା ସୁନ୍ଦର ଦେଖାଯାନ୍ତି। କିନ୍ତୁ ବେଳେବେଳେ ଶାଢ଼ି ପିନ୍ଧିବା ସମୟରେ କେତେଜଣ ମହିଳା ଏଭଳି ଭୁଲ୍ କରିବସନ୍ତି ଯେ ସେମାନଙ୍କ ଲୁକ୍ ଖରାପ ହୋଇଯାଏ। ଶାଢ଼ିରେ ସ୍ଲିମ୍ ଦେଖାଯିବାକୁ ଚାହୁଁଥିଲେ କିଛି ନିର୍ଦ୍ଦିଷ୍ଟ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ

- ଯଦି ଆପଣଙ୍କ ପେଟ ଓ ଅଣ୍ଟା ପାଖରେ ଅଧିକ ଫ୍ୟାଟ୍ ହୋଇଥାଏ ତେବେ କଟନ ଫ୍ୟାବ୍ରିକ୍‌ର ପେଟିକୋଟ୍ ପିନ୍ଧନ୍ତୁ ନାହିଁ। ବରଂ ପେଟିକୋଟ୍ ବଦଳରେ ଶେପୱିୟର ପିନ୍ଧନ୍ତୁ। ଏହାକୁ ପିନ୍ଧିଲେ ଶାଢ଼ିରେ ସ୍ଲିମ୍ ଦେଖାଯିବେ।
- ଶାଢ଼ିରେ ସ୍ଲିମ୍ ଦେଖାଯିବା ପାଇଁ ଠିକ୍ ଢଙ୍ଗରେ ବ୍ଲାଉଜ୍ ମଧ୍ୟ ପିନ୍ଧିବା ଦରକାର। ମହିଳାମାନେ ଯଦି ମୋଟା ହୋଇଥାନ୍ତି ତେବେ ବୋଟ୍ ନେକ୍, କଲାର ନେକ୍ କିମ୍ବା ଫୁଲ୍ ନେକଲାଇନ୍ ଥିବା ବ୍ଲାଉଜ୍ ଆଦୌ ପିନ୍ଧନ୍ତୁ ନାହିଁ। ଏଭଳି ବ୍ଲାଉଜ୍ ବଦଳରେ ସବୁବେଳେ ଆଗ ଓ ପଛ ଡିପ୍ ନେକ୍‌ଲାଇନ ଥିବା ବ୍ଲାଉଜ୍ ପିନ୍ଧିଲେ ଭଲ ଲାଗିବ।
- ମୋଟୀ ହୋଇଥିଲେ ମହିଳାମାନେ ଆଦୌ ଚଉଡ଼ା ବର୍ଡର ଥିବା ଶାଢ଼ି ପିନ୍ଧନ୍ତୁ ନାହିଁ। ଶାଢ଼ିରେ ବେଶି ଚଉଡ଼ା ବର୍ଡର ଥିଲେ ତାହା ଅଧିକ ମୋଟୀ ଭଳି ମନେ ହୋଇଥାଏ। ତେଣୁ ପତଳା ବର୍ଡର ଥିବା ଶାଢ଼ି ପିନ୍ଧିଲେ ହିଁ ଆପଣ ନିଶ୍ଚିତଭାବେ ସାମାନ୍ୟ ସ୍ଲିମ୍ ଲାଗିବେ।
- ସ୍ଲିମ୍ ଦେଖାଯିବା ପାଇଁ ବ୍ଲାଉଜ୍ ଡିଜାଇନ ସହ ଶାଢ଼ି ପିନ୍ଧିବା ଷ୍ଟାଇଲ୍ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ମୋଟୀ ମହିଳାମାନେ ଶାଢ଼ି ପିନ୍ଧିବାବେଳେ ପଣତକୁ ସବୁବେଳେ ଅଧିକ ଲମ୍ବା ରଖିବା ଉଚିତ ହେବ। ଏପରି କଲେ ମହିଳାଙ୍କର ମୋଟାପଣ କିଛି ପରିମାଣରେ ଲୁଚିଯିବା ଭଳି ମନେ ହୋଇଥାଏ। ବିପରୀତରେ ଯଦି ଛୋଟ ପଣତ ରଖିବେ ଆଦୌ ଭଲ ଲାଗିବ ନାହିଁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମେ ୨୪/୨୦୨୨ Bhubaneswar, Tuesday, May 24/ 2022

# କଳିଙ୍ଗରେ ଆଜି ଇଣ୍ଡିଆନ ଗ୍ରାଁ ପ୍ରି-୪



କଳିଙ୍ଗ ଷ୍ଟାଡିୟମରେ ସୋମବାର ଆଥଲେଟ୍‌ଙ୍କ ଅଭ୍ୟାସ।

**ଭୁବନେଶ୍ୱର, ୨୩।୫ (କ୍ରୀଡ଼ା ପ୍ରତିନିଧି)** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଇଣ୍ଡିଆନ ଗ୍ରାଁ ପ୍ରି-୪ ଅନୁଷ୍ଠିତ ହେବ। ଗତ ୨୧ରେ ଏଠାରେ ଇଣ୍ଡିଆନ ଗ୍ରାଁ ପ୍ରି-୩ ସଫଳତାର ସହ ଆୟୋଜନ ହୋଇଥିଲା। ଇଣ୍ଡିଆନ ଗ୍ରାଁ ପ୍ରି-୪ରେ ମୋଟ ୧୭ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଇଭେଣ୍ଟ ଗୁଡ଼ିକ ହେଲା ମହିଳା ପୋଲଭଲ୍ଟ, ପୁରୁଷ ଡିସ୍କସ୍ ଥ୍ରୋ, ମହିଳା ଲଙ୍ଗଜମ୍ପ, ପୁରୁଷ ୪୦୦ ମିଟର, ମହିଳା ଡିସ୍କସ୍ ଥ୍ରୋ, ମହିଳା ୪୦୦ ମିଟର, ପୁରୁଷ ଲଙ୍ଗଜମ୍ପ, ପୁରୁଷ ୧୦୦ ମିଟର ରେସ୍, ପୁରୁଷ ଜାଭେଲିନ୍ ଥ୍ରୋ, ମହିଳା ୧୦୦ ମିଟର, ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍, ପୁରୁଷ ୩୦୦୦ ମିଟର ଷ୍ଟିପଲଚେଜ୍, ପୁରୁଷ ୪୦୦ ମିଟର ହର୍ଡଲ୍ସ, ମହିଳା ୪୦୦ ମିଟର ହର୍ଡଲ୍ସ, ମହିଳା ଜାଭେଲିନ୍ ଥ୍ରୋ, ପୁରୁଷ ୧୫୦୦ ମିଟର ରେସ୍ ଓ ମହିଳା ୧୫୦୦ ମିଟର ରେସ୍।

**ଓଡ଼ିଶାରୁ ୧୯ ଆଥଲେଟ୍**

ପ୍ରତିଯୋଗିତାରେ ଓଡ଼ିଶାର ମୋଟ ୧୯ ଜଣ ଆଥଲେଟ୍ ଅଂଶଗ୍ରହଣ କରିବେ। ସେମାନେ ହେଲେ ମନୀଷା ମେରେଲ, ବିଘ୍ନରାଜ ମିରିଡିଆ, ପାର୍ବତୀ ସେଠୀ, ଲାଲୁ ପ୍ରସାଦ ଭୋଇ, ସରୁନ ପାୟାସିଂ, ସମ୍ରାଟ ସ’, ଅଭିଜିତ ସାହୁ, ଅମିୟ କୁମାର ମଲିକ, ଆର୍ଯ୍ୟନ ଏକ୍କା, ଅଭିନାଶ ସାହୁ, ମହେନ୍ଦ୍ର ସାନ୍ତା, କିଶୋର କୁମାର ଜେନା, ରଞ୍ଜିତା ମହନ୍ତ, ଶ୍ରାବଣୀ ନନ୍ଦ, ବୋନିତା ଲାକ୍ରା, ସୁସ୍ମିତା ଟିଗା, ଅଶୋକ ଦଣ୍ଡସେନା, ଦୟାନିଧି ମୁଣ୍ଡା ଓ ନମିତା ପ୍ରଧାନ। ଇଣ୍ଡିଆନ ଗ୍ରାଁ ପ୍ରି-୩ର ୨୦୦ ମିଟର ଇଭେଣ୍ଟରେ ଓଡ଼ିଶାର ଶ୍ରାବଣୀ ନନ୍ଦ ସ୍ୱର୍ଣ୍ଣ, ଆର୍ଯ୍ୟନ ଏକ୍କା ରୌପ୍ୟ, ଅମିୟ ମଲିକ ବ୍ରୋଞ୍ଜ, ମହିଳା ୮୦୦ ମିଟରରେ ଲକ୍ଷ୍ମୀପ୍ରିୟା କିଶାନ ଓ ପୁରୁଷ ହାଇଜମ୍ପରେ ସ୍ୱାଧୀନ କୁମାର ମାଝି ବ୍ରୋଞ୍ଜ ପଦକ ହାସଲ କରିଥିଲେ।

**ଓଡ଼ିଶାର ଦାବିଦାର**

| ପ୍ରତିଯୋଗୀ | ଇଭେଣ୍ଟ |
|---|---|
| ମନୀଷା ମେରେଲ | ମହିଳା ଲଙ୍ଗଜମ୍ପ |
| ବିଘ୍ନରାଜ ମିରିଡିଆ | ପୁରୁଷ ୪୦୦ ମି. |
| ପାର୍ବତୀ ସେଠୀ | ମହିଳା ଡିସ୍କସ୍ ଥ୍ରୋ |
| ଲାଲୁ ପ୍ରସାଦ ଭୋଇ | ପୁରୁଷ ଲଙ୍ଗଜମ୍ପ |
| ସରୁନ ପାୟାସିଂ | ପୁରୁଷ ଲଙ୍ଗଜମ୍ପ |
| ସମ୍ରାଟ ସ’ | ପୁରୁଷ ଲଙ୍ଗଜମ୍ପ |
| ଅଭିଜିତ ସାହୁ | ପୁରୁଷ ୧୦୦ମି. |
| ଅମିୟ କୁମାର ମଲିକ | ପୁରୁଷ ୧୦୦ମି. |
| ଆର୍ଯ୍ୟନ ଏକ୍କା | ପୁରୁଷ ୧୦୦ମି. |
| ଅଭିନାଶ ସାହୁ | ପୁରୁଷ ୧୦୦ମି. |
| ମହେନ୍ଦ୍ର ସାନ୍ତା | ପୁରୁଷ ୧୦୦ମି. |
| କିଶୋର କୁମାର ଜେନା | ପୁରୁଷ ଜାଭେଲିନ ଥ୍ରୋ |
| ରଞ୍ଜିତା ମହନ୍ତ | ମହିଳା ୧୦୦ମି. |
| ଶ୍ରାବଣୀ ନନ୍ଦ | ମହିଳା୧୦୦ମି. |
| ବୋନିତା ଲାକ୍ରା | ମହିଳା ୧୦୦ମି. |
| ସୁସ୍ମିତା ଟିଗା | ମହିଳା ୩୦୦୦ମି. ଷ୍ଟିପଲଚେଜ୍ |
| ଅଶୋକ ଦଣ୍ଡସେନା | ପୁରୁଷ ୧୫୦୦ମି. |
| ଦୟାନିଧି ମୁଣ୍ଡା | ପୁରୁଷ ୧୫୦୦ମି. |
| ନମିତା ପ୍ରଧାନ | ମହିଳା ୧୫୦୦ମି. |

# ସୁପର ଓଭର ନିର୍ଣ୍ଣୟ କରିପାରେ ବିଜେତା



ୱାର୍ମଅପ୍ ଅବସରରେ ଗୁଜରାଟ ଟାଇଟାନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା।

**ନୂଆଦିଲ୍ଲୀ,୨୩।୫(ପି.ଟି.)** ଚଳିତ ଆଇପିଏଲ୍‌ରେ ମଙ୍ଗଳବାର ଖେଳାଯିବାକୁ ଥିବା ପ୍ରଥମ କ୍ୱାଲିଫାୟରରେ ଗୁଜରାଟ ଟାଇଟାନ୍ସ ଓ ରାଜସ୍ଥାନ ରୟାଲ୍ସ ପରସ୍ପରକୁ ଭେଟିବେ। ଯଦି ବର୍ଷା ଯୋଗୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ମ୍ୟାଚ୍ ସମ୍ଭବ ନ ହୁଏ, ତେବେ ଏହାର ବିଜେତା ସୁପର ଓଭର ଦ୍ୱାରା ନିର୍ଣ୍ଣୟ କରାଯିବ। ଯଦି ଉଭୟ ଦଳ ଗୋଟିଏ ଓଭର ଖେଳି ନ ପାରନ୍ତି, ତେବେ ପଏଣ୍ଟ ଟେବୁଲ ଆଧାରରେ ବିଜେତା ନିର୍ଣ୍ଣୟ କରାଯିବ। ଏହି ନିୟମ ପ୍ରଥମ ଓ ଦ୍ୱିତୀୟ କ୍ୱାଲିଫାୟର ଏବଂ ଏଲିମିନେଟର ମ୍ୟାଚ୍‌ରେ ମଧ୍ୟ ଲାଗୁ ହେବ ବୋଲି ଆଇପିଏଲ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନ୍‌ରେ କୁହାଯାଇଛି। କାରଣ ଏହି ମ୍ୟାଚ୍‌ଗୁଡ଼ିକ ପାଇଁ କୌଣସି ରିଜର୍ଭ ଡେ’ ରଖାଯାଇନାହିଁ। ମେ’ ୩୦କୁ ଫାଇନାଲ ମ୍ୟାଚ୍ ଲାଗି ରିଜର୍ଭ ରଖାଯାଇଛି। ଆଇପିଏଲର ପ୍ଲେଅଫ୍ ମ୍ୟାଚ୍‌ଗୁଡ଼ିକ କୋଲ୍‌କାତାରେ ଖେଳାଯିବ। କିନ୍ତୁ ପାଣିପାଗ ପୂର୍ବାନୁମାନ ଅନୁସାରେ ବର୍ଷାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆଇପିଏଲ୍ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍ ଲାଗି ଗାଇଡ୍‌ଲାଇନ୍ ଜାରି କରିଛି। ପ୍ଲେଅଫ୍ ମ୍ୟାଚ୍‌ଗୁଡ଼ିକରେ ଯଦି ନିହାତି ଦରକାର ପଡ଼େ, ଓଭର ସଂଖ୍ୟାକୁ ହ୍ରାସ କରାଯିବ। ଯାହାଫଳରେ ପ୍ରତ୍ୟେକ ଦଳକୁ ଅତିକମ୍‌ରେ ୫ ଓଭର ବ୍ୟାଟିଂ କରିବାକୁ ମିଳିବ। ଏଲିମିନେଟର ଏବଂ ପ୍ରତ୍ୟେକ କ୍ୱାଲିଫାୟରରେ ଯଦି ନିର୍ଦ୍ଧାରିତ ଦିନ ଅତିରିକ୍ତ ସମୟ ମଧ୍ୟରେ ୫ ଓଭରବିଶିଷ୍ଟ ମ୍ୟାଚ୍ ସମ୍ଭବ ନ ହୁଏ, ତେବେ ସୁପର ଓଭର ଜରିଆରେ ସେହି ମ୍ୟାଚ୍‌ର ବିଜେତା ନିର୍ଣ୍ଣୟ ହେବ। ସୁପର ଓଭର ସମ୍ଭବ ନ ହେଲେ ପଏଣ୍ଟ ଟେବୁଲରେ ଉପରେ ଥିବା ଦଳକୁ ବିଜେତା ଘୋଷିତ କରାଯିବ। ଦୁଇ କ୍ୱାଲିଫାୟର୍ସ ଏବଂ ଏଲିମିନେଟରରେ ଦ୍ୱିତୀୟ ଇନିଂସକୁ ବର୍ଷା ବାଧା ଦେଲେ ଡିଏଲ୍‌ଏସ୍ ନିୟମ ବ୍ୟବହାର କରାଯିବ। ୨୯ ତାରିଖ ରାତି ୮ଟାରେ ଆରମ୍ଭ ହେବାକୁ ଥିବା ମ୍ୟାଚ୍‌ରେ ଯଦି ଅତିକମ୍‌ରେ ଗୋଟିଏ ବଲ୍ ପଡ଼ିଥାଏ, ତେବେ ପରଦିନ ତଥା ରିଜର୍ଭ ଡେ’ରେ ସେହିଠାରୁ ହିଁ ମ୍ୟାଚ୍ ଆରମ୍ଭ ହେବ।

**ଆଇପିଏଲ୍-୧୫**
**କ୍ୱାଲିଫାୟର-୧**
**ଗୁଜରାଟ ଟାଇଟାନ୍ସ ବନାମ ରାଜସ୍ଥାନ ରୟାଲ୍ସ**
ସ୍ଥାନ: କୋଲକାତା
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଛାତିରେ ଯନ୍ତ୍ରଣା ପରେ ହସ୍ପିଟାଲରେ ମେଣ୍ଡିସ

**ଢାକା, ୨୩।୫:** ବାଂଲାଦେଶ ବିପକ୍ଷରେ ସୋମବାରଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ଫିଲ୍ଡିଂ ବେଳେ ଶ୍ରୀଲଙ୍କା ବ୍ୟାଟର କୁଶାଲ ମେଣ୍ଡିସ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏଥିଯୋଗୁ ସେ ଲଞ୍ଚ୍ ପୂର୍ବରୁ ଅନ୍ତିମ ଓଭରରେ ଫିଲ୍ଡରେ ଶୋଇପଡ଼ିଥିଲେ। ତୁରନ୍ତ ତାଙ୍କ ନିକଟରେ ମେଡିକାଲ ଷ୍ଟାଫ୍ ପହଞ୍ଚିଥିଲେ ଏବଂ ସେ ଛାତି ଧରି ଧରି ଗ୍ରାଉଣ୍ଡରୁ ଚାଲିଯାଇଥିଲେ। ପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ହେଲେ ଇସିଜି ପରେ କୌଣସି ଗୁରୁତର ସମସ୍ୟା ନ ଥିବା ଜଣାପଡ଼ିଛି। ତାଙ୍କୁ ଏବେ ଅବ୍‌ଜରଭେଶନରେ ରଖାଯାଇଛି। ସେ ଡିହାଇଡ୍ରେଶନର ଶିକାର ହୋଇଥାଇପାରନ୍ତି କିମ୍ବା ତାଙ୍କ ଯନ୍ତ୍ରଣା ପଛରେ ଗ୍ୟାସ୍ଟ୍ରିକ୍ ସମସ୍ୟା ଥାଇପାରେ। ଉପଚାର ଶେଷ ହେବା ପରେ ହିଁ ତାଙ୍କ ଅସୁସ୍ଥତା ପଛର କାରଣ ଜଣାପଡ଼ିବ’’ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଡାକ୍ତର ମନଜୁର ହୋସେନ ଚୌଧୁରୀ କହିଛନ୍ତି।

## ୧୦୦ମିଟର ହର୍ଡଲ୍ସରେ ଜ୍ୟୋତିଙ୍କ ନୂଆ ଜାତୀୟ ରେକର୍ଡ



**ନୂଆଦିଲ୍ଲୀ, ୨୩।୫ (ପି.ଟି.):** ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଆଥ୍‌ଲେଟିକ୍ସ ମିଟ୍‌ରେ ଭାରତର ଜ୍ୟୋତି ୟାରାଜୀ ମହିଳା ୧୦୦ ମିଟର ହର୍ଡଲ୍ସ ରେସ୍ ଜିତିବା ସହ ନୂଆ ଜାତୀୟ ରେକର୍ଡ କରିଛନ୍ତି। ଆନ୍ଧ୍ରପ୍ରଦେଶର ଏହି ୨୨ ବର୍ଷୀୟା ଆଥଲେଟ୍ ରବିବାର ଅନୁଷ୍ଠିତ ରେସ୍‌କୁ ୧୩.୧୧ ସେକେଣ୍ଡ ଟାଇମିଂରେ ଶେଷ କରିଥିଲେ। ଏହାଦ୍ୱାରା ସେ ନିଜ ନାମରେ ଥିବା ପୂର୍ବ ଜାତୀୟ ରେକର୍ଡକୁ ଭଙ୍ଗ କରିଦେଇଥିଲେ, ଯାହାକୁ ମେ’୧୦ରେ ଲାମାସୋଲ୍‌ରେ ଅନୁଷ୍ଠିତ ସାଇପ୍ରସ୍ ଇଣ୍ଟରନ୍ୟାଶନାଲ ମିଟ୍‌ରେ ୧୩.୨୩ ସେକେଣ୍ଡ ଟାଇମିଂରେ ଜାତୀୟ ରେକର୍ଡ କରିଥିଲେ। ଭୁବନେଶ୍ୱରସ୍ଥିତ ରିଲାଏନ୍ସ ଆଥଲେଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରରେ ଜେମ୍ସ ହିଲିଅର୍‌ଙ୍କ ଅଧୀନରେ ଟ୍ରେନିଂ ନେଉଥିବା ଜ୍ୟୋତି ଅନୁରାଧା ବିଶ୍ୱାଳ(୧୩.୩୮ସେକେଣ୍ଡ)ଙ୍କ ଦ୍ୱାରା ୨୦୦୨ରେ ପ୍ରତିଷ୍ଠିତ ଜାତୀୟ ରେକର୍ଡକୁ ସେତେବେଳେ ଭଙ୍ଗ କରିଥିଲେ।

# ମହିଳା ଟି୨୦ ଚ୍ୟାଲେଞ୍ଜ: ସୁପରନୋଭାସ ବିଜୟୀ

**ପୁଣେ, ୨୩।୫:** ମହିଳା ଟି୨୦ ଚ୍ୟାଲେଞ୍ଜ୍‌ର ସୋମବାର ପ୍ରଥମ ମ୍ୟାଚରେ ସୁପରନୋଭାସ ୪୯ ରନରେ ଟ୍ରେଲ୍‌ବ୍ଲାଜର୍ସକୁ ହରାଇ ଦେଇଛି। ସୁପରନୋଭାସ ୨୦ ଓଭରରେ ୧୬୩ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଟ୍ରେଲ୍‌ବ୍ଲାଜର୍ସ ୨୦ ଓଭରରେ ୯ ଉଇକେଟ ହରାଇ୧୧୪ ରନ କରିବାକୁ ସକ୍ଷମ ହୋଇଥିଲା। ସୁପରନୋଭାସ ପକ୍ଷରୁ ଅଧିନାୟିକା ହରମନପ୍ରୀତ କୌର ସର୍ବାଧିକ ୩୭, ହରଲିନ ଦେଓଲ ୩୫, ଡିଅଣ୍ଡ୍ରା ଡୋଟିନ ୩୨ ରନ କରିଥିଲେ। ଟ୍ରେଲ୍‌ବ୍ଲାଜର୍ସ ପକ୍ଷରୁ ଅଧିନାୟିକା ସ୍ମୃତି ମନ୍ଧାନା ସର୍ବାଧିକ ୩୪ ରନ କରିଥିଲେ। ଏହି ଦଳର ଦୁଇ ଓଡ଼ିଆ ଖେଳାଳି ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ସୁଜାତା ମଲିକ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନ ଥିଲେ। ବିଜୟୀ ଦଳର ପୂଜା ବସ୍ତ୍ରକାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସୁପରନୋଭାସ ୨୦ ଓଭରରେ ୧୬୩/ ଅଲ୍‌ଆଉଟ (ହରମନପ୍ରୀତ କୌର-୩୭, ହରଲିନ ଦେଓଲ-୩୫, ଡିଅଣ୍ଡ୍ରା ଡୋଟିନ-୩୨, ପ୍ରିୟା ପୁନିଆ-୨୨, ହିଲି ମାଥ୍ୟୁସ-୩/୩୦, ସଲମାନ ଖାତୁନ-୨/୩୦, ରାଜେଶ୍ୱରୀ ଗାଏକ୍ୱାଡ-୧/୩୪, ପୁନମ ଯାଦବ-୧/୨୯)। ଟ୍ରେଲ୍‌ବ୍ଲାଜର୍ସ ୨୦ ଓଭରରେ ୧୧୪/୯/ ଅଲ୍‌ଆଉଟ (ସ୍ମୃତି ମନ୍ଧାନା-୩୪, ଜେମିମା ରୋଡ୍ରିଗ୍ସେଜ-୨୪, ପୂଜା ବସ୍ତ୍ରକାର-୪/୧୨, ଆଲାନା କିଙ୍ଗ୍-୨/୩୦, ସୋଫି ଏକଲେଷ୍ଟୋନ-୧/୧୯, ମେଘନା ସିଂ-୧/୧୬)।

## ୧୦୦୦ ଦୃଷ୍ଟିହୀନ ବାଳିକାଙ୍କୁ ନେଇ କ୍ରିକେଟ କ୍ୟାମ୍ପ

**ଭୁବନେଶ୍ୱର,୨୩।୫** ଦୃଷ୍ଟିହୀନ କ୍ରିକେଟ ମହାସଂଘ ଦ୍ୱାରା ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଆସୋସିଏଶନ (ସିଏବିଆଇ) ସହଯୋଗରେ ଏବଂ ସମର୍ଥନମ୍ ଟ୍ରଷ୍ଟ ପକ୍ଷରୁ ଓଡ଼ିଶାର ଏକ ହଜାର ଦୃଷ୍ଟିହୀନ ବାଳିକାଙ୍କ ପାଇଁ କ୍ରିକେଟ ଏବଂ ସେଲ୍ଫ ଡିଫେନ୍ସ ଟ୍ରେନିଂ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମର ଅଂଶ ଭାବେ ସିଏବିଆଇ ଓଡ଼ିଶା ପକ୍ଷରୁ ବ୍ରହ୍ମପୁର ଆମ୍ବପୁଆସ୍ଥିତ ରେଡ୍‌କ୍ରସ ଦୃଷ୍ଟିହୀନ ସ୍କୁଲରେ ୫ ଦିନିଆ ଟ୍ରେନିଂ କ୍ୟାମ୍ପ ଆରମ୍ଭ ହୋଇଛି। ଟ୍ରେନିଂରେ ଅଂଶଗ୍ରହଣ କରିଥିବା ବାଳିକାଙ୍କୁ ନିଜ ସୁରକ୍ଷା ପାଇଁ ୩ ଦିନିଆ ସେଲ୍ଫ ଡିଫେନ୍ସ ଟ୍ରେନିଂ ଦିଆଯିବ। ୨୨ ତାରିଖରେ ଏହି କ୍ୟାମ୍ପକୁ ଗଞ୍ଜାମ ଡିଏସ୍‌ଏସ୍‌ଓ ସୁଭ୍ରାଂଶୁ ଶେଖର ମହାରଣା ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟର ମହମ୍ମଦ ଜାଫର ଇକବାଲ, ଅଲ ଓଡ଼ିଶା ଶିକ୍ଷକ ଆସୋସିଏଶନ ଜୋନାଲ ସମ୍ପାଦକ ନିରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି କ୍ୟାମ୍ପରୁ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ପାଇଁ ଖେଳାଳିଙ୍କ ଚୟନ କରାଯିବ।




# ଜଗତ୍‌ସିଂହପୁର ଜୋନ୍ ଟୁର୍ନାମେଣ୍ଟ ଶେଷ



ଚାମ୍ପିୟନ ଦଳକୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

**ସପ୍ତାହନ୍ତ ଭଲିବଲ**

**ଭୁବନେଶ୍ୱର, ୨୩।୫ (କ୍ରୀଡ଼ା ପ୍ରତିନିଧି)** ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସପ୍ତାହାନ୍ତ ଭଲିବଲ ଟୁର୍ନାମେଣ୍ଟର ଜଗତ୍‌ସିଂହପୁର ଜୋନ୍ ପ୍ରତିଯୋଗିତା ଶେଷ ହୋଇଛି। ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରି, ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ, ଜଗତ୍‌ସିଂହପୁର ଜିଲା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦୋଳଗୋବିନ୍ଦ ଦାଶ, ଉପସଭାପତି ଶ୍ରୀକାନ୍ତ ଚୌଧାରୀ, କୋଷାଧ୍ୟକ୍ଷ ଦେବୀ ପ୍ରସନ୍ନ ମହାନ୍ତି ଏବଂ ଜଗତ୍‌ସିଂହପୁର ଜିଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ୧୪ ଓ ୧୮ ବର୍ଷରୁ କମ୍ ବିଭାଗ ଟୁର୍ନାମେଣ୍ଟରେ ୩୦ଟି ଦଳର ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆସନ୍ତା ଏସିଆନ ଗେମ୍ସ ପାଇଁ ଭାରତୀୟ ସିନିୟର ଭଲିବଲ କ୍ୟାମ୍ପକୁ ମନୋନୀତ ହୋଇଥିବା ରାହୁଲ ବାରିକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଭେଟେରାନ ଖେଳାଳି ଅମ୍ବିକା ପ୍ରସାଦ ମହାନ୍ତି, କୈଳାସ ଚନ୍ଦ୍ର ମହାନ୍ତି, କୈଳାସ ଚନ୍ଦ୍ର ସେଠୀ, ପ୍ରମୋଦ ମହାପାତ୍ର, ବୃନ୍ଦାବନ ଦାଶ ଓ ମାନସ ରଞ୍ଜନ ଦାଶ ପ୍ରମୁଖ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ।

୧୮ ବର୍ଷରୁ କମ୍ ବାଳକ ବିଭାଗରେ ଯାଜପୁରର ପ୍ରଗତି କ୍ଲବ ଚାମ୍ପିୟନ, ଜଗତ୍‌ସିଂହପୁରର ଆଶ୍ରମପାଟଣା ଭଲିବଲ କ୍ଲବ ରନର୍ସଅପ୍ ଏବଂ ଚନପୁରର ଗ୍ରୀନ୍ ଭିଲେଜ ସ୍ପୋର୍ଟ୍ସ କ୍ଲବ ତୃତୀୟ ସ୍ଥାନ ପାଇଥିଲା। ୧୮ ବର୍ଷରୁ କମ୍ ବାଳିକାରେ ଆଶ୍ରମପାଟଣା ଭଲିବଲ କ୍ଲବ ଚାମ୍ପିୟନ ହୋଇଥିଲା। ୧୪ ବର୍ଷରୁ କମ୍ ବାଳକରେ ଜଗତ୍‌ସିଂହପୁରର ବାବା ଗୋରେଖନାଥ ଭଲିବଲ କ୍ଲବ ଚାମ୍ପିୟନ, ପାରାଦୀପର ଗୋପବନ୍ଧୁ କ୍ରୀଡ଼ା ସଂସଦ ରନର୍ସଅପ୍ ଏବଂ ଆଶ୍ରମପାଟଣା ଭଲିବଲ କ୍ଲବ ତୃତୀୟ ହୋଇଥିଲା। ବାଳିକାରେ ଗୋପବନ୍ଧୁ କ୍ରୀଡ଼ା ସଂସଦ ଚାମ୍ପିୟନ ଓ ଆଶ୍ରମପାଟଣା କ୍ଲବ ରନର୍ସଅପ୍ ହୋଇଥିଲା।

## ବାଂଲାଦେଶ ୨୭୭/୫

**ଢାକା,୨୩।୫:** ସୋମବାରଠାରୁ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ବାଂଲାଦେଶ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୨୪ ରନ୍ ମଧ୍ୟରେ ଅଧାଦଳକୁ ହରାଇ ସାରିଥିଲା। ମୁଶ୍‌ଫିକର ରହିମ ଏବଂ ଲିଟନ ଦାସଙ୍କ ଅସମାପ୍ତ ୬ଷ୍ଠ ଉଇକେଟ ଯୋଡ଼ିରେ ୨୫୩ ରନ୍‌ର ଭାଗୀଦାରି କରିଛନ୍ତି। ବାଂଲାଦେଶ ପାଇଁ ୬ଷ୍ଠ ଉଇକେଟରେ ଏହା ଶ୍ରେଷ୍ଠ ଭାଗୀଦାରି। ଏଥିପୂର୍ବରୁ ଏହି ରେକର୍ଡ ରହିମ ଓ ପୂର୍ବତନ ଅଧିନାୟକ ମହମ୍ମଦ ଅଶ୍ରଫୁଲଙ୍କ ନାମରେ ଥିଲା। ଦୁହେଁ ୬ଷ୍ଠ ଉଇକେଟରେ ୨୦୧୩ରେ ସମାନ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ୧୯୧ ରନ୍ କରିଥିଲେ। ପ୍ରଥମ ଦିନ ଶେଷସୁଦ୍ଧା ଘରୋଇ ଦଳ ୫ ଉଇକେଟ ହରାଇ ୨୭୭ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ରହିମ ୧୧୫ ଓ ଲିଟନ ୧୩୫ ରନ୍‌ରେ ଅପରାଜିତ ଅଛନ୍ତି।




# ଏସିଆ କପ୍ ହକି: ଭାରତ-ପାକିସ୍ତାନ ମ୍ୟାଚ ଡ୍ର



ଭାରତର ବୀରେନ୍ଦ୍ର ଲାକ୍ରା (ବାମ) ବଲ୍ ନିୟନ୍ତ୍ରଣକୁ ନେବାକୁ ଉଦ୍ୟମ କରୁଛନ୍ତି।

**ଜାକର୍ତ୍ତା, ୨୩।୫** ଏସିଆ କପ୍ ହକି ସୋମବାର ଏଠାରେ ଆରମ୍ଭ ହୋଇଛି। ପୁଲ୍ ‘ଏ’ରେ ଭାରତ ଏହାର ପ୍ରଥମ ମ୍ୟାଚକୁ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଡ୍ର ରଖି ଅଭିଯାନ ଆରମ୍ଭ କରିଛି। ମ୍ୟାଚର ଅଧିକାଂଶ ସମୟରେ ଭାରତ ଅଗ୍ରଣୀ ରହିଥିଲେ ହେଁ ଶେଷ ମୁହୂର୍ତ୍ତ ଗୋଲ ବରଣ ଯୋଗୁ ମ୍ୟାଚଟି ୧-୧ ଗୋଲରେ ବରାବର ରହିଥିଲା। ପଦାର୍ପଣ ମ୍ୟାଚ ଖେଳିଥିବା ସେଲଭାମ କାର୍ଥୀ ୯ମ ମିନିଟରେ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ୫୮ ମିନିଟ ପର୍ଯ୍ୟନ୍ତ ଭାରତ ଅଗ୍ରଣୀ ରହି ବିଜୟ ଦ୍ୱାରରେ ପହଞ୍ଚି ଯାଇଥିଲା। ମାତ୍ର ୫୯ତମ ମିନିଟରେ ପାକିସ୍ତାନକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରେ ସଫଳ ହୋଇଥିଲେ ଅବଦୁଲ ରାଣା। ଫଳରେ ଭାରତର ବିଜୟ ଆଶାରେ ବ୍ୟର୍ଥ ହୋଇଥିଲା। କାର୍ଥୀ ପେନାଲ୍ଟି କର୍ନରରୁ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚରେ ଓଡ଼ିଶାର ଅଭିଷେକ ଲାକ୍ରା ସିନିୟର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ।

# ସ୍ୱିଟେକଙ୍କ ବିଜୟ, ଓସାକାଙ୍କ ବିଦାୟ

**ଫ୍ରେଞ୍ଚ୍ ଓପନ ଟେନିସ**

**ପ୍ୟାରିସ, ୨୩।୫:** ଚଳିତ ଚଳିତ ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ଇଗା ସ୍ୱିଟେକ (ପୋଲାଣ୍ଡ), ପେଟ୍ରା କ୍ୱିଟୋଭା(ଚେକ୍‌ରିପବ୍ଲିକ), ଆଣ୍ଡ୍ରିଆ ପେଟ୍‌କୋଭିଚ୍(ଜର୍ମାନୀ), ଆମାଣ୍ଡା ଆନିସ୍‌ମୋଭା(ଆମେରିକା), ମାର୍ଟିନା ଟ୍ରେଭିସାନ(ଇଟାଲି) ଓ ଡାଏନେ ପ୍ୟାରୀ(ଫ୍ରାନ୍ସ) ସେମାନଙ୍କ ମ୍ୟାଚ୍‌ରେ ବିଜୟ ଲାଭ କରିଛନ୍ତି। ଜାପାନର ନାଓମି ଓସାକା, ବାରବୋରା କ୍ରେଜ୍‌ସିକୋଭା (ଚେକ୍‌ରିପବ୍ଲିକ) ସେମାନଙ୍କ ମ୍ୟାଚ୍ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ବିଶ୍ୱର ନମ୍ବର ୱାନ୍, ପୋଲାଣ୍ଡର ୨୧ ବର୍ଷୀୟା ସ୍ୱିଟେକ୍ ପ୍ରଥମ ରାଉଣ୍ଡରେ ୟୁକ୍ରେନ୍‌ର ଲେସିଆ ଟ୍ସୁରେଙ୍କୋଙ୍କୁ ୬-୨, ୬-୦ ସେଟ୍‌ରେ ହରାଇ ଦେଇଛନ୍ତି। ଫିଲିପ ଚାର୍ଟିଅର୍ କୋର୍ଟରେ ଖେଳାଯାଇଥିବା ଏହି ମ୍ୟାଚ୍ ମାତ୍ର ୫୪ ମିନିଟ୍‌ରେ ଶେଷ ହୋଇଥିଲା। ଏହା ଦ୍ୱାରା ୨୦୨୦ ରୋଲାଣ୍ଡ ଗାରୋସ୍ ବିଜୟିନୀ ତାଙ୍କ କ୍ରମାଗତ ୨୯ଟି ମ୍ୟାଚ୍‌ରେ ଅପରାଜେୟ ରହିଛନ୍ତି। ସୋମବାର ଏକ ହାଇକ୍ୱାଲିଟି ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୪ଥର ଗ୍ରାଣ୍ଡସ୍ଲାମ ଜିତିଥିବା ଜାପାନର ନାଓମି ଓସାକାଙ୍କୁ ୭-୫, ୬-୪ରେ ହରାଇ ଦେଇଛନ୍ତି ଆମେରିକାର ଆମଣ୍ଡା ଆନିସ୍‌ମୋଭା। ୨୦୧୯ ସେମିଫାଇନାଲିଷ୍ଟ ବର୍ତ୍ତମାନ କ୍ରୋଏସିଆର ଡୋନା ଭେକିକ୍‌ଙ୍କୁ ଭେଟିବେ। ପ୍ୟାରୀ ୧-୬, ୬-୨, ୬-୩ରେ କ୍ରେଜ୍‌ସିକୋଭାଙ୍କୁ ହରାଇ ଦେଇଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ